ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୮/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 18/2024 Page 18 ₹ 7.00
୫୦ଶ ଭାଗ ୨୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 264 ମୂଲ୍ୟ₹୭/-

# ସ୍ୱାସ୍ଥ୍ୟସେବା ବ୍ୟାହତ

**କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାର ପ୍ରତିବାଦରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) ପକ୍ଷରୁ ଶନିବାର ସକାଳ ୬ଟାରୁ ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିରେ କୋଲକାତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ସମେତ ଦେଶର ବିଭିନ୍ନ ଭାଗର ଡାକ୍ତର ସାମିଲ ହୋଇଛନ୍ତି। ଫଳରେ ଦେଶବ୍ୟାପୀ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ସମଗ୍ର ଓଡ଼ିଶାରେ ମଧ୍ୟ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳିଛି।**

## ଦେଶବ୍ୟାପୀ ତେଜିଲା ଡାକ୍ତର ଆନ୍ଦୋଳନ



କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର କନିଷ୍ଠ ଡାକ୍ତରମାନେ ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ/ କୋଲକାତା /ଭୁବନେଶ୍ୱର (ଅସମାପିକା ସାହୁ) ୧୭।୮

ରୋଗୀଙ୍କ ଜୀବନ ବଞ୍ଚାଇବାକୁ ଦିନରାତି ଅହରହ ସେବା କରୁଛୁ। ହେଲେ ଆଜି ଆମେ ନିଜେ ଅସୁରକ୍ଷିତ ହୋଇପଡ଼ିଛୁ। କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିକରି ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଥିବା ଡାକ୍ତରମାନେ ନିଜ ସୁରକ୍ଷାକୁ ନେଇ ଏପରି ଚିନ୍ତା ପ୍ରକଟ କରିଛନ୍ତି। ପ୍ରଥମେ ବିଭିନ୍ନ ମେଡିକାଲ କଲେଜରେ ରେସିଡେଣ୍ଟ ଡାକ୍ତର ଓ ଜୁନିୟର ଡାକ୍ତରମାନେ ଆନ୍ଦୋଳନ ଚଳାଇଥିଲେ। କିନ୍ତୁ ଶନିବାରଠାରୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ଦିଆଯାଇଥିବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଡାକରାରେ ☞ପୃଷ୍ଠା-୪

ଅଧିକ ରିପୋର୍ଟ, ଫଟୋ: ପୃଷ୍ଠା-୧୩

## ଆଜିର ସମ୍ପାଦକୀୟ

### ଆଇନ ପରିବର୍ତ୍ତନର ପ୍ରୟାସ

## ଆଜିର ମନ୍ତବ୍ୟ

"ଗ୍ଲୋବାଲ ସାଉଥ୍ ରାଷ୍ଟ୍ରଗୁଡ଼ିକ ଖାଦ୍ୟ ଓ ଶକ୍ତି ସୁରକ୍ଷା ସଙ୍କଟ ଏବଂ ଆତଙ୍କବାଦ ଭଳି ଆହ୍ୱାନର ମୁକାବିଲା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ବଜ୍ରପାତ: ୧୧ ମୃତ, ୫ ଆହତ

ଭୁବନେଶ୍ୱର, ୧୭।୮ (ଅସମାପିକା ସାହୁ)

**୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ରହିଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗି ରହିବା ସହିତ ବଜ୍ରପାତ ମଧ୍ୟ ହେବାର ସମ୍ଭାବନା ରହିଛି। ସେପଟେ ଶନିବାର ରାଜ୍ୟରେ ୧୧ଜଣଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ଶନିବାର ରାତି ୯ଟା ସୁଦ୍ଧା ମିଳିଥିବା ☞ପୃଷ୍ଠା-୪









## ସଂକ୍ଷେପରେ

### ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହଉର ରାଣାଙ୍କୁ ଭାରତ ପଠାଯାଇପାରିବ: ଆମେରିକା କୋର୍ଟ

ନୂଆଦିଲ୍ଲୀ,୧୭।୮

୨୬/୧୧ ମୁମ୍ବାଇ ଆକ୍ରମଣ ସହ ସମ୍ପୃକ୍ତ ଥିବା ପାକିସ୍ତାନୀ ବଂଶୋଦ୍ଭବ କାନାଡା ବ୍ୟବସାୟୀ ତହଉର ହୁସେନ୍ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରିବ। ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀମାନେ ମୁମ୍ବାଇରେ ଆକ୍ରମଣ କରିବାରୁ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ



ମୃତ୍ୟୁ ଘଟିଥିଲା। ଭାରତ-ଆମେରିକା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଅଭିଯୁକ୍ତ ତହଉରଙ୍କୁ ଭାରତ ପଠାଯାଇପାରିବ ବୋଲି କାଲିଫର୍ନିଆର ଅପିଲ୍ସ କୋର୍ଟ ଏକ ରୁଲିଂ ଦେଇ କହିଛନ୍ତି। ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ୬୩ ବର୍ଷୀୟ ରାଣା କୋର୍ଟରେ ଅପିଲ୍ କରିଥିଲେ। ପୂର୍ବରୁ ମାଜିଷ୍ଟ୍ରେଟ୍ କୋର୍ଟ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ରାୟ ଦେଇଥିବାବେଳେ ସେ ଏହାକୁ ଅପିଲ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ରାଣା ଲସ୍ ଏଞ୍ଜେଲସ୍ ଜେଲରେ ରହିଛନ୍ତି। ତାଙ୍କର ପାକିସ୍ତାନୀ-ଆମେରିକୀୟ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଡାଭିଡ୍ କୋଲେମାନ ହେଡ୍‌ଲିଙ୍କ ସହ ଘନିଷ୍ଠ ସମ୍ପର୍କ ରହିଛି। ହେଡ୍‌ଲି ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ମଧ୍ୟ ତାଙ୍କର ଯୋଗସୂତ୍ର ରହିଛି। ଆକ୍ରମଣ ଘଟଣା ସହ ରାଣା ସମ୍ପୃକ୍ତ ଥିବାର ଯଥେଷ୍ଟ ପ୍ରମାଣ ଭାରତ ପାଖରେ ରହିଥିବା ୩ ଜଣିଆ ବିଚାରପତି କମିଟି କହିଛନ୍ତି। ଡେନ୍‌ମାର୍କରେ ବିଫଳ ହୋଇଥିବା ଏକ ଆକ୍ରମଣରେ ଆତଙ୍କବାଦୀଙ୍କୁ ସହାୟତା କରିଥିବା ନେଇ ରାଣା ଆମେରିକାର ଏକ ଡିଷ୍ଟ୍ରିକ୍ଟ କୋର୍ଟରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତେବେ ମୁମ୍ବାଇ ଆକ୍ରମଣରେ ଆତଙ୍କବାଦୀଙ୍କୁ ସହାୟତା ଯୋଗାଇଥିବା ମାମଲାରେ ଜୁରି ତାଙ୍କୁ ଦୋଷମୁକ୍ତ କରିଦେଇଥିଲେ। ସେ ସେଠାରେ ୭ ବର୍ଷ ଜେଲରେ ରହିବା ପରେ ପ୍ରତ୍ୟର୍ପଣ ଆବେଦନର ବିଚାର ପାଇଁ ଭାରତ ନିବେଦନ କରିଥିଲା।

# ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ: ୧୦ ମୃତ



ଲେବାନନ୍‌ର ନାବାଟିହ ଅନ୍ତର୍ଗତ ଅଲ୍-କଫୁରରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଯୋଗୁ ଏକ ବିଲ୍ଡିଂ ଧ୍ୱସ ହୋଇଯାଇଛି।

ବେରୁଟ୍,୧୭।୮

ଲେବାନନ୍‌ର ଦକ୍ଷିଣ ଭାଗରେ ଇସ୍ରାଏଲ୍ ସେନା ଆକ୍ରମଣ କରିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ତାଙ୍କର ୨ ଶିଶୁ ରହିଛନ୍ତି। ଏହି ଏୟାରଷ୍ଟ୍ରାଇକ୍‌ରେ ଅନ୍ୟ ୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ଗୁରୁତର ଥିବା ଜଣାପଡ଼ିଛି। ଲେବାନନ୍‌ର ନାବାଟିହ ସହରର ଏକ ଆବାସିକ ବିଲ୍ଡିଂ ଉପରେ ଇସ୍ରାଏଲ୍ ବିମାନରୁ ବୋମାମାଡ଼ କରିଥିଲା। ମୃତକମାନେ ସିରିଆ ନାଗରିକ। ଡିଏନ୍ଏ ପରୀକ୍ଷା ପରେ ସେମାନଙ୍କ ପରିଚୟ ଜଣାପଡ଼ିବ ବୋଲି ଏକ ନ୍ୟୁଜ୍ ଏଜେନ୍ସି ରିପୋର୍ଟରେ କୁହାଯାଇଛି। ହେଜବୋଲ୍ଲା ଆତଙ୍କବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ର ଡିପୋକୁ ଟାର୍ଗେଟ କରି ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଦୋହାରେ ପାଲେଷ୍ଟିନୀୟ ଇସ୍‌ଲାମିଷ୍ଟ ଗୋଷ୍ଠୀ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ନେଇ ଚାଲିଥିବା ଆଲୋଚନା ଶୁକ୍ରବାର ସ୍ଥଗିତ ରହିବା ପରେ ଇସ୍ରାଏଲ୍ ସେନା ଲେବାନନ୍ ଉପରେ ଆକ୍ରମଣ କରିଛି। ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଲେବାନନ୍ ଉପରେ ଏହା ଇସ୍ରାଏଲ୍‌ର ସବୁଠୁ ବଡ଼ ମରଣାନ୍ତକ ଆକ୍ରମଣ।

### ଗାଜାରେ ପରିବାରର ୧୮ ମୃତ

ଡେଇର ଅଲ୍-ବଲାହ,୧୭।୮

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବିରତି ଅବଶ୍ୟମ୍ଭାବୀ ବୋଲି ମଧ୍ୟସ୍ଥମାନେ ଆଶାବ୍ୟକ୍ତ କରିଥିବାବେଳେ ଶନିବାର ଗାଜାଷ୍ଟ୍ରିପ୍‌ରେ ଇସ୍ରାଏଲୀ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ ହୋଇଛି। ଏଥିରେ ଗୋଟିଏ ପରିବାରର ୧୮ ଜଣ ନିହତ ହୋଇଛନ୍ତି। ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ୧୦ ମାସ ଅତିକ୍ରମ କରିଥିବାବେଳେ ମୃତ୍ୟୁସଂଖ୍ୟା ୪୦ ହଜାର ଟପିଲାଣି।

# ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ହେବ

## ଏମ୍ୟୁଡିଏ ଜମି ଦୁର୍ନୀତି
## ରାଜ୍ୟପାଳ ଦେଲେ ଅନୁମତି

ବେଙ୍ଗାଲୁରୁ,୧୭।୮



ମହୀଶୂର ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏମ୍ୟୁଡିଏ) ଦ୍ୱାରା ଜମି ଆବଣ୍ଟନରେ ହୋଇଥିବା ଅନିୟମିତତା ଅଭିଯୋଗରେ କର୍ନାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ଚାଲିବ। ଏମ୍ୟୁଡିଏ ଜମି ଦୁର୍ନୀତି ମାମଲାରେ ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ପାଇଁ ରାଜ୍ୟପାଳ ଥାଓ୍ୱରଚାନ୍ଦ ଗେହଲଟ୍ ଅନୁମତି ପ୍ରଦାନ କରିଛନ୍ତି। ୩ ଆକ୍ଟିଭିଷ୍ଟ ପ୍ରଦୀପ କୁମାର, ଟି.ଜେ. ଆବ୍ରାହମ ଏବଂ ସ୍ନେହମୟୀ କ୍ରିଷ୍ଣା ଏଥିପାଇଁ ପିଟିଶନ ଦାଏର କରିଥିଲେ। ଉକ୍ତ ପିଟିଶନରେ ଦର୍ଶାଯାଇଥିବା ଅଭିଯୋଗ ଆଧାରରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୨୧୮ ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୨୧୮ ଅନୁଯାୟୀ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ଅନୁମତି ପ୍ରଦାନ କରାଯାଇଥିବା ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଆକ୍ଟିଭିଷ୍ଟମାନଙ୍କୁ ଜଣାଇଦିଆଯାଇଛି।

ରାଜ୍ୟପାଳଙ୍କ ନିଷ୍ପତ୍ତି ପରେ ଶାସକ କଂଗ୍ରେସ ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ପ୍ରିୟଙ୍କ ଖାର୍ଗେଙ୍କ ସମେତ କର୍ନାଟକର ଅନେକ ମନ୍ତ୍ରୀ ସିଦ୍ଧାରାମାୟାଙ୍କ ସମର୍ଥନରେ ବାହାରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ କର୍ନାଟକ ଯାଇଛନ୍ତି। ସିଦ୍ଧାରାମାୟା ଅଭିଯୋଗକୁ ଖଣ୍ଡନକରିବା ସହ ସବୁକିଛି ଆଇନ ଅନୁଯାୟୀ ହୋଇଥିବା କହିଛନ୍ତି। ରାଜ୍ୟପାଳଙ୍କ ନିଷ୍ପତ୍ତି ସମ୍ବିଧାନ ବିରୋଧୀ ଏବଂ ଆଇନ ବିରୋଧୀ। ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ। ବିରୋଧୀ ଦଳ ତାଙ୍କ ଇସ୍ତଫା ଦାବି କରିଥିବାବେଳେ ସେ କୌଣସି ଭୁଲ୍ କରି ନ ଥିବାରୁ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ। ସମ୍ପୂର୍ଣ୍ଣ କ୍ୟାବିନେଟ, ଦଳ ହାଇକମାଣ୍ଡ, ସମସ୍ତ ବିଧାୟକ, ବିଧାନ ପରିଷଦ ସଦସ୍ୟ, ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟମାନେ ତାଙ୍କ ସହ ରହିଥିବା ସିଦ୍ଧାରାମାୟା ବେଙ୍ଗାଲୁରୁଠାରେ ଖବରଦାତାମାନଙ୍କୁ କହିଛନ୍ତି। ଗଣତାନ୍ତ୍ରିକ ଭାବେ ନିର୍ବାଚିତ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା, ଜେଡିଏସ୍ ଏବଂ ଅନ୍ୟମାନେ ଷଡ଼ଯନ୍ତ୍ର ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କର୍ନାଟକର କଂଗ୍ରେସ ସରକାର ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଦୁର୍ନୀତିର ଯଥେଷ୍ଟ ପ୍ରମାଣ ଓ ରେକର୍ଡ ରହିଥିବା ଭାଜପା କହିବା ସହ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି।

ସିଦ୍ଧାରାମାୟାଙ୍କୁ ସମର୍ଥନ ଜଣାଇ କଂଗ୍ରେସ କହିଛି, ରାଜ୍ୟପାଳ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପୂର୍ବତନ ମନ୍ତ୍ରୀ ଶଶିକଳା ଜୋଲେ ଏବଂ ମୁରୁଗେଶ ନିରାନିଙ୍କ ବିରୋଧରେ ତଦନ୍ତ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟପାଳ ବିଳମ୍ବ କରୁଛନ୍ତି। ଅଥଚ ଏକ ଭିତ୍ତିହୀନ ଘରୋଇ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ଅତି ତରବରିଆ ଭାବେ ନିଷ୍ପତ୍ତି ନେବା ଘଟଣାରୁ ରାଜନୈତିକ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ବାରି ହେଉଛି ବୋଲି କଂଗ୍ରେସ କହିଛି।

ସୂଚନାଯୋଗ୍ୟ, ଗତ ଜୁଲାଇରେ ଲୋକାୟୁକ୍ତ ପୋଲିସ ନିକଟରେ ଦାଏର ଅଭିଯୋଗରେ ଦର୍ଶାଯାଇଥିଲା ଯେ, ମହୀଶୂରରେ ସିଦ୍ଧାରାମାୟାଙ୍କ ସ୍ତ୍ରୀ ବି.ଏମ୍. ପାର୍ବତୀଙ୍କୁ ତାଙ୍କ ଘର ପାଖରେ ଥିବା ନିକଟରେ ୧୪ଟି ଜମି ପ୍ଲଟ୍ ବେଆଇନ ଭାବେ ମଞ୍ଜୁର କରାଯାଇଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ୪୫ କୋଟି ଟଙ୍କା କ୍ଷତି ହୋଇଛି। ଅଭିଯୋଗରେ ସିଦ୍ଧାରାମାୟାଙ୍କ ସମେତ ତାଙ୍କ ସ୍ତ୍ରୀ, ପୁଅ ଏସ୍. ଯଥୀନ୍ଦ୍ର ଏବଂ ଏମ୍ୟୁଡିଏର ବରିଷ୍ଠ ଅଧିକାରୀମାନଙ୍କ ନାମ ରହିଥିଲା। ଉକ୍ତ ଅଭିଯୋଗ ଆଧାରରେ ସପ୍ତାହେ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ରାଜ୍ୟପାଳ ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ତାଙ୍କ ବିରୋଧରେ କ'ଣ ପାଇଁ ମକଦ୍ଦମା ନ ଚାଲିବ ଜଣାଇବାକୁ କୁହାଯାଇଥିଲା। ତେବେ ମକଦ୍ଦମା ନ ଚଳାଇବା ଲାଗି ରାଜ୍ୟପାଳଙ୍କୁ ଜଣାଇବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। କାରଣ ଦର୍ଶାଅ ନୋଟିସ ପ୍ରତ୍ୟାହାର କରିନେବାକୁ କୁହାଯିବା ସହ ରାଜ୍ୟପାଳଙ୍କ ସାମ୍ବିଧାନିକ କାର୍ଯ୍ୟାଳୟର ଦୁରୁପଯୋଗ ହେଉଥିବା କ୍ୟାବିନେଟ ଅଭିଯୋଗ କରିଥିଲା।

### ଏମ୍ୟୁଡିଏ ଦୁର୍ନୀତି କ'ଣ

ମହୀଶୂର ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏମ୍ୟୁଡିଏ) ଦ୍ୱାରା ଜମି ଆବଣ୍ଟନରେ ଅନିୟମିତତାକୁ ନେଇ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ରାଜ୍ୟପାଳ ନିଷ୍ପତ୍ତି ନେଇଛନ୍ତି। ଫଳରେ ସିଦ୍ଧାରାମାୟା ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ସିଦ୍ଧାରାମାୟାଙ୍କ ପୂର୍ବ ପାଳି ସରକାର ସମୟରେ ତାଙ୍କ ସ୍ତ୍ରୀ ବି.ଏମ୍. ପାର୍ବତୀଙ୍କୁ କ୍ଷତିପୂରଣ ସ୍ୱରୂପ ଜମି ଆବଣ୍ଟନ କରାଯାଇଥିଲା, ଯାହାକୁ ନେଇ ବିବାଦ ଦେଖାଦେଇଛି। ବେଆଇନ ଭାବେ ଏହି ଜମି ଆବଣ୍ଟନ ଯୋଗୁ ରାଜ୍ୟ ରାଜକୋଷର ବହୁକୋଟି ଟଙ୍କା କ୍ଷତି ହୋଇଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି ମାମଲାରେ ଏମ୍ୟୁଡିଏ ଏବଂ ରାଜସ୍ୱ ବିଭାଗର ଶୀର୍ଷ ଅଧିକାରୀମାନଙ୍କୁ ଅଭିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୩ ଆକ୍ଟିଭିଷ୍ଟ ପ୍ରଦୀପ କୁମାର, ଟି.ଜେ. ଆବ୍ରାହମ ଏବଂ ସ୍ନେହମୟୀ କ୍ରିଷ୍ଣା ରାଜ୍ୟପାଳ ଥାଓ୍ୱରଚାନ୍ଦ ଗେହଲଟ୍‌ଙ୍କୁ ନିବେଦନ କରିଥିଲେ।

### ସାବରମତି ଏକ୍ସପ୍ରେସ୍‌ର ୨୦ ବଗି ଲାଇନଚ୍ୟୁତ

ଲକ୍ଷ୍ନୌ,୧୭।୮

ଉତ୍ତରପ୍ରଦେଶର କାନପୁରସ୍ଥିତ ଗୋବିନ୍ଦପୁରୀ ଷ୍ଟେଶନ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ୧୯୧୬୮ ସାବରମତି ଏକ୍ସପ୍ରେସ୍ ଟ୍ରେନ୍‌ର ୨୦ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଟ୍ରେନ୍‌ଟି ବାରାଣସୀରୁ ଅହମଦାବାଦ ଯାଉଥିବାବେଳେ କାନପୁର ଏବଂ ଭୀମସେନ ଷ୍ଟେଶନ ମଧ୍ୟରେ ରାତି ୨ଟା ୩୦ ମିନିଟ୍ ସମୟରେ ଲାଇନଚ୍ୟୁତ ହୋଇଥିଲା। ରେସ୍କ୍ୟୁ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଇଞ୍ଜିନ ସମ୍ମୁଖରେ ଥିବା କ୍ୟାଟେଲ ଗାର୍ଡରେ ପଥର ମାଡ଼ହେବାରୁ ତାହା ନଷ୍ଟ ହୋଇଯାଇଥିବା ଲୋକୋ ପାଇଲଟ କହିଛନ୍ତି। ଅନ୍ୟପକ୍ଷରେ ଏହି ଦୁର୍ଘଟଣାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ବୋଲି କହିଛନ୍ତି। ଟ୍ରାକ୍ ଉପରେ କେହି ବଡ଼ ପଥର ଖଣ୍ଡ ରଖିଥିବାରୁ ଇଞ୍ଜିନ ସମେତ ବଗିଗୁଡ଼ିକ ଲାଇନଚ୍ୟୁତ ହେଲା ବୋଲି ମନ୍ତ୍ରୀ କହିବା ସହ ଟ୍ରାକ୍‌ର ଫଟୋ ପୋଷ୍ଟ କରିଛନ୍ତି। ଘଟଣାର ତଦନ୍ତ ପାଇଁ ରେଳମନ୍ତ୍ରୀ ଗୋଇନ୍ଦା ବ୍ୟୁରୋ ଏବଂ ଉତ୍ତରପ୍ରଦେଶ ପୋଲିସକୁ କହିଛନ୍ତି। ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ଟ୍ରେନ୍‌ଟି କାନପୁର ଷ୍ଟେଶନ ଛାଡ଼ିବା ପରେ ଉତ୍କଟ ଶବ୍ଦ ସହ କୋଚ୍ ଥରିଥିଲା। ଟ୍ରେନ୍ ଅଟକିବା କ୍ଷଣି ଯାତ୍ରୀମାନେ ବାହାରି ଆସିଥିଲେ।

### ବାଂଲାଦେଶ ହିଂସା ମୃତ୍ୟୁସଂଖ୍ୟା ୬୫୦
#### ଜାତିସଂଘ ରିପୋର୍ଟ

ଢାକା/ଜେନେଭା, ୧୭।୮

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସା ଘଟଣାରେ ୬୫୦ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଶନିବାର ଜାତିସଂଘ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଜୁଲାଇ ୧୬ରୁ ଅଗଷ୍ଟ ୪ ମଧ୍ୟରେ ବାଂଲାଦେଶରେ ହୋଇଥିବା ସଂରକ୍ଷଣ ବିରୋଧୀ ହିଂସାରେ ୪୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଓ ୬ରେ ହୋଇଥିବା ହିଂସାରେ ୨୫୦ ଜଣ ପ୍ରାଣ ହରାଇଥିଲେ। ସଂରକ୍ଷଣ ବିରୋଧୀ ହିଂସା, ଆନ୍ଦୋଳନରତ ଛାତ୍ର ଓ ବିକ୍ଷୋଭକାରୀଙ୍କ ଗିରଫଦାରି ଓ ହାଜତରେ ବହୁ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଆଦି ମାମଲାର ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ଉକ୍ତ ରିପୋର୍ଟରେ ଜାତିସଂଘ କହିଛି।

### ବେଣୁଗୋପାଳ ସଂସଦୀୟ ପିଏସି ମୁଖ୍ୟ

#### ବୈଜୟନ୍ତ ପଣ୍ଡା ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୭।୮(ପି.ଟି.)



କେ.ସି. ବେଣୁଗୋପାଳ

ସଂସଦୀୟ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି)ର ମୁଖ୍ୟ ଭାବେ ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ରହିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପିଏସି ବ୍ୟତୀତ ୪ଟି ସଂସଦୀୟ କମିଟି ଗଠନ କରିଛନ୍ତି। ଏଥିରେ ଭାଜପା ନେତାମାନେ ମୁଖ୍ୟ ରହିଛନ୍ତି। ପବ୍ଲିକ୍ ଆକାଉଣ୍ଟସ୍, ପବ୍ଲିକ୍ ଅଣ୍ଡରଟେକିଂସ୍ ଏବଂ ଏଷ୍ଟିମେଟ୍ସ କମିଟି ହେଉଛି ପାର୍ଲାମେଣ୍ଟର ମୁଖ୍ୟ ଫାଇନାନ୍ସିଆଲ କମିଟି, ଯାହା ସରକାରଙ୍କ ଆୟବ୍ୟୟ ଓ ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟ ଅନୁଧ୍ୟାନ କରିଥାଏ। ଭାଜପା ନେତା ଗଣେଶ ସିଂ ଓବିସି କଲ୍ୟାଣ କମିଟିର ମୁଖ୍ୟ ଏବଂ ଫଗନ ସିଂ କୁଲସ୍ତେ ଏସ୍‌ସି ଏବଂ ଏସ୍‌ଟି କଲ୍ୟାଣ କମିଟିର ମୁଖ୍ୟ ରହିଛନ୍ତି। ସଞ୍ଜୟ ଜୟସ୍ୱାଲଙ୍କୁ ଏଷ୍ଟିମେଟ୍ସ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। କମିଟିଗୁଡ଼ିକର କାର୍ଯ୍ୟକାଳ ୧ ବର୍ଷ ହୋଇଥିବାବେଳେ ସେଥିରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରୁ ସଦସ୍ୟ ରହିଥାନ୍ତି। ଲୋକ ସଭାର ମୁଖ୍ୟ ବିରୋଧୀ ଦଳର ବରିଷ୍ଠ ସଦସ୍ୟଙ୍କୁ ସାଧାରଣତଃ ପିଏସି ଅଧ୍ୟକ୍ଷ କରାଯାଇଥାଏ। ପୂର୍ବରୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ୫ ବର୍ଷ ପାଇଁ ପିଏସି ମୁଖ୍ୟ ରହିଥିଲେ।

# ଭାରତରେ ରାତ୍ରି ବଜ୍ରପାତର ଦୃଶ୍ୟ

## ଆଇଏସ୍ଏସ୍‌ରୁ ପଠାଇଲେ ନାସା ମହାକାଶଚାରୀ

ଓ୍ୱାଶିଂଟନ, ୧୭।୮



ଅନେକ ସମୟରେ ମହାକାଶଚାରୀମାନେ ମହାକାଶରୁ ପୃଥିବୀର ବିଭିନ୍ନ ଆଶ୍ଚର୍ଯ୍ୟଜନକ ଚମତ୍କାର ଦୃଶ୍ୟର ଚିତ୍ର ଉତ୍ତୋଳନକରି ସୋସିଆଲ ମିଡିଆରେ ଶେୟାର କରିଥାନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥାଏ। ମହାକାଶରୁ ଏହିସବୁ ବିରଳ ଚିତ୍ରକୁ ଦେଖି ମନ ଆକର୍ଷିତ ହୋଇଥାଏ। ତେବେ ଆକାଶରେ ପ୍ରବଳ ମେଘ ଥିବାବେଳେ ରାତ୍ରି ବଜ୍ରପାତର ଏହିପରି ଏକ ଦୃଶ୍ୟକୁ ଆମେରିକୀୟ ମହାକାଶ ସଂସ୍ଥା ନାସାର ମହାକାଶଚାରୀ ମାଥ୍ୟୁ ଡୋମିନିକ୍ ନିଜ କ୍ୟାମେରାରେ କଏଦ କରି ଶନିବାର ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)ରୁ ଏହି ବିରଳ ଓ ସୁନ୍ଦର ଦୃଶ୍ୟକୁ ଉଠାଇଛନ୍ତି। ଏହି ଫଟୋରେ ମହାକାଶରୁ ଭାରତର ରାତ୍ରି ବଜ୍ରପାତର ଦୃଶ୍ୟକୁ ଭଲ ଭାବେ ଦେଖିବାକୁ ମିଳିଛି। ଉକ୍ତ ଚିତ୍ର ଶେୟାର କରି ମାଥ୍ୟୁ ଲେଖିଛନ୍ତି, ରାତ୍ରି ସମୟରେ ଭାରତର ବିଜୁଳି ଓ ବଜ୍ରପାତର ଦୃଶ୍ୟ। ଏହି ଅବିଶ୍ୱସନୀୟ ଫଟୋରେ ଅନ୍ଧାର ରାତ୍ରିର ମଝି ଆକାଶରେ ଏକ ଉଜ୍ଜ୍ୱଳ ନୀଳ ଆଲୋକ ଦେଖାଯାଉଛି। ଏହାର ଚାରିପାଖରେ ଧଳା ଏବଂ ହଳଦିଆ ରଙ୍ଗର ଆଲୋକ ମଧ୍ୟ ଦୃଶ୍ୟମାନ ହେଉଛି, ଯାହା ଭାରତର ବିଭିନ୍ନ ସହରର ହୋଇଥିବା ମାଥ୍ୟୁ କହିଛନ୍ତି। ସମଗ୍ର ଭାରତ ଉପରେ ଅନ୍ଧକାର ଥିବାବେଳେ ରଙ୍ଗିନ ବଜ୍ରପାତ ଆକାଶରୁ ଖସୁଥିବା ପରି ଏହି ଫଟୋରେ ଦେଖିବାକୁ ମିଳିଛି। ମାଥ୍ୟୁ ନିଜ ଏକ୍ସ' ଆଇଡିରେ ଶେୟାର କରିବାର କିଛି ଘଣ୍ଟା ମଧ୍ୟରେ ଭାରତର ଏହି ରାତ୍ରି ବଜ୍ରପାତ ସମୟର ଦୃଶ୍ୟ ଭାଇରାଲ ହୋଇଛି। ଉକ୍ତ ଫଟୋକୁ ଅନେକ ସଂଖ୍ୟାରେ ଭାରତୀୟ ଏକ୍ସ' ୟୁଜର୍ସ ପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ଆଇଏସ୍ଏସ୍‌ରେ ଥିବା ଆମେରିକୀୟ ମହାକାଶଚାରୀ ମାଥ୍ୟୁ ପ୍ରତ୍ୟେକ ଦିନ ମହାକାଶରୁ କିଛି ନା କିଛି ଅବିଶ୍ୱସନୀୟ ଓ ଦୁର୍ଲଭ ଦୃଶ୍ୟ ପୋଷ୍ଟକରି ନିଜ ଫଲୋଅର୍ସମାନଙ୍କୁ ପ୍ରଭାବିତ କରିବାକୁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି।

## ଫୁରସତ୍

### ହିମାଳୟର ୧୮ ହଜାର ଫୁଟ୍ ଉଚ୍ଚରୁ ଡେଇଁ ବିଶ୍ୱ ରେକର୍ଡ



କାଠମାଣ୍ଡୁ

ବିଶ୍ୱରେ ଏପରି ବହୁ ସାହସୀ ଲୋକ ଅଛନ୍ତି ଯେଉଁମାନେ ନିଜ ନାମକୁ ପ୍ରସିଦ୍ଧ କରିବା ପାଇଁ ବିଭିନ୍ନ ଆଶ୍ଚର୍ଯ୍ୟଜନକ କାରନାମା କରି ଦେଖାଇଥାନ୍ତି। ଏହି କ୍ରମରେ ବ୍ରିଟେନର ଜୋଶୁଆ ବ୍ରେଗ୍‌ମେନ୍(୩୪) ନାମକ ଜଣେ ବ୍ୟକ୍ତି ନେପାଳସ୍ଥିତ ହିମାଳୟ ପର୍ବତର ୫,୭୧୭ ମିଟର (୧୮,୭୫୩ ଫୁଟ) ଉଚ୍ଚରୁ ସଫଳତାର ସହ ସ୍କାଇ-ବେସ୍ ଜମ୍ପ କରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସର୍ବୋଚ୍ଚ ଉଚ୍ଚତାରୁ ସ୍କାଇ-ବେସ୍ ଜମ୍ପ କରିଥିବାରୁ ତାଙ୍କର ନାମ ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲଡ ରେକର୍ଡସ୍‌ରେ ସ୍ଥାନିତ ହୋଇଛି। ୨୦୧୯ରୁ ଫ୍ରାନ୍ସର ମାଥିଆସ ଗିରୌଦ୍‌ଙ୍କ ନାମରେ ଏହି ରେକର୍ଡ ରହିଆସିଥିଲା।

ସ୍କାଇ-ବେସ୍ ଜମ୍ପିଂରେ ଉଭୟ ସ୍କାଇଂ ଏବଂ ବେସ୍ ଜମ୍ପିଂ କ୍ରୀଡ଼ା ଏକତ୍ର ଭାବେ ହୋଇଥାଏ। ଏଥିରେ ବ୍ୟକ୍ତି ପ୍ରଥମେ କିଛି ଦୂର ପାଇଁ ପର୍ବତ ଉପରେ ସ୍କାଇଂ କରନ୍ତି ଏବଂ ତା'ପରେ ସେଠାରୁ ଡେଇଁପଡ଼ନ୍ତି। ସର୍ବଦା ଦୁଃସାହସିକ କାର୍ଯ୍ୟକୁ ଭଲ ପାଉଥିବା ଜୋଶୁଆ ସ୍କାଇଂ କରିବା ପରେ ପାରାଶୁଟ୍ ବ୍ୟବହାର କରି ଶନିବାର ଭୂମିରେ ଅବତରଣ କରିଛନ୍ତି। ଏହି ବିଶ୍ୱ ରେକର୍ଡ ଦ୍ୱାରା ମିଳିଥିବା ଅର୍ଥ ମାଧ୍ୟମରେ ଜୋଶୁଆ ନେପାଳରେ ମାନବ ଚାଲାଣ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଜୋଶୁଆ କହିଛନ୍ତି, ଏହି ରେକର୍ଡ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଓ ତାଙ୍କର ସହଯୋଗୀମାନଙ୍କୁ ଗତ ୨ ସପ୍ତାହ ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଅମ୍ଳଜାନର ଅଭାବ, ନିରନ୍ତର ମୁଣ୍ଡବିନ୍ଧା ଏବଂ ପ୍ରାୟ ୬ ହଜାର ମିଟର ଉଚ୍ଚରେ ଶୋଇବା ଯୋଗୁ ତାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା।

### ଟ୍ରେନ୍ ନୁହେଁ, ଘର




କୋଝିକୋଡ଼

କେରଳର କୋଝିକୋଡ଼ର ଜଣେ ବ୍ୟକ୍ତିଙ୍କର ଟ୍ରେନ୍ ପ୍ରତି ବିଶେଷ ଆଗ୍ରହ ରହିଥିଲା। ତେଣୁ ସେ ତାଙ୍କ ଘରର କାନ୍ଥକୁ ଟ୍ରେନ୍ କୋଚ୍‌ର ରୂପ ଦେଇଛନ୍ତି। ଯେପରି ଟ୍ରେନ୍ ବଗିର ଝରକା ବାହାରୁ ଦେଖାଯାଇଥାଏ, ସେହିପରି ଏହି ନିଆରା ଘରର କାନ୍ଥ ମଧ୍ୟ ବାହାରୁ ସମାନ ଭାବରେ ଦୃଶ୍ୟମାନ ହେଉଛି। ସେହିପରି ସେ ତାଙ୍କ ଘରର ଗୋଟିଏ କାନ୍ଥକୁ ଟ୍ରେନ୍ ଇଞ୍ଜିନ୍‌ର ଲୁକ୍ ମଧ୍ୟ ଦେଇଛନ୍ତି। କୌଣସି ଘରର ଏପରି ଡିଜାଇନ୍ କାନ୍ଥ ଥିବା ଦେଖି ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

### ବକ୍ସ ଅଫିସ୍‌ରେ ଧୁମ୍ ମଚାଉଛି 'ସ୍ତ୍ରୀ ୨'



ଶ୍ରଦ୍ଧା କପୁର

ମୁମ୍ବାଇ

ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ବହୁ ପ୍ରତୀକ୍ଷିତ 'ସ୍ତ୍ରୀ ୨' ଚଳଚ୍ଚିତ୍ର ଗୁରୁବାର ସ୍ୱାଧୀନତା ଦିବସ ଉପଲକ୍ଷେ ରିଲିଜ୍ ହୋଇଛି। ତେବେ ରିଲିଜ୍ ହେବାର ୨ ଦିନ ମଧ୍ୟରେ 'ସ୍ତ୍ରୀ ୨' ଫିଲ୍ମ ଅକ୍ଷୟ କୁମାରଙ୍କ 'ଖେଲ୍ ଖେଲ୍ ମେଁ' ଓ ଜନ୍ ଆବ୍ରାହମଙ୍କ 'ବେଦା' ଫିଲ୍ମକୁ ପଛରେ ପକାଇ ବକ୍ସ ଅଫିସରେ ଅଧିକ ବ୍ୟବସାୟ କରିବାରେ ସଫଳ ହୋଇଛି। ରିପୋର୍ଟ ଅନୁଯାୟୀ, ଗୁରୁବାର ରିଲିଜ୍ ହେବାର ପ୍ରଥମ ଦିନରେ 'ସ୍ତ୍ରୀ ୨' ଫିଲ୍ମ ୬୦.୩ କୋଟି ଟଙ୍କା ବକ୍ସ ଅଫିସରୁ ସଂଗ୍ରହ କରିଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିନରେ ଏହା ୩୦ କୋଟି ସଂଗ୍ରହ କରିଛି। ଏହିପରି ଭାବେ ପ୍ରଥମ ୨ ଦିନରେ 'ସ୍ତ୍ରୀ ୨' ଚଳଚ୍ଚିତ୍ର ସମୁଦାୟ ୯୦.୩ କୋଟି ଟଙ୍କା ସଂଗ୍ରହ କରିଛି। ସେହିପରି ଏହି ଚଳଚ୍ଚିତ୍ର ପ୍ରଥମ ଦିନରେ ବିଶ୍ୱବ୍ୟାପୀ ୭୬.୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ୨ ଦିନ ମଧ୍ୟରେ ଏହି ସଂଖ୍ୟା ୧୦୦ କୋଟି ଟପିଛି। ଦର୍ଶକଙ୍କ ମଧ୍ୟରେ 'ସ୍ତ୍ରୀ ୨' ପାଇଁ ରହୁଥିବା କ୍ରେଜ୍‌କୁ ବିଚାରକୁ ନେଇ ଚଳିତ ୱିକ୍ ଏଣ୍ଡ ଶେଷ ସୁଦ୍ଧା ଫିଲ୍ମର ବକ୍ସ ଅଫିସ ସଂଗ୍ରହ ୨୦୦ କୋଟି ପାର କରିବ ବୋଲି କେତେଜଣ ଫିଲ୍ମ ସମୀକ୍ଷକ ଆକଳନ କରିଛନ୍ତି।

'ସ୍ତ୍ରୀ ୨' ଫିଲ୍ମରେ ଶ୍ରଦ୍ଧାଙ୍କ ବିପକ୍ଷରେ ଅଭିନେତା ରାଜକୁମାର ରାଓ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅମର କୌଶିକଙ୍କ ନିର୍ଦ୍ଦେଶିତ ଏବଂ ଦିନେଶ ଭିଜାନ ଓ ଜ୍ୟୋତି ଦେଶ୍‌ପାଣ୍ଡେଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଅଭିନେତା ପଙ୍କଜ ତ୍ରିପାଠୀ, ଅପାରଶକ୍ତି ଖୁରାନା ଓ ଅଭିଷେକ ବାନାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି।




# ରାଶନକାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ

**ଭୁବନେଶ୍ୱର,୧୭।୮ (ଅନିଲ ଦାସ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ। ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ଦେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିବା କହିଛନ୍ତି । ଲୋକଙ୍କ ଗହମ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦାବି କରାଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କ ମଧ୍ୟରୁ ୧୪ ପ୍ରତିଶତ ଲୋକ ଗହମ ନେଉଥିବା ବେଳେ ୮୬ ପ୍ରତିଶତ ଚାଉଳ ନେଉଥିଲେ। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪ ହଜାର ୭୦୦ ମେଟ୍ରିକ୍ ଟନ୍ ଗହମ ଯୋଗାଇ ଦେଉଥିଲେ। ପ୍ରତ୍ୟେକ ମାସରେ ଗହମ ହିତାଧିକାରୀଙ୍କୁ ଦିଆଯାଉଥିଲା। ତେବେ ତତ୍କାଳୀନ ବିଜେଡି ସରକାର ଗହମ ବଦଳରେ ରାଜ୍ୟର ଉତ୍ପାଦିତ ଚାଉଳକୁ ହିତାଧିକାରୀଙ୍କୁ ଦେବାକୁ ଦାବି କରିଥିଲେ। ସେହି ସମୟରେ ପୂର୍ବତନ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖି ପିଡିଏସ୍ ବ୍ୟବସ୍ଥାରେ ଗହମ ବଦଳରେ ୧୦୦ ପ୍ରତିଶତ ଚାଉଳ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁ ଦାବି କରାଯିବା ପରେ ୨୦୨୦-୨୧ରୁ ଗହମ ଯୋଗାଣ ବନ୍ଦ କରିଦିଆଯାଇଥିଲା । ଏବେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ରାଶନ କାର୍ଡ ହିତାଧିକାରୀଙ୍କୁ ପୁଣି ଥରେ ପୂର୍ବ ଭଳି ଚାଉଳ ସହ ଗହମ ମିଳିବ ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦରୁ ଅସିତ ତ୍ରିପାଠୀଙ୍କ ଇସ୍ତଫା

**ଭୁବନେଶ୍ୱର,୧୭।୮ (ଅନିଲ ଦାସ)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏ ନେଇ ଶନିବାର ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେବା ପରେ ଅସିତଙ୍କୁ ବିଜେଡି ସରକାର ୨୦୨୦ ଡିସେମ୍ବରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦରେ ଥଇଥାନ କରିଥିଲେ।

# ମୋବାଇଲରେ ଘୂରିଲା ଓଟିଇଟି ଉତ୍ତର

**ରାୟଗଡ଼ା,୧୭।୮ (ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶା ଟିଚର୍ସ ଇଲିଜିବିଲିଟ୍ ଟେଷ୍ଟ (ଓଟିଇଟି) ପରୀକ୍ଷା ରାୟଗଡ଼ା ଜିଲାର ବିଭିନ୍ନ କେନ୍ଦ୍ରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ଆସିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ମୋବାଇଲରୁ ମୋବାଇଲ ଘୂରି ବୁଲୁଥିବା ସହ ଏହାର ଜେରକ୍ସ ବଜାରରେ ମିଳୁଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଅପରାହ୍ନରୁ ଏହା ଚର୍ଚ୍ଚା ହେଉଥିବା ବେଳେ ଶନିବାର ପୂର୍ବାହ୍ନରେ ପରୀକ୍ଷାର୍ଥୀ କେନ୍ଦ୍ରକୁ ଯିବା ପୂର୍ବରୁ ଉତ୍ତରପତ୍ର ପିଲାଙ୍କ ନିକଟରେ ଥିଲା। ତେବେ ଏହି ଉତ୍ତରପତ୍ର ଚଳିତ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନର କି ନୁହେଁ ତାହା ତଦନ୍ତ ପରେ ଜଣାପଡ଼ିବ।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ଆମ ତରଫରୁ କୌଣସି ପ୍ରଶ୍ନପତ୍ର ବେନିୟମ ଭାବେ ଖୋଲାଯାଇନାହିଁ। ଠିକ୍ ସମୟରେ ପ୍ରଶ୍ନପତ୍ର ପ୍ୟାକେଟ ଖୋଲାଯାଇଛି। ତେଣୁ ଏହି ଉତ୍ତରପତ୍ର ପ୍ରଘଟ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନାୟକ କହିଛନ୍ତି। ଧଳା କାଗଜରେ ଲେଖାଯାଇ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଥିବା ଏହି ଉତ୍ତରପତ୍ର ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ଏହି ଉତ୍ତରପତ୍ର ପରୀକ୍ଷାର୍ଥୀଙ୍କୁ ଚଢ଼ା ଦରରେ ବିକ୍ରିକରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ପାଇଁ ଦଲାଲମାନେ ଏଭଳି କରିଥାଇପାରନ୍ତି ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲାର ୮ କେନ୍ଦ୍ରରେ ମୋଟ ୩,୩୮୪ଜଣ ଓଟିଇଟି ପରୀକ୍ଷା ଦେଇଛନ୍ତି। ସେଥିରୁ ପେପର-୧ ରେ ୯୬୧, ପେପର-୨ ରେ ୨୪୨୩ ପରୀକ୍ଷାର୍ଥୀ ରହିଛନ୍ତି। ତେବେ ଶୁକ୍ରବାର ଅପରାହ୍ନରୁ ଏହି ଉତ୍ତରପତ୍ର ମୋବାଇଲରେ ଭାଇରାଲ ହୋଇଛି। ଏ ନେଇ ଏକ ଅଡିଓ ରେକର୍ଡିଂ ମଧ୍ୟ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ବେଳେ ଏଥିରେ ଦଲାଲ ଜଣକ ଉତ୍ତରପତ୍ର ରହିଥିବା ଓ ରେକର୍ଡିଂ ଚାଲିଥିବା କହି ରାୟଗଡ଼ା ଆସି ମିଶିବାକୁ କହୁଥିବା ଜଣାପଡ଼ିଛି। ଗଣିତ, ଓଡ଼ିଆ, ଇଂଲିଶ ଓ ସିଡିପି ଏହିଭଳି ଚାରିଟି ବିଷୟର ପ୍ରାୟ ୧୦୦ ଟି ଉତ୍ତର ଥିବା ଦୁଇଟି କାଗଜର ଜେରକ୍ସ ହୋଇ ମୋବାଇଲରୁ ମୋବାଇଲ ଘୂରିବୁଲୁଥିବା ଜଣାପଡିଛି।



ଭାଇରାଲ ହୋଇଥିବା ଜେରକ୍ସ ଉତ୍ତରପତ୍ର।






# ଋଣ ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ରାମଚନ୍ଦ୍ରପୁର,୧୭।୮ (ଗଣେଶ୍ୱର ସା)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଲଣା ଗ୍ରାମରେ ଶନିବାର ଅଭାବନୀୟ ଘଟଣା ଘଟିଯାଇଛି। ଋଣଭାର ସହି ନ ପାରି ନିଜ ଘରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ହେଲେ ଗ୍ରାମର ନିରଞ୍ଜନ ବେହେରା (୨୭)। ପରିବାର ଲୋକଙ୍କ କହିବା ମୁତାବକ, ନିରଞ୍ଜନ ଘରୋଇ ଫାଇନାନ୍ସରୁ ଋଣ କରିଥିଲେ। ଋଣ ଟଙ୍କା ଶୁଝି ନ ପାରି ଚାପଗ୍ରସ୍ତରେ ରହିଥିଲେ। ଶନିବାର ନିରଞ୍ଜନଙ୍କ ସ୍ତ୍ରୀ ତାଙ୍କ ପୁଅ, ଝିଅଙ୍କୁ ଧରି ବାପଘରକୁ ଯାଇଥିଲେ। ସକାଳୁ ପରିବାର ଲୋକେ ନିଜ କାମରେ ବ୍ୟସ୍ତ ଥିବାବେଳେ ଘର ଭିତରେ ଏକୁଟିଆ ଥିବା ନିରଞ୍ଜନ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ଘର ଲୋକ ଦେଖି ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରପୁର ପୋଲିସ ଏକ ମାମଲା(ନଂ.୧୨/୨୪)ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି, ନିରଞ୍ଜନ ଘରୋଇ ଫାଇନାନ୍ସରୁ ଋଣ କରି ପ୍ରତିମାସରେ ୧୨ ହଜାର ଟଙ୍କା କିସ୍ତି ଦେଉଥିଲେ। କିଛି ମାସ ହେବ ଋଣ ନ ଦେଇ ପାରିବାରୁ ଚାପରେ ରହୁଥିଲେ।






# ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ର ଗିରଫ

**କେନ୍ଦ୍ରାପଡ଼ା,୧୭।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ(ଏସିଏସ୍‌ଓ) ପ୍ରଦୀପ ମହାପାତ୍ର ଶନିବାର ଗିରଫ ହୋଇଛନ୍ତି। ଓଡ଼ିଶା ଭିଜିଲାନ୍ସ ସେଲ୍ (ପିଏସ୍ କେସ ନଂ. ୮/୨୪) ପକ୍ଷରୁ ତାଙ୍କୁ ଗିରଫ କରାଯାଇ କଟକ ଭିଜିଲାନ୍ସ ବିଭାଗ ସ୍ପେଶାଲ ଜଜ୍ କୋର୍ଟ ହାଜର କରାଯାଇଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା



ଅଭିଯୋଗରେ ଭିଜିଲାନ୍ସ ବିଭାଗ ତାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କର ଆୟଠାରୁ ପ୍ରାୟ ୩୩୬ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ତନଖି ବେଳେ ଜଣାପଡିଛି। ଶୁକ୍ରବାର ସକାଳେ ଏସିଏସ୍‌ଓ ମହାପାତ୍ରଙ୍କ କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱରର ୫ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି, କୋଠା, ପ୍ଲଟ୍, ୨.୮୬ କୋଟି ଟଙ୍କା ଜମା କାଗଜ, ନଗଦ ୧.୨୧ ଲକ୍ଷ ଟଙ୍କା, ୮୫୯ ଗ୍ରାମ ସୁନା ମିଳିଥିଲା। ଏହାସହିତ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଚିକିତ୍ସା ସେବା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୮ଟା। ରକ୍ତଦାନ ଶିବିର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱରର ଆଲୋଚନା ସଭା, ସ୍ଥାନ: ବୁଲନଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ନାଗରିକ ସମାଜ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ସିଆର୍‌ପି ଛକ, ସମୟ: ଅପରାହ୍ନ ୫ଟା ୩୦।
- କାର୍ଟୁନିଷ୍ଟ ଜ୍ଞାନ ରଥ ରଥଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ, ସମୟ: ସନ୍ଧ୍ୟା ୬ଟା।
- ଟାଇମ ଟୁ ସାଇନ ପକ୍ଷରୁ ରାଖୀ ପୂର୍ଣ୍ଣିମା ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଝୁଲଣ ଉତ୍ସବ, ସ୍ଥାନ: ଗୌରବିହାର ଆଶ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀସତୀ ଭବନ, ପୁରୀ, ପୂର୍ବାହ୍ନ ୧୦ଟା ୪୫।
- ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରୋଟାରୀ କ୍ଲବ, ସମୟ: ଅପରାହ୍ନ ୩ଟା।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଝୁଲଣ ଉତ୍ସବ ଓ ବଳଭଦ୍ର ଜନ୍ମ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ବଡ଼ଓଡ଼ିଆ ମଠ, ପୁରୀ, ସମୟ: ଅପରାହ୍ନ ୪ଟା ୩୦।
- ଝୁଲଣ ଉତ୍ସବ ଅବସରରେ ରାଧେଶ୍ୟାମ ମଠ, ନେବଳ ଦାସ ମଠ, ଜୀୟର ସ୍ୱାମୀ ମଠ, ଉତ୍ତରପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, ଜଗନ୍ନାଥବଲ୍ଲଭ ମଠ, ମନିରାମ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ, ସ୍ଥାନ: କୁଳମଣି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସାକ୍ଷୀଗୋପାଳଙ୍କ ଝୁଲଣ ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସତ୍ୟବାଦୀ ସେବା ଟ୍ରଷ୍ଟ ପକ୍ଷରୁ ମେଧା ପ୍ରତିଭା ସମ୍ମାନ ୨୦୨୪, ସ୍ଥାନ: ବସ୍‌ଷ୍ଟାଣ୍ଡ ନିକଟ ସେଣ୍ଟ ଜାଭିୟର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଙ୍ଗାମୁହଁ ବିଦ୍ୟାଳୟ, ନାରାୟଣପୁରପନ୍ତା, ବାଲିଆପାଳ, ସମୟ: ସକାଳ ୯ଟା।
- ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ସମ୍ପର୍କିତ ଜାତୀୟ କର୍ମଶାଳା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅନୁସୂଚିତ ଜାତି ଓ ଜନଜାତି ସରକାରୀ କର୍ମଚାରୀଙ୍କ ବ୍ଲକସ୍ତରୀୟ କର୍ମକର୍ତ୍ତା ମନୋନୟନ, ସ୍ଥାନ: ଶିକ୍ଷକ ସଂଘ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ଏକାଦଶାହରେ ସ୍ମୃତିସଭା, ସ୍ଥାନ: ଆଳମଙ୍ଗା, ଷେଣ୍ଡିତିରା, ବନ୍ତ, ସମୟ: ଅପରାହ୍ନ ୧ଟା।

## କେନ୍ଦୁଝର

- ବିଷ୍ଣୁପ୍ରିୟା ବାଳାଶ୍ରମରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ:ଛେନାପଦୀ,ହାଟଡିହୀ,ସମୟ: ଅପରାହ୍ନ ୧ଟା।
- ଶ୍ରୀ ଶିବ ପବିତ୍ରାରୋପଣ ଏବଂ ଭଜନ ସମାରୋହ,ସ୍ଥାନ:ହାବଳେଶ୍ୱର, ମୁରୁପୁର, ଅକରୁଆ, ବଂଚୋ, ହାଟଡିହୀ, ସମୟ:ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବେତନଟୀ, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷ,ସମୟ: ସକାଳ ୯ଟା ୩୦।
- ଗଞ୍ଜାମ କଳା ପରିଷଦର ୬୭ତମ ବାର୍ଷିକ ଉତ୍ସବ,ସ୍ଥାନ: କବିସୂର୍ଯ୍ୟ ରଙ୍ଗମଞ୍ଚ, ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଶାନ୍ତିଶକ୍ତି ଭବନ, ଆସିକା ବସଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା ୩୦।

## ରାୟଗଡ଼ା

- ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ଶୋଭାଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଅନୁସୂଚିତ ଜାତି ଓ ଜନଜାତି ମିଳିତ ମଞ୍ଚର ଖବରଦାତା ସମ୍ମିଳନୀ, ସ୍ଥାନ: ରାସ୍ତା ଓ ଗୃହ ନିର୍ମାଣ ବଙ୍ଗଳା, ନବରଙ୍ଗପୁର, ସମୟ : ଅପରାହ୍ନ ୪ଟା।

## କୋରାପୁଟ

- ପ୍ରଗତି ପକ୍ଷରୁ ଜମିରେ ଜୈବିକ ସାର ପ୍ରୟୋଗ ନେଇ ତାଲିମ ଶିବିର, ସ୍ଥାନ: କୋରାପୁଟ ବ୍ଲକର ଦୟାନିଧିଗୁଡ଼ାସ୍ଥିତ ରିସର୍ଚ୍ଚ ସେଣ୍ଟର ପରିସର,ସମୟ: ସକାଳ:୧୦ଟା।

## ସମ୍ବଲପୁର

- ହେପି ଫିଟ ସ୍ପୋର୍ଟ ପକ୍ଷରୁ ଗଣଦୌଡ, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୭ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ମା' ମେଟାକାନୀ ଫୁଟବଲ ଟୁର୍ନାମେଣ୍ଟ କବରାପାଲି ବନାମ ଡେଙ୍ଗିମାଛା, ସ୍ଥାନ : ଡାକଡେରା ଖେଳ ପଡ଼ିଆ, ସମୟ : ଅପରାହ୍ନ ୧ଟା।
- ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ୍ ପର୍ଯ୍ୟାୟ ଫୁଟବଲ ମ୍ୟାଚ– ବାମରା କ୍ରୀଡା ସଂଘ ବନାମ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର

- ଜେଏସ୍‌ଏମ୍ କମର୍ସ କଲେଜର ଗ୍ରାଜୁଏଶନ୍ ସେରିମନି,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ଜନକପୁରୀ ମହାଦେବ ମନ୍ଦିରରେ ମହାମୃତ୍ୟୁଞ୍ଜୟୀ ଜପ ଓ ମହାଜଳଶାୟୀ, ସ୍ଥାନ: ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ପୁରାତନ ଛାତ୍ରଙ୍କ ବୈଠକ, ସ୍ଥାନ: ଖଣ୍ଡହତା ଇନ୍ଦିରାଗାନ୍ଧୀ ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଶ୍ରୀମଦ୍ ଭାଗବତ ଗୀତା ସମ୍ପର୍କିତ କୁଇଜ୍, ସ୍ଥାନ: ବାଜି ରାଉତ ଶିକ୍ଷା ନିକେତନ, ସେକ୍ଟର–୩, ସମୟ: ସକାଳ ୯ଟା ୩୦।
- ଆମ୍ ଆଦମୀ ପାର୍ଟି ବୈଠକ, ସ୍ଥାନ: ଏମ୍––୨୭ ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା ୩୦।
- ଅନ୍ୱେଷା ପକ୍ଷରୁ ଦଶମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜ ଭବନ, ସେକ୍ଟର––୫, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କଲ୍ୟାଣ ମଣ୍ଡପ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ଝୁଲଣଯାତ୍ରା ଦିବସ ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ଼, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଯୁବ ସ୍ୱାଭିମାନ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ସ୍ୱାଗତ ଆଇଟିସି ଭବାନୀପାଟଣା, ସମୟ: ସକାଳ ୯ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଶ୍ରାବଣୀ ଉପାକର୍ମ ମହାପର୍ବ ପାଳନ ଉପଲକ୍ଷେ ଚତୁର୍ବେଦ ପାରାୟଣ ମହାଯଜ୍ଞ, ସ୍ଥାନ: ନୂଆପଡା ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ ଗାଁ, ସମୟ: ସକାଳ ୭ଟା।
- ମହିଳା ଉତ୍‌ଥାନ ମଣ୍ଡଳ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ଜେଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଯୋଗ ଓ ଉଚ୍ଚ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ବ୍ଲକ କୋଟେନଚୂଆଁ ଆଶ୍ରମ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ହେଲଥ୍ କ୍ୟାମ୍ପ, ସ୍ଥାନ: ଅନୁଗୋଳ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟ୍‌ବଲ ଫାଇନାଲ ମ୍ୟାଚ, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ନୟାଗଡ଼ ଜିଲା ଲେଖକ ପରିଷଦ ପକ୍ଷରୁ ବର୍ଷାକାଳୀନ ସାହିତ୍ୟ ଆସରରେ କ୍ଷୁଦ୍ର କବିତା, ଅଣୁଗଳ୍ପ ପଠନ ଓ ସାହିତ୍ୟ ଆଲୋଚନା, ସ୍ଥାନ:ନୟାଗଡ଼ ବ୍ଲକର ନୂତନ ସଭାଗୃହ, ସମୟ: ସକାଳ ୯ଟା୩୦।
- ବୋଲବମ ସଂଘ ପକ୍ଷରୁ କଟକର ଭଜନ ସମାରୋହ, ସ୍ଥାନ:ନୟାଗଡ଼ ସହରର ରାଜୀବ ମାର୍କେଟ , ସମୟ: ସନ୍ଧ୍ୟା ୬ଟା।
- ଗୋପୀନାଥଙ୍କ ଝୁଲଣ ପର୍ବର ତୃତୀୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହର , ସମୟ: ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଝୁଲଣ ପର୍ବର ତୃତୀୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହର , ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ:ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ:ସକାଳ ୮ଟା।
- ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲିଷ୍ଟସ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ:ସଂସ୍କୃତି ଭବନ, ଉଦୟନଗର, ତିନିମୁହାଣୀ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ, ସମୟ: ସକାଳ ୯।
- ଚୋରଦା ଗ୍ରାମରେ ରାଧା କୃଷ୍ଣଙ୍କ ଝୁଲଣ ଯାତ୍ରା ଉତ୍ସବ, ସ୍ଥାନ – ଯାଜପୁର ରୋଡ ମା' ହରଚଣ୍ଡୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଏକାଧାରରେ ପାରିବାରିକ ସଦ୍ଭାବ, ବନ୍ଧୁମିଳନ, ନୂତନ ବସ୍ତ୍ରାଳଙ୍କାର ପ୍ରାପ୍ତିର ସୌଭାଗ୍ୟ ଅର୍ଜନ କରିବେ। କିନ୍ତୁ ପୂ–ନାମାକ୍ଷର ବ୍ୟକ୍ତିଙ୍କ ସହ କଳହ କିମ୍ବା ସମସ୍ୟା ସୃଷ୍ଟି ହୋଇପାରେ। ଆଶଙ୍କା କରୁଥିବା ବିବାଦୀୟ ଘଟଣାରେ ସେମିତି କିଛି ଘଟିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବୃଷ** – ଶାରୀରିକ ସ୍ୱାସ୍ଥ୍ୟ, ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ସମସ୍ୟା ଲାଗି ରହିବ। ଘରର କେତେକ ଅଛୁଆ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦୂର ହେବ। ହାତ ଖାଲି ରହିବା ଫଳରେ ନୂତନ କାମ ସୁବିଧାରେ ହେବା କଷ୍ଟକର ହୋଇପାରେ।

**ମିଥୁନ** – ସମ୍ମାନର ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଓ ବନ୍ଧୁଙ୍କ ପ୍ରଶଂସା ହେତୁ ଖୁସି ରହିବେ। ଅର୍ଥଲାଭ, ସୁମିଷ୍ଟ ଭୋଜନ, ସ୍ନେହ, ଶ୍ରଦ୍ଧା ଓ ଅନୁରାଗ ପାଇବା ସହ ବନ୍ଧୁମିଳନରୁ ଖୁସି ରହିବେ। ଅଯଥା ବଡ଼ଭାଇପଣିଆ ଦେଖାଇଲେ ମନ୍ଦଫଳ ଭୋଗିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**କର୍କଟ** – ଆଜି ଦିନଟି ବହୁତ ଭଲରେ ଅତିବାହିତ ହେବ। ସହାନୁଭୂତିଶୀଳ ବ୍ୟବହାର, ସାହାଯ୍ୟକାରୀ ମନୋବୃତ୍ତି ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆପଣ ଖାଇବା ପିଇବାରେ ଅବହେଳା କରି ନିଜର ସ୍ୱାସ୍ଥ୍ୟ ପାଇଁ ନିଜେହିଁ ବାଧକ ସାଜିବେ। ଯାତ୍ରା ସମୟରେ ଭ–ନାମାକ୍ଷର ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି।

**ସିଂହ** – କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ସଭାସମିତିରେ ପ୍ରଶଂସା, ଆର୍ଥିକ ଉନ୍ନତି ଯୋଗୁ ମନ ଖୁସି ରହିବ। ବନ୍ଧୁମିଳନ ସାଙ୍ଗକୁ ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚାନ୍ତ ହେବେ। ଯେକୌଣସି ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** – କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାମ୍ବାଦିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ସ୍ଥଗିତ କାମକୁ ପୂରା କରିବାରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** – ଆଜି ବନ୍ଧୁମିଳନ, ସହକର୍ମୀଙ୍କ ସଦିଚ୍ଛା, ଯାତ୍ରାରେ ବନ୍ଧୁସମ୍ପର୍କ ସ୍ଥାପନ କରିପାରିବେ। ବିଶାଖା ନକ୍ଷତ୍ର ପାଇଁ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ସାହିତ୍ୟ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ କର୍ମାରମ୍ଭ ସକାଶେ ନିଷ୍ପତ୍ତି ବଦଳାଇ ପାରନ୍ତି।

**ବିଛା** – ବନ୍ଧୁମାନେ ନୂଆ ନୂଆ କାମ କରିବା ପାଇଁ ପ୍ରେରଣା ଯୋଗାଇବେ। ପରିବାର ଭିତରେ ସାଧାରଣ କଥାରେ ରାଗି ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ସଙ୍ଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** – କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ କୌଣସି କାମ ଅଟକି ରହିବ ନାହିଁ। ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ସାହାଯ୍ୟ, ସହଯୋଗ କରିବା ସକାଶେ ବାଧ ହେବେ। ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପରୋକ୍ଷ ଶତ୍ରୁତା କାରଣରୁ କାମଟିକୁ ସମ୍ପନ୍ନ କରିପାରିବେ ନାହିଁ।

**ମକର** – ସ୍ୱାସ୍ଥ୍ୟ ସମସ୍ୟା ପୂର୍ବାପେକ୍ଷା ସାମାନ୍ୟ ପ୍ରଶମିତ ହେବାର ଅନୁଭବ କରିବେ। ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦୀର୍ଘ ଦିନରୁ ଲାଗି ରହିଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କୁମ୍ଭ** – ପାରିବାରିକ ସମସ୍ୟା ଲାଗି ରହିଥିବାରୁ ଅଧିକାଂଶ ସମୟ ମାନସିକ ଅସୁସ୍ଥତା ଲାଗି ରହିବ। ପଡ଼ୋଶୀମାନେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା କଳହ କରିପାରନ୍ତି। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରିବା ଭଲ ହେବ। ଦେହରେ ବସା ବାନ୍ଧି ରହିଥିବା ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ।

**ମୀନ** – ବୃହସ୍ପତିଙ୍କ ଶୁଭଦୃଷ୍ଟି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଅଟକି ରହିଥିବା କାମ ସମ୍ପନ୍ନ ହେବ ଏବଂ ଆର୍ଥିକ ଦିଗଟି ବହୁତ ଭଲ ରହିବ। ଆବଶ୍ୟକତା ପରିପ୍ରେକ୍ଷୀରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବନ୍ଧୁଙ୍କ ସହ ଦୀର୍ଘ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

ଆଜି ଅଗଷ୍ଟ ୧୮ ତାରିଖ, ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶିବ ପବିତ୍ରାରୋପଣ, ରାଶିନକ୍ଷତ୍ର– ଦିବା. ଘ.୧୦।୧୩ ପର୍ଯ୍ୟନ୍ତ ଉତ୍ତରାଷାଢ଼ା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୧ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୪ ଗତେ ଘ.୦୬।୦୯ ମଧ୍ୟେ ରାହୁକାଳ।




## ବୌଦ୍ଧକୁ ପରୀକ୍ଷାମୂଳକ ଭାବେ ଗଡ଼ିଲା ଟ୍ରେନ୍ ଇଞ୍ଜିନ

### ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ଶେଷ

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ନିର୍ମାଣାଧୀନ ଖୋର୍ଦ୍ଧାରୋଡ୍–ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ୧୬.୨୭ କି.ମି. ଝରମୁଣ୍ଡା–ବୌଦ୍ଧ ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଶନିବାର ଏହି ନୂଆ ଲାଇନ୍‌ରେ ଟ୍ରେନ୍ ଇଞ୍ଜିନ୍ ପରୀକ୍ଷାମୂଳକ ଭାବେ ବୌଦ୍ଧକୁ ଚଳାଚଳ କରିଛି। ଏହା ବ୍ୟତୀତ ୨୯.୭୫ କି.ମି. ସୋନପୁର–ପୁରୁଣାପାଣି–ଝରମୁଣ୍ଡା ରେଳ ସେକ୍ସନରେ ମଧ ପୂର୍ବରୁ ରେଳ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଏହାକୁ ମିଶାଇ ଖୋର୍ଦ୍ଧା ରୋଡ–ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କି.ମି. ମଧ୍ୟରୁ ୧୮୩ କି.ମି. ରେଳ ଲାଇନ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି। ପ୍ରକଳ୍ପ ନିର୍ମାଣ ଶୀଘ୍ର ଶେଷ କରିବାକୁ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧାରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କି.ମି. ଏବଂ ବଲାଙ୍ଗୀରରୁ ଝରମୁଣ୍ଡା ପର୍ଯ୍ୟନ୍ତ ୭୭ କି.ମି. ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇଛି। ତେବେ ଝରମୁଣ୍ଡାଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୬.୨୭ କି.ମି. ରେଳ ମାର୍ଗର ନିର୍ମାଣ ଶେଷ ହୋଇଥିବାବେଳେ ବୌଦ୍ଧଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୨୭ କି.ମି.ର ରେଳ ଲାଇନ୍ ନିର୍ମାଣ ଶୀଘ୍ର ଶେଷ ହେବ ବୋଲି ଆଶା କରାଯାଉଛି। ସୋନପୁର–ପୁରୁଣାପାଣି–ଝରମୁଣ୍ଡା ରେଳ ସେକ୍ସନରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୭ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୪ ରୋଡ୍ ଓଭର ବ୍ରିଜ୍(ଆରଓବି), ୨୨ ରୋଡ୍ ଅଣ୍ଡର ବ୍ରିଜ୍(ଆରୟୁବି), ସୀମିତ ଉଚ୍ଚତା ସବ୍‌ୱେ (ଏଲ୍‌ଏଚ୍‌ଏସ୍) ଏବଂ ୬୫ ଛୋଟ ବ୍ରିଜ୍ ରହିଛି। ଏହାବ୍ୟତୀତ ଝରମୁଣ୍ଡା–ବୌଦ୍ଧ ରେଳ ସେକ୍ସନ ମଧ୍ୟରେ ୬ ଗୁରୁତ୍ୱପୂର୍ଣ୍ଣ ବ୍ରିଜ, ଗୋଟିଏ ଆର୍‌ଓବି, ୧୨ ଆର୍‌ୟୁବି ଏବଂ ୩୭ ଛୋଟ ବ୍ରିଜ୍ କାମ ରହିଛି। ଏହାଦ୍ୱାରା ବୌଦ୍ଧ ଜିଲା ମୁଖ୍ୟାଳୟ ବର୍ତ୍ତମାନ ରେଳ ନେଟ୍‌ୱର୍କ ମାଧ୍ୟମରେ ପଶ୍ଚିମ ଓଡିଶା ସହ ସଂଯୋଗ ହୋଇପାରିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାସ୍ଥ୍ୟସେବା ବ୍ୟାହତ...

ଓଡ଼ିଶା ସମେତ ସାରା ଦେଶରେ ସରକାରୀ, ଘରୋଇ ଏବଂ କର୍ପୋରେଟ୍ ହସ୍ପିଟାଲର ଡାକ୍ତରମାନେ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ର କରିଛନ୍ତି। ଓଡ଼ିଶାର ସବୁ ଜିଲାରେ ଆନ୍ଦୋଳନର ପ୍ରଭାବ ପଡ଼ିଛି। ଜରୁରିକାଳୀନ ସେବାକୁ ଛାଡ଼ିଦେଲେ ଅନ୍ୟସବୁ ଚିକିତ୍ସା ସେବା ପ୍ରାୟତଃ ବନ୍ଦ ଥିବାରୁ ରୋଗୀ ହନ୍ତସନ୍ତ ହୋଇଛନ୍ତି। ବିଶେଷକରି ସରକାରୀ ହସ୍ପିଟାଲରେ ରୋଗୀମାନେ ଚିକିତ୍ସା ନ ପାଇ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଭୁବନେଶ୍ୱରସ୍ଥିତ ଏମ୍ସ, କ୍ୟାପିଟାଲ ହସ୍ପିଟାଲ, ରାଜ୍ୟ ବୀମା ହସ୍ପିଟାଲ, କଟକ ଏସ୍‌ସିବି ମେଡିକାଲ, ବୁର୍ଲା ଭିମ୍‌ସାର, ବ୍ରହ୍ମପୁର ଏମ୍‌କେସିଜି, ବାଲେଶ୍ୱର ଫକୀର ମୋହନ ସମେତ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ସେବା ପ୍ରଭାବିତ ହୋଇଛି। ଆଉଟ୍‌ପେସେଣ୍ଟ ଡିପାର୍ଟମେଣ୍ଟ (ଓପିଡି) ସେବା ସହ ଅଣଜରୁରୀ ପରୀକ୍ଷା ବନ୍ଦ ରହିଥିବାରୁ ରୋଗୀମାନେ ହସ୍ପିଟାଲ ଆସି ନିରାଶରେ ଫେରୁଛନ୍ତି। ସେପଟେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ରେସିଡେଣ୍ଟ ଡାକ୍ତର ଏବଂ ଜୁନିୟର ଡାକ୍ତରମାନେ ଚେତାବନୀ ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଡାକ୍ତରମାନେ ଓପିଡି ସେବା ବନ୍ଦକରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନରତ ଜଣେ ଡାକ୍ତରୀ ଛାତ୍ରୀ କହିଛନ୍ତି, ରୋଗୀ ସେବା ଆମର ପ୍ରଥମ କର୍ତ୍ତବ୍ୟ। କିନ୍ତୁ ଜନସାଧାରଣଙ୍କୁ ବି ଆମ ଦୁଃଖ ବୁଝିବାକୁ ପଡ଼ିବ। ଆମ ମା'ବାପା ଆମକୁ ପାଠ ପଢ଼ାଇ ଚାକିରି ପାଇଁ ବାହାରକୁ ଛାଡୁଛନ୍ତି। ଆମେ ସୁରକ୍ଷିତ ନ ରହିଲେ ଚିକିତ୍ସା ସେବା ଦେବୁ କିଭଳି। ଆମେ କୌଣସି ଜରୁରିକାଳୀନ ସେବା ବନ୍ଦ କରିନାହୁଁ। କେବଳ ଓପିଡି ସେବା ବନ୍ଦ ରଖିଛୁ। ଆଉ ଜଣେ ଡାକ୍ତରୀ ଛାତ୍ରୀ କହିଛନ୍ତି, ହସ୍ପିଟାଲ ସୁରକ୍ଷିତ ସ୍ଥାନ ବୋଲି ଆମେ ଭାବୁଥିଲୁ। କିନ୍ତୁ କୋଲକାତା ଘଟଣା ପରେ ଏବେ ନାଇଟ୍ ଡ୍ୟୁଟି ନାଁ ଶୁଣିଲେ ଭୟ ଲାଗୁଛି। ଆଗରୁ ମୁଁ ବହୁତ ନାଇଟ୍ ଡ୍ୟୁଟି କରିଛି। କିନ୍ତୁ ଏବେ ତାହା କରିବା ପାଇଁ ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଦାବି ପୂରଣ ନ ହେବା ଯାଏ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ଏମ୍ସ ଭୁବନେଶ୍ୱରର ରେସିଡେନ୍ସ ଡାକ୍ତର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱରର ବିଭିନ୍ନ ସରକାରୀ ହସ୍ପିଟାଲ ସହ ଘରୋଇ ହସ୍ପିଟାଲଗୁଡ଼ିକରେ ମଧ ଡାକ୍ତରମାନେ ଧାରଣା ଦେବା ସହ ପ୍ଲାକାର୍ଡ, ବ୍ୟାନର, କ୍ୟାଣ୍ଡେଲ ଧରି ବିକ୍ଷୋଭ ଓ ରାଲି କରିଥିଲେ। ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଓ ଡାକ୍ତରଙ୍କ ସୁରକ୍ଷା ଦାବି କରିଥିଲେ। ଡାକ୍ତରଙ୍କର ଏହି ଆନ୍ଦୋଳନ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, କୋଲକାତାର ଘଟଣା ପାଇଁ ସାରା ଦେଶ ଦୁଃଖିତ। ଏହାର ପ୍ରତିବାଦରେ ଆଇଏମ୍‌ଏ ଡାକରାରେ ଆନ୍ଦୋଳନ ତୀବ୍ର ହୋଇଛି। ଏଥିପ୍ରତି ଆମେ ଦୃଷ୍ଟି ଦେଉଛୁ। ବିଭିନ୍ନ ଡାକ୍ତରୀ ସଂଘ ସହିତ ଆମେ ଲଗାତର ଯୋଗାଯୋଗରେ ଅଛୁ। ରୋଗୀ ସେବା ଯେଭଳି ବାଧାପ୍ରାପ୍ତ ନ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଆମେ ଅନୁରୋଧ କରିଛୁ। ଡାକ୍ତର ଆନ୍ଦୋଳନ ଯୋଗୁ ଦିଲ୍ଲୀର ବଡ଼ ହସ୍ପିଟାଲଗୁଡ଼ିକରେ ଓପିଡି ସେବା ବନ୍ଦ ରହିଥିଲା। ଗୁରୁ ତେଗ୍ ବାହାଦୁର, ରାମମନୋହର ଲୋହିଆ, ଡିଡିୟୁ ହସ୍ପିଟାଲ ସମେତ ଏମ୍ସରେ ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ଝାଡ଼ଖଣ୍ଡରେ ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲର ଡାକ୍ତରମାନେ ଧର୍ମଘଟରେ ସାମିଲ ହୋଇଥିଲେ। ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରମାନେ ଧାରଣାରେ ବସିଥିଲେ। ଚେନ୍ନାଇରେ ଡାକ୍ତରମାନେ କାର୍ଯ୍ୟ ବର୍ଜନ ବିକ୍ଷୋଭ କରିବାରୁ ସରକାର ଓ ଘରୋଇ ହସ୍ପିଟାଲଗୁଡ଼ିକରେ ବହିର୍ବିଭାଗ ରୋଗୀସେବା ବନ୍ଦ ରହିଥିଲା। ଆଇଏମ୍‌ଏର ଚଣ୍ଡିଗଡ଼ ଶାଖା ଓପିଡି ସେବା ବନ୍ଦ କରି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ବେଙ୍ଗାଲୁରୁରେ ୧,୦୦୦ରୁ ଉର୍ଦ୍ଧ୍ୱ ଡାକ୍ତର ଆଇଏମ୍‌ଏ ଅଫିସରେ ବିକ୍ଷୋଭରେ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

## ବଜ୍ରପାତ:୧୧ ମୃତ...

ଖବର ଅନୁଯାୟୀ ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା ଓ ଗଞ୍ଜାମ ଆଦି ଜିଲାରୁ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ବାଲିଆପାଳରେ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି କେନ୍ଦୁଝରରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ, ମୟୂରଭଞ୍ଜରେ ଦୁଇଜଣଙ୍କ ମୃତ୍ୟୁ ଏବଂ ଭଦ୍ରକରେ ଦୁଇଜଣଙ୍କ ମୃତ୍ୟୁ ଓ ଦୁଇଜଣ ଆହତ ହୋଇଥିବା ଖବର ମିଳିଛି। ଅଧିକାଂଶ ବିଲରେ କାମ କରୁଥିବାବେଳେ ବଜ୍ରପାତର ଶିକାର ହୋଇଥିବାବେଳେ କେନ୍ଦୁଝରରେ ଜଣେ ବ୍ୟକ୍ତି ଘରେ ଥିବାବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏପରି କି ୩ଜଣ ଘରେ ଥିବାବେଳେ ମଧ ବଜ୍ରପାତର ଶିକାର ହୋଇ ଆହତ ହୋଇଛନ୍ତି। ବଜ୍ରପାତରେ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସେପଟେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତାଳଚେରରେ ସର୍ବାଧିକ ୫୫ମି.ମି. ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୭.୪, ସୁନ୍ଦରଗଡ଼ରେ ୨୭.୭, ବଲାଙ୍ଗୀର ୨୫.୫, ଭଦ୍ରକ ୧୪, ସୋନପୁର ୧୩.୮, କଟକ ୧୨.୨, ମାଲକାନଗିରି ୧୧.୪, ଭଦ୍ରକ ୧୪, ଅନୁଗୋଳରେ ୨୨ମି.ମି. ବର୍ଷା ରେକର୍ଡ ହୋଇଛି। ଏହିଭଳି ବର୍ଷା ୨୦ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲାରେ ୭୦ ରୁ ୧୧୦ମି.ମି. ବର୍ଷା ହେବ ବୋଲି ଆକଳନ କରାଯାଇଛି। ତେବେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ହେବାର ଆଶଙ୍କା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

## ଡାକ୍ତରଙ୍କ ୫ ଦାବି

ଆଇଏମ୍‌ଏ ପକ୍ଷରୁ ସରକାରଙ୍କ ନିକଟରେ ୫ଟି ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ହେଲା ଡାକ୍ତର ଏବଂ ହସ୍ପିଟାଲ ଉପରେ ହେଉଥିବା ହିଂସାକୁ ସ୍ୱୀକାର କରିବା ପାଇଁ ନୀତିଗତ ସ୍ତରରେ ପରିବର୍ତ୍ତନ ହେଉ। ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀମାନଙ୍କୁ ହିଂସାରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ଆଇନ ଲାଗୁ କରାଯାଉ। ସମସ୍ତ ହସ୍ପିଟାଲର ସୁରକ୍ଷା ପ୍ରୋଟୋକଲ ବିମାନବନ୍ଦରଠାରୁ କମ୍ ହେବା ଉଚିତ ନୁହେଁ। ଅନିବାର୍ଯ୍ୟ ସୁରକ୍ଷା ଅଧିକାର ସହ ହସ୍ପିଟାଲଗୁଡ଼ିକୁ ସୁରକ୍ଷିତ ଅଞ୍ଚଳ ଘୋଷଣା କରାଯାଉ। ସିସିଟିଭି, ସୁରକ୍ଷା କର୍ମୀ ନିୟୋଜିତ କରାଯିବା ସହ ପ୍ରୋଟୋକଲର ପାଳନ ହେଉ। ତୃତୀୟରେ ରେସିଡେଣ୍ଟ ଡାକ୍ତରମାନଙ୍କ ପାଇଁ ୩୬ ଘଣ୍ଟିଆ ଡ୍ୟୁଟି ଶିଫ୍ଟ, ବିଶ୍ରାମ ପାଇଁ ସୁରକ୍ଷିତ ସ୍ଥାନ ଓ ରେଷ୍ଟରୁମ୍‌ର ଅଭାବ ଏବଂ ଅତ୍ୟଧିକ କାର୍ଯ୍ୟ ଚାପ ଓ ଜୀବନଶୈଳୀକୁ ନେଇ ଆଇଏମ୍‌ଏ ଚିନ୍ତାବ୍ୟକ୍ତ କରିଛି। କୋଲକାତା ହସ୍ପିଟାଲର ଟ୍ରେନି ଡାକ୍ତରଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ଉପଯୁକ୍ତ ପେସାଦାର ତଦନ୍ତ କରାଯାଉ। ହସ୍ପିଟାଲରେ ଭଙ୍ଗାରୁଜା କରିଥିବା ଅପରାଧୀମାନଙ୍କୁ ଚିହ୍ନଟ କରାଯାଇ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ। ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ତଥା ମର୍ଯ୍ୟାଦାଜନକ କ୍ଷତିପୂରଣ ପ୍ରଦାନ ପାଇଁ ଆଇଏମ୍‌ଏ ଦାବି କରିଛି।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ପାଇଁ କମିଟି ଗଢ଼ିବ କେନ୍ଦ୍ର

ନୂଆଦିଲ୍ଲୀ,୧୭।୮ (ପି.ଟି.)

ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବା ଲାଗି ଏକ କମିଟି ଗଠନ କରିବାକୁ ଶନିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ରାଜ୍ୟ ସରକାରଙ୍କ ସମେତ ସମସ୍ତ ପକ୍ଷ କମିଟି ନିକଟରେ ସେମାନଙ୍କ ପ୍ରସ୍ତାବ ରଖିବା ପାଇଁ ଆହ୍ୱାନ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ପ୍ରତିବାଦରେ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହେବାରୁ ରୋଗୀସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ଦେଶରେ ଡେଙ୍ଗୁ ତଥା ମ୍ୟାଲେରିଆ ମାମଲା ବଢୁଥିବାବେଳେ ବୃହତ୍ତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିବେଦନ କରିଛି। କୋଲକାତା ଘଟଣାକୁ ନେଇ ଫେଡେରେଶନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ (ଏଫ୍‌ଓଆର୍‌ଡିଏ), ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ), ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଦିଲ୍ଲୀର ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ ପ୍ରତିନିଧିମାନେ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟିଛନ୍ତି। କାର୍ଯ୍ୟସ୍ଥଳରେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସେମାନେ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରଣାଳୟ ପ୍ରତିଶ୍ରୁତି ଦେଇଛି।

# ମଧ୍ୟାହ୍ନଭୋଜନ ଖାଇ ୬୦ ଛାତ୍ରୀଛାତ୍ର ଅସୁସ୍ଥ

**ଝାରସୁଗୁଡ଼ା, ୧୭।୮ (ସଞ୍ଜୟ ମାଲି)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ୍ ଜମେରା ଗ୍ରାମରେ ଥିବା ୟୁଜିଏମ୍ଇ ସ୍କୁଲରେ ଶନିବାର ମଧ୍ୟାହ୍ନଭୋଜନ ଖାଇବା ପରେ ୬୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଝାରସୁଗୁଡ଼ାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସମସ୍ତଙ୍କୁ ସନ୍ଧ୍ୟାରେ ଛାଡ଼ିଦିଆଯାଇଛି।

ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଛାତ୍ରୀଛାତ୍ର ପଢୁଛନ୍ତି। ସକାଳେ ଉକ୍ତ ସ୍କୁଲକୁ ଛାତ୍ରୀଛାତ୍ର ପଢ଼ିବାକୁ ଆସି ମଧ୍ୟାହ୍ନଭୋଜନ କରିଥିଲେ। ସେମାନଙ୍କୁ ଭାତରେ ଅଣ୍ଡା ତରକାରି ଦିଆଯାଇଥିଲା। ଖାଇବା ପରେ ୬୦ ଛାତ୍ରୀଛାତ୍ର ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ପେଟବଥା, ମୁଣ୍ଡ ବୁଲାଇଥିଲା। ୨୫ଜଣ ଗୁରୁତର ହୋଇପଡ଼ିଥିଲେ। ଏହା ଦେଖି ଶିକ୍ଷକମାନେ ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ସହାୟତାରେ ୨୫ଜଣଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୫ଜଣଙ୍କୁ ଛାଡ଼ିଦିଆଯାଇଥିଲା। ୧୦ଜଣ ଚିକିତ୍ସାଧୀନ ଥିବାବେଳେ ସୁସ୍ଥ ଅନୁଭବ କରିବାରୁ ସନ୍ଧ୍ୟାରେ ଛାଡ଼ି ଦିଆଯାଇଛି। ଖାଦ୍ୟ ବିଷାକ୍ତ ହୋଇଥିବାରୁ ଏପରି ହୋଇଥିବା ଝାରସୁଗୁଡ଼ା ସିଡିଏମ୍ଓ ଜୟକୃଷ୍ଣ ନାୟକ କହିଛନ୍ତି।

ଏହି ଘଟଣା ନେଇ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। କେତେଜଣ ଅଭିଭାବକ ସ୍କୁଲ ପରିସରରେ ପାଟିତୁଣ୍ଡ କରିଥିଲେ। ଘଟଣାର ତଦନ୍ତ ଦାବି କରିଥିଲେ। ଝାରସୁଗୁଡ଼ା ଜିଲାପାଳ ଅବଲୀ ସୁନୀଲ ନରୱଣେଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।


ଅସୁସ୍ଥ ଛାତ୍ରୀଛାତ୍ର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# କୋଟିଆରେ ପୁଣି ପଶିଲା ଆନ୍ଧ୍ର

**ପଟ୍ଟାଙ୍ଗି, ୧୭।୮ (ଶରତ ଧଳ)**

ଦୀର୍ଘଦିନ ଧରି ନୀରବ ରହିବା ପରେ ପୁଣି ଆନ୍ଧ୍ର ଓଡ଼ିଶା ସୀମାନ୍ତ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିଛି। ନିର୍ବାଚନ ସରିବାର ୩ ମାସ ପରେ ଆନ୍ଧ୍ରରେ ନିର୍ବାଚିତ ନୂତନ ସରକାରଙ୍କ କର୍ମଚାରୀମାନେ କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରି ଶନିବାର ନାଟକ ମାଧ୍ୟମରେ ସୀମାନ୍ତବାସୀଙ୍କୁ ସଚେତନ କରିଛନ୍ତି। ପଞ୍ଚାୟତର ନେରେଡିବାଲସା ଗ୍ରାମରେ ଆନ୍ଧ୍ର କର୍ମଚାରୀମାନେ ପହଞ୍ଚି ତେଲୁଗୁ ଭାଷାରେ ନାଟକ ପରିବେଷଣ କରି ଲୋକମାନଙ୍କୁ ସଚେତନ କରିଥିଲେ। ଏପରି କି ଉକ୍ତ ଗ୍ରାମରେ ଆନ୍ଧ୍ରର ଏପିଜିଭିବି ବ୍ୟାଙ୍କ ଅର୍ଥନୈତିକ ସାକ୍ଷରତା ଶିବିର କରି ସୀମାନ୍ତବାସୀଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ କରିଛି। ଏନେଇ ଓଡ଼ିଶାର ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଏ ସମ୍ପର୍କରେ ଖବର ପାଇଛି। ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।


ନେରେଡିବାଲାସା ଗ୍ରାମରେ ଆନ୍ଧ୍ର ଅଧିକାରୀମାନଙ୍କ ଉପସ୍ଥିତିରେ ଜଣେ କଳାକାର ଅଭିନୟ କରି ଲୋକଙ୍କୁ ସଚେତନ କରୁଛନ୍ତି।

# ସିଟି ଆଣ୍ଡ୍ ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**କଟକ/ନିରାକାରପୁର, ୧୭।୮ (କାର୍ତ୍ତିକ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

## ଜବତ ସ୍କ୍ରାପ୍ ବିକି ୫,୮୫,୩୫୬ ଟଙ୍କା ହେରଫେର

ଯାଜପୁର ସିଟି ଆଣ୍ଡ୍ ଜିଏସ୍‌ଟିରେ ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଛି। ଭିଜିଲାନ୍ସର ୫ଟି ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ କରିଛି। ତ୍ରିପାଠୀଙ୍କ ନାମରେ ବଡ଼ ଧରଣର ସରକାରୀ ଅର୍ଥ ହେରଫେର ନେଇ ଅଭିଯୋଗ ହୋଇଛି। ସ୍କ୍ରାପ୍ ମ୍ୟାଟେରିଆଲ ବୋଝେଇ ଗାଡ଼ି (ନଂ. ଓଡି୦୪ଏଲ୍-୨୨୩୩)ରୁ ଟ୍ୟାକ୍ସ ଓ ଜରିମାନା ଆଦାୟ ନ କରି ବେଆଇନ ଭାବେ ଛାଡ଼ିଦେବା ଦ୍ୱାରା ସରକାରଙ୍କର ୫,୮୫,୩୫୬ ଟଙ୍କା କ୍ଷତି ହୋଇଛି। ଭିଜିଲାନ୍ସ କଟକ ଡିଭିଜନ ପକ୍ଷରୁ ଏହାର ଯାଞ୍ଚ ଆରମ୍ଭ ହୋଇଛି।

ସୂଚନା ଅନୁସାରେ, ତ୍ରିପାଠୀ ଗତ ମେ' ୭ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ସ୍କ୍ରାପ୍ ବୋଝେଇ ହୋଇ ଯାଉଥିବା ଏକ ଗାଡ଼ିକୁ ଯାଜପୁର ରେଭେଣାଠାରେ ଅଟକାଇଥିଲେ। ଉକ୍ତ ଗାଡ଼ିରେ ଆନୁମାନିକ ୮,୮୯,୬୦୦ ଟଙ୍କାର ପ୍ରାୟ ୨୨,୨୪୦ କେଜି ସ୍କ୍ରାପ୍ ବୋଝେଇ ହୋଇଥିଲା। ଗାଡ଼ି ସହ ସ୍କ୍ରାପ୍‌କୁ ଜବତ କରାଯାଇଥିଲା। ଏହାପରେ ତ୍ରିପାଠୀ ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ଏହି ସ୍କ୍ରାପ ପରିବହନ ନିମନ୍ତେ ୩,୨୦,୦୦୦ ଟଙ୍କାର ଟ୍ୟାକ୍ସ ଦାଖଲ କରିବାକୁ କହିଥିଲେ। ଅପରପକ୍ଷରେ ଗାଡ଼ି ଓ ସ୍କ୍ରାପ୍ ସାମଗ୍ରୀଗୁଡ଼ିକୁ ଛାଡ଼ି ଦେବା ପାଇଁ ବେଆଇନ ଭାବେ ୨,୫୦,୦୦୦ ଟଙ୍କା ସେ ମାଲିକଙ୍କଠାରୁ ଦାବି କରିଥିଲେ। ମାତ୍ର ଲାଞ୍ଚ ଅର୍ଥ ନ ମିଳିବାରୁ ଜିଏସ୍‌ଟି ଆଇନ୍‌କୁ ଉଲ୍ଲଂଘନ କରି ତ୍ରିପାଠୀ ଆଉ ଜଣେ ସ୍କ୍ରାପ୍ ଡିଲରଙ୍କୁ ଜବତ ହୋଇଥିବା ସମସ୍ତ ସ୍କ୍ରାପ୍ ବିକି ଟ୍ୟାକ୍ସ ଦେଇଦେଲେ। ଏହାପରେ ବାକି ୫,୮୫,୩୫୬ ଟଙ୍କାକୁ ହେର୍‌ଫେର୍ କରିଦେଲେ। ଏହିପରି ଭାବରେ ତ୍ରିପାଠୀ ଅନ୍ୟାନ୍ୟ ପରିବହନ ସଂସ୍ଥାଠାରୁ ଟ୍ୟାକ୍ସ ଛାଡ଼ କରିଦେବା ଆଳରେ ବହୁ ଲାଞ୍ଚ ଅର୍ଥ ଆଦାୟ କରୁଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେବେ ଭିଜିଲାନ୍ସ ତ୍ରିପାଠୀଙ୍କ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ସରକାରୀ ବାସଭବନ, ଖୋର୍ଦ୍ଧା ଜିଲା ନିରାକାରପୁର ପଦ୍ମପୁରସ୍ଥିତ ପୈତୃକ ବାସଭବନ ଓ ନିର୍ମାଣାଧୀନ ଫାର୍ମ ହାଉସ୍, ଭୁବନେଶ୍ୱର ବରମୁଣ୍ଡା ଉତ୍ତର ମୁଣ୍ଡମୁହାଣସ୍ଥିତ କୃଷ୍ଣପ୍ରିୟା ଆପାର୍ଟମେଣ୍ଟରେ ଫ୍ଲାଟ୍ ନଂ-୨୦୧, କେନ୍ଦ୍ରାପଡ଼ା ପାଟକୁରାର ଯଦୁପୁର ଗ୍ରାମରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସ କଟକ ଡିଭିଜନର ୭ ଜଣ ଡିଏସ୍‌ପି, ୧୪ ଇନ୍ସପେକ୍ଟରଙ୍କ ସମେତ ୨୫ରୁ ଅଧିକ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଛନ୍ତି।


ବିନୟ ଭୂଷଣ ତ୍ରିପାଠୀ

# ଲୁଣାନଦୀକୁ ଡେଇଁ ଯୁବକ ନିଖୋଜ

**ଡେରାବିଶ, ୧୭।୮ (ବେବର୍ତ୍ତା ଅଜୟ ଦାସ)**

## ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ୍ ବସୁପୁର ପୋଲ ଉପରୁ ଲୁଣାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ସଦର ଥାନା ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତ ନରିଲୋ ଗ୍ରାମର ସମ୍ବିତ୍ ଶେଖର ସ୍ୱାଇଁ (୩୮)। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନ ୧୨ଟାରେ ସମ୍ବିତ୍ ବସୁପୁର ପୋଲ ଉପରେ ବୁଲାବୁଲି କରୁଥିଲେ। ହଠାତ୍ ସେ ପୋଲ ବାଡ଼ା ଉପରେ ଚଢ଼ି ନଦୀକୁ ଡେଇଁପଡିଥିଲେ। ପୋଲ ଉପରେ ଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏହା ଦେଖି ଏକ ଡଙ୍ଗି ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିବା ପାଇଁ ବହୁ ଚେଷ୍ଟା କରିଥିଲେ। ମାତ୍ର ଭରାନଦୀ ଥିବାରୁ ତାହା ସମ୍ଭବ ହୋଇପାରି ନ ଥିଲା। ପରେ ସମ୍ବିତ୍‌ଙ୍କୁ ଉଦ୍ଧାର ପାଇଁ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ବୋଟ୍‌ରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। କେଉଁ କାରଣରୁ ସମ୍ବିତ୍ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କଲେ ସେ ସମ୍ପର୍କରେ ଜଣାପଡିନାହିଁ। ପାରିବାରିକ କଳହରୁ ସମ୍ଭବତଃ ଏଭଳି ଚରମ ପଦକ୍ଷେପ ନେଇଥାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ବିତ୍‌ଙ୍କ ୨ବର୍ଷର ଝିଅ ଅଛି। ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଓ ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି ମାଜିଷ୍ଟ୍ରେଟ ଦାୟିତ୍ୱରେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।


ସମ୍ବିତ୍ ଶେଖର ସ୍ୱାଇଁ

# ଚେନ୍ନାଇରେ ଢେଙ୍କାନାଳ ଶ୍ରମିକଙ୍କ ମୃତ୍ୟୁ

**ଢେଙ୍କାନାଳ, ୧୭।୮ (ରତନ ନାୟାର)**

## ସ୍ୱାମୀଙ୍କ ମୃତଦେହ ଆଣିବାକୁ ସ୍ତ୍ରୀ ପ୍ରଶାସନର ଦ୍ୱାରସ୍ଥ

ଚେନ୍ନାଇର ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁର ପଞ୍ଚାୟତ ପାଞ୍ଚକାହାଣିଆ ଗ୍ରାମର ମଣ୍ଟୁ ଦେହୁରୀ(୪୨)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମଣ୍ଟୁଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସୂଚନା ପରିବାରକୁ ଦିଆଯାଇ ନ ଥିବାବେଳେ କେବଳ ଫୋନ ଯୋଗେ ମୃତ୍ୟୁ ଖବର ଜଣାଇ ଦିଆଯାଇଛି। ଶୁକ୍ରବାର ଅପରାହ୍ନରେ ମଣ୍ଟୁଙ୍କ ଭଉଣୀ ପାଖକୁ ଏହି ଫୋନ୍ କଲ୍ ଆସିଥିଲା। ଖବରପାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଉକ୍ତ ଫୋନ ନମ୍ବରରେ ଯୋଗାଯୋଗ ସତ୍ତ୍ୱେ ଆଉ ଉତ୍ତର ମିଳୁନାହିଁ। ୪ଟି କନ୍ୟା ସନ୍ତାନ ଥିବା ମଣ୍ଟୁଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାରୁ ସେଠାରୁ ମୃତଦେହ କିପରି ଫେରାଇ ଆଣିବେ ତାହାକୁ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଶନିବାର ମୃତ ମଣ୍ଟୁଙ୍କ ସ୍ତ୍ରୀ ସୁବାନୀ ଦେହୁରୀ(୩୬) କୋଳରେ ୪ମାସର କନ୍ୟା ସନ୍ତାନଙ୍କୁ ଧରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଆଦିବାସୀ ଯୁବକ ମଣ୍ଟୁଙ୍କୁ ଏକ ମେସିନ ଚାପି ଦେଇଥିଲା ବୋଲି ଫୋନ କଲ୍ ଆସିଥିବା ବଡ଼ଭାଇ ଭୀମ ଦେହୁରୀ ଓ ସାଙ୍ଗ ଅଶୋକ ଦେହୁରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ତ୍ରୀ ସୁବାନୀ ପରିବାର ସଦସ୍ୟଙ୍କ ସହ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ସ୍ୱାମୀଙ୍କ ମୃତଦେହ ଚେନ୍ନାଇରୁ ଫେରାଇ ଆଣିବା ଓ ସହାୟତା ପ୍ରଦାନ କରିବା ପାଇଁ ଲିଖିତ ଦାବି କରିଥିଲେ। ସୁବାନୀଙ୍କ ପରିବାର ସହ ମଙ୍ଗଳପୁର ସରପଞ୍ଚ ଲିନା ଦାସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୌନ୍ଦର୍ଯ୍ୟାର ସ୍ମିତାରାଣୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଏ ନେଇ ଜିଲା ଶ୍ରମ ବିଭାଗ ସହ କଥାହୋଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୁବାନୀ ଓ ତାଙ୍କ ପରିବାର ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାର କହିଛନ୍ତି, ଚେନ୍ନାଇର ତମରା ପୌରାଞ୍ଚଳରେ ମଣ୍ଟୁ କାମ କରୁଥିଲେ ବୋଲି ଖବର ମିଳୁଛି। ଏ ସଂକ୍ରାନ୍ତରେ ସେଠାକାର ଶ୍ରମ କମିଶନର ଓ ଶ୍ରମ ଅଧିକାରୀଙ୍କୁ ଘଟଣାର ଖୋଳତାଡ କରିବା ପାଇଁ ଜଣାଇଛୁ।


ମୃତ ଶ୍ରମିକଙ୍କ ସ୍ତ୍ରୀ ସୁବାନୀ ଦେହୁରୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

**ଯୋଡ଼ା, ୧୭।୮ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ପିଡ଼ୋପୋଖରୀ ଗ୍ରାମର ସମରସୁଆଁ ମୁଣ୍ଡାସାହିରୁ ଚୋରା ଲୁହାପଥର ବୋଝେଇ ଟ୍ରକ୍ ବନ ବିଭାଗ ଜବତ କରିଛି। ଚମ୍ପୁଆ ରେଞ୍ଜ ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆଙ୍କ ନେତୃତ୍ୱରେ ବନ ସ୍କ୍ୱାଡ୍ ଓ ମୋବାଇଲ ଟିମ୍ ମିଳିତ ଭାବେ ଚଢ଼ାଉ କରିଥିଲା। ଟ୍ରକ୍‌ରେ ପ୍ରାୟ ୫ ମେଟ୍ରିକ ଟନ୍ ଉନ୍ନତ ମାନର ଲୁହାପଥର ବୋଝେଇ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦିନ ଦ୍ୱିପ୍ରହରରେ ଉକ୍ତ ବନାଞ୍ଚଳରୁ ଅନେକ ସମୟରେ ଚୋରା ଲୁହାପଥର ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ଶୁକ୍ରବାର ସନ୍ଧ୍ୟା ସମୟରେ ଖବର ପାଇ ବାମେବାରି ଫରେଷ୍ଟର ରାଜେନ୍ଦ୍ର ଜେନା, ଦବୁନା ବିଟ୍‌ର ବନ କର୍ମଚାରୀ ସୁବ୍ରତ ପାତ୍ର, ଯୋଡ଼ା ଓ ବିଲେଇପଦା ବନ ବିଭାଗ କର୍ମଚାରୀ ଏକ ୧୪ ଚକିଆ ଟ୍ରକ୍(ଓଡି୦୪ ପି୯୪୯୭)ରେ ଲୁହାପଥର ବୋଝେଇ ହେଉଥିବା ସମୟରେ ଚଢ଼ାଉ କରିଥିଲେ। ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ହେଁ ପୋଲିସ ଏଥିପ୍ରତି ତତ୍ପରତା ଦେଖାଉନାହିଁ। ଫଳରେ ଖଣି ମାଫିଆ ସକ୍ରିୟ ହୋଇ ଏହି କାରବାର ଅନାୟାସରେ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।

# ଅଜଣା ରୋଗରେ ୧୦ ଦିନରେ ୪ ମୃତ

**ରାୟଗଡ଼ା/ଚନ୍ଦ୍ରପୁର, ୧୭।୮ (ଆଶିଷ ରଞ୍ଜନ ପଣ୍ଡା/ ବିଜୟ ପ୍ରସାଦ ଉଲାକା)**

## ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଯୁବାଗୁଡ଼ାରେ ଆତଙ୍କ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତ ଯୁବାଗୁଡ଼ି ଗ୍ରାମରେ ଗତ ୧୦ଦିନରେ ଅଜଣା ରୋଗରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ସୁଦ୍ଧା ଗାଁରେ ୮ ଜଣ ଆକ୍ରାନ୍ତ ରହିଛନ୍ତି। ଖବରପାଇ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିବା ସହ ସେମାନଙ୍କ ମଳ ନମୁନା ସଂଗ୍ରହ କରାଯାଇଥିବା ସିଡିଏମ୍ଓ ଡା. ଲାଲମୋହନ ରାଉତରାୟ କହିଛନ୍ତି। ଚନ୍ଦ୍ରପୁର ବ୍ଲକ୍‌ରୁ ୨୭ କି.ମି. ଦୂରରେ ଯୁବାଗୁଡ଼ି ଗାଁ ରହିଛି। ଏଠାରେ ୧୯ ଆଦିବାସୀ ପରିବାରର ଶହେରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେବେ କିଛିଦିନ ହେବ ଗ୍ରାମରେ ଅଜଣା ରୋଗର ଆତଙ୍କ ଦେଖିବାକୁ ମିଳିଛି। ପ୍ରଥମେ ଝାଡ଼ାବାନ୍ତି ଓ ପରେ ଦେହରେ ମାଂସ ଗୁଳା ସୃଷ୍ଟି ଭଳି ହୋଇ ରୋଗୀଙ୍କ ମୃତ୍ୟୁ ହେଉଥିବା ଗ୍ରାମବାସୀ କହିଛନ୍ତି। ଗାଁରେ ରାଜେନ୍ଦ୍ର ଦିବାକାଙ୍କଠାରେ ପ୍ରଥମେ ଏହି ଭଳି ଲକ୍ଷଣ ଦେଖାଯାଇଥିଲା। ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେ ଗାଁକୁ ଫେରିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ଗତ ୧୦ ଦିନ ମଧ୍ୟରେ ସମାନ ଲକ୍ଷଣ ଥିବା ଅନୁମଲ ଦିବାକା, ନିଲୁ ଦିବାକା ଓ ଧର୍ମୀ ଦିବାକାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଏବେ ଗ୍ରାମବାସୀ ଭୟଭୀତ ଅଛନ୍ତି। ଗାଁରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ୪ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଗ୍ରାମରେ ଆଖିଦୃଶିଆ ଡାକ୍ତରୀ ସେବା ଯୋଗାଇ ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଣେ ଆୟୁଷ ଡାକ୍ତରଙ୍କୁ ବାଦ୍ ଦେଲେ କେହି ଆସି ନ ଥିବାରୁ କେତେଜଣ ରୋଗୀ ଡାକ୍ତରୀ ଔଷଧ ବଦଳରେ ଚେରମୂଳି ଖାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚିବା ପରେ ଶନିବାର ସ୍ୱାସ୍ଥ୍ୟ ଟିମ୍ ଯୁବାଗୁଡ଼ା ଯାଇ ଚିକିତ୍ସା ଜାରି ରଖିଛନ୍ତି ବୋଲି ସିଡିଏମ୍ଓ ରାଉତରାୟ କହିଛନ୍ତି। ଏଥିସହ ଯୁବାଗୁଡ଼ା ଗ୍ରାମରେ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସଂଗୃହୀତ ମଳ ଓ ଜଳ ନମୁନା ପରୀକ୍ଷା ପରେ ରୋଗ ଚିହ୍ନଟ ହେବ ବୋଲି ଡା. ରାଉତରାୟ କହିଛନ୍ତି।

# ତହସିଲ ଅଫିସ୍ ଅବ୍ୟବସ୍ଥା ନେଇ ରାଜସ୍ୱ ମନ୍ତ୍ରୀ କ୍ଷୁବ୍ଧ

**ସମ୍ବଲପୁର, ୧୭।୮ (ଭବାନୀ ଶଙ୍କର ଭୋଇ)**

- ତହସିଲଦାରଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ତାଗିଦ
- ମନ୍ତ୍ରୀଙ୍କ ଅଚାନକ ଗସ୍ତ ପରେ ଧରାପଡ଼ିଲା ଅବ୍ୟବସ୍ଥା

ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ସମ୍ବଲପୁର ତହସିଲ କାର୍ଯ୍ୟାଳୟ ଅଚାନକ ଗସ୍ତ କରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟରେ ଅନେକ ଅବ୍ୟବସ୍ଥା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଅଧିକାରୀମାନଙ୍କୁ ଲୋକାଭିମୁଖୀ ହେବାକୁ ପରାମର୍ଶ ଦେବା ସହ ଅବଧି ମଧ୍ୟରେ ସବୁ କାମ କରିବାକୁ ତାଗିଦ କରିଥିଲେ।

ଶନିବାର ପୂର୍ବାହ୍ନ ପ୍ରାୟ ୧୨ଟା ୧୫ରେ ମନ୍ତ୍ରୀ ସମ୍ବଲପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେତେବେଳେ କାର୍ଯ୍ୟାଳୟରେ ତହସିଲଦାର ଉପସ୍ଥିତ ନ ଥିଲେ। ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ ପହଞ୍ଚିବା ପରେ ତାଙ୍କୁ ତହସିଲଦାରଙ୍କ ଚ୍ୟାମ୍ବର ଖୋଲିବା ପାଇଁ ମନ୍ତ୍ରୀ ପୂଜାରୀ କହିଥିଲେ। ହେଲେ ଚ୍ୟାମ୍ବର ଚାବି ଖୋଜିବାରେ ଅନେକ ସମୟ ଲାଗିଯାଇଥିଲା। ଚ୍ୟାମ୍ବର ଖୋଲିବା ପରେ ଦୀର୍ଘଦିନ ଧରି ଏହା ଖୋଲା ଯାଇ ନ ଥିବା ଏବଂ ଅପରିଷ୍କାର ହୋଇଥିବା ଦେଖି ମନ୍ତ୍ରୀ ବିରକ୍ତ ହୋଇଥିଲେ। ତହସିଲଦାର ନିଜ ଚ୍ୟାମ୍ବରରେ ବସୁ ନ ଥିବା ନେଇ କାର୍ଯ୍ୟାଳୟକୁ ଆସିଥିବା ଲୋକେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ ଉପସ୍ଥାନ ରେଜିଷ୍ଟ୍ରାର, ମ୍ୟୁଟେଶନ ଏବଂ ତହସିଲ କୋର୍ଟର ଅର୍ଡର ଫାଇଲ ମଗାଇ ମନ୍ତ୍ରୀ ତଦାରଖ କରିଥିଲେ। ଉପସ୍ଥାନ ରେଜିଷ୍ଟରରେ କର୍ମଚାରୀଙ୍କ ଯିବା ଆସିବା ସମୟ ବିଷୟରେ କୌଣସି ଉଲ୍ଲେଖ ନ ଥିବା ତଦାରଖ ପରେ ଜଣାପଡିଥିଲା। ଅଧଘଣ୍ଟା ଅପେକ୍ଷା କରିବା ପରେ ତହସିଲଦାର ମନୋଜ ପ୍ରଭାକର କୁଜୁର ଅଫିସରେ ପହଞ୍ଚିଥିଲେ। ଅଫିସରେ କାନ୍ଥଘଣ୍ଟା କେବେଠୁ ବନ୍ଦ ହୋଇ ରହିଥିବା, ଏସି ଚାଲୁ ନ ଥିବା, ଟେବୁଲରେ ମଇଳା ଆସ୍ତରଣ ରହିଥିବା ନେଇ ମନ୍ତ୍ରୀ ତହସିଲଦାରଙ୍କୁ ପ୍ରଶ୍ନ କରିଥିଲେ। ତହସିଲଦାର ତାଙ୍କ ଚ୍ୟାମ୍ବର କାହିଁକି ଖୋଲୁନାହାନ୍ତି ବୋଲି ପଚାରିଥିଲେ। ତହସିଲଦାର କୋର୍ଟ ଚ୍ୟାମ୍ବରରେ ବସି କାମ କରୁଥିବା କହିଥିଲେ। ଫିଲ୍ଡ ଡ୍ୟୁଟି ବାହାନା ନ କରି ସକାଳବେଳା ଚ୍ୟାମ୍ବରରେ ବସି ଲୋକଙ୍କ କାମ କରିବାକୁ ତାଗିଦ କରିଥିଲେ ମନ୍ତ୍ରୀ ପୂଜାରୀ।

ଅନ୍ୟପକ୍ଷରେ ବିଭିନ୍ନ କାମରେ ଅଫିସ ଆସିଥିବା ଲୋକେ ତହସିଲ ଅଫିସରେ ଚାଲିଥିବା ଅବ୍ୟବସ୍ଥା ବିଷୟରେ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ କହିଥିଲେ। ଜଣେ ମହିଳା ନିଜ ଜମି ସମ୍ବନ୍ଧୀୟ ସାର୍ଟିଫାଏଡ୍ କପି ମାଗିବାର ୧ବର୍ଷ ପରେ ବି ତାଙ୍କୁ ମିଳି ନ ଥିବା ନେଇ ଅଭିଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଜାତି, ସ୍ଥାୟୀ ବାସିନ୍ଦା ଆଦି ପ୍ରମାଣପତ୍ର ସହ ଲୋକଙ୍କ ଜମିବାଡିର ମ୍ୟୁଟେଶନ ଆଦି ଆବେଦନର ଅନେକ ମାସ ପର୍ଯ୍ୟନ୍ତ ମିଳୁ ନ ଥିବା ଅଭିଯୋଗ ଶୁଣିବା ପରେ ରାଜସ୍ୱ ମନ୍ତ୍ରୀ ତହସିଲଦାରଙ୍କୁ ତାଗିଦ କରିଥିଲେ। ଅଭାବନୀୟ ପରିସ୍ଥିତି ଦେଖି ରାଜସ୍ୱ ମନ୍ତ୍ରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ତହସିଲ କାର୍ଯ୍ୟାଳୟକୁ ଡକାଇ ଅବ୍ୟବସ୍ଥା ସୁଧାରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀମାନେ ଜନାଭିମୁଖୀ ହୋଇ ଲୋକଙ୍କ ସୁବିଧା ପାଇଁ ନିଜ କାର୍ଯ୍ୟାଳୟରେ ବିଭିନ୍ନ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ବିଭିନ୍ନ ତହସିଲ ଅଫିସରେ କର୍ମଚାରୀ ଅଭାବ ରହିଥିବା ଓ ସମ୍ବଲପୁର ତହସିଲରେ ଅନ୍ୟ ୨ ଅତିରିକ୍ତ ତହସିଲଦାର ପଦବୀ ଖାଲିରହିଥିବା ବିଷୟରେ ଜିଲାପାଳ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ରାଜସ୍ୱମନ୍ତ୍ରୀ ଜିଲାର ବିଭିନ୍ନ ତହସିଲ ଅଫିସରେ ଖାଲିପଡିଥିବା ପଦବୀଗୁଡିକ ବିଷୟରେ ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ତହସିଲଦାରଙ୍କୁ କାର୍ଯ୍ୟଶୈଳୀ ପରିବର୍ତ୍ତନ କରିବା ସହ ୨ ମାସ ଭିତରେ ବକେୟା ରହିଥିବା ସମସ୍ତ କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁର ତହସିଲ ପରିଦର୍ଶନ ସମୟରେ ଜିଲାପାଳ, ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।



"ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। –ଶ୍ରୀଅରବିନ୍ଦ



# ଆଇନ ପରିବର୍ତ୍ତନର ପ୍ରୟାସ



## ଆକାର ପଟେଲ

ପ୍ରଧାନମନ୍ତ୍ରୀ ୧୫ ଅଗଷ୍ଟ ଅଭିଭାଷଣରେ କହିଥିଲେ ଯେ, ତାଙ୍କ ସରକାର ଭାରତର ପର୍ସନାଲ ଲ' ବା ବ୍ୟକ୍ତିଗତ ଆଇନରେ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ କରିବ। ସେ ମଧ୍ୟ କହିଥିଲେ, ଏକ କମ୍ୟୁନାଲ ସିଭିଲ କୋଡ୍(ସାମ୍ପ୍ରଦାୟିକ ନାଗରିକ ସଂହିତା)ରେ ୭୫ ବର୍ଷ ରହିବା ପରେ ଏବେ ନୂଆ ସେକ୍ୟୁଲାର ସିଭିଲ କୋଡ୍ ବା ଧର୍ମନିରପେକ୍ଷ ନାଗରିକ ସଂହିତା ଆଡ଼କୁ ଗତିକରିବା ଅତି ଜରୁରୀ। ଥରେ ଏହି ପରିବର୍ତ୍ତନ ହେଲେ ତାହା ଧର୍ମୀୟ ଭେଦଭାବ ଦୂରକରିବା ସହ ସାଧାରଣ ନାଗରିକଙ୍କ ମନରେ ଥିବା ପ୍ରଭେଦ ହ୍ରାସ କରିବ ବୋଲି ସେ କହିଥିଲେ। ପର୍ସନାଲ ଲ' ବିବାହ, ଛାଡ଼ପତ୍ର ଏବଂ ଉତ୍ତରାଧିକାରକୁ ସଞ୍ଚାଳିତ କରିଥାଏ। ଏହି ବିଷୟରେ ଭାଜପା ଜଡ଼ିତ ରହିଆସିଛି। ବିଶେଷକରି ମହିଳାମାନଙ୍କ ଉତ୍ତରାଧିକାର ଉପରେ ଡ. ଆମ୍ବେଡ୍‌କର ହିନ୍ଦୁ ବ୍ୟକ୍ତିଗତ ଆଇନରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଥିଲେ। ପାରମ୍ପରିକ ଉତ୍ତରାଧିକାର ଆଇନର ଦୁଇଟି ପ୍ରଭାବୀ ଦିଗକୁ ସେ ଚିହ୍ନଟ କଲେ ଏବଂ ମହିଳାମାନଙ୍କ ଉତ୍ତରାଧିକାରକୁ ଅଧିକ ସ୍ୱଚ୍ଛ କରିବାକୁ ସେଥିରୁ ଗୋଟିଏକୁ ସଂଶୋଧନ କଲେ। ଏହାକୁ ଆର୍‌ଏସ୍‌ଏସ୍‌ର ରାଜନୈତିକ ସଙ୍ଗଠନ ଗ୍ରହଣ କରି ନ ଥିଲା। ଜନସଂଘ ତା'ର ୧୯୫୧ ମାନିଫେଷ୍ଟୋରେ ହିନ୍ଦୁ କୋଡ୍ ବିଲ୍‌କୁ ବିରୋଧ କରି କହିଥିଲା ଯେ, ସାମାଜିକ ସଂସ୍କାର ବାହାରୁ ନୁହେଁ ବରଂ ସମାଜ ଭିତରୁ ଆସିବା ଉଚିତ। ୧୯୫୭ରେ ଏହା କହିଥିଲା, ପ୍ରାଚୀନ ସଂସ୍କୃତିରେ ଏହାର ଆଧାର ନ ରହିବାରୁ ଏଭଳି ପରିବର୍ତ୍ତନ ଗ୍ରହଣୀୟ ହେଲା ନାହିଁ। ୧୯୫୮ର ମାନିଫେଷ୍ଟୋରେ ପାର୍ଟି ଲେଖିଥିଲା, ଯୌଥ ପରିବାର ଏବଂ ସ୍ଥାୟୀ ବିବାହ ହିନ୍ଦୁ ସମାଜର ଆଧାର। ଏହି ଆଧାରକୁ ପରିବର୍ତ୍ତନ କରୁଥିବା ଆଇନଗୁଡ଼ିକ ଶେଷରେ ସମାଜରେ ବିଚ୍ଛିନ୍ନତାର କାରଣ ହେବ। ତେଣୁ ଜନସଂଘ ହିନ୍ଦୁ ବିବାହ ଏବଂ ହିନ୍ଦୁ ଉତ୍ତରାଧିକାର ଆଇନକୁ ରଦ୍ଦ କରିବ। ସମୟକ୍ରମେ ଅଣୁପରିବାର ଏବଂ ଛାଡ଼ପତ୍ର ସମାଜରେ ଗ୍ରହଣୀୟ ହେବାରୁ ଦଳ କୌଣସି କାରଣ ନ ଦର୍ଶାଇ ଏଥିରୁ ଓହରିଗଲା। ୧୯୬୭ ମାନିଫେଷ୍ଟୋରେ ଏହା ୟୁନିଫର୍ମ ସିଭିଲ କୋଡ୍ ବା ଏକକ ନାଗରିକ ସଂହିତା(ୟୁସିସି) ପାଇଁ ଆହ୍ୱାନ ଦେଇଥିଲା। ସେବେଠାରୁ ଏହା ଦଳର ସମସ୍ତ ମାନିଫେଷ୍ଟୋରେ ରହିଥିଲା ଏବଂ କ୍ଷମତାକୁ ଆସିବା ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଥିଲା। ୨୦୧୪ ଏବଂ ୨୦୧୯ରେ ଭାଜପା ସମ୍ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଏବଂ ଉଭୟ ନିର୍ବାଚନରେ ଏହାର ମାନିଫେଷ୍ଟୋରେ ୟୁସିସି ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏହାକୁ ନେଇ ଆଇନ ପ୍ରଣୟନ କିମ୍ବା ଚିଠା ପ୍ରସ୍ତୁତ ହୋଇପାରିଲା ନାହିଁ। ବର୍ତ୍ତମାନ ଭାଜପା ସାଂସଦଙ୍କ ସଂଖ୍ୟା ହ୍ରାସ ପାଇ ୨୪୦ ଅଛି ଏବଂ ପୁନର୍ବାର ୟୁସିସି ଉପରେ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଏହାକୁ କିଏ କିଭଳି ପୂରଣ କରାଯିବ ? ମୋଦି ଏବଂ ତାଙ୍କ ମନ୍ତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଆଇନର ଚିଠା ବା ଡ୍ରାଫ୍ଟ ଏବେ କେଉଁଠି ଅଛି ? ଅବଶ୍ୟ ଏହା ନାହିଁ। ଯାହା କେବଳ ଭାଷଣରେ।

ଅଧିକାଂଶ ଲୋକ ଧାରା ୩୭୦କୁ ଜାଣନ୍ତି, ଯାହା ବହୁଦିନରୁ ଭାଜପାର ଟାର୍ଗେଟରେ ଥିଲା ଓ ୨୦୧୯ରେ ଏହାକୁ ହଟାଇ ଦିଆଗଲା। ଅପରପକ୍ଷରେ ଧାରା ୩୭୧ ବିଷୟରେ ଖୁବ୍ କମ୍ ଜାଣନ୍ତି। ଧାରା ୩୭୧ କହେ, ନାଗାଲାଣ୍ଡର ବିଧାନସଭା ପ୍ରସ୍ତାବ ଅନୁଯାୟୀ ନିଷ୍ପତ୍ତି ହୋଇ ନ ଥିଲେ ନାଗାମାନଙ୍କର ଧର୍ମୀୟ ଓ ସାମାଜିକ ପ୍ରଥା ଏବଂ ନାଗା ପରମ୍ପରା ଆଇନ ଓ ପ୍ରକ୍ରିୟା ଉପରେ ସଂସଦର କୌଣସି ଆଇନ ନାଗାଲାଣ୍ଡ ରାଜ୍ୟ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ତେବେ ନାଗା ରୀତିନୀତି ବିରୋଧୀ ଏକ ଧର୍ମନିରପେକ୍ଷ ସିଭିଲ କୋଡ୍ କ୍ଷେତ୍ରରେ କ'ଣ ହେବ ? ମାର୍ଚ୍ଚ ୨୦୧୮ରେ ନାଗାଲାଣ୍ଡ ବାର୍ ଆସୋସିଏସନ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନିଫିଉ ରିଓଙ୍କୁ ଏକ ସ୍ମାରକପତ୍ର ଦେଇ କହିଛନ୍ତି ଯେ, ବ୍ୟକ୍ତିଗତ ଆଇନ ସମ୍ବନ୍ଧୀୟ ଅନେକ କେନ୍ଦ୍ରୀୟ ଆଇନ ନାଗା ସାମାଜିକ ରୀତିନୀତି ଏବଂ ପ୍ରଥାକୁ ବିରୋଧ କରେ। ଭାରତ ସମ୍ବିଧାନର ଧାରା ୩୭୧–ଏର ପ୍ରାବଧାନ ବ୍ୟତୀତ ବ୍ୟକ୍ତିଗତ ଆଇନଗୁଡ଼ିକ ପ୍ରସଙ୍ଗରେ ବୈଧାନିକ କ୍ଷମତା ରାଜ୍ୟ ବିଧାନସଭା ଉପରେ ନ୍ୟସ୍ତ ହୋଇଛି। ଉଲ୍ଲେଖ କରାଯାଇଥିବା ଆଇନଗୁଡ଼ିକ ହେଲା ଭାରତୀୟ ଉତ୍ତରାଧିକାରୀ ଆଇନ, ୧୯୨୫; ସ୍ୱତନ୍ତ୍ର ବିବାହ ଆଇନ, ୧୯୫୪; ଭାରତୀୟ ଛାଡ଼ପତ୍ର ଆଇନ, ୧୮୬୯; ଜନ୍ମ, ମୃତ୍ୟୁ ଏବଂ ବିବାହ ପଞ୍ଜୀକରଣ ଆଇନ, ୧୮୮୬; ଗାର୍ଡିଅନ୍ସ ଏବଂ ୱାର୍ଡସ୍ ଆକ୍ଟ, ୧୮୯୦ ଏବଂ ଫ୍ୟାମିଲି କୋର୍ଟ ଆକ୍ଟ, ୧୯୮୪। ବାର୍ ଆସୋସିଏସନ କହିଥିଲା ଯେ, ଏହି ନିୟମଗୁଡ଼ିକ ଆମ ନିଜ ରାଜ୍ୟର ଆଇନ ଦ୍ୱାରା ବଦଳାଯିବା ଆବଶ୍ୟକ।

ଧାରା ୩୭୧ରେ ସମାନ ପ୍ରକାର ବ୍ୟବସ୍ଥା ମିଜୋମାନଙ୍କ ପାଇଁ ଥିବା ପରମ୍ପରା, ପ୍ରଥା ତଥା ରୀତିନୀତି ସମ୍ପର୍କିତ ୩୭୧–ଜି ଆଇନକୁ ସୁରକ୍ଷିତ କରେ। ତେବେ ଦୁଇଟି ବିଷୟ ଉପରେ ଏବେ ବିଚାର କରାଯାଉ। ପ୍ରଥମତଃ ପ୍ରଧାନମନ୍ତ୍ରୀ ଏକ ଡ୍ରାଫ୍ଟ ପ୍ରସ୍ତୁତ ନ କରିବା ପର୍ଯ୍ୟନ୍ତ ତାଙ୍କ ୟୁନିଫର୍ମ କିମ୍ବା ଧର୍ମନିରପେକ୍ଷ ସିଭିଲ କୋଡ୍ ଆହ୍ୱାନକୁ ବିରୋଧ କରିବା କିମ୍ବା ତା' ଉପରେ ମନ୍ତବ୍ୟ ଦେବାର କୌଣସି ଅର୍ଥ ନାହିଁ। ସେ ଏହା କରି ଦେଖାଇବାକୁ ଉତ୍ସାହିତ ହେବା ଜରୁରୀ। ଦ୍ୱିତୀୟ ବିଷୟ ହେଉଛି, ତାଙ୍କ ଦଳର ବର୍ତ୍ତମାନ ସଂଖ୍ୟାଗରିଷ୍ଠତା ନ ଥିବାରୁ ସେ ଏହାକୁ କାହିଁକି ଉଠାଉଛନ୍ତି। ସେହିଭଳି ୱକଫ୍ ବିଲ୍ କାହିଁକି ଉପସ୍ଥାପିତ ହେଲା, ଯେତେବେଳେ ଏହା ସ୍ପଷ୍ଟ ହୋଇଥିଲା ଯେ ୨୪୦ଟି ଆସନରେ ଥିବା ଭାଜପା ଏହାକୁ ପାସ୍ କରିପାରିବ ନାହିଁ ଏବଂ ଏହାର ସହଯୋଗୀମାନେ ହିନ୍ଦୁତ୍ୱ ଏଜେଣ୍ଡାକୁ ଆଗକୁ ନେବାକୁ ଆଗ୍ରହୀ ନୁହନ୍ତି ? ରବିଶ କୁମାର ଏବଂ ଧ୍ରୁବ ରାଠୀଙ୍କ ପରି ଲୋକଙ୍କ କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଏକ ପ୍ରସାରଣ ବିଲ୍ କାହିଁକି ଲେଖାଗଲା, ଯେତେବେଳେ ଏହା ସ୍ପଷ୍ଟ ଥିଲା ଯେ ଏଥିରେ ଅସୁବିଧା ହେବ। ଏହି ଉଭୟ ପ୍ରସ୍ତାବିତ ଆଇନ ୪ ଜୁନ୍ ୨୦୨୪ ପରେ ଭାରତର ବାସ୍ତବ ପରିସରକୁ ଚାଲିଆସିଛି। ଧର୍ମନିରପେକ୍ଷ ନାଗରିକ ସଂହିତା ଉପରେ ମୋଦିଙ୍କ ଅଭିଭାଷଣରୁ ଜଣାପଡୁଛି ଯେ, ନିର୍ବାଚନର ଫଳାଫଳ ତଥା ଅର୍ଥକୁ ସେ ଠିକ୍ ଭାବେ ବୁଝିନାହାନ୍ତି ଏବଂ ଏହା ତାଙ୍କ ତେଜକୁ ନିଷ୍ପ୍ରଭ କରୁଛି।

Email:aakar.patel@gmail.com

# ପ୍ରେମ ପରୀକ୍ଷାର ଖେଳ

ଚିତ୍ର ଚରିତ୍ର



**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ଥିଲେ ଜଣେ ପ୍ରେମିକ ପୁରୁଷ। ପ୍ରେମ ହିଁ ଥିଲା ତାଙ୍କ ସମର୍ଥ ପୁରୁଷାକାରର ପ୍ରଥମ ପରିଚୟ। ସେଇ ପ୍ରେମ ମଧ୍ୟ ଥିଲା ତାଙ୍କ ସାଧନାର ଶେଷ ସିଦ୍ଧାନ୍ତ। ସେ ସବୁବେଳେ କହୁଥିଲେ– ''ପ୍ରେମରେ ମୋ ଜୀବନ। ପ୍ରେମରେ ହିଁ ମୋ ନିର୍ବାଣ।'' ଏକଦା ଏହି ପ୍ରେମିକପ୍ରବର ଏକ ସଙ୍ଗେ ଦୁଇଜଣ ପ୍ରେମିକାଙ୍କୁ ପ୍ରେମ କରି ବସିଲେ। ଦୁଇଜଣଙ୍କ ସହ ଭିନ୍ନ ଭିନ୍ନ ସମୟରେ ନିବିଡ଼ ଭାବେ ମିଶିଲେ, ମନଭରି ପ୍ରେମ କଲେ ଓ ସଚ୍ଚା ପ୍ରେମିକସୁଲଭ ପ୍ରତିଶ୍ରୁତି ଦେଲେ– ''ମୋତେ ତୁମେ ପ୍ରେମରେ ପୂର୍ଣ୍ଣ କରିଦିଅ। ଥରେ ପୂର୍ଣ୍ଣ ହୋଇଗଲେ ତୁମ ପାଖରେ ସବୁକିଛି ସମର୍ପଣ କରି ନିଃସ୍ୱ ହୋଇଯିବି। ସଂସାରରେ ଏମିତି କିଛି ନ ଥିବ, ଯାହା ତୁମ ପାଇଁ ଅପ୍ରାପ୍ୟ ହୋଇ ରହିବ। ତୁମକୁ କୌଣସି ସ୍ଥିତିରେ କାନ୍ଦିବାକୁ ସୁଯୋଗ ଦେବି ନାହିଁ। ଅଭିଯୋଗର ଅବସର ଦେବି ନାହିଁ। ଥରେ ପରୀକ୍ଷା କରି ଦେଖ! ତୁମର ପ୍ରେମାସ୍ପଦ ହେବାପାଇଁ ତୁମ ଚାରିପାଖେ ଘୁରି ବୁଲୁଥିବା ଅନ୍ୟମାନଙ୍କ ତୁଳନାରେ ମୋ ପ୍ରେମ କେତେ ନିବିଡ଼। ଅନ୍ୟ ପ୍ରେମ ପ୍ରାର୍ଥୀଙ୍କ ତୁଳନାରେ ମୁଁ କେତେ ସମର୍ଥ, ଭିନ୍ନ ଆଉ ଅନନ୍ୟ!''

ପ୍ରଥମ ପ୍ରେମିକା ଜଣକ ମୁଗ୍ଧ ହେଲେ ପ୍ରେମିକଙ୍କ ଏ ପ୍ରକାର ପ୍ରତିଜ୍ଞାରେ। ନିଜ ଚାରିପଟେ ଘୁରି ବୁଲୁଥିବା ଅନ୍ୟ ପ୍ରେମିକମାନଙ୍କୁ ହତାଦର କରି ସେ ୟାଙ୍କୁ ପୂର୍ଣ୍ଣପ୍ରାଣରେ ପ୍ରେମ କରିବାକୁ ଲାଗିଲେ। ପ୍ରକୃତରେ ରୂପରେ କନ୍ଦର୍ପ, ଗୁଣରେ ଗଣେଶ। ଏପରି ଏକ ପୁରୁଷଙ୍କ ପ୍ରେମାସ୍ପଦା ହେବା ତ ଶତ ସାଧନାର ଫଳ! ସୁତରାଂ ପ୍ରେମମୟୀ ପ୍ରେମିକା ନିଜ ମନର ମଣିଷ ପାଖରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ।

ଏଣେ ଦ୍ୱିତୀୟ ପ୍ରେମିକା ବିମୁଖ ହେଲେ ପ୍ରେମିକଙ୍କ ଉପରେ। କହିଲେ, ''ମୋ ପ୍ରେମ ଉପରେ ତୁମର କ'ଣ ଏତେ ଅନାସ୍ଥା ଯେ ଆଉ କାହାର ପ୍ରେମ ଲୋଡ଼ା ପଡ଼ିଲା। ମୋ ସଙ୍ଗ କାମନା କରୁଥିବା ଅନ୍ୟ ପ୍ରେମ ପ୍ରତ୍ୟାଶୀମାନଙ୍କୁ ପ୍ରତ୍ୟାଖ୍ୟାନ କରି ତୁମ ପ୍ରେମରେ ପାଗଳିନୀ ହେଲି। ଅଥଚ ମୋ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ନ ହୋଇ ପୁଣି ଅନ୍ୟ ପ୍ରିୟାର ସଙ୍ଗ ଲୋଡୁଛ।'' ନିଜ ପ୍ରେମମୟ ପୁରୁଷାକାର ପ୍ରତି ଆକର୍ଷିତ ହୋଇଥିବା ଦ୍ୱିତୀୟାଙ୍କ ଅଭିମାନ ଦେଖି ପ୍ରେମୀପୁରୁଷ କହିଲେ, ''ତୁମେ ଚିନ୍ତା କରନା ପ୍ରିୟେ। ମୋ ପ୍ରେମ ପରିସର ଯେମିତି ପ୍ରଶସ୍ତ, ସେମିତି ବିଶାଳ ମୋର ବହୁଦର୍ଶୀ ବ୍ୟକ୍ତିତ୍ୱ! ତୁମେ ଆଦୌ ଚିନ୍ତା କରନା। ମୋତେ ମନ ଚାହିଁ ପ୍ରେମ କରିଯାଅ। ମୋର ସେଇ ପ୍ରଥମାଟିକୁ ଆଦୌ ଈର୍ଷା କରନା। ମୁଁ କଥା ଦେଉଛି ତୁମ ଦୁହିଁଙ୍କ ମଧ୍ୟରୁ ଯିଏ ମୋତେ ବେଶୀ ପ୍ରେମ କରିବ, ତା'ର ପାଣି ଗ୍ରହଣ କରି ମୁଁ ଅନ୍ୟ ଜଣଙ୍କୁ ପରିତ୍ୟାଗ କରିବି!''

ପ୍ରେମ ପଥରୁ ଜଣଙ୍କର ଅପସାରଣ ନିଶ୍ଚିତ ଜାଣି ମଧ୍ୟ ଦୁଇ ପ୍ରେମିକା ଜଣେ ପ୍ରେମିକଙ୍କୁ ଆପଣାର କରିବା ପାଇଁ ପରସ୍ପର ପ୍ରତିଦ୍ୱନ୍ଦ୍ୱିତାରେ ଲାଗି ପଡ଼ିଲେ। ଶେଷରେ ସେଇ ଆକାଂକ୍ଷିତ ମୁହୂର୍ତ୍ତ ପ୍ରେମ ପରୀକ୍ଷାର ବିଶେଷ ବେଳା ଉପସ୍ଥିତ ହେଲା। ସବୁକାଳରେ ପ୍ରେମ ଓ ବିଶ୍ୱାସ ଭଳି ଅନବଦ୍ୟ ଅନୁଭବଗୁଡ଼ିକର ପରିମାଣ ନିର୍ଣ୍ଣୟ କରିବା ଏକ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ ସେଦିନର ସେଇ ପରୀକ୍ଷାରେ ପ୍ରେମର ଜୟ ପରାଜୟ ନିର୍ଦ୍ଧାରିତ ହୋଇଗଲା। ଆମ ପ୍ରେମିକପ୍ରବର ତାଙ୍କ କଥା ରଖିଲେ। ତାଙ୍କ ବିଚାରରେ ବେଶୀ ପ୍ରେମ କରିଥିବା ପ୍ରେମିକାଙ୍କ ପାଣିଗ୍ରହଣ କରି ଅନ୍ୟଜଣଙ୍କୁ ପ୍ରତ୍ୟାଖ୍ୟାନ କଲେ। ବିଚାରି ପ୍ରତ୍ୟାଖ୍ୟାତା ପ୍ରେମିକା! ତାଙ୍କୁ ହାସଲ କରିବାକୁ ଚାହୁଁଥିବା ବହୁ ପ୍ରତ୍ୟାଶୀଙ୍କୁ ଏଡ଼ାଇ ଦେଇ ଯାହାଙ୍କ ପ୍ରେମରେ ଦୃଢ଼ ଆସ୍ଥା ସ୍ଥାପନ କରିଥିଲେ, ସେ ତାଙ୍କୁ ଗୋଟିଏ ଝଟକାରେ ପରିତ୍ୟାଗ କରି ଆଉ ଜଣଙ୍କ ହାତ ଧରି ସଂସାର କରିବାକୁ ବାହାରିଗଲେ। ପ୍ରତାରିତା ପ୍ରେମିକା କେବଳ ପଡ଼ିରହିଲେ ଆଉ କେଉଁ ଅବାଂଛିତ ପୁରୁଷର ହାତ ଧରିବା ପାଇଁ, ଆଉ ଏକ ପ୍ରେମ ପରୀକ୍ଷାର ଖେଳକୁ ସାମ୍ନା କରିବା ପାଇଁ। ଖେଳ ବୋଇଲେ ଆଉ ଏକ ସ୍ୱୟଂବର, ଉପସ୍ଥିତ ଆଶାୟୀଙ୍କ ମଧ୍ୟରୁ ଆଉ ଜଣଙ୍କୁ ନିର୍ବାଚନ କରିବାର ଏକ ଅବାଂଛିତ ଅବସର!

ଏ ଜଗତରେ ପ୍ରେମ ପ୍ରସଙ୍ଗର ପରମ୍ପରା ଯେତିକି ପ୍ରାଚୀନ, ସେତିକି ପୁରାତନ ମଧ୍ୟ ପ୍ରତାରଣାର ଇତିହାସ। ପ୍ରେମ ସହିତ ପ୍ରତାରଣା, ଆସ୍ଥା ସହିତ ଅନାସ୍ଥା ବା ବିଶ୍ୱାସ ସହ ଅବିଶ୍ୱାସ ଯେତେବେଳେ କେବଳ ଏକ ବ୍ୟକ୍ତିଗତ ଅନୁଭବ ଭାବେ ଉଭା ହୁଏ, ସେତେବେଳେ ଅନୁଭବକାରୀର ମୁଣ୍ଡ ଉପରେ ଅଜାଡ଼ି ପଡ଼େ ଦୁଃଖ ଓ ହତାଶାର ପାହାଡ଼। ଜୀବନଟା ଦୁର୍ବିଷହ ମନେହୁଏ, ସମୟର ସ୍ୱରୂପ ହୁଏ ଅଭିଶପ୍ତ। ମାତ୍ର ଯେତେବେଳେ ଏ ପ୍ରକାର ପ୍ରେମ, ଆସ୍ଥା ବା ବିଶ୍ୱାସ ଜଣଜଣଙ୍କ ମଧ୍ୟରେ ଅଙ୍କୁରିତ ନ ହୋଇ ପ୍ରକଟିତ ହୁଏ, ଜଣ ଓ ଗଣଙ୍କ ମଧ୍ୟରେ କେଇ ଦିନର ମଧୁଚନ୍ଦ୍ରିକା ପରେ ସଂଘଟିତ ହୁଏ ପ୍ରତାରଣା ଓ ପ୍ରତ୍ୟାଖାନର ପର୍ବ, ସେତେବେଳେ ବ୍ୟକ୍ତିଗତ ସ୍ତରର ସୀମିତ ପରିସରରେ ନୁହେଁ, ସାମୂହିକ ସ୍ତରର ବିଶାଳ ଇଲାକାରେ ବିଶ୍ୱାସର ଅପମୃତ୍ୟୁ ହୁଏ। ଆଶା ଓ ଭରସା ନିର୍ବାସନରେ ଚାଲିଯାଏ, ଠିକ୍ କେରଳର ୱାୟନାଡ଼୍‌ରେ ଚାଲିଗଲା ପରି।

ନିକଟରେ ଭୟଙ୍କର ଭୂସ୍ଖଳନରେ ଚାରିଶହରୁ ଊର୍ଦ୍ଧ୍ୱ ଅମୂଲ୍ୟ ଜୀବନର ଅକାଳ ଅବସାନ ପାଇଁ ସମଗ୍ର ବିଶ୍ୱରେ ୱାୟନାଡ୍ ଚର୍ଚ୍ଚିତ ହେଲା ପରେ ଭବିଷ୍ୟତରେ



ଆଉ ଯେଉଁ କାରଣ ପାଇଁ ଚର୍ଚ୍ଚାରେ ରହିବାକୁ ଯାଉଛି, ତାହା ହେଉଛି ଏଠାରେ ହେବାକୁ ଥିବା ଲୋକ ସଭା ଆସନ ପାଇଁ ଉପନିର୍ବାଚନ। ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦୁଇଟି ଆସନରୁ ବିଜୟ ଲାଭ କରିଥିବାରୁ ଉତ୍ତର ପ୍ରଦେଶର ରାୟବରେଲି ଆସନ ରଖି ୱାୟନାଡ୍ ଆସନରୁ ଇସ୍ତଫା ଦେବାକୁ ଥିବାରୁ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ଦୁଇ ଦୁଇଟି ଆସନରୁ ଜିତି ଗୋଟିଏ ରଖି ଅନ୍ୟଟି ଛାଡ଼ିଦେଇ ସେଠାରେ ଉପନିର୍ବାଚନ ଲଦି ଦେବାର ବ୍ୟବସ୍ଥା ଚକ୍ରରେ ରାହୁଲ ପ୍ରଥମ କି ଶେଷ ନେତା ନୁହନ୍ତି। ଅତୀତରେ ଆମ ପ୍ରଧାନମନ୍ତ୍ରୀ ମୋଦି ଏମିତି କରିଛନ୍ତି, ଯେମିତି ବି କରିଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ। ଏହା ପୂର୍ବରୁ ଏମିତି ରେକର୍ଡ ଅଛି ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ନାମରେ।

ଦୁଇଟି ନିର୍ବାଚନମଣ୍ଡଳୀରୁ ଲୋକମତ ଲୋଡୁଥିବା ନେତା ଦୁଇ ପ୍ରେମିକାଙ୍କ ପ୍ରେମିକ ଭଳି ଏକ ଭିନ୍ନ ଦର୍ଶନର ଅନୁଗାମୀ। 'ନିଜ ସମ୍ମୋହନ ଶକ୍ତି ସାମର୍ଥ୍ୟରେ ଯେତେ ପ୍ରେମ କରୁଛ କରିପାର, ମାତ୍ର ବିବାହ କେବଳ ଜଣଙ୍କ ସହ'– ଶାସ୍ତ୍ର ଓ ସମାଜର ଏଇ ସଂହିତା ଭଳି ଆମ ସମ୍ବିଧାନ ମଧ୍ୟ ପ୍ରାର୍ଥୀମାନଙ୍କ ପ୍ରେମ ପ୍ରକାଶ ପାଇଁ ଲକ୍ଷ୍ମଣ ଗାରଟିଏ ଟାଣିଦେଇଛି। କହିଛି– 'ପ୍ରାର୍ଥିତ୍ୱ ଏକାଧିକ ସ୍ଥାନରୁ ହୋଇପାରେ, ମାତ୍ର ପ୍ରତିନିଧିତ୍ୱ କେବଳ ଗୋଟିକରୁ।' ସୁତରାଂ ଦୁଇଟି ମଣ୍ଡଳୀର ଆସ୍ଥାଭାଜନ ହୋଇ ବିଜୟୀ ବୀରର ମୁକୁଟ ପିନ୍ଧୁ ପିନ୍ଧୁ ନିଷ୍ପତ୍ତିର ନେବା ବେଳ ପହଞ୍ଚିଯାଏ। ନିର୍ବାଚନ ପ୍ରଚାର ପାଇଁ କେତେ କୋଟି ଟଙ୍କାର ଖର୍ଚ୍ଚ, କେତେ କେତେ ବିନିଦ୍ର ରଜନୀ, ଆତ୍ମପକ୍ଷ ସମର୍ଥନ ଓ ଶତ୍ରୁପକ୍ଷର ନିନ୍ଦାଗାନର କେତେ ଯେ କସରତ ଓ କାରସାଦି! ଅଥଚ କଲମ ମୁନର ଗୋଟିଏ ଧାଡ଼ିରେ ସବୁ ଶେଷ – ''ରାୟବରେଲିର ପାଣି ଗ୍ରହଣ କରି ୱାୟନାଡ୍‌କୁ ପରିତ୍ୟାଗ କଲି ବା ବିଜେପୁରକୁ ଛାଡ଼ି ହିଞ୍ଜିଳିକୁ ରଖିଲି'!! ଦୁଇ ପ୍ରେମିକାଙ୍କ ପ୍ରେମିକଙ୍କ ଗୋଟିଏ ସ୍ୱାକ୍ଷର ଦେଶ ଉପରେ ଲଦିଦିଏ ଉପନିର୍ବାଚନର ଓଜନଦାର ବୋଝ ଓ ରାଜକୋଷର ବିପୁଳ ଅପବ୍ୟୟ।

କାରଣ ଯାହା ହୋଇଥାଉନା କାହିଁକି, ଏ କଥା ସତ୍ୟଯେ ନିଜ ଅସାମାନ୍ୟ ନେତୃତ୍ୱର ପ୍ରମାଣ ଦେବା ପାଇଁ ଅଥବା ନିଜ ଦୁର୍ବଳ ନେତୃତ୍ୱ ଉପରେ ଭରସା ନ ଥିବା ଯୋଗୁ ଜଣେ ନେତା ଦୁଇଟି ମଣ୍ଡଳୀର ପ୍ରାର୍ଥୀ ହୋଇଥାନ୍ତି। ତେଣିକି ହାରିଗଲେ ତ ଭୁଲ କଥା, ମାତ୍ର ଦୁଇଟି ଜାଗାରୁ ଜିତିଗଲେ ଗୋଟିଏକୁ ଛାଡ଼ିବା ଦ୍ୱାରା ଦେଶର ରାଜକୋଷ ଯେମିତି ଦୁର୍ବଳ ହୋଇପଡ଼େ, ସେଥିରେ ତାଙ୍କର କି ଯାଏ! ବାସ୍, ସେ ଯେ ଦୁଇ ଦୁଇଟି ନିର୍ବାଚନମଣ୍ଡଳୀର ପ୍ରିୟ ନେତା, ଏହାହିଁ ତାଙ୍କ ଈର୍ଷଣୀୟ ପୁରୁଷାର୍ଥ! ବିଚରା ଭୋଟର! ଦୁଇ ନିର୍ବାଚନମଣ୍ଡଳୀର ଭୋଟର ଏ କଥା ସ୍ପଷ୍ଟ ଭାବେ ଜାଣିଥାନ୍ତି ଯେ ଦୁହିଁଙ୍କ ମଧ୍ୟରୁ ଜଣେ ତାଙ୍କର ହୋଇ ରହିବେ ଓ ଆଉ ଜଣକୁ ପ୍ରତାରଣାର ମୁହଁ ଦେଖିବାକୁ ପଡ଼ିବ। ତଥାପି ସେମାନେ ତାଙ୍କୁ ପ୍ରେମ କରିବସନ୍ତି। ଏଥିପାଇଁ ପରା କିଏ ଜଣେ କହିଥିଲେ– ''ପ୍ରେମ ସବୁବେଳେ ଅନ୍ଧ!''

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର–୧୦
ମୋ:୮୮୯୫୬୭୨୪୧୦୫

# ଉଦାରବାଦୀ ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ପାଏତାଙ୍ଗତାର୍ନ ଶିନାୱାତ୍ରା

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଥାଇଲାଣ୍ଡରେ ବିଗତ କିଛି ବର୍ଷ ହେବ ରାଜନୈତିକ ସଙ୍କଟ ଲାଗିରହିଛି। ଦୁଇ ଦିନ ତଳେ ଏକ ଲାଞ୍ଚ ମାମଲାରେ ଦେଶର ଏକ କୋର୍ଟ ପ୍ରଧାନମନ୍ତ୍ରୀ ଥିବା ସ୍ରେଟ୍‌ଥା ଥାଭିସିନ୍‌ଙ୍କୁ ପଦବୀରୁ ହଟାଇ ଦେଇଥିଲେ। ଫଳରେ ୧୬ ଅଗଷ୍ଟରେ ୩୭ ବର୍ଷୀୟା ପାଏତାଙ୍ଗତାର୍ନ ଶିନାୱାତ୍ରା ଥାଇଲାଣ୍ଡର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ସେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍‌ସିନ୍ ସିନାୱାତ୍ରାଙ୍କ କନିଷ୍ଠା କନ୍ୟା ଓ ପରିବାରର ଚତୁର୍ଥ ସଦସ୍ୟ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଧାରଣ କରିଛନ୍ତି। ନିକଟ ଇତିହାସ ଦେଖିଲେ ୨୦୦୬ରେ ସାମରିକ ବଳପ୍ରୟୋଗ କରାଯାଇ ଥାକ୍‌ସିନ୍‌ଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ପାଏତାଙ୍ଗତାର୍ନଙ୍କ ପିଇସା ସୋମଚାଇ ୱଙ୍ଗସାୱାତଙ୍କୁ ସାମ୍ବିଧାନିକ କୋର୍ଟ ୨୦୦୮ରେ ବରଖାସ୍ତ କରିଥିବାବେଳେ ତାଙ୍କ ସାନମା' ୟାଙ୍ଗଲକ୍ ସିନାୱାତ୍ରାଙ୍କୁ ମଧ୍ୟ ସମାନ କୋର୍ଟ ବହିଷ୍କାର କରିଥିଲେ। ରାଜନୀତିରେ ଅନଭିଜ୍ଞ ଥିଲେ ମଧ୍ୟ ପାଏତାଙ୍ଗତାର୍ନ ସ୍ଥିର ସରକାର ବଜାୟ ରଖିବା ସହ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବେ ବୋଲି କହିଛନ୍ତି। ଏଥିରେ ତାଙ୍କ ପିତା ଥାକ୍‌ସିନ୍ ସହଯୋଗ କରିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ପାଏତାଙ୍ଗତାର୍ନ ୨୧ ଅଗଷ୍ଟ ୧୯୮୬ରେ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ସେଣ୍ଟ ଯୋଶେଫ୍ କନ୍‌ଭେଣ୍ଟ ସ୍କୁଲରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ହାଇସ୍କୁଲ ଶିକ୍ଷା ପାଇଁ ମାଟେର ଡେଇ ସ୍କୁଲ ଯାଇଥିଲେ। ୨୦୦୮ରେ ଚୁଲାଲଙ୍ଗକୋର୍ନ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ, ସମାଜବିଜ୍ଞାନ, ନୃତତ୍ତ୍ୱ ବିଷୟ ରଖି ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ସୁରେରୁ ଇଣ୍ଟରନ୍ୟାଶନାଲ ହୋଟେଲ ମ୍ୟାନେଜମେଣ୍ଟରେ ଏମ୍‌ଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ଉଚ୍ଚଶିକ୍ଷା ପରେ ସେ କର୍ପୋରେଟ୍ ଜଗତ ପ୍ରତି ଆକର୍ଷିତ ହୋଇଥିଲେ। ବର୍ତ୍ତମାନ ତାଙ୍କର ଏସ୍‌ସି ଆସେଟ୍ କର୍ପୋରେଶନରେ ସର୍ବାଧିକ ଅଂଶଧନ ରହିଛି। ୨୦୨୨ର ତଥ୍ୟ ଅନୁଯାୟୀ ପାଏତାଙ୍ଗତାର୍ନଙ୍କ ଅଧୀନରେ ୨୧ଟି କମ୍ପାନୀ ଥିବା ବେଳେ ତାହାର ମୂଲ୍ୟ ପାଖାପାଖି ୨ ବିଲିୟନ ଆମେରିକୀୟ ଡଲାର ବୋଲି ଆକଳନ କରାଯାଇଛି।

ପିତା ଜଣେ ବରିଷ୍ଠ ରାଜନେତା ହୋଇଥିବାରୁ ପାଏତାଙ୍ଗତାର୍ନ ଅନେକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ପାଇଥିଲେ। ଫିଉ ଥାଇ ପାର୍ଟିରେ ଥରେ ସେ ସାରଗର୍ଭକ ଭାଷଣ ଦେବା ପରେ ସମସ୍ତଙ୍କ ଦୃଷ୍ଟିକୁ ଆସିଥିଲେ। ୨୦ ମାର୍ଚ୍ଚ ୨୦୨୨ରେ ଫିଉ ଥାଇ ପରିବାରର ମୁଖ୍ୟ ଭାବେ ସେ ନିର୍ବାଚିତ ହୋଇଥିଲେ। ସେହି ବର୍ଷ ଏପ୍ରିଲରେ ପାର୍ଟିର ବାର୍ଷିକ ସାଧାରଣ ବୈଠକରେ ସେ ଶାସନରେ ପରିବର୍ତ୍ତନ ଚାହୁଁଥିବା ବିଷୟରେ ଇସାରା ଦେଇଥିଲେ। ଏଥିସହିତ ରାଜନୀତିରେ ଅଧିକ ଅଭିଜ୍ଞତା ଅର୍ଜନ ସକାଶେ ପ୍ରଧାନମନ୍ତ୍ରୀ ପଦବୀରେ ଲଢ଼ିବା ପାଇଁ ମଧ୍ୟ ଇଚ୍ଛାବ୍ୟକ୍ତ କରିଥିଲେ। ଏପରିକି ପାଏତାଙ୍ଗତାର୍ନଙ୍କ ନାମ ଓପିନିୟନ୍ ପୋଲ୍‌ରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସର୍ବାଗ୍ରେ ରହିଥିଲା। ୨୦୨୩ ସାଧାରଣ ନିର୍ବାଚନ ଲାଗି ଫିଉ ଥାଇ ପାର୍ଟିର ଯେଉଁ ତିନିଜଣ ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା ସେଥିରେ ସେ ମଧ୍ୟ ସ୍ଥାନ ପାଇଥିଲେ। ଅନ୍ୟ ଦୁଇଜଣ ଥିଲେ ସ୍ରେଟ୍‌ଥା ଥାଭିସିନ୍ ଓ ଚାଇକାସେମ୍ ନିତିସିରି। ତେବେ ମେ'ରେ ହୋଇଥିବା ସାଧାରଣ ନିର୍ବାଚନରେ ଫିଉ ଥାଇ ପାର୍ଟି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଦ୍ୱିତୀୟ ସ୍ଥାନରେ ରହିଯାଇଥିଲା। ମୁଭ୍ ଫରୱାର୍ଡ ପାର୍ଟି ଆଗରେ ରହିଯିବାରୁ ପାଏତାଙ୍ଗତାର୍ନ ହତାଶ ହୋଇଯାଇଥିଲେ। ଏହାସତ୍ତ୍ୱେ ସେ ମୁଭ୍ ଫରୱାର୍ଡ ପାର୍ଟି ଓ ଅନ୍ୟ ଦଳ ସହ ମିଶି ମିଳିତ ସରକାର ଗଢ଼ିବା ଲାଗି ଉଦ୍ୟମ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଭ୍ ଫରୱାର୍ଡ ପାର୍ଟି ସମ୍ମତି ଦେଇଥିଲେ ହେଁ ପରେ ବୁଝାମଣାରୁ ଓହରି ଯାଇଥିଲା। ଫଳରେ ଫିଉ ଥାଇ ପାର୍ଟି ପରବର୍ତ୍ତୀ ସମୟରେ ପାଲାଙ୍ଗ ପ୍ରାଚାର୍ଥ ପାର୍ଟିକୁ ନେଇ ସରକାର ଗଢ଼ିଥିଲା। କିନ୍ତୁ ସପ୍ତାହବ୍ୟାପୀ ବିତର୍କ ହେବା ପରେ ପାଏତାଙ୍ଗତାର୍ନଙ୍କ ବଦଳରେ ଫିଉ ଥାଇ ପାର୍ଟିର ସ୍ରେଟ୍‌ଥା ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ତେବେ ୧୩ ସେପ୍ଟେମ୍ବର ୨୦୨୩ରେ ଅନୁଷ୍ଠିତ ୬୩ତମ ଥାଇ କ୍ୟାବିନେଟ ବୈଠକରେ ସ୍ରେଟ୍‌ଥା ନ୍ୟାଶନାଲ ସଫ୍ଟ ପାୱାର ଷ୍ଟ୍ରେଟେଜି କମିଟି ଗଢ଼ି ପାଏତାଙ୍ଗତାର୍ନଙ୍କୁ ତା'ର ଉପାଧ୍ୟକ୍ଷ କରିଥିଲେ। ସମୟକ୍ରମେ ପାଏତାଙ୍ଗତାର୍ନ ନ୍ୟାଶନାଲ ହେଲ୍‌ଥ ସିଷ୍ଟମ୍ ଡେଭଲପ୍‌ମେଣ୍ଟ କମିଟିର ମଧ୍ୟ ଉପାଧ୍ୟକ୍ଷ ହୋଇଥିଲେ। ୨୭ ଅକ୍ଟୋବର ୨୦୨୩ରେ ସେ ଫିଉ ଥାଇ ପାର୍ଟିର କୋର୍ କମିଟିର ସଦସ୍ୟ ହୋଇଥିଲେ। ଏହା ପରେ ଦଳ ଭିତରେ ହୋଇଥିବା ନିର୍ବାଚନରେ ସେ ସର୍ବାଧିକ ଭୋଟ ପାଇ ନୂଆ ନେତା ହୋଇଥିଲେ। 'ବିରାଡ଼ି କପାଳକୁ ଶିକା ଛିଡ଼ିବା' ପରି ନିକଟରେ ସ୍ରେଟ୍‌ଥା ବିବାଦୀୟ ହୋଇ ପଦବୀ ହରାଇବା ପରେ ପାଏତାଙ୍ଗତାର୍ନ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି।

ପାଏତାଙ୍ଗତାର୍ନ ବିଭିନ୍ନ ସାମାଜିକ ପ୍ରସଙ୍ଗରେ ଉଦାରଭାବ ପ୍ରଦର୍ଶନ କରିଆସିଛନ୍ତି। ଏଲ୍‌ଜିବିଟିଙ୍କ ଅଧିକାରକୁ ସେ ସମର୍ଥନ କରିବା ସହ ଅର୍ଥନୈତିକ ଉଦାରୀକରଣ ସପକ୍ଷବାଦୀ ଭାବେ ଜଣାଶୁଣା। ଏକ ସାକ୍ଷାତ୍‌କାରରେ ସେ ନିଜକୁ ଜଣେ 'ସାମାଜିକ ଉଦାରବାଦୀ ପୁଞ୍ଜିପତି' ଭବେ ଅଭିହିତ କରିଥିଲେ। ଥାଇଲାଣ୍ଡକୁ ଆଗକୁ ନେବାକୁ ହେଲେ ତାଙ୍କର ଏଭଳି ଚିନ୍ତାଧାରା କାମ ଦେବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଲେଣି।

ପାଏତାଙ୍ଗତାର୍ନଙ୍କ ସଂସାର କହିଲେ ଥାଇ ବ୍ୟବସାୟୀ ପିଟାକା ସୁକ୍‌ସାୱତ ତାଙ୍କ ସ୍ୱାମୀ। ୨୦୨୧ ଜାନୁଆରୀରେ ତାଙ୍କର ପ୍ରଥମେ ଝିଅ ଜନ୍ମ ହୋଇଥିବା ବେଳେ ୨୦୨୩ ସାଧାରଣ ନିର୍ବାଚନର ଦୁଇ ସପ୍ତାହ ପୂର୍ବରୁ ମେ' ୨୦୨୩ରେ ପୁଅ ଭୂମିଷ୍ଠ ହୋଇଥିଲା।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ନୂତନତ୍ୱର ସନ୍ଧାନ ବହୁ ସମୟରେ ବ୍ୟକ୍ତିଙ୍କୁ ନୂତନ ସ୍ତରରେ ପହଞ୍ଚାଇ ଦେଇଥାଏ, ଯାହା ଘଟିଛି ସୋନାଲ ଓ ବୈଭବଙ୍କ ଜୀବନରେ। ଏହି ଦୁଇଜଣ କୁରୁକ୍ଷେତ୍ର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଏନ୍‌ଆଇଟି)ରୁ ଡିଗ୍ରୀ ହାସଲ କରିବା ପରେ ଏବେ ପ୍ଲାଷ୍ଟିକ ବର୍ଜ୍ୟ ବ୍ୟବହାର କରି ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି। ଦୁହେଁ ୨୦୨୦ରେ ଦିଲ୍ଲୀରେ 'ଇକନସିୟସ' ଷ୍ଟାର୍ଟଅପ ଗଠନ କରି ତା' ମାଧ୍ୟମରେ ୩ ଲକ୍ଷ ୫୦ ହଜାର କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ କରିସାରିଲେଣି। ସେମାନେ ସେଥିରୁ ଇ ବୋର୍ଡ, ଡଷ୍ଟବିନ, ପାର୍କ ବେଞ୍ଚ, ପ୍ଲାଷ୍ଟର ସହ ଅନ୍ୟ ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି। ସୋନାଲ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେଶନରେ ଏବଂ ବୈଭବ ପରିବେଶ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ଥରେ ହିମାଚଳ ପ୍ରଦେଶକୁ ଷ୍ଟଡି ଟୁର୍‌ରେ ଯାଇଥିବାବେଳେ ସେଠାରେ ପର୍ଯ୍ୟଟନ କ୍ଷେତ୍ରରେ ଠୁଳ ହୋଇଥିବା ବର୍ଜ୍ୟକୁ ଦେଖି ତାହାର ସମାଧାନ ଉପାୟ ଚିନ୍ତା କରିଥିଲେ ଓ ତାହା ଏବେ ସଫଳ ହୋଇଛି। ସେମାନେ ଏଥିରୁ ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ଲାଭ ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୭୫

- ସହରତଳି ଅଳ୍ପ ଦୂରତ୍ୱ ବିଶିଷ୍ଟ ଅଞ୍ଚଳ ପାଇଁ ଦୁଇ ମହଲା ରେଳବାଇ ବଗି କେବଳ ବ୍ୟବହାର କରାଯିବ ବୋଲି ରେଳବାଇ ଡିଜାଇନ୍ ଓ ଷ୍ଟାଣ୍ଡାର୍ଡ ପ୍ରତିଷ୍ଠାନର ଡିରେକ୍ଟର ଜେନେରାଲ ଶ୍ରୀ ସି.ଏମ୍. ଜୋସେଫ୍ ଜଣାଇଛନ୍ତି।
- ଥୁମ୍ବାସ୍ଥିତ ବିକ୍ରମ ସାରାଭାଇ ମହାକାଶ ପ୍ରତିଷ୍ଠାନକୁ ଏକ ନିଷିଦ୍ଧ ଅଞ୍ଚଳ ରୂପେ ଘୋଷଣା କରାଯାଇଛି।

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ' ଯଶ କୀରତି
ଯାତନା ଶତ ମରଣ ମମ
ଲଢ଼ିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି!

(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମା' ପାଇଁ ଗଛଟିଏ

ମହାଶୟ,

ମା' ପାଇଁ ଗଛଟିଏ ଏକ ଉତ୍ତମ ଯୋଜନା ବୋଲି ପ୍ରତୀୟମାନ ହୁଏ। ପୂର୍ବରୁ ବୃକ୍ଷସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଆସୁଛି। ଉକ୍ତ ଦିବସରେ ସାଧାରଣ ଜନତା ଓ ଏନ୍‌ଜିଓ ସଂସ୍ଥାଗୁଡ଼ିକ ସ୍କୁଲ ଓ କଲେଜ ତଥା ଖାଲିପଡ଼ିଥିବା ସ୍ଥାନମାନଙ୍କରେ ବୃକ୍ଷରୋପଣ କରିଆସୁଛନ୍ତି। ଏଥିସହ ସରକାରଙ୍କ ବନ ବିଭାଗ କର୍ମଚାରୀମାନେ ମଧ୍ୟ ବୃକ୍ଷରୋପଣ କରୁଛନ୍ତି। ଯେବେ ହିସାବ ରଖାଯାଏ, ଉକ୍ତ ଦିବସମାନଙ୍କରେ ଏତେ ପରିମାଣ ଲକ୍ଷ ଲକ୍ଷ ବୃକ୍ଷ ରୋପଣ ହୋଇଛି ଯେ ଆଉ ନୂତନ ବୃକ୍ଷରୋପଣ ପାଇଁ ସ୍ଥାନର ଅଭାବ ହେବା ଅର୍ଥାତ୍ ଏହା କେବଳ ହିସାବ କିତାବ ଓ ଫଟୋ ପ୍ରଚାରରେ ସୀମିତ ହୋଇ ରହିଯାଇଛି। ସତରେ ପ୍ରକୃତି ମା' ସାରା ଜୀବଜଗତ ପାଇଁ ଛୋଟରୁ ବଡ଼ ବୃକ୍ଷ ସମ୍ଭାର ମାନ ଭେଟି ଦେଇଛି। ମାତ୍ର ଆମେ ସ୍ୱାର୍ଥପର ମଣିଷ ବୃକ୍ଷମାନଙ୍କର ଯତ୍ନ ନେବା ପରିବର୍ତ୍ତେ ସେଗୁଡ଼ିକୁ ଛେଦନ କରି ଚାଲିଛେ। ପ୍ରକୃତପକ୍ଷେ ମା' ପାଇଁ ଗଛଟିଏ ଯୋଜନାରେ ଗଛଟିଏ ଲଗାଇବା ଏବଂ ଯତ୍ନର ସହ ତାହାର ବୃଦ୍ଧି ଘଟାଇବାକୁ ଶପଥ ନେବା।

**– ସ୍ୱର୍ଣ୍ଣବାଳା ନାୟକ, ପ୍ଲଟ–୧୮୩–ଏ, ସତ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 7 | | | | | 5 | |
| | | | | | 5 | | | |
| | | | 6 | | | 3 | | 1 |
| | 7 | | 1 | | | 9 | | |
| 3 | | | | | | | | 4 |
| 1 | | 9 | | | 8 | | | |
| | | | | 8 | | 6 | 4 | |
| 5 | 6 | | | | | | 3 | |
| | | | | 1 | | 7 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 4 | 7 | 8 | 1 | 6 | 9 |
| 9 | 8 | 6 | 2 | 1 | 5 | 4 | 3 | 7 |
| 7 | 4 | 1 | 9 | 3 | 6 | 5 | 8 | 2 |
| 8 | 6 | 4 | 3 | 5 | 7 | 9 | 2 | 1 |
| 5 | 3 | 9 | 1 | 2 | 4 | 6 | 7 | 8 |
| 2 | 1 | 7 | 6 | 8 | 9 | 3 | 4 | 5 |
| 6 | 5 | 2 | 8 | 9 | 3 | 7 | 1 | 4 |
| 1 | 9 | 3 | 7 | 4 | 2 | 8 | 5 | 6 |
| 4 | 7 | 8 | 5 | 6 | 1 | 2 | 9 | 3 |

ଗତକାଲିର ଉତ୍ତର

## ନଦୀକୁ ଡେଇଁ ନବବଧୂଙ୍କ ଆତ୍ମହତ୍ୟା

କେନ୍ଦୁଝରର ବାରଖଣ୍ଡା ଗ୍ରାମର ନୀର ମହାନ୍ତଙ୍କ ସ୍ତ୍ରୀବନିତା ମହାନ୍ତ(୨୧) କାଇଁଝରୀ ଡ୍ୟାମକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ନୀର ଗତ ଜୁନ୍‌ରେ ପେଣ୍ଡିହି ଗ୍ରାମର ବନିତାଙ୍କୁ ବିବାହ କରିଥିଲେ। ସେ ସବୁବେଳେ ବାପଘରକୁ ଏବଂ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟକୁ ଯିବାକୁ ଚାହୁଁଥିଲେ। ଏ ନେଇ ସର୍ବଦା ପାରିବାରିକ କଳହ ଲାଗିରହୁଥିଲା। ଶନିବାର ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ବନିତା ଉତ୍‌କ୍ଷିପ୍ତ ହୋଇ ଡ୍ୟାମ୍‌କୁ ଡେଇଁପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ବନିତାଙ୍କ ମୃତଦେହ ଠାବ କରିଥିଲେ।

# ଲୋକଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣ: ଡିଜିପି



ବୈଠକରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ।

## ପୋଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ବୈଠକ

**କଟକ,୧୭।୮ (କାର୍ତ୍ତିକ ସାହୁ)**

ଜାତୀୟ ସ୍ତରରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସୁନାମ ରହିଛି। ଏହାକୁ ଆଗାମୀ ଦିନରେ ବଜାୟ ରଖିବାକୁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି। ରାଜ୍ୟରେ ସାଇବର ଅପରାଧ ବଢ଼ି ଚାଲିଥିବାବେଳେ ଏହା ଉପରେ ରୋକ୍ ଲଗାଇବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏଥିସହ ମାଓବାଦୀ ଓ ଆତଙ୍କବାଦ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ବୈଠକ ଜରିଆରେ ଜିଲା ଆରକ୍ଷୀ ଅଧୀକ୍ଷକ, ରେଞ୍ଜ ଆଇଜି ଓ ଡିଆଇଜିମାନଙ୍କ ସହ ଆଲୋଚନା କରି ଲୋକଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ଏବଂ ସେମାନଙ୍କର ଅଭିଯୋଗକୁ ନିରପେକ୍ଷତାର ସହ ତଦନ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ନୂତନ ଭାବେ ଲାଗୁ ହୋଇଥିବା ନିୟମ ଅନୁଯାୟୀ କାର୍ଯ୍ୟ କରିବା ଦିଗରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ୨୦ରୁ ବିଧାନସଭା ଦ୍ୱିତୀୟ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ ଏବଂ ପ୍ରଶାସନିକ ପ୍ରସଙ୍ଗରେ ଡିଜିପି ସମୀକ୍ଷା କରିଥିଲେ।

ଏହି ବୈଠକରେ ନିର୍ଦ୍ଦେଶକ (ଏସ୍‌ସିଆର୍‌ବି) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର୍. ପି. କୋଚେ, ଭୁବନେଶ୍ୱର-କଟକ ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍. କେ. ଶର୍ମା, ନିର୍ଦ୍ଦେଶକ (ଗୋଇନ୍ଦା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଏବଂ କୋଷ୍ଟାଲ ସିକ୍ୟୁରିଟି) ରାଜେଶ କୁମାର, ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜିପି (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍. ସାଇନୀ, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ସଫିନ ଅହମ୍ମଦଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ମମତା ମହାନ୍ତ ହୋଇପାରନ୍ତି ଭାଜପା ରାଜ୍ୟ ସଭା ପ୍ରାର୍ଥୀ

**ଭୁବନେଶ୍ୱର,୧୭।୮(ଅନିଲ ଦାସ)**

ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ମମତା ମହାନ୍ତ ଭାଜପା ରାଜ୍ୟ ସଭା ପ୍ରାର୍ଥୀ ହେବେ। ମମତାଙ୍କୁ ଭାଜପା ରାଜ୍ୟ ସଭା ପଠାଇବାକୁ ନିଷ୍ପତ୍ତି ନେଇଛି। ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏ ନେଇ ସୂଚନା ଦେଇଛନ୍ତି। ମମତା ଭାଜପା ଟିକେଟରୁ ପୁଣିଥରେ ରାଜ୍ୟ ସଭା ଯିବେ। ଏନେଇ ଆସନ୍ତା ଦିନେ କିମ୍ବା ଦୁଇ ଦିନ ଭିତରେ କେନ୍ଦ୍ରୀୟ



କମିଟି ପକ୍ଷରୁ ତାଙ୍କର ନାମ ଘୋଷଣା ହେବ। ସୂଚନାଯୋଗ୍ୟ ଯେ, ମମତା ମହାନ୍ତ ବିଜେଡି ଟିକେଟରୁ ରାଜ୍ୟ ସଭାକୁ ୨୦୨୦ ଏପ୍ରିଲରେ ନିର୍ବାଚିତ ହୋଇଥିଲେ। ସେ ଗତ ଜୁଲାଇ ୩୧ ତାରିଖରେ ଅଚାନକ ରାଜ୍ୟ ସଭା ସଦସ୍ୟ ଓ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ଦିଲ୍ଲୀରେ ସେ ଭାଜପାରେ ସାମିଲ ହୋଇଥିଲେ। ଖାଲିପଡ଼ିଥିବା ଆସନରୁ ଓଡ଼ିଶାରୁ ରାଜ୍ୟ ସଭାକୁ କିଏ ଯିବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା।

## ଉତ୍ତର ଓଡ଼ିଶା ବିକାଶ ପରିଷଦ ଟାସ୍କଫୋର୍ସ କମିଟି ବୈଠକ

### ଅଗଷ୍ଟ ୩୦ ସୁଦ୍ଧା ଚିଠା ପ୍ରସ୍ତାବ

**ଭୁବନେଶ୍ୱର,୧୭।୮ (ଅନିଲ ଦାସ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉତ୍ତର ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଟାସ୍କଫୋର୍ସର ସଦସ୍ୟମାନଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପରିଷଦର ରୂପରେଖ କିପରି ହେବ, ସେ ବିଷୟରେ କମିଟି ଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା। ପରିଷଦର କାର୍ଯ୍ୟଧାରା ଓ ଆଞ୍ଚଳିକ ବିକାଶ ନିମନ୍ତେ ଏକ ଖସଡ଼ା ପ୍ରସ୍ତୁତି ସମ୍ପର୍କରେ ସହମତି ପ୍ରକାଶ ପାଇଥିଲା। ବୈଠକରେ ଏ ସମ୍ବନ୍ଧରେ ଚଳିତ ମାସ ୩୦ ତାରିଖରେ ଏକ ଚିଠା ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ଯୋଜନା ଓ ସଂଯୋଜନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଓଡ଼ିଶା ବିଧାନ ସଭାର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ତର ଓଡ଼ିଶାର ୪ଟି ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାର ବିକାଶ ଦିଗରେ ଆଲୋଚନା କରିଥିଲେ।

## ଡେଙ୍ଗୁରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀଙ୍କ ପରଲୋକ

**ଭୁବନେଶ୍ୱର,୧୭।୮ (ଅସମାପିକା ସାହୁ)**

କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ଝିଙ୍ଗିଆ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜୁଏଲ ୧୯୮୭ ମାର୍ଚ୍ଚ ୮ରେ ଝିଙ୍ଗିଆଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ଝିଅ ଇନ୍ଦୁମତି ଏବଂ ଜୟଶ୍ରୀ ରହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ଋଣ;**
**ତିନିଙ୍କି ନ ରଖିବ ପୁଣ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରିଦେଇଥାଏ। ବ୍ୟାଧି ବା ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ। ସେହିପରି ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ। ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ଋଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ିବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ପୀରତି ଯେଉଁଠି,**
**ଅତି ବିଚ୍ଛେଦ ସେଇଠି।**

ଅତିର ମାତ୍ରା ସବୁବେଳେ ସବୁଠି ଖରାପ ହିଁ ହୋଇଥାଏ। ଅତିରୁ କୁପରିଣତି ହୁଏ ବୋଲି ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ କରାଯାଇଛି। ଅତି ଲେମ୍ବୁ ଚିପୁଡ଼ିଲେ ପିତା ହେବା ପରି ଅତ୍ୟଧିକ ପ୍ରୀତି ଜଘନ୍ୟ ବିଚ୍ଛେଦ ସୃଷ୍ଟି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଧାର କାର୍ଡକୁ ନେଇ ମୁହାଁମୁହିଁ, ଜଣେ ଗୁରୁତର



**ବାରିପଦା,୧୭।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ବାଂଲାଦେଶୀ ପରିଚୟକୁ ନେଇ ଶନିବାର ରାତିରେ ୨ ସମ୍ପ୍ରଦାୟ ମୁହାଁମୁହିଁ ହୋଇଛନ୍ତି। ଆଧାର କାର୍ଡକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହାପରେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ଏଥିରେ ଜଣେ ଗୁରୁତର ହୋଇ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ଟାଉନ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ବୁଝାଶୁଝା କରିବା ପରେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସୂଚନାଯୋଗ୍ୟ, ତୁଳସୀଚଉରା ବାକ୍ସ ଫ୍ୟାକ୍ଟ୍ରି ଅଞ୍ଚଳର ସେକ୍ ଇମଦାତୁଲ୍ଲା ରାତି ୯ଟାରେ ସାହିଲ ଖାନ ଓ ମହମ୍ମଦ ଅସରଦ ଅନ୍‌ସାରୀଙ୍କ ସହ ଷ୍ଟେଶନ ବଜାରରୁ ଘରକୁ ଫେରୁଥିଲେ। ବାଟରେ ଥିବା ପୋଲ ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଆଧାର କାର୍ଡ ଦେଖାଇବାକୁ କହିଥିଲେ। ସେମାନେ ଆଧାର କାର୍ଡ ଦେଖାଇବା ପରେ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବା ସହ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣକାରୀ ବାଇକ୍ ଯୋଗେ ଗୋଡ଼ାଇବା ସହ ପଥରରେ ଆକ୍ରମଣ କରିବାରୁ ଜଣେ ଗୁରୁତର ହୋଇଛନ୍ତି। ଏହି ସମୟରେ ସେମାନେ ପାଟ୍ରୋଲିଂ କରୁଥିବା ପୋଲିସକୁ ଜଣାଇଥିଲେ। ତେବେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରି ଥାନାରେ ଅଭିଯୋଗ କରିବାକୁ କହିଥିବାରୁ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ସହ ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବଦଳିଲେ ୨୯ ଓଏଏସ୍ ଅଫିସର

**ଭୁବନେଶ୍ୱର,୧୭।୮(ଅନିଲ ଦାସ)**

ରାଜ୍ୟ ସରକାର ୨୯ଜଣ ଓଏଏସ୍ ଅଫିସରଙ୍କୁ ବଦଳି କରିଛନ୍ତି। ଶନିବାର ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର(ବିଏମ୍‌ସି) ଡେପୁଟି କମିଶନର ଓଏଏସ୍ ରୋଶନ ଶତପଥୀଙ୍କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଓଏସ୍‌ଡି ଭାବେ ବଦଳି କରାଯାଇଥିବା ବେଳେ ମହିଳା ଓ ଶିଶୁବିକାଶ ବିଭାଗର ଅନୁସଚିବ ଜନ୍ମେଜୟ ସାହୁଙ୍କୁ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାଏକଙ୍କ ଓଏସ୍‌ଡି ଭାବେ ବଦଳି କରାଯାଇଛି। ସେହିପରି ଅନ୍ୟ ଓଏଏସ୍ ଅଫିସରମାନଙ୍କୁ ବିଭିନ୍ନ ସ୍ଥାନରେ ବିଡିଓ ଓ ତହସିଲଦାର ଭାବେ ବଦଳି କରାଯାଇଛି।

## ଏଡିପି, ଏବିପି ବହୁମୁଖୀ ଦାରିଦ୍ର୍ୟ ହ୍ରାସ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ: ଉନ୍ନୟନ କମିଶନର

### ଆକାଂକ୍ଷୀ ଜିଲା, ବ୍ଲକ କାର୍ଯ୍ୟକ୍ରମ ସମୀକ୍ଷା

**ଭୁବନେଶ୍ୱର,୧୭।୮ (ଅନିଲ ଦାସ)**

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ (ଏଡିପି) ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି) ସୂଚକାଙ୍କଗୁଡ଼ିକ ବହୁମୁଖୀ ଦାରିଦ୍ର୍ୟ ହ୍ରାସ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ସହ ରାଜ୍ୟର ଅଗ୍ରଗତିକୁ ଆଗେଇନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନସ୍ଥିତ କନଭେନ୍‌ସନ ସେଣ୍ଟରରେ ଆକାଂକ୍ଷୀ ଜିଲା ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ବୈଠକରେ ସ୍ୱାଗତ ଭାଷଣ ଦେଇ ସେ କହିଛନ୍ତି, ବିଭିନ୍ନ ବିଭାଗର ପ୍ରୟାସ ଓ ସମନ୍ୱୟରେ ଏସ୍‌ଡିଜିଗୁଡ଼ିକୁ ସ୍ଥାନୀୟକରଣ କରିବା, ଶେଷ ମାଇଲ ପର୍ଯ୍ୟନ୍ତ ସମନ୍ୱିତ ଏବଂ ପ୍ରଭାବଶାଳୀ ଲାଭ ପ୍ରଦାନ ସୁନିଶ୍ଚିତ କରିବାରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୁଖ୍ୟ ଶାସନ ସଚିବ ଏଡିପି ଓ ଏବିପିର ଇତିହାସ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭୌଗୋଳିକ ବିବିଧତା, ଭିତ୍ତିଭୂମି ଅଭାବ ଏବଂ ସାମର୍ଥ୍ୟ ଅଭାବ ଭଳି ଅସୁବିଧାଗୁଡ଼ିକୁ ଦୂରକରି ଅଭିବୃଦ୍ଧିର ସୁଯୋଗକୁ କାର୍ଯ୍ୟକାରୀ କରିବାକୁ ସେ ଅଂଶୀଦାରମାନଙ୍କୁ ଆହ୍ୱାନ କରିଥିଲେ। ନୀତି ଆୟୋଗ ଏଡିପି ଏବଂ ଏବିପିର ମିଶନ ନିର୍ଦ୍ଦେଶିକା ଗୀତାଞ୍ଜଳି ଗୁପ୍ତା କାର୍ଯ୍ୟକ୍ରମର ମୂଳ ରଣନୀତି ଉପସ୍ଥାପନ କରି ସମସ୍ତ ଅଂଶୀଦାରମାନଙ୍କୁ ଚୟନ କରାଯାଇଥିବା ସୂଚକାଙ୍କଗୁଡ଼ିକର ସନ୍ତୁଳନ ହାସଲ କରିବା ପାଇଁ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ ସମୟରେ ସେମାନଙ୍କ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଯୋଜନା ଓ ସଂଯୋଜନ ବିଭାଗର ଏଡିପି ଓ ଏବିପିର ଅତିରିକ୍ତ ଶାସନ ସଚିବ ମନୀଷ ଅଗ୍ରୱାଲ ଆକାଂକ୍ଷୀ ଜିଲାଗୁଡ଼ିକର ବାର୍ଷିକ ପ୍ରଦର୍ଶନ, ଚାଲୁଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ଏବଂ ବ୍ଲକ ବିକାଶ ରଣନୀତିର କାର୍ଯ୍ୟକାରିତା ବୃଦ୍ଧି ପାଇଁ ଆକାଂକ୍ଷୀ ବ୍ଲକ କର୍ମଚାରୀ(ଫେଲୋ) ମାନଙ୍କର ଚାଲିଥିବା ନିଯୁକ୍ତି ଉପରେ ଆଲୋକପାତ କରିଥିଲେ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଆକାଂକ୍ଷୀ ଜିଲା ଓ ଆକାଂକ୍ଷୀ ବ୍ଲକର ୧୬ ଜଣ ଜିଲାପାଳଙ୍କ ସମେତ ସମ୍ପୃକ୍ତ ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଏବଂ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (ଡିପିଏମ୍‌ୟୁ)ର ଉପ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

## ସୁରଟରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବ୍ରହ୍ମପୁର, ୧୭।୮ (ସୁବାସ ଚନ୍ଦ୍ର ପାଢ଼ୀ)**

ସୁରଟରେ ଦାଦନ ଖଟୁଥିବା ଦୁଇଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ରମେଶ ସ୍ୱାଇଁ। ଦୁଇଦିନ ତଳେ ସୁରଟର ଏକ ସୁତାକଳରେ କାମ କରୁଥିବା ବେଳେ ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଅନ୍ୟ ଜଣେ ମୃତକ ହେଲେ କେନ୍ଦ୍ରାପଡା ଜିଲା ମହାକାଳପଡାର ସୁଶାନ୍ତ କୁମାର ରାଉତ। କିଛିଦିନ ତଳେ ସୁଶାନ୍ତ ସୁତାକଳରେ କାମ କରୁଥିବା ବେଳେ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସୁତାକଳ ମାଲିକଙ୍କ ତରଫରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଯାହାକୁ ନେଇ ସୁରଟରେ ରହୁଥିବା ପ୍ରବାସୀ ଓଡିଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହି ଘଟଣା ପରେ ଉଭୟ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡିଛନ୍ତି। ତୁରନ୍ତ ଉଭୟ ମୃତକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସମାଜସେବୀ ପ୍ରଦୀପ ସାହୁ, ଶ୍ରୀକାନ୍ତ ରାଉତ ଦାବି କରିଛନ୍ତି। ଗତ ସପ୍ତାହକ ମଧ୍ୟରେ ଉଭୟ ଘଟଣା ଘଟିଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ରାଜଗାଙ୍ଗପୁର ଶାଖା
**ସଂଶୋଧନ ପତ୍ର**

ତା୨୯.୦୬.୨୦୨୪ରିଖ "ଧରିତ୍ରୀ" ରେ ପ୍ରକାଶିତ ଦଖଲ ନୋଟିସ୍‌ର ସମ୍ପତ୍ତି ବିବରଣୀ ତାଲିକାରେ ମୌଜା-ରାଜଗାଙ୍ଗପୁର (ଖ) ଅଟେ, ଯାହାକି ଭୁଲକ୍ରମେ ମୌଜା-ରାଜଗାଙ୍ଗପୁର ବୋଲି ପ୍ରକାଶିତ ହୋଇଯାଇଅଛି। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୧୭.୦୮.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**OFFICE OF THE PRINCIPAL**
**D.A.V. AUTONOMOUS COLLEGE, TITILAGARH**
Dist.: Balangir (Odisha), PIN - 767042
Email: principal.davcollege@gmail.com

**WALK-IN-INTERVIEW**

Walk-in-Interview for Guest faculty Lecturer in **Botany-1, Philosophy-1 and Sanskrit-1** will be held on **25.08.2024 at 10.30 A.M.** The candidate having **Master Degree with minimum 55% marks** should attend with personal Bio-Data and original documents. Fixed remuneration as decided by management will be paid. No TA/DA will be paid for this purpose. The post is temporary and is terminable at any time without assigning any reason thereof. In case of single candidate, the interview will be cancelled. For details visit college website **www.davcollegetitilagarh.org**.

Sd./- Principal
D.A.V. Autonomous College,
Titilagarh

**ଓଡ଼ିଶା ସରକାର** No.T-
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା19.8.2024ରିଖ ଏବଂ ସୋମବାର ଇଂରାଜୀ ତା26.8.2024ରିଖ ଦିନ ସରକାରୀ ଛୁଟି ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0019/2425

**छत्तीशगढ़ सासन जल संसाधन विभाग**
कार्यालय मुख्य अभियंता, महानदी परियोजना, जल संसाधन विभाग, रायपुर (छ.ग.)
**ई.प्रोक्यूरमेंट निविदा सूचना**
e Procurement Portal: https://eproc.cgstate.gov.in
(प्रथम आमंत्रण)

**सिस्टम निविदा क. 157342/निविदा सूचना क्र. 02/व.ले.लि./2024-25** दि. 16.08.2024

निम्नलिखित कार्यो के लिए दिनांक 09.09.2024 17.30 तक ऑन लाईन निविदाए आमंत्रित की जाती है।

**कार्य का नाम - महानदी परियोजना के लवन शाखा नहर के आर.डी. 21600 मी. पर व्ही.आर.बी. का पुनर्निर्माण कार्य एवं चितावर गाईनर, परसापाली राब माईनर का सी.सी. लाईनिंग एवं पक्के संरचनाओं का पुनर्निर्माण कार्य।**

अनुमानित लागत - रू. 364.57 लाख

**(एस.ओ.आर. दिनांक 01.08.2010 से प्रचलित (यथा संसोधित दिनांक 22.08.2022 तक))**

अन्य विवरण एवं विस्तृत निविदा छत्तीसगढ़ शासन की ई-प्रोक्योरमेंट वेब साइट **https://eproc.cgstate.gov.in** पर दिनांक 23.08.2024 समय 17.31 बजे से देखे तथा डाउनलोड किये जा सकते है।

नोट: निविदा में भाग लेने हेतु ठेकेदारों को ई-प्रोक्योरमेंट बेवसाईट **https://eproc.cgstate.gov.in** पर नामांकित / पंजीयन तथा लोक निर्माण विभाग की एकीकृत पंजीयन प्रणाली के अंतर्गत ठेकेदार को उपयुक्त श्रेणी में पंजीयन कराना अनिवार्य है।

स्वा./- कार्यपालन अभियता
जल प्रबंध संभाग क्र. 2, बलौदाबाजार
कुते मुख्य अभियंता भहानदी परियोजना
जल संसाधन विभाग, रायपुर, छ.ग.

G-242501884/7

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा**
email- rwdchaibasa64@gmail.com

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक– 1060(अनु0) दिनांक–29.07.2024 द्वारा आमंत्रित ई निविदा आमंत्रण सूचना सं0–**06/2024-25 /RWD/EE/CHAIBASA** के क्रम0 सं0–1 में अंकित कार्य का जिसके शुद्धि पत्र का **PR No–332493 (West Singhbhum) 24-25* D** में निकाली गई निविदा में आंशिक रूप से इस प्रकार संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | वेबसाईट में निविदा प्रकाशन की तिथि :– 14.08.2024 | वेबसाईट में निविदा प्रकाशन की तिथि – 20.08.2024 |
| 2 | ई–निविदा प्राप्ति की अंतिम तिथि एवं समय :– 24.08.2024 अपराह्न 05:00 बजे तक। | ई–निविदा प्राप्ति की अंतिम तिथि एवं समय :– 31.08.2024 अपराह्न 05:00 बजे तक। |
| 3 | निविदा खोलने की तिथि एवं समय :– 27.08.2024 पूर्वाह्न 11:30 बजे। | निविदा खोलने की तिथि एवं समय :– 02.09.2024 पूर्वाह्न 11:30 बजे। |

निविदा की शेष कंडिकाएँ एवं शर्त्ते यथावत् रहेंगी।

विश्वासभाजन,
कार्यपालक अभियंता
ग्रामीण कार्य विभाग, कार्य प्रमण्डल,चाईबासा

PR 332990 West Singhbhum(24-25).D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, गोड्डा**

**ई–प्रोक्योरमेंट सूचना**
अति अल्पकालीन ई–निविदा सूचना
सं० – RCD/GODDA/981/2024-25 (3rd Call) दिनांक –17.08.2024
Old PR NO. 331834 (Road) 24-25 *D

| | | |
|---|---|---|
| 1. | कार्य का नाम | पथ प्रमण्डल, गोड्डा अन्तर्गत "IRQP (Imporvement of Riding Quality) Work of Jogini Sthan to Barkope Durga Mandir Road (Total Length- 2.10 Km) कार्य" |
| 2. | प्राक्कलित राशि | रू0 1,29,08,378.34 /– (एक करोड़ उन्तीस लाख आठ हजार तीन सौ अठहत्तर रूपये चौतीस पैसे) मात्र |
| 3. | बीड जमानत की राशि | रू० 2.59 लाख |
| 4. | कार्य पूर्ण करने की अवधि | 02 (दो) माह |
| 5. | वेबसाईट में निविदा प्रकाशन की तिथि | 21.08.2024 के पूर्वाह्न 3:00 बजे से |
| 6. | ऑनलाईन निविदा प्राप्त करने की अन्तिम तिथि/समय | 28.08.2024 के दोपहर 12:00 बजे तक |
| 7. | निविदा खोलने की तिथि/समय | 29.08.2024 के अपराह्न 12:30 बजे |
| 8. | निविदा आमंत्रित करने वाले अधिकारी के कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमण्डल, गोड्डा |
| 9. | निविदा आमंत्रित करने वाले अधिकारी का मो0 नं0 | 8987675852 |
| 10. | ई–प्रोक्योरमेंट सेल का हेल्पलाईन सं० /दूरभाष सं० | 0651-2446007 |

नोट :– 1. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 333069 (Road) 24-25 (D)

See Career Appointment on every Wednesday & Saturday




୧୭।୮।୨୦୨୪

| | |
|---|---|
| ୭,୬୫,୯୫୪ ଟଙ୍କା | |
| ସୁନା | ୯୧୦ ମିଲିଗ୍ରାମ୍ |
| ରୁପା | ୩୮.୭୮୦ ଗ୍ରାମ୍ |

# ସମୃଦ୍ଧ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଛାୟା ଜାତିସଂଘ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୮(ଅସମାପିକା ସାହୁ)

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ୧୧ତମ ଛାୟା ଜାତିସଂଘ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଭିନ୍ନ ସ୍କୁଲ୍‌ରୁ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ବିଷୟବସ୍ତୁ ରହିଛି 'ଆତ୍ମନିର୍ଭରତା: ରାଷ୍ଟ୍ରୀୟ ସମୃଦ୍ଧିଠାରୁ ବୈଶ୍ୱିକ ସ୍ଥିରତା'। ଏହାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି, ଛାୟା ଜାତିସଂଘ ହେଉଛି ଏଭଳି ଏକ ପ୍ଲାଟ୍‌ଫର୍ମ ଯେଉଁଠି ଛାତ୍ରୀଛାତ୍ର ଅନ୍ୟମାନଙ୍କ ସହ କିପରି ବାର୍ତ୍ତାଳାପ, ଆଲୋଚନା କରିବାକୁ ହେବ ତାହା ଶିଖିପାରିବେ। ଏଥିସହ ଯୁକ୍ତି ଉପସ୍ଥାପନ ଶୈଳୀ, ନିଜର ଚିନ୍ତାଧାରା ପରିପ୍ରକାଶ, ବିଭିନ୍ନ ସମସ୍ୟା ସମାଧାନ କରିବାର ପାରଦର୍ଶିତା ଏବଂ ନେତୃତ୍ୱ ନେବାର ଦକ୍ଷତା ଆଦି ବିଷୟରେ ମଧ୍ୟ ଏଠାରେ ଶିଖିବାର ସୁଯୋଗ ମିଳିଥାଏ। ଛାୟା ଜାତିସଂଘରେ ସୁନ୍ଦର ଭାବେ ଜ୍ଞାନ ଓ ଭାବ ପରିପ୍ରକାଶର ସମନ୍ୱୟ ହୋଇଥାଏ। ଏକ ସମୃଦ୍ଧ ଭାରତ ଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯୁବଗୋଷ୍ଠୀକୁ ଶିକ୍ଷା ସହ ସେମାନଙ୍କୁ ସଶକ୍ତ, ସକ୍ଷମ, ସଂଶ୍ଳିଷ୍ଟ ଏବଂ ପ୍ରବୃଦ୍ଧ କରିବାକୁ ପଡ଼ିବ ବୋଲି ସାମନ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପଟେନ ଆର. କେ. ନାରଙ୍ଗ କହିଲେ, ଏକ ଦାୟିତ୍ୱବାନ ରାଷ୍ଟ୍ର ଭାବେ ଭାରତ ଜାତିସଂଘରେ ଶାନ୍ତି ଓ ନିରାପତ୍ତା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିଆସୁଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରିଣତ ହେବାର ଲକ୍ଷ୍ୟ ରଖିଛି। ୧୪୦ କୋଟି ଭାରତୀୟ ତଥା ବିଶ୍ୱବାସୀଙ୍କ ଆଶା ଯୁବପିଢ଼ି ହିଁ ପୂରଣ କରିପାରିବେ ବୋଲି ନାରଙ୍ଗ କହିଥିଲେ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।






ଛାୟା ଜାତିସଂଘର ଉଦ୍‌ଘାଟନୀ ଉତ୍ସବରେ କ୍ୟାପଟେନ ଆର୍. କେ. ନାରଙ୍ଗ ଓ ଅନ୍ୟ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ବିଏମ୍‌ସି ରିକ୍ରିଏଶନ କ୍ଲବ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର, ୧୭।୮(ବନ୍ଦନା ସେଠୀ)– ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରିକ୍ରିଏଶନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଆରମ୍ଭ ହୋଇଛି। ବିଏମ୍‌ସି ମୁଖ୍ୟାଳୟର ତୃତୀୟ ମହଲାରେ ଅନୁଷ୍ଠିତ ଇନ୍‌ଡୋର ଗେମ୍‌ସକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବ ବିଭିନ୍ନ ପର୍ଯ୍ୟାୟରେ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଚେସ୍, କ୍ୟାରମ୍, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଆଦି ବିଭିନ୍ନ ବିଭାଗରେ ଓ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହେବ ବୋଲି ମେୟର ସୂଚନା ଦେଇଛନ୍ତି। କ୍ରୀଡ଼ା ଉତ୍ସବରେ କର୍ପୋରେଟର, କର୍ମଚାରୀ, ଅଧିକାରୀ ଉଭୟ ମହିଳା ଓ ପୁରୁଷ ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ତଥା ରିକ୍ରେସନ କ୍ଲବର ସଭାପତି ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ଅଧ୍ୟକ୍ଷା, କର୍ପୋରେଟର, ରିକ୍ରିଏଶନ କ୍ଲବର ସମ୍ପାଦକ ଶୁଭକାନ୍ତ ପାଢୀଙ୍କ ସହ ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କପିଳପ୍ରସାଦ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର

ଭୁବନେଶ୍ୱର,୧୭।୮(ଶର୍ମିଷ୍ଠା ପାଣିଗ୍ରାହୀ) ଭୁବନେଶ୍ୱର କପିଳପ୍ରସାଦ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଡିଏସ୍‌ପି ରାଜ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାୟାକଳ୍ପ ସାହିତ୍ୟ ପତ୍ରିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପିକା ନମିତା ପଟ୍ଟନାୟକ, ଡ. ତପନ ଦତ୍ତ, ମଳୟ ତ୍ରିପାଠୀ, ସନ୍ତୋଷିନୀ ହୋତା ଅତିଥି ଭାବରେ ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମୃତି ସାଗରିକା ସ୍କୋରର ଥିଲେ। ସୁଧାଂଶୁ, ହାସିନା, ଶିବାନ, ମୋନାଲିସା, ସ୍ମୃତିରାଣୀ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ଗିରିଶ ପଟ୍ଟନାୟକଙ୍କ ସ୍ମୃତିରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ମାଧବୀ ପାତ୍ର ଧନ୍ୟବାଦ ଦେଇଥିଲେ। ସୁକାନ୍ତି ସାହୁ, ସସ୍ମିତା ସାହୁ, ରାଜଶ୍ରୀ ପରିଜା, ଟିଙ୍କିନା ନାୟକ, ପିଙ୍କି ଦାଶ, ବିଜୟଲକ୍ଷ୍ମୀ ମଲ୍ଲିକ, ସାଗରିକା ପଣ୍ଡା, ବିଷ୍ଣୁ ଜେନା ପ୍ରମୁଖ ସହଯୋଗ କରିଥିଲେ।



ରବୀନ୍ଦ୍ରମଣ୍ଡପରେ ଚାଲିଥିବା ଗୁରୁଶ୍ରୀ ସମ୍ମାନ ମହୋତ୍ସବର ଶନିବାର ଉଦ୍‌ଯାପନ ଅବସରରେ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

# ଗୁରୁ ଅଶୋକ ଘୋଷାଲଙ୍କୁ 'ନୃତ୍ୟ ସରଞ୍ଜନା', ୪ଜଣଙ୍କୁ 'ନୃତ୍ୟଶ୍ରୀ ସମ୍ମାନ'

## ସରିଲା ୧୩ତମ ଗୁରୁଶ୍ରୀ ସମ୍ମାନ ମହୋତ୍ସବ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ରବୀନ୍ଦ୍ରମଣ୍ଡପଠାରେ ଚାଲିଥିବା ୧୩ତମ 'ଗୁରୁଶ୍ରୀ ସମ୍ମାନ' ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ନବକିଶୋର ବେହେରାଙ୍କ ସଭାପତିତ୍ୱରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୁରୁ ଅଶୋକ କୁମାର ଘୋଷାଲଙ୍କୁ ଚଳିତ ବର୍ଷର 'ନୃତ୍ୟ ସରଞ୍ଜନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ନୂଆଦିଲ୍ଲୀର ନୃତ୍ୟାଙ୍ଗନା ଗୁରୁ କବିତା ଦ୍ୱିବେଦୀ, ପୁନେର କଥକ ନୃତ୍ୟଶିଳ୍ପୀ ଇଶା ନନ୍ୟାଲ ଏବଂ ଦ୍ୱୈତନୃତ୍ୟରେ ମୋନାଲିସା ମହାରଣା ଓ ବିଜୟଜ୍ୟୋତି ପଟ୍ଟନାୟକଙ୍କୁ 'ନୃତ୍ୟଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି 'ପ୍ରଜ୍ଞାପ୍ରତିଭା ବିଚାରକ' ଭାବେ ଗୁରୁ ସ୍ୱୟଂପ୍ରଜ୍ଞା ସାହୁଙ୍କୁ ସମ୍ମାନିତ କରାଯିବା ସହ ରୋଜି ସ୍ୱାଇଁଙ୍କୁ 'ପ୍ରଜ୍ଞାପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ପ୍ରଦାନ ଉତ୍ସବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣ ନେଇ ମଞ୍ଚକୁ ଓହ୍ଲାଇଥିଲେ ଗୁରୁ କବିତା ଦ୍ୱିବେଦୀ। ଓଡ଼ିଶୀ ନୃତ୍ୟରେ ସେ ପରିବେଷଣ କରିଥିଲେ ସରଭମ ପରଂବ୍ରହ୍ମ। ପରେ କଥକ ନୃତ୍ୟରେ ଇଶା ଶିବା ଶିବା ପରିବେଷଣ କରିଥିବାବେଳେ ଓଡ଼ିଶୀ ଦ୍ୱୈତନୃତ୍ୟରେ ମୋନାଲିସା ଓ ବିଜୟଜ୍ୟୋତି ଜଗନ୍ନାଥ ଅଷ୍ଟକମ୍ ପରିବେଷଣ କରିଥିଲେ। ଓଡ଼ିଶୀରେ ଶିଳ୍ପୀ ରୋଜିଙ୍କ 'ମୋହନ ମୁରଲି ଛାଇ ଲୋ' ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଶେଷ ପର୍ଯ୍ୟାୟରେ ଗୁରୁ ଅଶୋକ ଘୋଷାଲଙ୍କ ନିର୍ଦ୍ଦେଶନାରେ ଶକୁନି ନୃତ୍ୟନାଟିକା ନୃତ୍ୟଶାଳାର କଳାକାରଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ପ୍ରଜ୍ଞା ନୃତ୍ୟାୟନର କୁନି କୁନି ଓ ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଗୁରୁ ସ୍ୱୟଂପ୍ରଜ୍ଞା ସାହୁ, କୋଷାଧ୍ୟକ୍ଷ ଗୟାଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ନିରଞ୍ଜନ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସାମାଜିକ କର୍ମୀ ସବ୍ୟସାଚୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।





## ଚାରା ଓପାଡ଼ିବା ସହ ସୁରକ୍ଷା ବାଡ଼ ଭାଙ୍ଗିଦେଲେ

ପୁରୁଣା ଭୁବନେଶ୍ୱର,୧୭।୮(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଜୁଲାଇ ୨୮ରୁ ବର ଏବଂ ଅଶ୍ୱତ୍ଥ ଚାରାରୋପଣ ଜାରି ରହିଛି। ପରିବେଶ ସୁରକ୍ଷା ସହ ଜୀବଜଗତକୁ ପ୍ରଚୁର ଅମ୍ଳଜାନ ଯୋଗାଇବା ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ 'ଆସ ଲଗାଇବା ଗଛ' ସ୍ଲୋଗାନ ସହ ପୁରୁଣା ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ଚାରା ରୋପଣ କରାଯାଉଛି। କେହି ଦୁର୍ବୃତ୍ତ ଲଗାଯାଇଥିବା ଚାରାକୁ ଓପାଡି ଫିଙ୍ଗିବା ସହ ତାର ଜାଲି ଭାଙ୍ଗି ଦେଇଥିବା ମଞ୍ଚ କର୍ମକର୍ତ୍ତା ଦେଖିବାକୁ ପାଇଥିଲେ। ଏନେଇ ମଞ୍ଚ ପକ୍ଷରୁ ଧଉଳି ଥାନାରେ ଅଭିଯୋଗ ହୋଇଛି। ବିଶେଷକରି ଗଙ୍ଗୁଆ ନଦୀବନ୍ଧର ମାରୁତି ନଗର ରାସ୍ତାକଡ଼, ଲିଙ୍ଗିପୁର ବାଇପାସ୍ ଟ୍ରାଫିକ ଛକ ଅର୍ଥାତ ରାଜପଥ କଡ଼ରେ ଲଗାଯାଇଥିବା ଚାରାଗୁଡିକ ଓପାଡି ଦେଇଛନ୍ତି। ଏହା ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

## ପେଟ୍ରୋଲ ଟାଙ୍କିରୁ ଲୁଟ୍ ଉଦ୍ୟମ, ଯୁବକ ଗିରଫ

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

ସଦର ଥାନା ଅନ୍ତର୍ଗତ ଦଧିମାଛ ଗାଡିଆରେ ଥିବା ଏକ ପେଟ୍ରୋଲ ଟାଙ୍କିରୁ ଲୁଟ୍ କରିବାକୁ ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଦକ୍ଷିଣ ମୁଣ୍ଡମୁହାଣର ଗୋପବନ୍ଧୁ ପ୍ରଧାନ ଓରଫ କାଳିଆ(୩୭)। ଶୁକ୍ରବାର କାଳିଆ ଏକ ସ୍କୁଟିରେ ପେଟ୍ରୋଲ ପମ୍ପକୁ ଯାଇ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ଜଣଙ୍କୁ ଆକ୍ରମଣ କରି ଲୁଟ କରିବାକୁ ଉଦ୍ୟମ କରିଥିଲା। ଖବରପାଇ ପୋଲିସ ପହଞ୍ଚି କାଳିଆଙ୍କୁ ଗିରଫ କରିଥିଲା। ଛୁରି, କଟର ମେସିନ ଓ ଏକ ସ୍କୁଟି ଜବତ ହୋଇଛି। ପେଟ୍ରୋଲ ଟାଙ୍କି ମାଲିକ ମଦନ ଗୋପାଳ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୧୮୫/୨୪) ରୁଜୁ ହୋଇଛି।

# ଜିରାଫ 'ଖୁସି'କୁ ମିଳିବ ସାଥୀ

ବାରଙ୍ଗ,୧୭।୮(ଲିଙ୍ଗରାଜ ରାଉତ)



ଦୀର୍ଘଦିନର ବ୍ୟବଧାନ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ହଲେ ଜିରାଫ ଆସିବେ। ଏହାପରେ ଖୁସିକୁ ସାଥୀ ମିଳିଯିବ। ସାଥୀ ବିନା ନିଃସଙ୍ଗ ଜୀବନ ଜିଉଁଥିବା ଖୁସିକୁ ୨୦୧୨ ଜୁଲାଇ ୧୧ରେ ଦେଢ ବର୍ଷ ବୟସରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନ ଅଣାଯାଇଥିଲା। ତା ବଦଳରେ ନନ୍ଦନକାନନକୁ ସିମ୍ପାଞ୍ଜି କାର୍ତ୍ତିକ ଓ ସୁଭଦ୍ରାକୁ ଦେବାକୁ ପଡ଼ିଥିଲା। ପରେ ୨୦୧୬ ଫେବୃଆରୀ ୨୪ରେ କୋଲକାତାରୁ ଖୁସି ପାଇଁ ୬ ବର୍ଷର 'ଜୟ'କୁ ଅଣାଯାଇଥିବାବେଳେ ୪ ଦିନ ପରେ ତା'ର ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ଖୁସି ଏକା ଜୀବନ ବଞ୍ଚୁଛି। ତେବେ ଶୁକ୍ରବାର ନନ୍ଦନକାନନର ୪ ଜଣିଆ ଦଳ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏମାନେ ନୂଆ କରି ଆସିବାକୁ ଥିବା ଜିରାଫକୁ କେଉଁ ବାଟରେ ଆଣିବେ, ଆଣିବାର ବାଟରେ ବିଦ୍ୟୁତ୍ ତାର ଯେପରି ପ୍ରତିବନ୍ଧକ ସୃଷ୍ଟି ନ କରିବ ଓ ଜିରାଫର ଉଚ୍ଚତାକୁ ଆୟୁଦ୍ଧ କରି କେଜ୍ ନିର୍ମାଣ ଆଦି ବିଷୟରେ ତର୍ଜମା ଓ ଆକଳନ କରିବେ। ଯାଇଥିବା ଟିମ୍ ରବିବାର ନନ୍ଦନକାନନ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

## ସିମ୍ପାଞ୍ଜି 'ଜୁଲୁ' ଅସୁସ୍ଥ

ବାରଙ୍ଗ,୧୭।୮(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷକ ସାଜିଥିବା ସିମ୍ପାଞ୍ଜି ଜୁଲୁ ଅସୁସ୍ଥ ଥିବା ଜଣାପଡ଼ିଛି। ଶୁକ୍ରବାରଠାରୁ ସେ ଅସୁସ୍ଥ ହେବା ସହ ବାନ୍ତି କରୁ ଥିବାରୁ ଏଠାକାର ଡାକ୍ତରଙ୍କ ସହ ପ୍ରାଣୀ ବିଭାଗର ଚିନ୍ତା ବଢିଯାଇଛି। ଶନିବାର ଓୟୁଏଟିର ଏକ ଡାକ୍ତରୀ ଦଳ ଆସି ଜୁଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ସାଲାଇନ ଓ ଇଞ୍ଜେକ୍ସନ ଆଦି ଦେଇଥିବା ଜଣାପଡ଼ିଛି। ସାଢେ ୫ ବର୍ଷର ହୋଇଥିବା ଅଣ୍ଡିରା ସିମ୍ପାଞ୍ଜି ଜୁଲୁ ଓ ସାଢେ ୩ ବର୍ଷର ହୋଇଥିବା ମାଈ ସିମ୍ପାଞ୍ଜି ପାମ୍ପେଟାକୁ ସିଙ୍ଗାପୁର ଚିଡ଼ିଆଖାନାରୁ ୪ ଘଡିଆଳ ଓ ୨ ଦେଶୀଭାଲୁ ବଦଳରେ ୧୯୯୪ ମେ ୧୬ରେ ନନ୍ଦନକାନନକୁ ଅଣାଯାଇଥିଲା।

# ଆଜିର ସମୟ ଗଣମାଧ୍ୟମ ପାଇଁ ଘଡ଼ିସନ୍ଧିର ମୁହୂର୍ତ୍ତ




## ଇମ୍‌କା ପକ୍ଷରୁ ଆଇଆଇଏମ୍‌ସି ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ଭାରତୀୟ ଜନ ସଞ୍ଚାର ସଂସ୍ଥାନ ପୁରାତନ ଛାତ୍ର ସଂସଦ(ଇମ୍‌କା) ପକ୍ଷରୁ ଆଇଆଇଏମ୍‌ସିର ପ୍ରତିଷ୍ଠା ଦିବସ ଶନିବାର ବୁଦ୍ଧ ମନ୍ଦିରଠାରେ ପାଳିତ ହୋଇଯାଇଛି। ଆଇଆଇଏମ୍‌ସିର ପୂର୍ବତନ ନିର୍ଦ୍ଦେଶକ ଉମାକାନ୍ତ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ, କେବଳ ଇଟା ଓ ପଥରରେ ଗୋଟିଏ ଅନୁଷ୍ଠାନର ନିର୍ମାଣ ହୋଇ ନ ଥାଏ। ଅନୁଷ୍ଠାନ ଗଢାହୁଏ କେତେଜଣ ମଣିଷ ଓ କିଛି ନେତୃତ୍ୱଙ୍କ ସହଯୋଗରେ। ସେ ସମୟରେ ଗୋଟିଏ ଜିଲାରେ ଆଇଆଇଏମ୍‌ସିର ହେଡ୍‌କ୍ୱାର୍ଟର୍ସ ଚାଲିପାରିବା ଏକ ଚ୍ୟାଲେଞ୍ଜ ଥିଲା। ମାତ୍ର ଏବେ ଆଇଆଇଏମ୍‌ସି ଢେଙ୍କାନାଳ ସହିତ ଓଡ଼ିଶାର ପରିଚୟ ସାଜିଛି। ଆଜିର ସମୟ ଗଣମାଧ୍ୟମ ପାଇଁ ଏକ ଘଡିସନ୍ଧିର ମୁହୂର୍ତ୍ତ। ଅର୍ଥନୈତିକ କ୍ଷେତ୍ରରେ ଗଣମାଧ୍ୟମ ସାମାନ୍ୟ ମୁଣ୍ଡ ଟେକିଥିଲାବେଳେ ରାଜନୀତିକ ସମସ୍ୟା ଅଧିକ ରହୁଛି ବୋଲି ସେ କହିଥିଲେ। ସାମ୍ବାଦିକା କସ୍ତୁରୀ ରାୟ ନିଜ ପୁରୁଣା ଦିନର କଥା ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ଓଡ଼ିଶାର ପ୍ରଥମ ବ୍ୟାଚର ଛାତ୍ରୀ ଅରୁନ୍ଧତୀ ପଟ୍ଟନାୟକ ଜୀବନରେ କମ୍ୟୁନିକେଶନ ତଥା ଯୋଗାଯୋଗର ମୂଲ୍ୟ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଏହି ଶିକ୍ଷାନୁଷ୍ଠାନରୁ ଶିଖିଥିବା କହିଥିଲେ। ଇମ୍‌କାର ସଭାପତି ସନ୍ଦୀପ ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଗକୁ ଆଡଭାଇଜାରୀ ବୋର୍ଡ ଗଠନ ହେବା ନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅକ୍ଷୟ ସାହୁ, ଯଯାତି କରଣ, ସଙ୍ଗୀତା ଅଗ୍ରୱାଲ, ବ୍ୟୋମକେଶ ବିଶ୍ୱାଳ, ସ୍ମୃତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିଶନ ବାରାଇ ଓ ଚିଦାନନ୍ଦ ଜେନା କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

# ନଭେମ୍ବର ୨୯ରୁ ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଏବଂ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ ଏକତ୍ରିତ କରି ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଅଗ୍ରଗତି ଏବଂ ସେମାନଙ୍କର ଉପଲବ୍ଧ ସଫଳତା ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏହି କଂଗ୍ରେସର ୨୫ତମ ବା ରୌପ୍ୟ ଜୟନ୍ତୀ ଅଧିବେଶନ ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଅନୁଷ୍ଠିତ ହେବ। ପରିବେଶ ସମିତି ଏବଂ ଭୁବନେଶ୍ୱରସ୍ଥିତ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍ଏମ୍‌ଟି) ପକ୍ଷରୁ ପ୍ରତିଷ୍ଠାନ ପରିସରରେ ଏହି ଅଧିବେଶନ ଅନୁଷ୍ଠିତ ହେବ। ଚଳିତ ବର୍ଷ ଅଧିବେଶନର ମୁଖ୍ୟ ବିଷୟବସ୍ତୁ ରହିଛି 'ରାଷ୍ଟ୍ରର ସମ୍ପୂର୍ଣ୍ଣ ବିକାଶରେ ବିଜ୍ଞାନର ପ୍ରୋତ୍ସାହନ'। ବିଶ୍ୱରେ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ଅବିଶ୍ୱସନୀୟ ଅଗ୍ରଗତି ମାନବ ସମସ୍ୟାର ସ୍ଥାୟୀ ସମାଧାନ ସହିତ ମାନବ ଜାତିର ଉତ୍ପାଦନ କ୍ଷମତା, ଦକ୍ଷତା, ଦୀର୍ଘାୟୁ ଏବଂ ଅତ୍ୟାଧୁନିକ ଜୀବନଶୈଳୀରେ ମଧ୍ୟ ବୃଦ୍ଧି ଘଟାଇଛି। ଆଗାମୀ ଦିନରେ ବୈଜ୍ଞାନିକମାନେ ଗମ୍ଭୀର ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ଆହ୍ୱାନସବୁର ସ୍ଥାୟୀ ସମାଧାନ ପନ୍ଥା ନିରୂପଣ କରିବାରେ ସକ୍ଷମ ହେବେ, ଯାହା ଭବିଷ୍ୟତ ପିଢ଼ିକୁ ଏହି ଗ୍ରହରେ ବାସ କରିବା ନିମନ୍ତେ ଏକ ସମସ୍ୟାମୁକ୍ତ ପରିବେଶ ପ୍ରଦାନ କରିବ। ଏହି ପ୍ରସଙ୍ଗ ଉପରେ ବିଜ୍ଞାନ କଂଗ୍ରେସରେ ବିସ୍ତୃତ ଆଲୋଚନା ହେବ। ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ପୌରୋହିତ୍ୟ କରିବେ। ଅତିଥି ଭାବେ ଆଇଏମ୍ଏମ୍‌ଟିର ବୈଜ୍ଞାନିକ ଡ. ଏମ୍‌ଜି ସୁଜାନା, ଡ. ତୃପ୍ତି ଦାସ, ଡ. ସୋନି ପାଣ୍ଡେ, ଡ. ପ୍ରଭାତ ମଞ୍ଜରୀ ମିଶ୍ର, ଡ. ଆଶିଷ କୁମାର ଯାଦବ, ସମିତିର ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର, ସହ–ଆବାହକ ପ୍ରଫେସର ସନ୍ଦୀପ କୁମାର କୁଣ୍ଡୁ, ସଦସ୍ୟ ଡ. ସୁରଭି ଜୈନ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କଂଗ୍ରେସର ଆବାହକ ତଥା ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଆଦିତ୍ୟ ମେମୋରିଆଲ ଇଣ୍ଟରସ୍କୁଲ କୁଇଜ୍

# ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ଟିମ୍ ପ୍ରଥମ

ଭୁବନେଶ୍ୱର, ୧୭।୮(ଅସମାପିକା ସାହୁ)

ଲୟୋଲା ସ୍କୁଲ ଓ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଶନିବାର 'ଆଦିତ୍ୟ ମେମୋରିଆଲ ଇଣ୍ଟରସ୍କୁଲ କୁଇଜ୍'ର ୧୪ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ବିଭିନ୍ନ ସହରରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୋଟ ୨୨ ସ୍କୁଲର ୧୭୪ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ କୁଇଜ ମାଷ୍ଟର ମାନସ ନାୟକଙ୍କ ପ୍ରଶ୍ନର ସାମ୍ନା କରି ନିଜ ଦୃଢ଼ତା ଏବଂ ଚତୁରତା ପ୍ରଦର୍ଶନ କରିଥିଲେ। ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବା ପାଇଁ ସେଠାରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏହି ପ୍ରତିଯୋଗିତାରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଟିମ୍ ପ୍ରଥମ ହୋଇଥିବାବେଳେ ଭୁବନେଶ୍ୱରର ଲୟୋଲା ସ୍କୁଲ ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗନଗର ଟିମ୍ ତୃତୀୟ ସ୍ଥାନ ହାସଲ କରିଛି। ପ୍ରଥମ ବିଜେତାଙ୍କୁ ୧୨,୫୦୦, ଦ୍ୱିତୀୟ ବିଜେତାଙ୍କୁ ୭,୫୦୦ ଏବଂ ତୃତୀୟ ବିଜେତାଙ୍କୁ ୫୦୦୦ ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ପ୍ରତ୍ୟେକ ସେମିଫାଇନାଲିଷ୍ଟ ଏବଂ ଫାଇନାଲିଷ୍ଟ ବାଳିକା ଅଂଶଗ୍ରହଣକାରୀଙ୍କୁ ୧ହଜାର ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସକ୍ରିୟ ଏବଂ ଉତ୍ସାହର ସହିତ ଅଂଶଗ୍ରହଣ କରିଥିବା ଦର୍ଶକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ପ୍ରତିଷ୍ଠାତା ମିହିର ସାହୁ, ସଦସ୍ୟା ଜୟଶ୍ରୀ ସାହୁ, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜିତ ଶ୍ରୀବାସ୍ତବ, ଲୟୋଲା ସ୍କୁଲର ରେକ୍ଟର ଫାଦର ଅଗଷ୍ଟିନ, ଅଧ୍ୟକ୍ଷ ଫାଦର ଏ. ଅମଲାଦସ୍ ଏସ୍.ଜେ, ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ ଓ ସିଷ୍ଟର ଏସ୍ଥର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ୨୦୧୦ ଏପ୍ରିଲ ୧୮ରେ ଲୟୋଲା ସ୍କୁଲର ଛାତ୍ର ତଥା କୁଇଜର ଆଦିତ୍ୟ ସାହୁଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ମୃତିରେ ଲୟୋଲା ସ୍କୁଲ ଏବଂ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ମିଳିତ ଭାବେ ୨୦୧୧ରୁ ଏହି କୁଇଜ ପ୍ରତିଯୋଗିତା ଆୟୋଜନ କରିଆସୁଛନ୍ତି।




ଟ୍ରଫି ଓ ପୁରସ୍କାର ସହ ୩ ବିଜୟୀ ଟିମ୍।




ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

ଆଦର୍ଶ ଥାନା ଅନ୍ତର୍ଗତ ଶରଧାପୁର ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲା ଫତେଗଡ଼ ଥାନା ଅଧୀନ ଗୋବର୍ଦ୍ଧନପ୍ରସାଦର ଗଜେନ୍ଦ୍ର କୁମାର ସାହୁ(୩୩)। ସୂଚନା ଅନୁସାରେ, ମା’ ଶୈଳବାଳାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇ ଏକ ଭଡାକାରରେ ଘରକୁ ପଠାଇ ପଛରେ ବାଇକ୍(ଓଡି.୦୨ବିପି-୩୨୭୨)ରେ ଗଜେନ୍ଦ୍ର ଘରକୁ ଫେରୁଥିଲେ। ସନ୍ଧ୍ୟା ୭ଟାରେ ୫୭ନଂ. ଜାତୀୟ ରାଜପଥର ଶରଧାପୁର ଛକ ନିକଟରେ ପଛପଟୁ ଆସୁଥିବା ହାଇୱା ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବାପା ଦେବରାଜ ସାହୁଙ୍କ ଅଭିଯୋଗକ୍ରମେ ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ. ୩୦୩/୨୪) ରୁଜୁକରି ତଦନ୍ତ ଚଳାଇଛି।

### ପେଟ୍ରୋଲ ଟାଙ୍କିରୁ ଲୁଟ୍ ଉଦ୍ୟମ, ଯୁବକ ଗିରଫ

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

ସଦର ଥାନା ଅନ୍ତର୍ଗତ ଦଧିମାଛ ଗାଡିଆରେ ଥିବା ଏକ ପେଟ୍ରୋଲ ଟାଙ୍କିରୁ ଲୁଟ୍ କରିବାକୁ ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଦକ୍ଷିଣ ମୁଣ୍ଡମୁହାଁଣର ଗୋପବନ୍ଧୁ ପ୍ରଧାନ ଓରଫ କାଳିଆ(୩୭)। ପୋଲିସ ସୂଚନା ଅନୁସାରେ, ଶୁକ୍ରବାର କାଳିଆ ଏକ ସ୍କୁଟିରେ ପେଟ୍ରୋଲ ପମ୍ପକୁ ଯାଇ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ଜଣଙ୍କୁ ଆକ୍ରମଣ କରି ଲୁଟ କରିବାକୁ ଉଦ୍ୟମ କରିଥିଲା। ଖବରପାଇ ପୋଲିସ ପହଞ୍ଚି କାଳିଆଙ୍କୁ ଗିରଫ କରିଥିଲା। ଛୁରି, କଟର ମେଶିନ ଓ ଏକ ସ୍କୁଟି ଜବତ ହୋଇଛି। ପେଟ୍ରୋଲ ଟାଙ୍କି ମାଲିକ ମଦନ ଗୋପାଳ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୧୮୫/୨୪) ରୁଜୁ ହୋଇଛି। ଅଭିଯୁକ୍ତ କାଳିଆଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

### ଦେଶୀମଦ, ବାଇକ୍ ଜବତ: ଜଣେ ଗିରଫ

ବେଗୁନିଆ,୧୭।୮(ସନ୍ଧ୍ୟାରାଣୀ ମିଶ୍ର)

ଜିଲା ସଦର ରେଞ୍ଜ ଅବକାରୀ ଥାନା ଓ ବେଗୁନିଆ ଅବକାରୀ ଥାନା ମିଳିତଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରି ୯ହଜାର ୨ଶହ ଲିଟର ପୋଚ ନଷ୍ଟ କରିବା ସହ ୭୯୫ଲିଟର ଦେଶୀମଦ ଓ ବାଇକ୍ ଜବତ କରିଛି। ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା କାଜୁ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ବାଦଲ ବେହେରାଙ୍କଠାରୁ ୧୫ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରାଯିବା ସହିତ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍. ଜାଗିନ ରାଓଙ୍କ ନେତୃତ୍ୱରେ ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ସମେତ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ୧,୨୦,୨୮୫ ହେକ୍ଟର ଜମିରେ ହେବ ଖରିଫ ଚାଷ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ**

- ଜୈବିକ, ମିଲେଟ ଚାଷ, ସମନ୍ୱିତ ଫସଲକୁ ଗୁରୁତ୍ୱ
- ଏମ୍‌କେୱାଇରେ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯିବ

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ଆନୁକୂଲ୍ୟରେ ଖରିଫ୍-୨୦୨୪ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଚଳିତ ଖରିଫ ଚାଷ ଉପରେ ଆଲୋଚନା କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଡ.ପ୍ରଦୀପ୍ତ କୁମାର ପଣ୍ଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେ କହିଥିଲେ, ଚଳିତ ବର୍ଷ ଜିଲାରେ ୧ଲକ୍ଷ ୨୦ହଜାର ୨୮୫ ହେକ୍ଟର ଜମିରେ ଖରିଫ ଚାଷ କରାଯିବ। ସେଥିରୁ ୧ଲକ୍ଷ ୨ହଜାର ୨୬୭ ହେକ୍ଟର ଜମିରେ ଧାନଚାଷ ଏବଂ ୧୮ହଜାର ୧୮ହେକ୍ଟର ଜମିରେ ମୁଗ, ବିରି, ମାଣ୍ଡିଆ, ପନିପରିବା ଆଦି ଅଣଧାନ ଚାଷ କରାଯିବ। ସମନ୍ୱିତ ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ମାଟି ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯାଇଛି। ତଦନୁସାରେ ସାର ପ୍ରୟୋଗ ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ବଳରାମ ଯୋଜନାରେ ଭାଗଚାଷୀଙ୍କୁ କୃଷି ଋଣ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ(ଏମ୍‌କେୱାଇ) ଯୋଜନାରେ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଜୈବିକ ଚାଷ, କୃଷି ଯାନ୍ତ୍ରିକୀକରଣ, ଜଳନିଧି, ଓଡ଼ିଶା ମିଲେଟ ମିଶନ, ସମନ୍ୱିତ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଡିଜିଟାଲ ଫସଲ ସର୍ବେକ୍ଷଣ ମାଧ୍ୟମରେ ଜମିରେ ଚାଷ କରାଯାଉଥିବା ବିଭିନ୍ନ ଫସଲର ତଥ୍ୟ ସଂଗ୍ରହ କରାଯିବ।

ସେହିପରି ଅତିରିକ୍ତ ଜିଲାପାଳ ବେଉରା ମରୁଡ଼ିପ୍ରବଣ ଏବଂ ଅଣଜଳସେଚିତ ଅଞ୍ଚଳ ଚାଷୀ ଜଳନିଧି ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ପରାମର୍ଶ ଦେଇଥିଲେ। ଖରିଫ ଚାଷ ସମ୍ପର୍କିତ ଉପୁଜୁଥିବା ଚାଷୀଙ୍କ ସମସ୍ୟା ତ୍ୱରିତ ସମାଧାନ ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରିବାଳା ଜେନା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦିଗମ୍ବର ବିଶ୍ୱାଳ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମିତା ମହାନ୍ତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭୁବନେଶ୍ୱର ଦେବାଶିଷ ମିଶ୍ର, ଜଳ ପ୍ରବନ୍ଧକ କୃଷି ସେବା ସମବାୟ ସମୂହ, ନାବାର୍ଡ, ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ସମେତ ବ୍ଲକର କୃଷି ଅଧିକାରୀ, ଜଳସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ବିଭୁଦତ୍ତ ସାହୁ ସହଯୋଗ କରିଥିଲେ।

କୃଷି ବିଭାଗ ତଥ୍ୟ ପ୍ରକାରେ, ୧୭ ହଜାର ୪୭୫ ହେକ୍ଟର ଡିପ, ୪୩ହଜାର ୩୩୮ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରହିଥିବା ବେଳେ ୨ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ସେହିପରି ଦୟା, ମଳାଗୁଣୀ ଆଦି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ରହିଥିବା ବେଳେ କେନାଲ ଦ୍ୱାରା ୬୮୧୫ହେକ୍ଟର ଜମି, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଚାଷଜମିକୁ ଜଳସେଚିତ ହୋଇଥାଏ। ଜିଲାବ୍ୟାପୀ ପ୍ରାୟ ୫୬,୭୨୧ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି।

# ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା



ବୈଠକରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଖୋର୍ଦ୍ଧା ଜିଲା ଶାଖାର ସାଙ୍ଗଠନିକ ବୈଠକ ନରହରି ନନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପୂର୍ବକ୍ଷେତ୍ର ସଙ୍ଗଠନ ସମ୍ପାଦକ ଆଲୋକ ଚକ୍ରବର୍ତ୍ତୀ ଯୋଗଦେଇ ଶିକ୍ଷକମାନଙ୍କ କର୍ତ୍ତବ୍ୟବୋଧ ଓ ଦାୟିତ୍ୱ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ନିଲୁରାମ ଜେନା କହିଥିଲେ, ଶିକ୍ଷକମାନେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ରାସ୍ତାକୁ ନ ଓହ୍ଲାଇ ଶୃଙ୍ଖଳିତ ଭାବେ ସମାଧାନ ହୋଇପାରିବ, ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାନ୍ତ ସମ୍ପାଦକ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ଭୁବନେଶ୍ୱର ଅଧ୍ୟକ୍ଷ ପବିତ୍ର କୁମାର ରଥ କହିଥିଲେ, ସୁସ୍ଥ ସମାଜ ଗଠନରେ ଶିକ୍ଷକ ମାନଙ୍କ ପ୍ରମୁଖ ଭୂମିକା ରହିଛି। ଶିକ୍ଷାବିତ୍ ଡ.ନିରଞ୍ଜନ ମହାନ୍ତି ଶିକ୍ଷକମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଦକ୍ଷତା ବିକାଶ, ପ୍ରତିବଦ୍ଧତା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଡ଼ କଲେଜ ଅଧ୍ୟକ୍ଷ ଗଙ୍ଗାଧର ଦାଶ, ଶିକ୍ଷକ ସତ୍ୟାନନ୍ଦ ବେହେରା, ପ୍ରହଲ୍ଲାଦ ବାରିକ, ପଣ୍ଡିତ ବାସୁଦେବ ସାହୁ, ଅରୁଣ କୁମାର ରାୟ ପ୍ରମୁଖ ସାମ୍ପ୍ରତିକ ଶିକ୍ଷା, ୨୦୨୦ ନୂତନ ଶିକ୍ଷା ପଦ୍ଧତି ସମ୍ପର୍କରେ କହିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସୁଧାକର ସାହୁ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ୱାର୍ଡ ସଭ୍ୟାସଭ୍ୟ ଏବଂ ଅନ୍ୟମାନେ।

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ ପଞ୍ଚାୟତ ସମିତି ସଭାଗୃହରେ ବୋଲଗଡ଼, ଡାବରଧୁଆ ଓ ଦଳେଇସାହି ପଞ୍ଚାୟତର ୫୫ଜଣ ୱାର୍ଡମେମ୍ବରଙ୍କୁ ନେଇ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ଶିବିରରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର, ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସୋନାଲି ସାହୁଙ୍କ ଉପସ୍ଥିତିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ତାଲିମଦାତା ଭାଗୀରଥି ଦାଶ, ରଶ୍ମିତା ମହାରଣା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପଞ୍ଚାୟତର ବିଭିନ୍ନ ବିକାଶ ଯୋଜନା, ପଲ୍ଲୀସଭା, ଗ୍ରାମସଭା, ଆବାସ ଯୋଜନା, ସମ୍ବିଧାନ ସଂଶୋଧନ, ୱାର୍ଡମେମ୍ବରଙ୍କ ଭୂମିକା, ବିପର୍ଯ୍ୟୟ ପ୍ରଶମନ ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ତୃଣମୂଳ ସ୍ତରରେ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ସାମାଜିକକର୍ମୀ ବାମଦେବ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ, ପଦଯାତ୍ରା




ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

**କୋଲକତାରେ ମହିଳା ଡାକ୍ତରଙ୍କୁ ହତ୍ୟା ପ୍ରସଙ୍ଗ**

କୋଲକାତାର ଆର୍.ଜି. କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଶନିବାର ଓମସା ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ କାର୍ଯ୍ୟରତ ଡାକ୍ତର, ପାରା ମେଡିକାଲ, ଷ୍ଟାଫ ନର୍ସ, ଏବଂ ଅନ୍ୟ ମେଡିକାଲ ସ୍ୱାସ୍ଥ୍ୟକର୍ମୀ କଳାବ୍ୟାଜ ପରିଧାନ କରି ଓପିଡି ପରେ ମାତୃମଙ୍ଗଳକେନ୍ଦ୍ର(ଏମସିଏଚ) ସମ୍ମୁଖରେ ଏକାଠି ହୋଇ ଏହାର ବିରୋଧ କରିଥିଲେ। ଏମସିଏଚ୍ କୋଠା ଆଗରେ ବିକ୍ଷୋଭ ସହ ମେଡିକାଲ ପରିକ୍ରମା କରି ପ୍ରତିବାଦ କରିଥିଲେ। ପୀଡିତାଙ୍କୁ ନ୍ୟାୟ, ଠିକ୍ ତଦନ୍ତ, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଡା.ଜିତେନ୍ଦ୍ର କୁମାର ପଣ୍ଡା, ପ୍ରବୋଧ ପାଲ, ଶାରୁଖ ଅହମ୍ମଦ, ଆଲୋକ ଜେନା, ଶୁଭ୍ରାଂଶୁ ସାହୁ, ଲିପ୍ସା ରାୟ, ସରୋଜ.ନାୟକ, ଜୟନାରାୟଣ ପାଢୀ, ପ୍ରଶାନ୍ତ କୁମାର ଦାସ, ଗୋଲକ କୁମାର ଗୋଏଲ, ରାଇଲି ଚୌଧୁରୀ, ଦୀପ୍ତି ସାହୁ, ତପସ୍ୱିନୀ ଦାସଙ୍କ ସମେତ ଅନ୍ୟ ଡାକ୍ତର, ସମସ୍ତ ଷ୍ଟାଫ ନର୍ସ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଶ୍ୟାମ ପ୍ରସନ୍ନ ମିତ୍ର କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା। ଏଥିଲାଗି ସାରା ଭାରତରେ ଉଗ୍ରରୂପ ଧାରଣ କରିଛି। ଆମସା ଡାକରା କ୍ରମେ ଜିଲାରେ ଏହାର ପ୍ରତିବାଦ କରାଯାଇଛି। ସବୁ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉ। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯାଉ। ସେହିପରି ମାନସିକ ରୋଗ ବିଶେଷଜ୍ଞ ଡା.ଆଲୋକ ଜ୍ୟୋତି ସାହୁ କହିଛନ୍ତି, କେବଳ ଜଣେ ଛାତ୍ରୀଙ୍କୁ ହତ୍ୟା କରାଯାଇନାହିଁ, ବରଂ ତାହା ସହିତ ତାଙ୍କ ବାପାମା’ଙ୍କ ଆଶା ଆକାଂକ୍ଷା ଧୂଳିସାତ ହୋଇଯାଇଛି। ସ୍ୱାଧୀନତାର ୭୮ବର୍ଷ ପରେ ମଧ ମହିଳା ସୁରକ୍ଷିତ ନୁହଁ। ପୀଡିତାଙ୍କୁ ଯଥୋଚିତ ନ୍ୟାୟ ଦାବି କରୁଛି। ବରିଷ୍ଠ ଭେଷଜ ବିଶେଷଜ୍ଞ ବିଶ୍ୱମୋହନ ପାଢୀ କହିଥିଲେ, ଏହି ଘଟଣା ନୁହଁ, ଆଗରୁ ମଧ୍ୟ ଅନେକ ଘଟଣା ନଜିର ରହିଛି। ଡାକ୍ତରମାନେ ଦିନରାତି ଲୋକଙ୍କ ସେବା କରୁଛନ୍ତି। ଡାକ୍ତର ଲୋକଙ୍କ ଶତ୍ରୁ ନୁହନ୍ତି, ରୋଗୀଙ୍କ ନିଦାନ ସହ ଉତ୍ତମ ସେବା ପ୍ରଦାନ କରିଥାନ୍ତି। ଲୋକେ ଏଥିପ୍ରତି ସଚେତନ ହୁଅନ୍ତୁ। ଡାକ୍ତରଙ୍କ ସୁରକ୍ଷା ପ୍ରତି ସରକାର ଯତ୍ନବାନ ହୁଅନ୍ତୁ। ମହିଳା ଓ ଶିଶୁ ରୋଗ ଡାକ୍ତର ମନୋଲିସା ବେହେରା କହିଥିଲେ, ସ୍ୱାଧୀନ ଭାରତରେ ମହିଳାଙ୍କ ସୁରକ୍ଷା ଏବେ ଏକ ପ୍ରଶ୍ନବାଚୀ। ଅନେକ ସମୟରେ ରାତ୍ରି ଡ୍ୟୁଟି କରିବାକୁ ପଡିଥାଏ, ଏହି ଘଟଣା ପରେ ଅନ୍ୟମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରିବେ। ସରକାର ଏଥିପ୍ରତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଉଚିତ। ମହିଳାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ।

# ପିଚୁକୁଳି ମଣ୍ଡଳ ସଭାପତି ହେଲେ ପ୍ରକାଶ ଚନ୍ଦ୍ର ସାହୁ

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଭାଜପାର ପିଚୁକୁଳି ମଣ୍ଡଳ ସଭାପତିଭାବେ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ମଣ୍ଡଳର ଦୁର୍ଗାପ୍ରସାଦ(ଦେଉଳି) ଗ୍ରାମ ବାସିନ୍ଦା ପ୍ରକାଶ ଜଣେ ସାମାଜିକକର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିବା ବେଳେ ଦୀର୍ଘଦିନ ଧରି ଭାଜପାର ଜଣେ ଶୃଙ୍ଖଳିତ କର୍ମୀଭାବେ କାର୍ଯ୍ୟ କରି ଆସୁଥିଲେ। ପୂର୍ବରୁ ଏହି ମଣ୍ଡଳର ସଭାନେତ୍ରୀ ଥିବା ପ୍ରତିମାରାଣୀ ସାହୁ ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭାଜପା ଛାଡ଼ି ବିଜେଡିରେ ଯୋଗଦାନ କରିଥିବାରୁ ଏହି ପଦବୀଟି ଖାଲି ପଡିଥିଲା। ତେବେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ନଜରରେ ରଖି ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ପ୍ରକାଶଙ୍କ ନିଯୁକ୍ତି ନେଇ ମଣ୍ଡଳର ଦଳୀୟ କର୍ମୀମାନେ ଉତ୍ସାହିତ ଥିବା ବେଳେ ଉପରିସ୍ଥ ନେତା ଓ ତୃଣମୂଳ ସ୍ତରୀୟ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରଖି ସଙ୍ଗଠନକୁ ଆଗକୁ ବଢ଼ାଇବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି ତାଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ ନେଇ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି।

# ନ୍ୟାୟ ଦାବିରେ ଏବିଭିପିର କ୍ୟାଣ୍ଡେଲ ଶୋଭାଯାତ୍ରା




ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଶାଖା ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ ସହ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଘଟଣା ସମଗ୍ର ଭାରତ ବର୍ଷ ପାଇଁ ନିନ୍ଦନୀୟ। ଭାରତ ସ୍ୱାଧୀନତାର ୭୮ ବର୍ଷ ପରେ ବି ମହିଳାମାନେ ଅସୁରକ୍ଷିତ। ତେବେ ଘଟଣାକୁ ସପ୍ତାହେ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଭିପିର ପୁରୀ ବିଭାଗ ସହସଂଯୋଜକ ଶୋଭନ ରାଉତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରିତୀପଲ୍ଲବୀ ମହାପାତ୍ର, ଖୋର୍ଦ୍ଧା ଜିଲା ସଂଯୋଜକ ସୌମ୍ୟ ରଞ୍ଜନ ସାହୁ, ସ୍ୱାଗତିକା ସୁନ୍ଦରାୟ, ରାଜେନ୍ଦ୍ର ପ୍ରଧାନ, ମୋନିକା ମହାପାତ୍ର, ଅର୍ପିତା ସାହୁ, ବର୍ଷା ପ୍ରିୟଦର୍ଶିନୀ, ବିଷ୍ଣୁପ୍ରିୟା ସାହୁ, ସସ୍ମିତା ସାହୁ, କିଶୋର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଆଳିଆ ବନ୍ଧହୁଡ଼ାରେ ଅହିରାଜ, ଲୋକେ ଭୟଭୀତ

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ଼ ବନଖଣ୍ଡ ଅନ୍ତର୍ଗତ ଗୋପବନ୍ଧୁବିହାର ଓ ଶିଆଳିଆ ନୂଆସାହି ନିକଟ ଶିଆଳିଆ ବନ୍ଧ ନିକଟରେ ଏକ ଅହିରାଜ ସାପ ବୁଲୁଥିବା ଦେଖିବାକୁ ମିଳିଛି। ଏହାର ଲମ୍ବ ଆନୁମାନିକ ୧୫ରୁ ୨୦ଫୁଟ ହେବ ବୋଲି ଚୁଡ଼ା ପ୍ରାଥମିକ ସ୍କୁଲ ନିକଟରେ ଦେଖିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବନପାଳ ପ୍ରଦୀପ ପଟ୍ଟନାୟକ କହିଛନ୍ତି, ସାପଟି ଡୁବୁରୀ ସଂରକ୍ଷିତ ଜଙ୍ଗଲରୁ ଆସିଥିବ, ତାକୁ ଠାବ କରି ଧରିବା ସହଜ ନୁହେଁ। ସାପଟି ଯଦି ସମତଳ କିମ୍ବା ଜନବସତି ମଧ୍ୟକୁ ଆସିଥିବା ସୂଚନା ମିଳେ ତେବେ ତାକୁ ଧରିବା ପାଇଁ ବ୍ୟବସ୍ଥା କରାଯିବ। ଅନ୍ୟପଟେ ସର୍ପଧରାଳି ଗଦାଧର ଚମ୍ପତି କହିଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ସେ ଅହିରାଜ ସାପ ଦେଖିନାହାନ୍ତି କିମ୍ବା ଧରିନାହାନ୍ତି। ଆଖପାଖ ଜଙ୍ଗଲ ଅଞ୍ଚଳରେ ମୟୂରଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ସାପମାନେ ଭୟରେ ଜନବସତି ମୁହାଁ ହେଉଛନ୍ତି।

# ‘ସମାଜର ପଥ ପ୍ରଦର୍ଶକ ଭାବେ ସାହିତ୍ୟ ବିଦ୍ୟମାନ’

ବେଗୁନିଆ,୧୭।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ପୀଠ ପରିସରରେ ଶନିବାର ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ‘ସାହିତ୍ୟର ଦାୟିତ୍ୱ’ ଶୀର୍ଷକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ହୋଇଥିଲା। ସାମାଜିକ କର୍ମୀ ପବିତ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଗାୟକ ବସନ୍ତ ଦାସଙ୍କ ମଙ୍ଗଳାଚରଣ ପାଠ କରାଯାଇଥିଲା। ପରେ ଆବାହକ ଗଣେଶ୍ୱର ନିଶଙ୍କ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ବିଷୟବସ୍ତୁରୁ ଆଧାରିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। କବି କୌଶିକ ନାୟକ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟିକମାନେ କେବଳ ଗୀତ, ସଙ୍ଗୀତ ଓ ସାରସ୍ୱତ ସାଧନା ସହ ଜଡ଼ିତ ଅଛନ୍ତି। କିନ୍ତୁ ସମାଜ ସେବାରେ ବ୍ରତୀ ହେବା ଜରୁରୀ। ସାହିତ୍ୟର ମୂଳ ଲକ୍ଷ୍ୟ ମନୁଷ୍ୟର ଆତ୍ମା। ହୃଦୟରେ ସାହିତ୍ୟ ନିତ୍ୟ ବିଦ୍ୟମାନ। ଯେପର୍ଯ୍ୟନ୍ତ ମନୁଷ୍ୟର ଆତ୍ମା ଏବଂ ହୃଦୟ ଅଛି, ସେ ପର୍ଯ୍ୟନ୍ତ ସାହିତ୍ୟର ସ୍ଥିତି ବଞ୍ଚିଛି। ମାନବ ସହିତ ସାହିତ୍ୟର ମୌଳିକ ସମ୍ବନ୍ଧରେ ଚିରନ୍ତନତା ହେତୁ କେଉଁ ଆବାହନ କାଳରୁ ସାହିତ୍ୟ ଓ ମାନବ ମଧ୍ୟରେ ଅତୁଟ ସମ୍ପର୍କ ରହିଛି। ସୃଷ୍ଟିର ଆରମ୍ଭରୁ ସାହିତ୍ୟ ଓ ମନୁଷ୍ୟ ଅଙ୍ଗାଙ୍ଗୀଭାବେ ଜଡିତ। ସମାଜର ପଥ ପ୍ରଦର୍ଶକ ଭାବେ ସାହିତ୍ୟ ବିଦ୍ୟମାନ। ସାହିତ୍ୟକୁ ଉପଯୁକ୍ତ ମର୍ଯ୍ୟାଦା ମିଳିଲେ ମନୁଷ୍ୟ ପଥଚ୍ୟୁତ ହେବାର ଭୟ ନାହିଁ। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ଗଙ୍ଗାଧର ଓଝା, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ଲକ୍ଷ୍ମୀଧର ମହାରଣା, କବିକେତନ ଗୌରଚରଣ ସାମନ୍ତସିଂହାର, ମାୟାଧର ପଣ୍ଡା, କବୟିତ୍ରୀ ମାନସୀ ଦାସ, ଯୋଜନିବାଳା ପଣ୍ଡା, ରାଜଶ୍ରୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ପ୍ରଦୀପ ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପଣ୍ଡିତ ପୀତବାସ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ‘ଭାରତୀୟ ସାହିତ୍ୟକୁ ଓଡ଼ିଆ କବି ସମୃଦ୍ଧ କରିଛନ୍ତି’

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)

**‘ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟର ଅବଦାନ’ ଆଲୋଚନାଚକ୍ର**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ‘ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟର ଅବଦାନ’ ଶୀର୍ଷକ ଆଲୋଚନାଚକ୍ର ସଂସଦ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ଗବେଷକ ରବୀନ୍ଦ୍ର ପରିଡ଼ା ସମ୍ମାନିତ ଅତିଥି ଏବଂ ରଣପୁର କଲେଜ ପୂର୍ବତନ ଅଧ୍ୟକ୍ଷ ଡ.ପତିତପାବନ ଦଳେଇ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ରାଓ କହିଥିଲେ, ଭାରତୀୟ ଇତିହାସ ଓ ସାହିତ୍ୟରେ ବହୁ ସଂଗ୍ରାମୀ ଏବଂ ସାରସ୍ୱତ ସ୍ରଷ୍ଟା ଆଜି ବି ଅଜ୍ଞାତ, ଅବହେଳିତ ହୋଇ ରହିଯାଇଛନ୍ତି। ତାହା ଲୋକଲୋଚନକୁ ଆସିପାରିନାହିଁ। ସମ୍ମାନିତ ଅତିଥି ପରିଡ଼ା ବୋଲଗଡ଼ ଇତିହାସ, ସଂଗ୍ରାମୀ ଓ ସାହିତ୍ୟିକମାନଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ତାଙ୍କ ପିତା ଗଣେଶ୍ୱର ପରିଡ଼ାଙ୍କ ଗୀତ ‘ଲାଗିଲାରେ ଯୁଦ୍ଧ ଲାଗିଲା, ଦେଶ ସ୍ୱାଧୀନତା ଯୁଦ୍ଧ ଲାଗିଲା, ଯେଉଁ ପଞ୍ଜାବର ଅତ୍ୟାଚାର କଲା ଅସହଯୋଗକୁ ପ୍ରଚାର, ସେହି ପଞ୍ଜାବର ସ୍ୱାଧୀନତା ବାଣୀ, ଗଗନେ ପବନେ ଶୁଭିଲା’ ଗାନ କରି ସ୍ୱାଧୀନତା ସଂଗ୍ରାମ ସମୟ ଇତିହାସକୁ ସ୍ମରଣ କରିଥିଲେ। ଗଣେଶ୍ୱର ୧୯୪୭ ଅଗଷ୍ଟ ୧୫ ପ୍ରାତଃରେ ‘ଗାନ୍ଧୀ କଥା ମାନରେ,ଦେଶ ହୋଇଲା ସ୍ୱାଧୀନରେ’ ଗାଇ ଶୋଭାଯାତ୍ରାରେ ଯାଇଥିଲେ ବୋଲି ପରିଡ଼ା ତାଙ୍କ ବାଲ୍ୟଜୀବନର ସ୍ମୃତିଚାରଣ କରିଥିଲେ। ମୁଖ୍ୟ ବକ୍ତା ଡ.ଦଳେଇ, ମଧୁସୂଦନ, ଗୋପବନ୍ଧୁଙ୍କ ସହ ଖୋର୍ଦ୍ଧାର କବି ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋଦାବରୀଶ ମହାପାତ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚି ରଉତରାୟ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଅନନ୍ତ ପଟ୍ଟନାୟକ ପ୍ରମୁଖଙ୍କ କବିତା କିପରି ଜନତାଙ୍କ ମଧ୍ୟରେ ଜାତୀୟ ଜାଗରଣ ସୃଷ୍ଟି କରିଥିଲା, ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, କୃଷ୍ଣଚନ୍ଦ୍ର ବାହିନୀପତି, କବି ବୈକୁଣ୍ଠନାଥ ରାଜଗୁରୁ, ଲକ୍ଷ୍ମୀଧର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର ପ୍ରମୁଖ ଜାତୀୟବାଦୀ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ଇତିଶ୍ରୀ ସାହୁ, ଡା.ଯୋଗେଶ ରଥଙ୍କ ସଂଯୋଜନାରେ ଡ.ବୃନ୍ଦାବନ ପଣ୍ଡା ଓ କବି ଗୀତାଞ୍ଜଳି ମହାପାତ୍ର ଏବଂ ଅନ୍ୟମାନେ କବିତା ପାଠ କରିଥିଲେ। ସମାବେଶରେ ଆନ୍ଧ୍ରର ଇଷ୍ଟ ଗୋଦାବରୀ ତଟରେ ମାସବାଦୀଙ୍କ ସହ ବୀରତ୍ୱର ସହ ଲଢ଼ି ଶହୀଦ୍ ହୋଇଥିବା ପାନବରଜ ଗ୍ରାମରେ ରବୀନ୍ଦ୍ର କୁମାର ବେହେରାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପିତା ମଙ୍ଗୁଳି ବେହେରା ଏହି ସମ୍ମାନ ଗ୍ରହଣ କରିଥିଲେ। ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଅଭିଭାଷଣ, ସଙ୍ଗଠନ ସମ୍ପାଦକ ବଂଶୀଧର ଦାସ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ନିୟନ୍ତାଙ୍କ ରଥ ସେବା ସମ୍ମାନ ପ୍ରଦାନ

ପୁରୀ,୧୭।୮( ଅଜିତ୍ କୁମାର ମହାନ୍ତି)



ପୁରୀଠାରେ ଅନୁଷ୍ଠିତ ରଥସେବା ସମ୍ମାନ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କୁ ସମ୍ମାନିତ କରାଯାଉଛି ।

ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଭକ୍ତଙ୍କ ପ୍ରବଳ ସମାଗମ ସତ୍ତ୍ୱେ ସମସ୍ତଙ୍କ ସହଯୋଗ ସର୍ବୋପରି ବିଶ୍ୱନିୟନ୍ତାଙ୍କ ଆଶୀର୍ବାଦରୁ ଏହା ସଫଳ ହୋଇପାରିଛି। ତେଣୁ ରଥ ନିର୍ମାଣଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବା ସେବାୟତ, ରଥ ସେବକ, ପ୍ରଶାସନିକ କର୍ମକର୍ତ୍ତା, ଶ୍ରୀମନ୍ଦିର ପ୍ରଶାସନକୁ ଏଥିପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ରଥସେବା ସମ୍ମାନ-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ପୁରୀ ଭାରତର ଏକ ଶ୍ରେଷ୍ଠ ତୀର୍ଥ ଭିତ୍ତିକ ସହରରେ ପରିଗଣିତ ହେବ ବୋଲି କହିଥିଲେ। ବାହାରୁ ଆସୁଥିବା ଅନେକ ଭକ୍ତ ଜଗନ୍ନାଥ ସଂସ୍କୃତିକୁ ଭଲ ପାଆନ୍ତି। କିନ୍ତୁ ମନ୍ଦିର ପ୍ରବେଶ ପାଉ ନ ଥିବାରୁ ଅନେକ ତଥ୍ୟ ସମ୍ପର୍କରେ ଜାଣି ପାରନ୍ତି ନାହିଁ। ସେମାନଙ୍କ ପାଇଁ ଏକ ବୃହତ୍ ଇଣ୍ଟରପ୍ରିଟେଶନ ସେଣ୍ଟର କରାଯିବାର ଲକ୍ଷ୍ୟ ରଖାଯାଇଛି। ସେଥିରେ ସେମାନେ ୨ରୁ ୩ ଘଣ୍ଟା ବୁଲିବା ସହ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଅନେକ ତଥ୍ୟ ପାଇ ପାରିବେ। ସେହିପରି ମନ୍ଦିର ଦର୍ଶନ ସାରି ଫେରିବା ବେଳେ ମହାପ୍ରସାଦ ଘରକୁ ନେଲେ ଯେଉଁ ଶାନ୍ତି ଓ ଆତ୍ମତୃପ୍ତି ମିଳେ ତାହାର ବ୍ୟବସ୍ଥା ପାଇଁ ମଧ ଚିନ୍ତା କରାଯାଉଛି ବୋଲି ହରିଚନ୍ଦନ ସୂଚନା ଦେଇଥିଲେ। ଯାଜପୁର ଲୋକ ସଭା ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା ଶ୍ରୀମନ୍ଦିର ସହ ତାଙ୍କ ସମ୍ପର୍କ, ଶ୍ରୀମନ୍ଦିର ୱେବସାଇଟ ଖୋଲିବା ସମ୍ପର୍କରେ ତାଙ୍କ ଅନୁଭୂତି ଓ ଭବିଷ୍ୟତରେ ମନ୍ଦିର ସୁରକ୍ଷା ପାଇଁ ବୈଷୟିକ ଜ୍ଞାନର ଉପଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ମହାପ୍ରଭୁଙ୍କ ଯାତ୍ରାକୁ ନିଜେ ମହାପ୍ରଭୁ ପରିଚାଳନା କରନ୍ତି। ମହାପ୍ରଭୁଙ୍କ ଇଚ୍ଛାରେ ଆମେ ସମସ୍ତେ ସହଯୋଗୀ ଭାବେ କାର୍ଯ୍ୟ କରି ଏହାକୁ ସଫଳ କରି ପାରିଛନ୍ତି ବୋଲି କହିବା ସହ ଭବିଷ୍ୟତରେ ମଧ ଅନୁରୂପ ସହଯୋଗ କାମନା କରିଥିଲେ। ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ, ସେବାୟତ ମଧୁସୂଦନ ସିଂହାରୀ ପ୍ରମୁଖ ରଥଯାତ୍ରାଠାରୁ ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉଚ୍ଚ କୋଟିର, ଶୃଙ୍ଖଳିତ ଓ ଏହି ସମସ୍ତ ସେବାର ସେବକମାନଙ୍କ ନିଷ୍ଠାପର ଓ ସମର୍ପିତ ସେବା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ଶ୍ରୀଶ୍ରୀକ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବଦ୍ରି ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ସଂଯୋଜକ ବିଶ୍ୱନାଥ ମିଶ୍ର ଓ ଶ୍ୟାମ ସୁନ୍ଦର ସେନାପତି ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା ତଥା ସଂଯୋଜକ ଭରତ ନାୟକ, ହେକ୍ଟର ମିଶ୍ର ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ପରେ ଅତିଥିମାନେ ସେବାୟତ, ରଥ ନିର୍ମାଣ ସେବକ, ପ୍ରଶାସନିକ ଅଧିକାରୀ ଓ ଅନ୍ୟାନ୍ୟ କ୍ଷେତ୍ରର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଦେବଦଳନ ରଥର ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣାଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ଶ୍ରୀଶ୍ରୀକ୍ଷେତ୍ର ସୂଚନା କୃଷି ଓ ଫୋକ ବ୍ରୋଚରକୁ ଉନ୍ମୋଚିତ କରିଥିଲେ।

### ମହାପ୍ରଭୁଙ୍କ ରଥସେବାରେ ନିୟୋଜିତ ପ୍ରତ୍ୟେକଙ୍କୁ ଧନ୍ୟବାଦ ଜଣାଇଲେ ଆଇନ ମନ୍ତ୍ରୀ

## ତାଳପତ୍ର, ଟେରାକୋଟା, ସବାଇ ଘାସରେ ରାଖୀ



ପୁରୀ ଏସ୍‌ସିଏସ୍ କଲେଜ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହୋଇଥିବା ରାଖୀ ଷ୍ଟଲ୍ ।

ପୁରୀ,୧୭।୮(ଅଜିତ୍ କୁମାର ମହାନ୍ତି)

ଆତ୍ମନିର୍ଭରଶୀଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଆକର୍ଷଣୀୟ ରାଖୀ ଷ୍ଟଲ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପୁରୀ ଜିଲା ପରିଷଦ ଏବଂ ଓର୍‌ମାସ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହାତ ତିଆରି ରାଖୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ନିକଟ ଓ ବଡ଼ଶଙ୍ଖ ଛକ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀର ରାଖୀ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍‌କୁ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଉଦ୍‌ଘାଟନ କରିଥିଲେ। ଏହି ରାଖୀଗୁଡ଼ିକ ସବାଇ ଘାସ, ମାଳି, ତାଳପତ୍ର ଖୋଦେଇ ଓ ଟେରାକୋଟାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ଆକର୍ଷଣୀୟ ହେବା ସହ ପରିବେଶ ଉପଯୋଗୀ ମଧ ହୋଇପାରିଛି । ତେଣୁ ଏହାକୁ ବ୍ୟବହାର ପାଇଁ ଚାହିଦା ବୃଦ୍ଧି ପାଉଛି ବୋଲି ବେହେରା କହିଛନ୍ତି। ଏଥିରେ ଓର୍‌ମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭକ୍ତି ପଟ୍ଟନାୟକ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିମଳ ଚନ୍ଦ୍ର ତିରିଆଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରୁଛନ୍ତି।

## ପାଟେରା ବିଶୋଇ ସେବକଙ୍କ ଦ୍ୱାରା ମହାପ୍ରଭୁଙ୍କ ରାଖୀ ପ୍ରସ୍ତୁତି ଜାରି

ପୁରୀ,୧୭।୮(ଅଜିତ୍ କୁମାର ମହାନ୍ତି)

ରକ୍ଷାବନ୍ଧନ ଭାଇ ଭଉଣୀ ଭିତରେ ଥିବା ସ୍ନେହ ଓ ପବିତ୍ର ବନ୍ଧନର ପର୍ବକୁ ଦର୍ଶାଇଥାଏ। ଏହି ଦିନ ଭାଇର ସୁରକ୍ଷା ଓ ଉନ୍ନତି କାମନା କରି ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧିଥାଏ। ଏହି ପବିତ୍ର ବନ୍ଧନର ଝଲକ ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ ଦେଖିବାକୁ ମିଳିଥାଏ। ପବିତ୍ର ରକ୍ଷାବନ୍ଧନ ପର୍ବ ଶ୍ରାବଣ ମାସ ପୂର୍ଣ୍ଣିମା ତଥା ବଡ଼ ଠାକୁର ବଳଭଦ୍ରଙ୍କ ଜନ୍ମଦିନରେ ପାଳନ କରାଯାଇଥାଏ। ଚଳିତ ୧୯ ତାରିଖରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପାଳନ ହେବ। ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଦେବୀ ସୁଭଦ୍ରା ତାଙ୍କ ୨ ଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧିବେ। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତିରେ ଲାଗିଛନ୍ତି। ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଅନ୍ୟତମ। ଏହିଦିନ ଶ୍ରୀମନ୍ଦିରରେ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମ ସହିତ ରକ୍ଷାବନ୍ଧନ ନୀତି ପାଳିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥାନ୍ତି। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାନ ପ୍ରସ୍ତୁତ କରିଥାନ୍ତି। ପ୍ରାୟ ୧୫ କିଲୋ ବାସୁଙ୍ଗା ପାଟରେ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରାଖୀକୁ ଚିତାଲାଗି ଅମାବାସ୍ୟା ପରଠାରୁ ପାଟରା ସେବାୟତ ପ୍ରସ୍ତୁତ କରିଥା'ନ୍ତି। ନାଲି, ସବୁଜ, ହଳଦିଆ ଓ ନୀଳ ରଙ୍ଗର ଏହି ଗୁଆମାଳ ରାଖୀକୁ ମଧ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥାଏ। ମାଣିଆବନ୍ଧରେ ତିଆରି ହୋଇଥିବା ପାଟ ସୂତାରୁ ଏହି ରାଖୀକୁ ପାଟରା ସେବାୟତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ସହ ପ୍ରସ୍ତୁତ କରିଥାଆନ୍ତି। ପ୍ରଥମେ ବାସୁଙ୍ଗା ପାଟକୁ ୪ ପ୍ରକାର ରଙ୍ଗ ଯଥା ନାଲି, ନେଳି, ବାଇଗଣୀ ଏବଂ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆ ସାହାଯ୍ୟରେ ସୂତା ଭଳି କରାଯାଏ । ସୂତା ଓ ଛୁଞ୍ଚି ଦ୍ୱାରା ୪ ରଙ୍ଗର ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ ହୋଇଥାଏ। ଏହି ୪ଟି ରଙ୍ଗର ପାଟରେ ରାଖୀଗୁଡ଼ିକ ୪ ପରସ୍ତ ହୋଇ ତିଆରି ହୋଇଥାଏ। ୨ ଠାକୁର ଦୁଇ ହାତରେ ଦୁଇଟି ଲେଖାଏଁ ରାଖୀ ପରିଧାନ କରିଥାନ୍ତି। ସେହିପରି ଚାରିଗୋଟି ରଙ୍ଗର ଚାରୋଟି ଗୁଆମାଳ ପ୍ରସ୍ତୁତ କରାଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରନ୍ତି।



ପାଟେରା ବିଶୋଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ ରାଖୀ ।

୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ ହୋଇଥାଏ। ରାଖୀ ପ୍ରସ୍ତୁତି ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଥାଏ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହେଉଥିବାବେଳେ ପାର୍ଶ୍ୱ ଦେବତାଙ୍କ ପାଇଁ ଛୋଟ ଛୋଟ ରାଖୀ ତିଆରି କରାଯାଇଥାଏ। ପ୍ରାୟ ୧୫ କିଲୋ ଓଜନର ଏହି ରାଖୀ ସବୁକୁ ପ୍ରସ୍ତୁତ କରିବାକୁ ଦିନକୁ ୪ରୁ ୫ ଘଣ୍ଟା ପରିଶ୍ରମ କରିବା ସହ ପ୍ରାୟ ୧୫ ଦିନ ସମୟ ଲାଗିଥାଏ। ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ରାଖୀ ତିଆରି କରିବାକୁ ପଡିଥାଏ। ରକ୍ଷାବନ୍ଧନ ପୂର୍ବ ଦିନ ରାଖୀ ନିର୍ମାଣ ଶେଷ ହୋଇଥାଏ। ଗହ୍ମାପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ରାଖୀ ଏବଂ ଗୁଆମାଳ ୨ଟି ତାଡ଼ରେ ଶ୍ରୀମନ୍ଦିରକୁ ଯାଇଥାଏ। ସେ ନିମିତ ମାତ୍ର, ମହାପ୍ରଭୁ ତାଙ୍କ ପାଇଁ ନିଜେ ରାଖୀ ନିର୍ମାଣ କରିଥାନ୍ତି ବୋଲି ପାଟରା ବିଶୋଇ ସେବାୟତ ସୂଚନା ଦେଇ କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୮।୨୦୨୪

| | |
|---|---|
| ୭,୬୫,୯୫୪ ଟଙ୍କା | |
| ସୁନା | ୯୧୦ ମିଲିଗ୍ରାମ୍ |
| ରୁପା | ୩୮.୭୮୦ ଗ୍ରାମ୍ |

### ସଂକ୍ଷେପରେ

### ଗୋଟିଏ ରାତିରେ ୨ ଚୋରି

ଯୋଗେଶ୍ୱରପୁର,୧୭।୮(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଯୋଗେଶ୍ୱରପୁର ବଜାରରେ ଥୁଆ ହୋଇଥିବା ସଲିଳକାନ୍ତ ସ୍ୱାଇଁଙ୍କ ହାଇୱା(ଓଡି ୦୨ ବିକେ ୩୫୦୮)ରୁ ସୋମବାର ବିଳମ୍ବିତ ରାତିରେ ୨୫ ହଜାର ଟଙ୍କା ମୂଲ୍ୟର ବ୍ୟାଟେରି ଚୋରି ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ସେହିପରି ଭାରଗୋଳ ବାଲି ଉପର ଗ୍ରାମର କାଳିଆ ପାତ୍ରଙ୍କ ଟ୍ରାକ୍ଟରରୁ ସେହି ରାତିରେ ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ୨ ଚୋରି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଚାଉଳ, ଗହମ, ତୁଳାରେ ତିଆରି ରାଖୀ

କାକଟପୁର,୧୭।୮(ଶୁଭଦର୍ଶନ ମିଶ୍ର)

ପବିତ୍ର ରକ୍ଷାବନ୍ଧନ ହେଉଛି ସ୍ନେହ ଓ ଭଲ ପାଇବାର ପର୍ବ। ଏଥିରେ ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧି ତା' ସୁରକ୍ଷାର କାମନା କରିଥାଏ। ଏଥିପାଇଁ ଏବେ ବଜାର ଭଳିକି ଭଳି ଦୋକାନ ସହ ଚଳଚଞ୍ଚଳ ହୋଇ ଉଠିଲାଣି। ହେଲେ ପୁରୀ ଜିଲା କାକଟପୁର ବ୍ଲକ ଜଗନ୍ନାଥପୁର ଅଞ୍ଚଳରେ କିଛି ମହିଳା ଭିନ୍ନ ଧରଣର ରାଖୀ ପ୍ରସ୍ତୁତ କରୁଛନ୍ତି। ଶ୍ରୀଜଗନ୍ନାଥ ହସ୍ତଶିଳ୍ପ ସମବାୟ ସମିତିର ମହିଳାମାନେ ହସ୍ତକଳା ତାଲିମ୍ ନେଇ ବିଭିନ୍ନ ଡିଜାଇନର ସୁନ୍ଦର ସୁନ୍ଦର ରାଖୀ ତିଆରି କରି ବଜାରରେ ବିକ୍ରି କରୁଛନ୍ତି। ସେମାନେ ଅରୁଆ ଚାଉଳ ଓ ତୁଳାରେ ଇକୋଫ୍ରେଣ୍ଡଲି ରାଖୀ ମଧ ତିଆରି କରୁଛନ୍ତି। ଯାହାର ବଜାରରେ ବେଶ୍ ଚାହିଦା ରହିଛି। ଗ୍ରାହକଙ୍କଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତେ ଏହି ରାଖୀ ନେବାକୁ ଭିଡ଼ ଲଗାଉଛନ୍ତି। ରାଖୀର ମୂଲ୍ୟ ୫ ଟଙ୍କାରୁ ଆରମ୍ଭ କରି ୫ ଶହ ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ଏହାକୁ ବିକ୍ରି କରି ମହିଳାମାନେ ଲାଭବାନ ହେଉଛନ୍ତି। ଏ ପର୍ଯ୍ୟନ୍ତ ମହିଳାମାନେ ୧୦ ହଜାର ରାଖୀ ବିକ୍ରି କରି ସାରିଲେଣି। ଆଗକୁ ଆହୁରି ଭଲ ବ୍ୟବସାୟ ହେବ ବୋଲି ସେମାନେ ଆଶା ରଖିଛନ୍ତି। ମହିଳାଙ୍କ ମଧ୍ୟରେ ମମତା ମିଶ୍ର, ପ୍ରତିମା ତ୍ରିପାଠୀ, ଲିଳିପ୍ରଭା ମିଶ୍ର, ମାନସୀ ଷଡ଼ଙ୍ଗୀ, ସୁମିତ୍ରା କାଣ୍ଡି ଓ ସମ୍ପାଦକ ତପନ ମିଶ୍ର ପ୍ରମୁଖ ସାମିଲ ହୋଇ ରାଖୀ ପ୍ରସ୍ତୁତ କରୁଛନ୍ତି।

## ମହାପ୍ରଭୁଙ୍କ ଦର୍ଶନକଲେ ଡିଜିପି



ନୂତନ ଭାବେ ଡିଜିପି ଦାୟିତ୍ୱ ଗ୍ରହଣ କରିଥିବା ଯୋଗେଶ ବାହାଦୁର ଖୁରାନିଆ ଏବଂ ତାଙ୍କ ସ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

ପୁରୀ,୧୭।୮(ଅଜିତ୍ କୁମାର ମହାନ୍ତି)

ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଯୋଗେଶ ବାହାଦୁର ଖୁରାନିଆ ଦାୟିତ୍ୱ ଗ୍ରହଣ କରିବା ପରେ ଶନିବାର ପୂର୍ବାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଏଥିସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ ସମୀକ୍ଷା କରିଛନ୍ତି। ଶୁକ୍ରବାର ନୂଆ ପୋଲିସ ଡିଜିପି ଭାବେ ଦାୟିତ୍ୱ ନେବା ପରେ ଖୁରାନିଆ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଗସ୍ତରେ ଆସିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଖୁରାନିଆ ପହଞ୍ଚିବା ପରେ ଏସ୍‌ପି ପିନାକ ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେ ଓ ତାଙ୍କ ସ୍ତ୍ରୀ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ସେଠାରୁ ପ୍ରସ୍ଥାନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି କହିଥିଲେ, ମୁଁ ନିଜକୁ ଭାଗ୍ୟଶାଳୀ ଭାବୁଛି। ଓଡ଼ିଶାବାସୀଙ୍କ ସେବା ପାଇଁ ମତେ ଡିଜିପି ପଦ ମିଳିଛି। ଆମେ ଦୁହେଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବାକୁ ଏଠାକୁ ଆସିଥିଲୁ। ଆମ ଉପରେ ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦ ରହୁ, ଯେଭଳି ମୁଁ ଜନସାଧାରଣଙ୍କୁ ଭଲ ସେବା ଯୋଗାଇ ପାରିବି, ସେନେଇ ମୁଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲି। ଏଥିସହ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଡିଜିପି କହିଛନ୍ତି, ଶ୍ରୀମନ୍ଦିର ନିମନ୍ତେ ଯାହା ପଦକ୍ଷେପ ନିଆଯିବ, କଥା ତାହା ନିଶ୍ଚୟ କରାଯିବ। ଶ୍ରୀମନ୍ଦିରରେ କିଭଳି ମୋବାଇଲ ପ୍ରବେଶ କରିବ ନାହିଁ ତାହା ଆଗାମୀ ଦିନରେ ସମୀକ୍ଷା କରି ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିର ପାଇଁ ମଞ୍ଜୁର ହୋଇଥିବା ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ପୁରୀ ସମୁଦ୍ରକୂଳର ସୁରକ୍ଷା ସହିତ ଯାହା ଅନ୍ୟ ସୁରକ୍ଷା ଆବଶ୍ୟକ ଖୁବ୍‌ଶୀଘ୍ର ସମୀକ୍ଷା କରି ସବୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ଡିଜିପି ଖୁରାନିଆ ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା, ଜନଗହଳି ନିୟନ୍ତ୍ରଣ, ଦେଶ ବିଦେଶରୁ ଆସୁଥିବା ଭକ୍ତଙ୍କୁ ଉତ୍ତମ ବ୍ୟବହାର, ଶୃଙ୍ଖଳିତ ଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ସିଂହଦ୍ୱାର ଥାନା ପରିଦର୍ଶନ କରି ସେଠାରେ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲାରେ ଅବସ୍ଥାପିତ ମେରାଇନ ଥାନା, ଅପରାଧ କାର୍ଯ୍ୟକଳାପ ଏବଂ ନିୟନ୍ତ୍ରଣ ସମ୍ପର୍କରେ ମଧ ପୋଲିସ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡିଜିପି ଖୁରାନିଆଙ୍କ ଗସ୍ତ ସମୟରେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କ ଗାଡ଼ି ଆଗରେ ଶୋଇଲେ ଧାରଣାରତ ପରିବାର

ପିପିଲି,୧୭।୮(ପ୍ରଭାତ ମହାପାତ୍ର)

ନ୍ୟାୟ ପାଇଁ ଉପଜିଲାପାଳଙ୍କ ଗାଡ଼ି ଆଗରେ ଶୋଇପଡ଼ିଲେ ଧାରଣାରତ ଧଳ ପରିବାର। ଶୁକ୍ରବାର ଅପରାହ୍ନରେ ଉପଜିଲାପାଳ ଗୋପୀନାଥ କହଁର ପିପିଲି ତହସିଲ କାର୍ଯ୍ୟାଳୟକୁ ଆସିଥିବାବେଳେ ନିଜ ହକ୍ ପାଇଁ ୧୧ ଦିନ ହେଲା ଧାରଣାରେ ବସି ଥିବା କଣ୍ଟି ପଞ୍ଚାୟତ ନିଜିଗଡ଼କୁରୁଖୀ ଗ୍ରାମର ସୁରଥ ଧଳଙ୍କ ପୂରା ପରିବାର ତାଙ୍କ ଗାଡ଼ି ଆଗରେ ଶୋଇ ପଡ଼ିଥିବା ଜଣାପଡ଼ିଛି। ନ୍ୟାୟ ପାଇଁ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ବାରମ୍ବାର ଲିଖିତ ପ୍ରତିଶ୍ରୁତି ମିଳିଥିଲେ ମଧ ତାହା କାର୍ଯ୍ୟକାରୀ ନ ହେବାରୁ ସେମାନେ ୧୧ ଦିନ ହେଲା ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୂର୍ବରୁ ଏହି ପୈତୃକ ସମ୍ପତ୍ତିର ହକ୍ ପାଇଁ ସୁରଥ ପରିବାର ଦୀର୍ଘ ୭ ବର୍ଷ ହେଲା ଧାରଣା ପରେ ୨୦୨୨ରେ ତତ୍କାଳୀନ ପୁରୀ ଉପଜିଲାପାଳ, ଆଡିସନାଲ ଏସ୍‌ପି, ପିପିଲିର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବଣ୍ଟନ ପତ୍ର ହୋଇଥିଲା। ଏଥିରେ ସମସ୍ତ ଧଳ ପରିବାରର ଅଂଶୀଦାର ଓ ଅଂଶୀଦାରଙ୍କ ପ୍ରତିନିଧିମାନେ ସମର୍ଥନ ଦେଇ ଦସ୍ତଖତ ଦେଇଥିଲେ। ହେଲେ କିଛି ଦିନ ପରେ ଜଣେ ଅଂଶୀଦାରଙ୍କ ବିଭ୍ରାନ୍ତିକର ମୌଖିକ ମନ୍ତବ୍ୟକୁ ନେଇ ପିପିଲି ତହସିଲଦାର ସୁରଥଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଅସମର୍ଥ କରିଛନ୍ତି। ତେବେ ଏ ପାରିବାରିକ ଜମି ବିବାଦ ଘଟଣା ଖୁବ୍‌ଶୀଘ୍ର ସମାଧାନ ହେବ, ଆଗାମୀ ୨୩ ତାରିଖରେ ସମସ୍ତ ଅଂଶୀଦାରଙ୍କୁ ଡକାଇ ଏହାର ସମାଧାନ କରାଯିବ ବୋଲି ଉପଜିଲାପାଳ କହଁର କହିଛନ୍ତି। ସେପଟେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଏଭଳି ଧାରଣା ଜାରି ରହିବ ବୋଲି ସୁରଥଙ୍କ ପୁଅ ମାନଗୋବିନ୍ଦ କହିଛନ୍ତି।







କୋଲକାତାରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ନ୍ୟାୟ ଦାବିରେ ପୁରୀ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ନର୍ସଙ୍କ ଶୋଭାଯାତ୍ରା । (ବାମ) ପୁରୀ ଇ-୨୪ ମେଡିକାଲର ଡାକ୍ତର ଓ ନର୍ସମାନେ ଅଣଅତ୍ୟାବଶ୍ୟକ ସେବା କାର୍ଯ୍ୟବନ୍ଦ ଦେଇଛନ୍ତି ।

## ନାଳରେ ବୁଡ଼ି ଯୁବକ ମୃତ

ଖୁଣ୍ଟୁଣୀ/ଆଠଗଡ଼,(ସଚ୍ଚିଦାନନ୍ଦ ପଣ୍ଡା/ସତ୍ୟ ପ୍ରସାଦ ରଥ): ନାଳରେ ବୁଡ଼ି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ତୋଟାପଡା ଗ୍ରାମ ଶବରସାହିର ପ୍ରକାଶ ଦେହୁରୀ। ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ସେ ରାସ୍ତାପାର୍ଶ୍ୱ ନାଳରେ ଗାଧୋଇବା ପାଇଁ ପାଣି ଭିତରେ ପଶିବାବେଳେ ଅସାବଧାନତାବଶତଃ ଗୋଡ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡିଯାଇଥିଲେ। ପାଖରେ ଗାଧୋଉଥିବା ତାଙ୍କ ସାହିର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟୁଣୀ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

**ସଂକ୍ଷେପରେ**

## ବଜ୍ରପାତରେ ବୃଦ୍ଧ ମୃତ

ମଙ୍ଗୁଳି-ଜଗତପୁର,୧୭।୮(ମାନସ ସାମଲ)

ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଟିଁକିରା ଗ୍ରାମର ସୁନାକର ମହାରଣା। ଶନିବାର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ନ୍ୟୁ କ୍ୟାମ୍ପସ ସମ୍ମୁଖ ବିଲରେ ସୁନାକର ଓ ଅନ୍ୟ ଦୁଇଜଣ ଗୋରୁ ଚରେଇବା ପାଇଁ ଯାଇଥିଲେ। ସେଠାରୁ ସୁନାକର ଫେରିବାବେଳେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ଆର୍‌ଆଇ ଓ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁନାକରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା।

## ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିସଭା

କଟକ ସଦର,୧୭।୮(ସୁଶାନ୍ତ କୁମାର ଜେନା)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଉପଲକ୍ଷେ କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ହୃଷୀକେଶ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ, ସାଧୁ ଜେନା, ବିରଞ୍ଚି ପଣ୍ଡା, ପ୍ରଦୀପ୍ତ ମହାଳି, କେଳୁ ମହାଳି, ବାଉରୀବନ୍ଧୁ ମହାନ୍ତି, ବିମଳ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କନ୍ଦରପୁରଠାରେ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧାୟକ ସେଠୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଅଧ୍ୟାପକ ଧରଣୀଧର ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ୪୨ ମୌଜା ଭାଜପା ମଣ୍ଡଳ ପକ୍ଷରୁ ବାଜପେୟୀଙ୍କ ସ୍ମୃତିସଭା କଳପଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଣ୍ଡଳ ସଭାପତି ପୀୟୂଷ ପରିଡ଼ା, ଶୁଭନ୍ୟାସ ମହାନ୍ତି, ସୁବାସ ଚନ୍ଦ୍ର ଗୋଚ୍ଛାୟତ, ଅଭିରାମ ଦଳାଇ, ତାପସ ଆଚାର୍ଯ୍ୟ, ଗାନ୍ଧୀଗୁରୁ ଦାସ ପ୍ରମୁଖ ଯୋଗଦେଇଥିଲେ।

## ନିଖୋଜ ୨ ଛାତ୍ରୀ ଖୁଣ୍ଟୁଣୀ ଷ୍ଟେଶନରୁ ଉଦ୍ଧାର

ଖୁଣ୍ଟୁଣୀ, ୧୭।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ରାହାଙ୍ଗୁଳ ଆଶ୍ରମ ବିଦ୍ୟାଳୟରୁ ପଳାଇ ଯାଇଥିବା ଦୁଇ ଛାତ୍ରୀ ସସ୍ମିତା ପିଙ୍ଗୁଆ ଓ ଜେମା ପିଙ୍ଗୁଆଙ୍କୁ ଶନିବାର ସକାଳେ ପୋଲିସ ଖୁଣ୍ଟୁଣୀ ଷ୍ଟେଶନ ନିକଟ ଜଣେ ଆଦିବାସୀ ବୃଦ୍ଧାଙ୍କ ଘରୁ ଉଦ୍ଧାର କରିଛି। ପରେ ସେମାନଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ସାହୁଙ୍କ ଜିମା ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ବିକାଶ କୁମାର ସେଠୀ କହିଛନ୍ତି। ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ଛାତ୍ରୀ ଦ୍ୱୟ ଟିଫିନ ଖାଇ ସାରି ସ୍କୁଲ ଭିତରକୁ ଯାଇଥିଲେ। ହେଲେ ସନ୍ଧ୍ୟାରେ ସେମାନେ ସ୍କୁଲ ମୁଖ୍ୟ ଫାଟକ ବାଟେ ନ ଯାଇ ହଷ୍ଟେଲର ପଛପଟ ପାଚେରି ଡେଇଁ ଖୁଣ୍ଟୁଣୀ ଆଡେ ଚାଲି ଚାଲି ଯାଇଥିଲେ। ରାତି ହୋଇଯିବାରୁ ଖୁଣ୍ଟୁଣୀ ଷ୍ଟେଶନ ପାଖରେ ଥିବା ସାହିର ଜଣେ ବୃଦ୍ଧାଙ୍କ ଘରେ ରହିଥିଲେ। ସେମାନେ ଶନିବାର ସକାଳେ ଟ୍ରେନ୍ ଯୋଗେ ନିଜ ଗ୍ରାମ ମୟୂରଭଞ୍ଜ ଯାଇଥାନ୍ତେ। ହେଲେ ବୃଦ୍ଧା ଜଣକ ତାଙ୍କର ଜଣେ ପରିଚିତ ବ୍ୟକ୍ତିଙ୍କୁ କହିବାରୁ ସେ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ସାହୁ ଏନେଇ ପୋଲିସକୁ ଜଣାଇଥିଲେ। ପରେ ପୋଲିସ ଛାତ୍ରୀ ଦ୍ୱୟଙ୍କୁ ଉଦ୍ଧାର କରି ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ସେମାନଙ୍କୁ ପଚାରିବାରୁ ଘର କଥା ମନେ ପଡିଯିବାରୁ ସେମାନେ ଲୁଚି ପଳାଇ ଯାଇଥିବା କହିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୭୧/୨୪) ରୁଜୁ କରିଛି। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶନିବାର ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉକ୍ତ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିଥିଲେ। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଯତ୍ନବାନ ହେବାକୁ ତାଗିଦ୍ କରିଥିଲେ। ସେଠାରେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା ଓ ଜିଲା ସମ୍ପ୍ରସାରଣ ଅଧିକାରୀ ପ୍ରିୟଦର୍ଶିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆଇନ ଗବେଷଣାରେ ବିପ୍ଲବ ଆଣିବ ଏଆଇ’

କଟକ,୧୭।୮ (କାର୍ତ୍ତିକ ସାହୁ)

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**


ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଅତିଥି ଓ ଅନ୍ୟମାନେ।

କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ଏକାଦଶ ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆମ୍ଫିଥିଏଟର୍ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ବହୁଭାଷୀ ସ୍ୱର ସୃଷ୍ଟିର ବୈଷୟିକ ଜ୍ଞାନକୌଶଳ ପ୍ରଦାନରେ ପ୍ରମୁଖ ଅବଦାନ ଦେଇଥିବା ଡ. ବିବେକ ରାଘବନ୍ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଆଇନ ଗବେଷଣା କ୍ଷେତ୍ରରେ ଏଆଇ ବିପ୍ଲବ ଆଣିବ। ବିବାଦ ସମାଧାନ, ମାମଲା ପରିଚାଳନା ଦିଗରେ ଏଆଇ ବହୁ ଭାବେ ସହାୟକ ହେବ। ଆଇନଜୀବୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ସହ ଆଇନ ସେବାର ଉପଲବ୍ଧତା ଓ ଗୁଣାତ୍ମକତାକୁ ଉଚ୍ଚସ୍ତରକୁ ଉଠାଇବ। ଆଧୁନିକ ଡିଜିଟାଲ ଯୁଗରେ ଆଇନ କ୍ଷେତ୍ରରେ ଏଆଇ ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱ ବହନ କରିବା ନିଃସନ୍ଦେହ ବୋଲି ସେ କହିଛନ୍ତି। ସେହିପରି ସମ୍ମାନିତ ଅତିଥି ସୁପ୍ରିମକୋର୍ଟର ବିଚାରପତି ସଞ୍ଜୀବ ଖାନା କହିଛନ୍ତି, ବିବାଦ ସମାଧାନର ପ୍ରମୁଖ ମାଧ୍ୟମ ହେଉଛି ଆଇନ ସହାୟତା ଓ ଧ୍ୟାନ। ନ୍ୟାୟ ସମସ୍ତଙ୍କ ନିକଟରେ ସମାନ ଭାବରେ ପହଞ୍ଚିବା ଆବଶ୍ୟକ। ବର୍ତ୍ତମାନ ଦେଶର ୮୦% ଲୋକ ଆଇନ ସହାୟତା ପାଇବା ପାଇଁ ଯୋଗ୍ୟ। ଆଇନକୁ ପେସା ଭାବେ ଆପଣେଇ ସେହି ଲୋକମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଚାରପତି ଖାନା ପରାମର୍ଶ ଦେଇଛନ୍ତି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରି କହିଛନ୍ତି, ନିୟମିତ ବ୍ୟାୟାମ, ଧ୍ୟାନ ଓ ଉପଯୁକ୍ତ ଶୟନ ଜରୁରୀ। ଛାତ୍ରୀଛାତ୍ରମାନେ ମାନସିକ ଚାପ ହ୍ରାସ କରି ପାଠପଢ଼ା ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁ ସିଂ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଚଳିତବର୍ଷ ୨୦୨ ଜଣ ଛାତ୍ରୀଛାତ୍ରଙ୍କୁ ଆଇନ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ୯୮ ଜଣଙ୍କୁ ବିଏ ଏଲ୍‌ଏଲ୍‌ବି, ୫୫ ଜଣଙ୍କୁ ବିବିଏ ଏଲ୍‌ଏଲ୍‌ବି, ୪୩ ଜଣଙ୍କୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୬ ଜଣଙ୍କୁ ପିଏଚ୍.ଡି ଡିଗ୍ରୀ ଓ ୧୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ବେଦ କୁମାରୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତିଗଣ, ପୂର୍ବତନ ବିଚାରପତିଗଣ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ରଙ୍ଗୀନ୍ ପଲ୍ଲବ ତ୍ରିପାଠୀଙ୍କ ସମେତ ବିଶିଷ୍ଟ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିରେ ସମାବର୍ତ୍ତନ ଉତ୍ସବର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଆକାଶବାଣୀ କଟକ ପକ୍ଷରୁ ଶନିବାର ଅନୁଷ୍ଠିତ ସଙ୍ଗୀତ ସମାରୋହ ‘ମୁକ୍ତି ଗୀତିକା’ରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

ଖୁଣ୍ଟୁଣୀ,୧୭।୮(ସଚ୍ଚିଦାନନ୍ଦ ପଣ୍ଡା)

ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଜନଜାତି ସାହିର ବାବୁଲା ନାଏକ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବାବୁଲା ସାହି ରାସ୍ତାରେ ଏକୁଟିଆ ଯାଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ବ୍ୟକ୍ତି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନ ସାଢେ ୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଖୁଣ୍ଟୁଣୀ ପୋଲିସ ଜନଜାତି ସାହିରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିବା ଏସ୍‌ଆଇ ବିକାଶ କୁମାର ସେଠୀ କହିଛନ୍ତି।

## ସବୁଜ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚୌଦ୍ୱାର,୧୭।୮(ଆଶୁତୋଷ ଦାସ)

ଚୌଦ୍ୱାର ବ୍ୟାରେଜ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ୭ଦିନ ଧରି ଚାଲିଥିବା ସବୁଜ ସପ୍ତାହ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶକ୍ତିପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର ମଣ୍ଡଳ କାରାଗାର ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ଓ ସମ୍ପାଦକ ସତ୍ୟ ଶିବ ସୁନ୍ଦର କର ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ତରଫରୁ ପରିବେଶ ସଚେତନତା, ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା, ସଫେଇ ଆଦି କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସବୁଜ ପରିବା ପ୍ରଦର୍ଶନୀ, ବିଭିନ୍ନ ଅଞ୍ଚଳ ଓ ରାସ୍ତା ସଫେଇ, ଡଷ୍ଟବିନ୍ ବଣ୍ଟନ, ଚାରାରୋପଣ ଓ ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ମନୀଷା ମହାନ୍ତି, ପ୍ରଜ୍ଞାପାରମିତା ମହାନ୍ତି, ପୁଷ୍ପିତା ନାୟକ, ସଙ୍ଗୀତା ପାଗଡ଼, ରାକେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୭୫ ଗ୍ରାମ୍ ସୁନାଅଳଙ୍କାର ଜବତ, ୭ ଗିରଫ


ଜବତ ସୁନାଅଳଙ୍କାର, ମୋବାଇଲ, ବନ୍ଧୁକ। ଗିରଫ ୭ ଅଭିଯୁକ୍ତ।

କଟକ,୧୭।୮(କାର୍ତ୍ତିକ ସାହୁ)

**ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲା**

ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ଜଗତପୁର ପୋଲିସ ୭ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ସାଲିଆସାହି ନୀଳଚକ୍ରନଗରରେ ରହୁଥିବା ନୟାଗଡ଼ ଜିଲା ବନ୍ଧସାହିର ସଞ୍ଜୟ ନାୟକ, କଟକ ଜିଲା ମାହାଙ୍ଗା ଥାନା ବେଗୁନିଆପଡ଼ାର ରଘୁନାଥ ଦାସ, ନୟାଗଡ଼ ଜିଲା ବରପଲାର ଦୀପକ ନାୟକ, କଟକ ସଦର ଥାନା ସାସୋଲର ସୁଶାନ୍ତ ଓରଫ ହିମାଂଶୁ ଶେଖର ପାତ୍ର(୩୨), ମାହାଙ୍ଗା ଥାନା ପଲ୍ଲିସାହିର ରାଜା ଓରଫ ବଇଦୀଭୂଷଣ ଦାସ, ନିଶ୍ଚିନ୍ତକୋଇଲି ଥାନା କଟିକଟାର ରାଜା ଓରଫ ରଶ୍ମିରଞ୍ଜନ ପରିଡ଼ା ଓ ନିଶ୍ଚିନ୍ତକୋଇଲି ଗ୍ରାମର ପଦ୍ମଲୋଚନ ସାହୁ। ସେମାନଙ୍କଠାରୁ ୧୭୫ ଗ୍ରାମ୍ ଓଜନର ସୁନାଅଳଙ୍କାର, ୨ଟି ୭୩ ଗ୍ରାମର ସୁନା ବିସ୍କୁଟ, ୨ଟି ବାଇକ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ସୂଚନା ଅନୁସାରେ, ପାଗା ଲକ୍ଷ୍ମୀନାରାୟଣପୁରର ବଗୁଲା ସାହୁଙ୍କର ଜଗତପୁରରେ ଏକ ସୁନାଅଳଙ୍କାର ଦୋକାନ ରହିଛି। ଗତ ୯ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ୍‌ରେ ବଗୁଲା ତାଙ୍କ ଭାଇଙ୍କ ସହ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଦୁଇ ଭାଇ ସ୍କୁଟିରେ ଫେରୁଥିବାବେଳେ ସାଙ୍ଗରେ ୭୦୦ ଗ୍ରାମ୍ ସୁନା ଓ ନଗଦ ଟଙ୍କା ଥିଲା। ମହାଜନପୁର ଗ୍ରାମ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସେମାନେ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେମାନଙ୍କ ସ୍କୁଟି, ସୁନାଅଳଙ୍କାର ଓ ଟଙ୍କା ଲୁଟି ନେଇ ପଳାଇ ଯାଇଥିଲେ। ଏ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪୧୯/୨୪) ରୁଜୁ କରିଥିଲା। ପରେ ସ୍କୁଟି ପାଟପୁର ଶିବମନ୍ଦିର ନିକଟରୁ ମିଳିଥିଲା। ଏହାପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ପାଣି ପାଇପ ଚୋରି ଘଟଣା, ୨ ଗିରଫ

ମଙ୍ଗୁଳି-ଜଗତପୁର,୧୭।୮(ମାନସ ସାମଲ)

ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ୍ ଚୋରି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଚୌଦ୍ୱାର ଥାନା ଅଧୀନ ହରିନାଥପୁରର ସନ୍ଦୀପ ଅଗ୍ରୱାଲା ଓ ସହଯୋଗୀ ଛତିଶଗଡ ରାଇପୁରର ଅଲି ଅସଗର। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ ଗାଁ ଅଞ୍ଚଳରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଜଣେ ଠିକାଦାର ସଫା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୁହା ପାଇପ ମହଜୁଦ ରଖିଥିଲେ। କେତେଜଣ ଦୁର୍ବୃତ୍ତ ଏକ ଟ୍ରକରେ ପାଇପ ଲୋଡ କରୁଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଚାଳକକୁ ଥାନାକୁ ଆଣି ପଚରାଉଚରା କରିବାରୁ ଏହି ଚୋରି ପଛରେ ବଡ଼ ଧରଣର ରାକେଟ ରହିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲା। ପୋଲିସ ଗତ ସପ୍ତାହ ମଧ୍ୟରେ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଶନିବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି।

# କିଶୋରୀଚରଣଙ୍କ ସାହିତ୍ୟ ପାଠକକୁ ଆଚ୍ଛନ୍ନ କରି ରଖିଥାଏ

କଟକ,୧୭।୮ (କାର୍ତ୍ତିକ ସାହୁ)

**କିଶୋରୀଚରଣ ଦାସ ଜନ୍ମ ଶତବାର୍ଷିକ ଆଲୋଚନାଚକ୍ର**

କେନ୍ଦ୍ର ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ସହଯୋଗରେ କଟକ ଶତାବ୍ଦୀ ଭବନଠାରେ କଥାକାର କିଶୋରୀଚରଣ ଦାସଙ୍କ ଜନ୍ମଶତବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଉଦ୍‌ଘାଟନ କରି କହିଛନ୍ତି, କିଶୋରୀଚରଣଙ୍କ ସାହିତ୍ୟରେ ବୌଦ୍ଧିକତା ପାଠକକୁ ଖୁବ୍ ଛୁଇଁଥାଏ। ସାହିତ୍ୟ ଅକାଦେମି ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ କହିଛନ୍ତି, କିଶୋରୀଚରଣଙ୍କ ସାହିତ୍ୟରେ ଜୀବନର ମହାମନ୍ତ୍ର ପ୍ରତିଫଳିତ। ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ଅଧ୍ୟକ୍ଷତା କରି କହିଛନ୍ତି, କିଶୋରୀଚରଣଙ୍କ ସାହିତ୍ୟ ପାଠକକୁ ଆଚ୍ଛନ୍ନ କରି ରଖିଥାଏ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା, ସାହିତ୍ୟ ଅକାଦେମି କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଡ. ବାବାଜୀ ଚରଣ ପଟ୍ଟନାୟକ ଓ ଦ୍ୱିତୀୟ ଅଧିବେଶନରେ ଡ. ଗିରୀଶ ସାହୁ ଅଧ୍ୟକ୍ଷତା କରିଥିଲେ। ଚିରଶ୍ରୀ ଇନ୍ଦ୍ରସିଂହ, ଦେବବ୍ରତ ମଦନରାୟ, ଡ. ଗୁରୁଚରଣ ବେହେରା, ଡ. ଜ୍ଞାନୀ ଦେବାଶିଷ ମିଶ୍ର ଓ ଡ. ରବିନାରାୟଣ ମହାରଣା ଯୋଗଦେଇଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ଓ କୋଷାଧ୍ୟକ୍ଷ ଶିବାଶିଷ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ନାୟକ ଓ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାମାନେ ଏଥିରେ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିଲା ଡାକ୍ତରୀ ଟିମ୍

କଟକ,୧୭।୮(ଶିଳ୍ପା ପ୍ରିୟଦର୍ଶିନୀ)

**କୋଲକାତାରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ଘଟଣା**

**■ ଏସ୍‌ସିବିରେ ତୃତୀୟ ଦିନରେ ଆନ୍ଦୋଳନ ଜାରି**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତରୀ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏଥିସହ ରୋଗୀଙ୍କୁ ଜରୁରିକାଳୀନ ସେବା ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଡାକ୍ତରୀ ଛାତ୍ରଙ୍କ ୮ ଜଣିଆ ଟିମ୍ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ଭୁବନେଶ୍ୱରରେ ଭେଟିଛି। ଏନେଇ ଜୁନିୟର ଡାକ୍ତରୀ ସଂଘ ସଭାପତି ଡା. ସୁବ୍ରତ ସାହୁ କହିଛନ୍ତି, ଡାକ୍ତରଙ୍କ ପାଇଁ ରୋଗୀସେବା ଗୁରୁତ୍ୱପୂର୍ଣ୍ଣ। ଏହାକୁ ନଜରରେ ରଖି ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିଛୁ। ସମସ୍ତ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କିଛି ନିଷ୍କର୍ଷ ବାହାରିପାରିନି। ସେହିପରି ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ଓଡ଼ିଶା ଶାଖା ପକ୍ଷରୁ ରାଣୀହାଟଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲା। ଆସୋସିଏଶନ ପକ୍ଷରୁ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ ସେବା ବନ୍ଦ ପାଇଁ ଡାକରା ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ (ଓମ୍‌ଟା) ପକ୍ଷରୁ ରୋଗୀସେବା ସମୟରେ ଡାକ୍ତରଙ୍କ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେବା ସହ ତୁରନ୍ତ ଏହି ଦିଗରେ ପଦକ୍ଷେପ ନେବା ପାଇଁ ପ୍ରେସ୍ ବିବୃତି ଜରିଆରେ ଆସୋସିଏଶନ ସଭାପତି ଡା. ଜୟନ୍ତ କୁମାର ପଣ୍ଡା ଓ ସାଧାରଣ ସମ୍ପାଦକ ଡା. ଦୀପକ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଇଏମ୍‌ଏ ଓଡ଼ିଶା ଶାଖା ସଭାପତି ତଥା ଓମ୍‌ଟାର ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି, ରୋଗୀଙ୍କ ପାଇଁ ଜରୁରି ସେବା ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଆଇଏମ୍‌ଏ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଡାକ୍ତରଙ୍କ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ସମ୍ପର୍କରେ ଜନସାଧାରଣ ବୁଝିବେ ଓ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶା ରହିଛି।

# ‘ଠିକ୍ ସମୟରେ ସରିଲେ ଲୋକାଭିମୁଖୀ ହେବ ଜନହିତକର କାର୍ଯ୍ୟ’

କଟକ,୧୭।୮(କାର୍ତ୍ତିକ ସାହୁ)



ଜିଲା ପରିଷଦ ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଅଷ୍ଟମ ଜିଲା ପରିଷଦ ବୈଠକ**

ସରକାରଙ୍କ ଦ୍ୱାରା ହେଉଥିବା ଜନହିତକର କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟରେ ସରିପାରିଲେ ତାହା ଲୋକାଭିମୁଖୀ ହୋଇପାରିବ। ଏଥିନିମନ୍ତେ କାର୍ଯ୍ୟଶୈଳୀର ଅନୁଶୀଳନ ଓ ପ୍ରଗତିକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟଧାରା ସମ୍ପାଦନ କରିବାକୁ ହେବ ବୋଲି ଅଷ୍ଟମ ଜିଲା ପରିଷଦ ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶନିବାର ମତବ୍ୟକ୍ତ କରିଛନ୍ତି।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ ଜନପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା କରି ବିଭାଗୀୟ ଅଧିକାରୀମାନେ ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷ ନିମନ୍ତେ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ବାତ୍ୟା ଆଶ୍ରୟସ୍ଥଳୀର ମରାମତି କରିବା, କେନାଲ ସଫେଇ, ଜଳବନ୍ଦୀ ସମସ୍ୟା ଦୂର କରିବା, ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଓ ଟାଙ୍କି ନିର୍ମାଣ, ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ପୂରଣ କରାଯିବା ଉପରେ ଆଲୋଚନା ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ, କୃଷି, ପାଇପ ଜଳ ଯୋଗାଣ, ବିଭିନ୍ନ ବ୍ଲକର ବୃହତ ଜଳ ଯୋଗାଣ ବ୍ୟବସ୍ଥା ଓ ଏହାର ସ୍ଥିତି, ବୃହତ ଉଠା ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିଭିନ୍ନ ଯୋଜନା ଉପରେ ଜିଲାର ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସାରଦା ପ୍ରସନ୍ନ ପ୍ରଧାନ, ବିଜୟ ଦଳବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦର ସଭ୍ୟାସଭ୍ୟମାନେ ଉତ୍‌ଥାପନ କରିଥିବା ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ ତରାଇ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଜିଲା କୃଷି ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ବିଡିଓ, ବ୍ଲକ୍ ଚେୟାରମ୍ୟାନ୍, ଜିଲା ପରିଷଦ ସଦସ୍ୟା/ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଭାରତକୁ ଅଭିବୃଦ୍ଧି ଧାରା ଅବ୍ୟାହତ ରଖିବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବାକୁ ହେଲେ ଅନେକ ସଂସ୍କାର କାର୍ଯ୍ୟକାରୀ କରିବା ଆବଶ୍ୟକ।
-ଗୀତା ଗୋପୀନାଥ, ଆଇଏମ୍ଏଫ୍ ଉପ ପରିଚାଳନା ନିର୍ଦ୍ଦେଶକ



# ମହାମାରୀ ଆଶିପାରେ 'ଏମ୍‌ପକ୍ସ'

**ଜୋହନସବର୍ଗ, ୧୭।୮**

କରୋନା ମହାମାରୀ ପରେ ଏବେ 'ଏମ୍‌ପକ୍ସ'କୁ ନେଇ ଚିନ୍ତା ବଢ଼ିଛି। ଚଳିତ ବର୍ଷ ଆଫ୍ରିକାର ବିଭିନ୍ନ ଦେଶରେ ଏହି ରୋଗ ଆତଙ୍କ ଖେଳାଇଥିବାବେଳେ ଏବେ ଏହା ବିଶ୍ୱର ବିଭିନ୍ନ ଦେଶକୁ ବ୍ୟାପିବାରେ ଲାଗିଛି। ଆଫ୍ରିକୀୟ ଦେଶ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ(ଡିଆର୍‌ସି), ବୁରୁଣ୍ଡି, କେନିଆ, ରୁଆଣ୍ଡା, ଆଦି ଦେଶରେ ହଜାରରୁ ଅଧିକ ମାମଲା ଦେଖାଯିବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଏହି ରୋଗକୁ ଗ୍ଲୋବାଲ ହେଲ୍‌ଥ୍ ଏମର୍ଜେନ୍ସି ଭାବେ ଘୋଷଣା କରିଛି। ଆଫ୍ରିକୀୟ ଦେଶଗୁଡ଼ିକ ପରେ ଏହାର ମାମଲା ପ୍ରଥମେ ସୁଇଡେନ ଓ ପରେ (ଶୁକ୍ରବାର) ଭାରତର ପଡ଼ୋଶୀ ପାକିସ୍ତାନରେ ଦେଖିବାକୁ ମିଳିଛି। ଆଫ୍ରିକାରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ନିକଟରେ 'ଏମ୍‌ପକ୍ସ' ଭାଇରସ୍ ଚିହ୍ନଟ ହୋଇଥିବା ନେଇ ସୁଇଡେନ ପକ୍ଷରୁ କୁହାଯାଇଛି। ତେବେ କରୋନା ଭାଇରସ୍ ପରି 'ଏମ୍‌ପକ୍ସ' ଭାଇରସ୍ ମଧ୍ୟ ଆଗାମୀ ଦିନରେ ବୈଶ୍ୱିକ ମହାମାରୀ ଭାବେ ପରିଣତ ହେବ ବୋଲି 'ଦି କଞ୍ଜରଭେସନ' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି।



## ସ୍ଥିତି ସମୀକ୍ଷା କଲେ ନଡ୍ଡା

**ନୂଆଦିଲ୍ଲୀ, ୧୭।୮:** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଶନିବାର ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି 'ଏମ୍‌ପକ୍ସ' ଭାଇରସ୍‌କୁ ରୋକିବା ଦିଗରେ ଭାରତର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ବୈଶ୍ୱିକସ୍ତରରେ 'ଏମ୍‌ପକ୍ସ'ର ମାମଲା ବୃଦ୍ଧି ପାଉଥିବାବେଳେ ଏହାର ପ୍ରତିଷେଧକ ବ୍ୟବସ୍ଥା ଉପରେ ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତରେ 'ଏମ୍‌ପକ୍ସ'ର କୌଣସି ମାମଲା ସାମ୍ନାକୁ ଆସି ନ ଥିବା ସତ୍ତ୍ୱେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନଡ୍ଡା ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କରୋନା ପରି 'ଏମ୍‌ପକ୍ସ' ଭାଇରସ୍ ଶୀଘ୍ର ବ୍ୟାପୁ ନ ଥିବାବେଳେ ଏହା ରୋଗୀଙ୍କ ଜୀବନ ପାଇଁ ସାଂଘାତିକ ହୋଇପାରେ। ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଏହି ରୋଗ ଖୁବ ସହଜରେ ନିକଟ ସମ୍ପର୍କୀୟଙ୍କୁ ବ୍ୟାପିଥାଏ। ଅନ୍ୟଙ୍କ ସହ କଥୋପକଥନ ସମୟରେ, ଶ୍ୱାସ ନେବାବେଳେ, ଯୌନ ସମ୍ପର୍କ କିମ୍ବା ଚର୍ମ ସଂସ୍ପର୍ଶରେ ଆସିବା ସହ ଏହି ଭାଇରସ୍ ଜଣଙ୍କଠାରୁ ଅନ୍ୟଙ୍କୁ ବ୍ୟାପିଥାଏ। ତେବେ ବୟସ୍କ, ଦୁର୍ବଳ କିମ୍ବା କମ୍ ରୋଗ ପ୍ରତିରୋଧକ କ୍ଷମତା ଥିବା ଲୋକମାନେ ଏହି ଭାଇରସ୍‌ର ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିଥାନ୍ତି ବୋଲି ଗବେଷକମାନେ କହିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୭ ହଜାରରୁ ଊର୍ଦ୍ଧ୍ୱ ଅଧିକ 'ଏମ୍‌ପକ୍ସ' ମାମଲା ଦେଖାଦେଇଥିବାବେଳେ ଏଥିରେ ୫୨୪ ଜଣଙ୍କର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୯୬% ମାମଲା ଆଫ୍ରିକୀୟ ଦେଶ କଙ୍ଗୋରୁ ଆସିଛି।

# ଖରାପ ରାସ୍ତାର ପ୍ରତିବାଦ: ଟିଏମ୍‌ସି କର୍ମୀଙ୍କୁ ହତ୍ୟା

**ବରହାମପୁର, ୧୭।୮**

ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଭାଗବଙ୍ଗୋଲାସ୍ଥିତ ରମନପାରା ଗ୍ରାମର ଏକ ରାସ୍ତାର ଖରାପସ୍ଥିତିକୁ ବିରୋଧକରି ପ୍ରତିବାଦ କରିଥିବାରୁ ବାବର ଅଲ୍ଲୀ ନାମକ ଜଣେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କର୍ମୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସ୍ଥାନୀୟ ଟିଏମ୍‌ସି ନେତା ତଥା ଭାଗବଙ୍ଗୋଲା ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧି ଗୋଲାପ ଶେଖ୍ କେତେଜଣ ଦୁର୍ବୃତ୍ତଙ୍କ ସହ ଆସି ଶନିବାର ସକାଳେ ବାବରଙ୍କୁ ଗୁଳିକରି ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ରମନପାରା ଗ୍ରାମର ଏକ ରାସ୍ତାକୁ ନେଇ ଉଭୟେ ବାବର ଓ ଶେଖ୍‌ଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ଗ୍ରାମବାସୀ କହିଛନ୍ତି। ପୋଲିସ ଶେଖ୍ ଓ ଏହାର ୮ ସହଯୋଗୀଙ୍କ ନାମରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବର୍ତ୍ତମାନ ସୁଦ୍ଧା କେହି ଗିରଫ ହୋଇନାହାନ୍ତି।

# ବିହାରରେ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ିଲା

**ଭାଗଲପୁର, ୧୭।୮**

ଗଙ୍ଗା ନଦୀ ଉପରେ ଯାଇଥିବା ବିହାରର ଭାଗଲପୁର ଜିଲା ୧୭୦୦ କୋଟି ମୂଲ୍ୟର ସୁଲତାନପୁର-ଅଗୱାନୀ ୪ ଲେନ୍ ବିଶିଷ୍ଟ ନିର୍ମାଣାଧୀନ ବ୍ରିଜ୍‌ର ଗୋଟିଏ ଅଂଶ ଶନିବାର ଭୁଶୁଡ଼ି ପଡ଼ିଛି। ଖଗଡ଼ିଆ ଏବଂ ଭାଗଲପୁର ଜିଲାକୁ ସଂଯୋଗ କରିବା ପାଇଁ ଏହି ବ୍ରିଜ୍‌ର ନିର୍ମାଣ କରାଯାଉଥିଲା। ବନ୍ୟା ଯୋଗୁ ପିଲାର ଦୁର୍ବଳ ହୋଇଯାଇଥିବାରୁ ଏହି ବ୍ରିଜ୍‌ର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିଛି ବୋଲି ଅନୁମାନ କରାଯାଉଛି। ଭାଗଲପୁର ଓ ଏହାର ଆଖପାଖ ଅଞ୍ଚଳରେ ବନ୍ୟା ଯୋଗୁ ଗତ କିଛି ଦିନ ଧରି ବ୍ରିଜ୍ ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ କୌଣସି ଅଘଟଣ ଘଟିନାହିଁ ବୋଲି ଜିଲା ପ୍ରଶାସନ କହିଛି।

# ଜେଏନ୍‌ୟୁରେ ଛାତ୍ରଙ୍କ ଅନଶନ ଷଷ୍ଠ ଦିନରେ

**ନୂଆଦିଲ୍ଲୀ,୧୭।୮(ପି.ଟି.)**

ବିଭିନ୍ନ ଦାବି ନେଇ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଛାତ୍ର ସଂଘର ଅନଶନ ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ଅନଶନରେ ବସିଥିବା ବହୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିବା ଛାତ୍ର ସଂଗଠନ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଦାବି ପ୍ରତି ଜେଏନ୍‌ୟୁ ପ୍ରଶାସନର ଦାୟିତ୍ୱହୀନତା ପ୍ରତିବାଦରେ ଗତ ୧୧ ତାରିଖରୁ ସେମାନେ ଅନଶନରେ ବସିଛନ୍ତି। ଅନ୍ୟପକ୍ଷରେ ପାଣି ଅଭାବରୁ ଦାବି ପୂରଣ ହୋଇପାରି ନ ଥିବା କୁଳପତି ଶାନ୍ତିଶ୍ରୀ ଡି ପଣ୍ଡିତ କହିଛନ୍ତି।

# 'ବୈଶ୍ୱିକ ବିକାଶ ଚୁକ୍ତି'ର ପ୍ରସ୍ତାବ ଦେଲେ ମୋଦି

**ନୂଆଦିଲ୍ଲୀ, ୧୭।୮**

ଭାରତ ଦ୍ୱାରା ଆୟୋଜିତ ୩ୟ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍' ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକରେ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ 'ବୈଶ୍ୱିକ ବିକାଶ ଚୁକ୍ତି'ର ପ୍ରସ୍ତାବ ରଖିଛନ୍ତି। ଏହାର ମୁଖ୍ୟ ଫୋକସ୍ ବାଣିଜ୍ୟ, ସ୍ଥିର ବିକାଶ, ପ୍ରଯୁକ୍ତି ବିଦ୍ୟା ବଣ୍ଟନ, ପ୍ରକଳ୍ପ ପାଇଁ ସହଜ ଅର୍ଥ ପ୍ରଦାନ ଆଦି ଉପରେ ରହିବ। ଏହି ଯୋଜନା ଅନୁଯାୟୀ ଅଭାବୀ ଦେଶଗୁଡ଼ିକୁ ବିକାଶ ପାଇଁ ଋଣ ବହନ କରିବାକୁ ପଡ଼ିବ ନାହିଁ ବୋଲି ମୋଦି କହିଛନ୍ତି। ଏହାର ଆଧାର ଭାରତର ବିକାଶ ଯାତ୍ରା ଏବଂ ବିକାଶ ସହଭାଗିତାର ଅଭିଜ୍ଞତା ଉପରେ ରହିବ। ଏହି ମାନବ କେନ୍ଦ୍ରିତ ପଦକ୍ଷେପ ବିକାଶ ପାଇଁ ଏକ ବିସ୍ତୃତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବ ବୋଲି ମୋଦି ଏହି ସମ୍ମିଳନୀରେ କହିଛନ୍ତି। ସେହିପରି ବାଣିଜ୍ୟକୁ ଫୋକସ୍ କରିବା ପାଇଁ ଭାରତ ୨.୫ ମିଲିଅନ ଡଲାରର ଏକ ସ୍ୱତନ୍ତ୍ର ପାଣ୍ଠି ଆରମ୍ଭ କରିବ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସମ୍ପ୍ରତି ଗ୍ଲୋବାଲ ନର୍ଥ ଓ ଗ୍ଲୋବାଲ ସାଉଥ ମଧ୍ୟରେ ରହିଥିବା ପାର୍ଥକ୍ୟକୁ କମ୍ କରିବାର ଆବଶ୍ୟକତା ରହିଛି। ସେହିପରି ସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ କରିବା ଦିଗରେ ମୋଦି ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ ସମ୍ମିଳନୀରେ ୧୨୩ଟି ଦେଶ ଓ ୨୧ ରାଷ୍ଟ୍ର ମୁଖ୍ୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦେଶର ୩୪ ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ ୧୧୮ ମନ୍ତ୍ରୀ ୩ୟ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍' ସମ୍ମିଳନୀରେ ସାମିଲ ହୋଇଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୂଚନା ଦେଇଛନ୍ତି।



୩ୟ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍' ସମ୍ମିଳନୀ

# ନିର୍ବାଚନ ପରେ ୩୭୦ ଉଚ୍ଛେଦ ବିରୋଧରେ ପ୍ରସ୍ତାବ ଗୃହୀତ ହେବ: ଓମାର

**ଶ୍ରୀନଗର, ୧୭।୮**

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ସେପ୍ଟେମ୍ବର ୧୮ରୁ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନ ପରେ ସମ୍ବିଧାନର ୩୭୦ ଉଚ୍ଛେଦ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଧାନସଭାରେ ପ୍ରଥମେ ପ୍ରସ୍ତାବ ଗୃହୀତ ହେବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲା ଶନିବାର କହିଛନ୍ତି। ଏଥିସହ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଓ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ବିଧାନସଭାର ପ୍ରଥମ ଅଧିବେଶନରେ ଗୃହୀତ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର କହିଛନ୍ତି। ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥିଲା। ୨୦୧୯ ଅଗଷ୍ଟ ୫ରେ ଏହାକୁ ଉଚ୍ଛେଦ କରାଯିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରାଯାଇଥିଲା।



# ଅଭିଯୁକ୍ତଙ୍କ ଘରେ ବୁଲ୍‌ଡୋଜର ବୁଲିଲା

## ଉଦୟପୁରରେ ଛୁରାମାଡ଼ ଘଟଣା

**ଉଦୟପୁର, ୧୭।୮**

ରାଜସ୍ଥାନ ଉଦୟପୁରର ଏକ ସରକାରୀ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବା ଜଣେ ହିନ୍ଦୁ ଛାତ୍ରଙ୍କୁ ଅନ୍ୟ ସମ୍ପ୍ରଦାୟର ସହପାଠୀ ଛୁରାମାଡ଼ କରିବା ଘଟଣାକୁ ନେଇ ଶୁକ୍ରବାର ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିଲା। ହିନ୍ଦୁ ସଂଗଠନର କର୍ମୀମାନେ ଟେକାମାଡ଼ ସହ କେତେକ କାର୍ ଜାଳିଦେଇଥିଲେ। ଛୁରାମାଡ଼ କରିଥିବା ଛାତ୍ରଙ୍କ ପରିବାର ବେଆଇନ ଭାବେ ନିର୍ମାଣ କରିଥିବା ଏକ ଘରକୁ ଉଦୟପୁର ଜିଲା ପ୍ରଶାସନ ଶନିବାର ବୁଲ୍‌ଡୋଜରରେ ଭାଙ୍ଗିଦେଇଛି।

## ରାଜ୍ୟ ଖବର

# ଜଣ୍ଡିସ, ଝାଡ଼ାବାନ୍ତି: ୧ ମୃତ, ୨୦ ଆକ୍ରାନ୍ତ

**ଭଞ୍ଜନଗର,୧୭।୮(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗୁଣ୍ଡିରିବାଡ଼ି ଓ ଛେଦାଭୂମି ଗ୍ରାମରେ ଝାଡ଼ାବାନ୍ତି ଓ ଜଣ୍ଡିସ ବ୍ୟାପିଛି। ଝାଡ଼ାବାନ୍ତିରେ ଗୁଣ୍ଡାରିବାଡ଼ିର ଅରକ୍ଷିତ ଗୌଡ଼(୪୫)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ ଜଣ ଅସୁସ୍ଥ ହୋଇ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ଛେଦାଭୂମିରେ ଦୁଇଦିନ ପୂର୍ବେ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଥିଲେ। ଶନିବାର ସୁଦ୍ଧା ୧୪ ଜଣ ରୋଗୀ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରେ ୧୨ ଶିଶୁ ରହିଛନ୍ତି। ଜଣ୍ଡିସରେ ଆକ୍ରାନ୍ତମାନେ ହେଲେ ଶୁଭଶ୍ରୀ ନାୟକ, ଆକାଶ ଗୌଡ଼, ରୂପାଲୀ ଗୌଡ଼, ଇତିଶ୍ରୀ ଗୌଡ଼, ଦେବାଂଶ ଗୌଡ଼, ରାକ୍ଷୀ ଗୌଡ଼, ଓମ ପ୍ରକାଶ ଗୌଡ଼, କୃଷ୍ଣ ପ୍ରଧାନ, ମାମିନି ଗୌଡ଼, ପ୍ରତ୍ୟୁଷ ନାୟକ, କାଳିଆ ନାୟକ, ସାଇ ପ୍ରସାଦ ପ୍ରଧାନ, ସବିତା ନନ୍ଦ ରାଉତ ଓ କେ କେ ନାୟକ। ଅସୁସ୍ଥମାନେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦୂଷିତ ପାଣି ବ୍ୟବହାର ଯୋଗୁଁ ଏହି ସମସ୍ୟା ହୋଇଥିବା ଆଶଙ୍କା କରାଯାଉଛି। ଉଭୟ ଗ୍ରାମରୁ ପାଣି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି।

# ପୁନଃ ବିବାହ ଲାଗି ନିର୍ବନ୍ଧ ପଡ଼ିଲା ମହଙ୍ଗା

**ନବରଙ୍ଗପୁର,୧୭।୮(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ପ୍ରିୟବ୍ରତ ପୁହାଣ ବିବାହିତ ହୋଇଥିବାବେଳେ ପୁଣି ଥରେ ବିବାହ ଲାଗି ନିର୍ବନ୍ଧ କରବା ମହଙ୍ଗା ପଡ଼ିଛି। ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳର ଝିଅଙ୍କ ବାପା ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଓ ପରେ କଟକ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଶନିବାର ମଧୁପାଟଣା ପୋଲିସ ନବରଙ୍ଗପୁର ଆସି ପାପଡ଼ାହାଣ୍ଡି ପୋଲିସ ସହଯୋଗରେ ପ୍ରିୟବ୍ରତଙ୍କୁ ଗିରଫ କରିଛି। ଗତବର୍ଷ ଡିସେମ୍ବର ୧୭ରେ ପ୍ରିୟବ୍ରତଙ୍କ ସହ ଅଭିଯୋଗକାରୀଙ୍କ ଝିଅଙ୍କର ନିର୍ବନ୍ଧ ହୋଇଥିଲା। ନିର୍ବନ୍ଧରେ ବରଘର ପକ୍ଷରୁ ୩୦ ଜଣ ଆସିବାର ଥିଲେ ମଧ୍ୟ ୪ ଜଣ ପହଞ୍ଚିଥିଲେ। ପ୍ରିୟବ୍ରତ ଯୌତୁକ ବାବଦରେ ୩ ଲକ୍ଷ ଟଙ୍କା ମାଗିଥିଲେ। ଝିଅ ଘର ପକ୍ଷ ନିର୍ବନ୍ଧ ଦିନ ପ୍ରିୟବ୍ରତଙ୍କୁ ୨ ଲକ୍ଷ ଟଙ୍କା ସହ ଅଳଙ୍କାର ଦେଇଥିଲେ। ନିର୍ବନ୍ଧ ପରେ ଝିଅଙ୍କ ମା' ବାପା ପ୍ରିୟବ୍ରତଙ୍କ ଘରକୁ ଆସିଥିଲେ। ଏହି ସମୟରେ ସେ ପୂର୍ବରୁ ବିବାହିତ ବୋଲି ସେମାନେ ଜାଣିବାକୁ ପାଇଥିଲେ। ସେମାନେ ଘରକୁ ଫେରି ମଧ୍ୟସ୍ଥ କୁଶଦେବ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ନିର୍ବନ୍ଧରେ ଦିଆଯାଇଥିବା ଟଙ୍କା ଫେରାଇ ଆଣିବାକୁ କହିଥିଲେ। କିନ୍ତୁ ମଧ୍ୟସ୍ଥ ଓ ବରପକ୍ଷ ଏହା ଶୁଣି ନ ଥିଲେ। ଝିଅ ଘର ଅଭିଯୋଗକ୍ରମେ ମୋବାଇଲ ଟ୍ରାକିଂ କରି ତାଙ୍କୁ ଗିରଫ କରାଯାଇଛି।

# ଭୂତ ଭୟରେ କଦମ୍ବଗୁଡ଼ା ହଷ୍ଟେଲ ଛାଡ଼ିଲେ ୬୪ ଛାତ୍ରୀ

**ଗୋବିନ୍ଦପାଲି,୧୭।୮(କାର୍ତ୍ତିକ ରଥ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡ଼ା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଥିବା ୫ ଛାତ୍ରୀ ଭୂତ ଭୟ ଯୋଗୁ ଅସୁସ୍ଥ ହୋଇପଡ଼ିଛନ୍ତି। ଏଥିସହ ୬୪ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତିରେ କୌଣସି କାରଣରୁ ଜଣେ ଛାତ୍ରୀ ହଷ୍ଟେଲ ପଛପଟକୁ ଯାଇଥିଲେ। ସେଠାରେ ହଠାତ୍ ଚମକିପଡି ଅଚେତ୍ ହୋଇଯାଇଥିଲେ। ତାଙ୍କ ପରେ ଅନ୍ୟ ୪ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ଏହି ଭୟ ଯୋଗୁ ହଷ୍ଟେଲରେ ଥିବା ୬୪ ଛାତ୍ରୀଙ୍କୁ ଅଧା କିଲୋମିଟର ଦୂରରେ ଥିବା ବଡବେଲ କମ୍ପ୍ଲେକ୍ସ ଛାତ୍ରନିବାସକୁ ସ୍ଥାନାନ୍ତର କରାଯାଇଛି।

# 'ସାଙ୍ଗମାନେ କେବେ ବି ଅନଲାଇନ୍ ଗେମ ଖେଳିବନି'

## ଶେଷ ମେସେଜ୍ ଦେଇ ଜୀବନ ହାରିଲେ ଯୁବକ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ରେମୁଣା(ରବୀନ୍ଦ୍ର ମହାକୁଡ଼), ୧୭।୮**

ସାଙ୍ଗମାନେ କେବେବି ଗେମ ଖେଳିବନି, ଜମା ବି ସେ ଭୁଲ୍ କରିବନି। ମୁଁ ଜାଣି ନ ଥିଲି ଗେମ ଖେଳି ଚକ୍ରବ୍ୟୁହରେ ପଡ଼ିଯିବି ବୋଲି। ଗେମ ହେଉଛି ମାୟାବିନୀ। ଟିକେ ଟିକେ ଖୁସି ଦେଇ ଜୀବନଟାକୁ ଅନ୍ଧାର ଭିତରକୁ ଟାଣି ନେବ। ପ୍ଲିଜ ମୋ କଥା ରଖିବ। କେବେ ବି ଅନଲାଇନ୍ ଗେମ ଖେଳିବନି। ଆଜି ମୁଁ ବଞ୍ଚିବି କି ନାହିଁ ଜାଣେନି। ମୋବାଇଲରେ ଏମିତି ଏକ ମେସେଜ ଲେଖି ଜୀବନ ହରାଇ ଦେଇଛନ୍ତି ଜଣେ ଯୁବକ। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ରେମୁଣା ଥାନା ଅଧୀନ ସହାଜିପାଟଣା ଗ୍ରାମରେ।

ଏହି ଗ୍ରାମର ଶରତ ନାଏକଙ୍କ ପୁଅ ଗୌତମ (୨୬) ଏକ ପାନ ମସଲା ଘରୋଇ କମ୍ପାନୀର ବାଲେଶ୍ୱରରେ କାମ କରୁଥିଲେ। ଦୀର୍ଘଦିନ ଧରି ସେ ମୋବାଇଲରେ ଅନଲାଇନ୍ ଯୋଗେ ଗେମ୍ ଖେଳୁଥିଲେ। ସେଥିରୁ କିଛି ଟଙ୍କା ଜିତିବା ପରେ ଗେମ୍ ଖେଳିବା ନିଶା ବଢ଼ି ଯାଇଥିଲା। ହେଲେ ଯେତିକି ଟଙ୍କା ଜିତୁଥିଲେ ତା' ଠାରୁ ଅଧିକ ଟଙ୍କା ହରାଉଥିଲେ। ଏମିତିକି ଧାର ଉଧାର କରି ଲକ୍ଷାଧିକ ଟଙ୍କା ସେ ପୂର୍ବରୁ ହରାଇ ଦେଇଥିଲେ। ଆଉ ଉକ୍ତ ଟଙ୍କାକୁ ପରିବାର ଲୋକଙ୍କୁ ଶୁଝିବାକୁ ପଡ଼ିଥିଲା। ଆଉ ଗେମ୍ ନ ଖେଳିବା ପାଇଁ ପରିବାର ଲୋକେ ତାଗିଦ୍ କରିଥିଲେ। ତଥାପି ଅନଲାଇନ୍ ଗେମ ନିଶାରୁ ସେ ମୁକୁଳି ପାରି ନ ଥିଲେ। ପୁଣି ଲକ୍ଷାଧିକ ଟଙ୍କା ହରାଇ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଶୁକ୍ରବାର ରାତିରେ ନିଜ ସାଙ୍ଗସାଥୀଙ୍କ ସହ ଉପରୋକ୍ତ ମେସେଜକୁ ମୋବାଇଲ ଯୋଗେ ସେୟାର କରିଥିଲେ। ହାଜିପାଟଣା ଗାଁ ସ୍ଥିତ ବାସଭବନରେ ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ସମୟରେ ବେକରେ ଏକ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ଶନିବାର ସକାଳେ ତାଙ୍କ ମା' ଘଟଣା ସମ୍ପର୍କରେ ଜାଣିବା ପରେ ସମସ୍ତଙ୍କୁ ଜଣାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ତାଙ୍କୁ ରେମୁଣା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେମୁଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଗୌତମ ନାୟକ


झारखण्ड सरकार कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल,साहेबगंज।
विकास भवन, साहेबगंज।

**ई– अल्पकालीन निविदा आमंत्रण सूचना**

ई0–अल्पकालीन निविदा संख्या–05/2024–2025/EE/RWD/SAHIBGANJ दिनांकः–16.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल साहेबगंज द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टिफिकेशन संख्या | प्रखण्ड | कार्य का नाम | प्राक्कलित राशि (रू0 में) अंक में | अक्षर में | कार्य समाप्ति की अवधि | टेन्डर कॉल सं0 |
|---|---|---|---|---|---|---|---|
| 1 | | राजमहल | कालीबाड़ी चौक से कछुआकोल तक पथ का सुदृढ़ीकरण कार्य। (लं0–3.400 कि0मी0) | 273.430 | दो करोड़ तिहत्तर लाख तैतालीस हजार | | |
| 2 | | राजमहल | नया बाजार मोड़ से पूर्वी नारायणपुर पंचायत भवन तक पथ का सुदृढ़ीकरण कार्य। (लं0–2.00 कि0मी0) | 194.276 | एक करोड़ चौरानवे लाख दो सौ छियत्तर | | |
| 3 | RWD/SAHIBGANJ/STPKG/16/2024-25 | राजमहल | नया बाजार जामनगर रोड से कॉलोनी न0 3 भाया कॉलोनी न0 1, कोचापाड़ा तक पथ का सुदृढ़ीकरण कार्य। (लं0–3.300 कि0मी0) | 326.258 | तीन करोड़ छब्बीस लाख दो सौ अनठावन | 15 माह | एक |
| 4 | | साहेबगंज | समदानाला से जमनी फाटक भाया पलटनगंज तक पथ का सुदृढ़ीकरण कार्य। (लं0–2.600 कि0मी0) | 183.564 | एक करोड़ तिरासी लाख छप्पन हजार चार सौ | | |
| 5 | | राजमहल | बाबूपूर से हाथीगढ़ मोड़ भाया प्राईमरी हेल्थ सेन्टर तक पथ का सुदृढ़ीकरण कार्य।(लं0–2.00 कि0मी0) | 133.700 | एक करोड़ तैंतीस लाख सत्तर हजार | | |
| | | | कुलः– | 1111.228 | ग्यारह करोड़ ग्यारह लाख बाईस हजार आठ सौ रू0 मात्र | | |

2. वेबसाईट में निविदा प्रकाशन की तिथि– 22.08.2024
3. ई–निविदा प्राप्ति की अंतिम तिथि एवं समयः– 31.08.2024 अपराह्न 05.00 बजे तक।
4. निविदा शुल्क एवं अग्रधन की राशि Jharkhandtenders.gov.in के माध्यम से ऑनलाईन मोड में स्वीकार की जाएगी।
5. निविदा खोलने की तिथि एवं समय– 3.09.2024 अपराह्न 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
7. . ई–निविदा प्रकोष्ठ का मोबाइल न0– 8292371115
8. विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता, ग्रामीण कार्य विभाग, कार्य प्रमंडल,साहेबगंज।

PR 333095 Rural Work Department(24-25)D



**GOVERNMENT OF ODISHA** No.C-443
**OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist : Kalahandi, PIN - 766002, e-mail : eephbhpt@gmail.com

**NATIONAL COMPETITIVE BIDDING THROUGH e-Procurement Identification No. SEPH-BHPT-19 of 2024-25/Dt. 16.08.2024**

**e-Procurement Notice**

| | | | |
|---|---|---|---|
| 1 | Name of the Work | : | 1 No. Work |
| 2 | Type of Bid | : | Double Bid System |
| 3 | Estimated Cost | : | Rs. 964.65 lakh |
| 4 | Period of Completion | : | 3 (Three) Calendar Months |
| 5 | Date & Time of availability of bid document in the portal | : | From 11.00 AM of dt. 23.08.2024 to 5.00 PM of 17.09.2024 |
| 6 | Last date/time of receipt of bids in the portal | : | 5.00 PM of 17.09.2024 |
| 7 | Date & Time of opening of technical bids | : | At 11.30 AM of 18.09.2024 |
| 8 | Name and Address of the Officer Inviting Bid | : | Superintending Engineer, P.H. Division, Bhawanipatna, Railway Station Road, At/Po-Parmanandpur - 766002, Dist. - Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer, P.H. Division, Bhawanipatna
OIPR-13059/11/0010/2425



**PANCHAYATI RAJ AND D.W. DEPTT.**
**PANCHAYAT SAMITI OFFICE, HARABHANGA (CHARICHHAK), DIST - BOUDH**

Order No : 3263 Dt. 16.08.24

No.i-79 : In pursuance of Tender Call Notice I.D No. 01/HRB/24-25 towards Construction of 6 nos. of Additional Class Room published on dt. 15.08.24 in the local daily Newspapers The Dharitri / Sakala / Prameya, the last date of submission of tender paper is extended up to 29.08.2024 (5.00 PM) and the opening of the tender paper is 30.08.24 at 11.00 AM at Block Office, Harabhanga. All other terms and conditions of the earlier advertisement will remain unchanged.

OIPR-19412/11/0003/2425 Sd./- Block Dev. Officer, Harabhanga



**ASST. DIRECTOR OF SERICULTURE, BARIPADA**

Tender Call Notice No. 1387 / Dt.09.08.2024

**Tender Notice for Procurement of Vermi-compost & other Materials**

No.L-45 : Sealed Tenders are invited from Govt./Semi Govt. organization (including co-operative societies/ original manufacturers for supply of Vermi-compost, Organic Manure, De-oiled neem cake & Neem based insecticides for MGNREGA plantation programme under Asst. Director of Sericulture, Baripada. The last date & time of submission of tender documents is on dated 27.08.2024 by 5.30 PM through Speed Post/Registered Post/Courier service only. Any other details please visit the website mayurbhanj.odisha.gov.in.

Sd./-
Asst. Director of Sericulture, Baripada
OIPR-01453/11/0001/2425



**e-Procurement Notice** No.A-227
**BID ID. NO. ACECMIC-03/2024-25**

| | | | |
|---|---|---|---|
| 1 | Name of the Work | : | As per annexure to this bid notice |
| 2 | No. of Works | : | 05 (five) Nos. |
| 3 | Estimated Cost | : | Approximate cost varies from Rs. 136.90 Lakh to Rs. 493.50 Lakh |
| 4 | Class of Contractor | : | 'B' & 'A' class |
| 5 | Period of Completion | : | 11 (Eleven) Calendar Months |
| 6 | Date and Time of Availability of Bid Documents and Receipt of Bid Cost on online Payment mode in Portal | : | From 5.09.2024 (10.00 Hrs.) to 01.10.2024 (17.30 Hrs.) in Website (www.tendersodisha.gov.in) |
| 7 | Last Date/Time for receipt of Bids in the Portal | : | 01.10.2024 (Upto 17.30 Hrs.) through online only |
| 8 | Date of Opening of Technical Bid | : | 11.00 Hrs. onwards on 03.10.2024 in the O/o - Additional Chief Engineer, Central M.I. Circle, Bhubaneswar |
| 9 | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No. - A-8/2, PO : Bhoinagar, Bhubaneswar, PIN : 751022, Dist : Khurda, Ph : 0674-2540559 |

Further details can be seen from the e-procurement market place **http.//tendersodisha.gov.in.**

Sd./-Additional Chief Engineer
Central M.I. Circle, Bhubaneswar
OIPR-32047/11/0008/2425



**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA**

No. 9979/MCB-24/Welfare/Berhampur dated the 17th August, 2024

**ADVERTISEMENT**

No.E-214: Sealed Tender is invited in two bid system from the Registered, Rate Contract holding firms having valid GST Registration **for Supply of Equipments/Instruments for MKCG Medical College** so as to reach in the office of the undersigned before 21 days from the date of publication following the terms & conditions. The detailed Tender Paper, Terms & Conditions along with list of item with specifications can be downloaded from website www.mkcgmch.org. The undersigned reserves the rights to cancel the tender without assigning any reason thereof.

**E.O.M**

Sd./- Dean & Principal
MKCG Medical College, Berhampur
OIPR-10013/11/0005/2425



**ODISHA TOURISM DEVELOPMENT CORPORATION LTD**
**LEWIS ROAD, BHUBANESWAR - 751014**

**Notice Inviting Tender**

No.CAD-868 : Odisha Tourism Development Corporation Limited (OTDC Ltd) on behalf of Department of Tourism (DoT) now invites proposals from potential Operators/ Parties/Agencies/Firms/Companies to operate their boating equipments in Silver City Boat Club, Cuttack on payment basis. Interested Operators/Parties/Agencies/Firms/ Companies may download the Project information and operational Guidelines for water sports facilities in River Mahanadi, Cuttack from our website https://otdc.odisha.gov.in. The tender documents will be received in the Office of Divisional Manager (HS), OTDC Ltd., Lewis Road, Bhubaneswar up to 15.00 Hrs dated 31/08/2024.

OIPR-37002/11/0012/2425 Sd./- Managing Director



**PANCHAYAT SAMITI, NUAGADA, DIST - GAJAPATI (ODISHA) PIN - 761214**

Adv No-01/2024-25 Dt.: 16.08.2024

**Tender Call Notice**

No.i-82 : Sealed tenders (Percentage rate) are invited for 03 no's of works from the interested "D"/"C"/"B" Class Contractors registered with the Govt. for execution of civil, works under Panchayat Samiti, Nuagada, Dist - Gajapati. The details notification is available at official website **https://gajapati.odisha.gov.in/** Interested bidders fulfilling the eligibility criteria may submit their proposal(s) to the Panchayat Samiti, Nuagada, Gajapati. Proposal(s) complete in all respect should reach the undersigned on or before **3.00 PM of 30.08.2024** through Regd/Speed post and the same will be opened on **11.00 AM of 31.08.2024**. The undersigned reserves the right to reject any or all the tender(s) without assigning any reason thereof.

Sd./-Block Development Officer, Nuagada, Gajapati
OIPR-19317/11/0001/2425



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ**

ନୋଟିସ ସଂ. ୧୮୯୦ ତା୧୬।୦୮।୨୦୨୪

No. V-18

ପ୍ରାପ୍ତେଷୁ,

**ଶ୍ରୀମତୀ ରଶ୍ମୀ ରଞ୍ଜିତା ମିଶ୍ର**
ସଂସ୍କୃତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲୟା

ବିଷୟ: ବିନା ଅନୁମତିରେ ଦୀର୍ଘଦିନ ଧରି କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ରହିବା ସମ୍ବନ୍ଧରେ।

ମହାଶୟା,

ଆପଣ ତା୦୩।୦୧।୨୦୨୧ରିଖରୁ ବିନା ଅନୁମତିରେ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଅଛନ୍ତି। ପ୍ରଧାନ ଶିକ୍ଷକଙ୍କ ତରଫରୁ ପତ୍ର ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରିଲେ ମଧ୍ୟ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା ପତ୍ରର ଉତ୍ତର ଦେଉନାହାନ୍ତି।

ସ୍କୁଲ ପରିସରରେ ଥିବା ସରକାରୀ ବାସସ୍ଥଳୀକୁ ମଧ୍ୟ ଆପଣ ବନ୍ଦ କରି ରଖିଛନ୍ତି। ଯାହାକୁ ଛାଡ଼ିବା ପାଇଁ ନୋଟିସ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହାକୁ ଖାଲି କରିନାହାନ୍ତି।

ବିନା ଅନୁମତିରେ ଦୀର୍ଘଦିନ ହେଲା କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଥିଲେ ବି ଆପଣ କର୍ତ୍ତୃପକ୍ଷଙ୍କ ନିକଟକୁ କୌଣସି ଲିଖିତ ସୂଚନା ଦେଉନାହାନ୍ତି।

ଆପଣ ଏକ ସ୍ୱତନ୍ତ୍ର ବିଷୟର ଶିକ୍ଷୟିତ୍ରୀ ହୋଇଥିବାରୁ ବିଦ୍ୟାଳୟରେ ଆପଣଙ୍କ ଅନୁପସ୍ଥିତି ବିଶେଷ ସମସ୍ୟା ସୃଷ୍ଟି କରୁଛି। ଛାତ୍ର–ଛାତ୍ରୀମାନେ ସଂସ୍କୃତ ଶିକ୍ଷାରେ ଅନେକ ବାଧାର ସମ୍ମୁଖୀନ ହେଉଛନ୍ତି।

ତେଣୁ ଖବରକାଗଜରେ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ନୋଟିସ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଆପଣ କାର୍ଯ୍ୟକ୍ଷେତ୍ରରେ ଯୋଗ ନ ଦେଲେ ଆପଣଙ୍କ ବିରୁଦ୍ଧରେ ସରକାରୀ ନିୟମାନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବାବଦରେ ଆପଣଙ୍କର ଯଦି କିଛି କହିବାର ଥାଏ ତା ହେଲେ ଆପଣ ୧୫ଦିନ ମଧ୍ୟରେ ଲିଖିତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଆପଣଙ୍କର ପକ୍ଷ ରଖିପାରିବେ।

**OIPR-24401/11/0006/2425** ସ୍ୱା./– ଜିଲ୍ଲା ମଙ୍ଗଳ ଅଧିକାରୀ, ଅନୁଗୋଳ

# ସିଂହଦ୍ୱାର ସମ୍ମୁଖରେ ଭାସିଲା ପେୟ ନଳା ପାଣି

**ପୁରୀ,୧୭।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶନିବାର ସକାଳ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପେୟ ନଳା ପାଣି ଭାସିଥିଲା, ଯାହାକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ପ୍ରାୟ ୩ଘଣ୍ଟା ଧରି ଭକ୍ତ ସେବାୟତମାନେ ଡ୍ରେନ୍‌ରୁ ବାହାରୁଥିବା ପେୟ ଓ ନଳା ପାଣି କୁଦି ଶ୍ରୀମନ୍ଦିର ମଧ୍ୟକୁ ଯାଇଥିଲେ। ପ୍ରଶାସନର ଦାୟିତ୍ୱହୀନତାରୁ ଏଭଳି ଘଟିଲା ବୋଲି ସେବାୟତମାନେ କହିଛନ୍ତି।

ଶନିବାର ସକାଳେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପେୟନଳାରୁ ନିର୍ଗତ ପାଣି ଭାସିଥିଲା। ପେୟ ପାଣି ବହିବା କାରଣରୁ ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ଭୋଗିଥିଲେ। କେବଳ ଭକ୍ତ ନୁହନ୍ତି, ମହାପ୍ରଭୁଙ୍କ ଦୈନନ୍ଦିନ ପାଳି ଖଟୁଥିବା ସେବକମାନେ ମଧ୍ୟ ଏହି ପେୟ ପାଣିକୁ ପାଦରେ ମାଡ଼ି ଶ୍ରୀମନ୍ଦିରକୁ ଯାଉଥିଲେ। ଅପରପକ୍ଷରେ ପେୟସ୍ରୋତକୁ ସଫା କରିବା ପାଇଁ ନାକେଦମ ହୋଇଥିଲେ ସଫେଇ କର୍ମଚାରୀ। ଦୀର୍ଘ ୩ଘଣ୍ଟା ଝାଡୁ ମାରିବା ପରେ ମଧ୍ୟ ବନ୍ଦ ହୋଇ ନ ଥିଲା ପାଣି ପ୍ରବାହ। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଯୟ ଯେନା ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଟାଟା ଅଧିକାରୀଙ୍କୁ ଡ୍ରେନ୍ ସଫା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୩ଘଣ୍ଟା ପରେ ଟାଟା ଅଧିକାରୀମାନେ ଡ୍ରେନ୍ ସଫା କରି ସ୍ଥିତିକୁ ସ୍ୱାଭାବିକ କରିଥିଲେ। ଡ୍ରେନ୍ ସଫା ହେବାପରେ ପେୟନଳା ପାଣି ଡ୍ରେନ ଦେଇ ଯାଇଥିଲା ଓ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତ ପରେ ମହାପ୍ରସାଦରୁ ବାହାରୁଥିବା ପେୟ ଓ ପାଣି ଶ୍ରୀମନ୍ଦିର ରୋଷଶାଳାରୁ ଏକ ନିର୍ଦ୍ଦିଷ୍ଟ ନାଳ ଦେଇ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଥିବା ଏକ ନାଳଦେଇ ବାହାରକୁ ଆସିଥାଏ। ଉକ୍ତ ନାଳକୁ ପେୟନଳା ବୋଲି କୁହାଯାଇଥାଏ। ପରେ ପେୟଗୁଡିକ ଏକ କୁଣ୍ଡ ଦେଇ ଡ୍ରେନକୁ ଯାଇଥାଏ। ମାତ୍ର ଡ୍ରେନ ଯାମ ହେବା କାରଣରୁ ପେୟ ଓ ନଳା ପାଣି ଓଭର ଫ୍ଲୋ ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭାସିଥିଲା, ଯାହାକୁ ସେବାୟତଙ୍କଠାରୁ ଆରମ୍ଭକରି ଭକ୍ତମାନେ କୁଦି ଶ୍ରୀମନ୍ଦିର ମଧ୍ୟକୁ ଯାଇଥିଲେ। ପରିକ୍ରମା ପ୍ରକଳ୍ପର ତରବରିଆ ଭାବରେ ନିର୍ମାଣ ହେବା କାରଣରୁ ଏପରି ସମସ୍ୟା ଦେଖାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସେବାୟତଙ୍କ କହିବା ଅନୁଯାୟୀ ଏପରି ଘଟଣା ପ୍ରଥମ ଥର ହୋଇନାହିଁ। ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ଏନେଇ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ଗୁରୁତ୍ୱର ସହ ନେଉନାହିଁ। ଏହାଦ୍ୱାରା ସେବାୟତଙ୍କ ସହ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ଏପରି ଘଟଣାର ସ୍ଥାୟୀ ସମାଧାନ ହେବା ଆବଶ୍ୟକ ବୋଲି ସେବାୟତମାନେ ଦାବି କରିଛନ୍ତି। ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଯୟ କୁମାର ଯେନା କହିଛନ୍ତି, ଡ୍ରେନ୍ ଚୋକ୍ ଯୋଗୁ ଏଭଳି ସମସ୍ୟା ଉପୁଯିଥିଲା।


ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ପେୟ ନଳାରୁ ନିର୍ଗତ ବର୍ଜ୍ୟ ଜଳ ମାଡ଼ି ଯାଇଛି।

## ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ: ହେବନି ପବିତ୍ରାରୋପଣ ନୀତି



**ପୁରୁଣା ଭୁବନେଶ୍ୱର,୧୭।୮ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶନିବାର ଦିନତମାମ ସମସ୍ତ ନୀତିକାନ୍ତି ଠିକ୍ ଚାଲିଥିବା ବେଳେ ରାତି ୮ଟା ୩୦ରେ ଠକୁରାଣୀ ସନ୍ଧ୍ୟା ଧୂପ ଠାରୁ ନୀତି ବନ୍ଦ ରହିଛି। ରବିବାର ଠାକୁରଙ୍କ ପବିତ୍ରାରୋପଣ ନୀତି ଅବସରରେ ଠାକୁରଙ୍କୁ ପଇତା ଲାଗି କରାଯାଇଥାଏ। ହେଲେ ବଡୁ ନିଯୋଗ ଏହି କାର୍ଯ୍ୟରେ ଅସହଯୋଗ କରିବାରୁ ଦୀର୍ଘ ୪ବର୍ଷ ହେବ ଠାକୁରଙ୍କ ପବିତ୍ରାରୋପଣ ନୀତି ବନ୍ଦ ରହିଛି ବୋଲି ପୂଜା ପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଆବାହମାନ କାଳରୁ ପୂଜାପଣ୍ଡା ନିଯୋଗ ଏହି ନୀତି ସମ୍ପନ୍ନ କରିବା ସହ ଦିଅଁଙ୍କୁ ପଇତା ଲାଗି କରିଥାନ୍ତି। ୪ବର୍ଷ ତଳୁ ବଡୁ ନିଯୋଗ ସେବାୟତଙ୍କ ସହଯୋଗ ଅଭାବରୁ ଅନୁଷ୍ଠିତ ହୋଇପାରୁନାହିଁ ବୋଲି ସେ କହିଛନ୍ତି। ମନ୍ଦିର ପ୍ରଶାସନର ନିଷ୍କ୍ରିୟତା ପାଇଁ ଠାକୁରଙ୍କ ଗୋଟିଏ ପରେ ଗୋଟିଏ ଯାନିଯାତ୍ରାରେ ବିଭ୍ରାଟ ଦେଖାଦେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ସରକାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

**ଏସ୍‌ସିବିରେ ୨ ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା**

**ଡାକ୍ତରଙ୍କ ସିଡିଆର୍ ଯାଞ୍ଚ, ସିସିଟିଭି ଫୁଟେଜ୍ ସଂଗ୍ରହକଲା ପୋଲିସ**

**କଟକ,୧୭।୮ (ଶିକ୍ଷା ପ୍ରିୟଦର୍ଶିନୀ)**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ୨ଜଣ ମହିଳା ରୋଗୀଙ୍କୁ ଡାକ୍ତର ବଳାତ୍କାର ଉଦ୍ୟମ କରିବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଶେଷ ହୋଇଛି। ଡିଏମ୍ଇଟି ସନ୍ତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ କମିଟି ତଦନ୍ତ ଶେଷ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏବେ ଉକ୍ତ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିବା ପାଇଁ ପୋଲିସ ତଦନ୍ତ ଜାରିରଖିଛି । ଏ ନେଇ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ନର୍ସ, ସୁରକ୍ଷାକର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ପୀଡିତାଙ୍କୁ ଫୋନ୍ କରି ଛୁଟିଦିନରେ ଡାକିବା ନେଇ ସମ୍ପୃକ୍ତ ଡାକ୍ତରଙ୍କ ସିଡିଆର୍(କଲ ଡିଟେଲ୍ସ ରେକର୍ଡ) ଯାଞ୍ଚ ପାଇଁ ମଗାଯିବା ସହ ହୃଦ୍‌ରୋଗ ବିଭାଗରୁ ଏସ୍ଆର୍ ହଷ୍ଟେଲ(ସିନିୟର ରେସିଡେଣ୍ଟ ଡାକ୍ତର ଛାତ୍ରବାସ) ପର୍ଯ୍ୟନ୍ତ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ପ୍ରାୟ ୧୫ଟି ସ୍ଥାନରୁ ଫୁଟେଜ୍ ସଂଗ୍ରହ କରାଯାଇଛି। ଏହି ଫୁଟେଜ୍ ଯାଞ୍ଚ ପରେ ଅଧିକ ତଥ୍ୟ ମିଳିପାରିବ। ସେହିପରି ଘଟଣାଦିନ ପୀଡିତାଦ୍ୱୟଙ୍କର ହୋଇଥିବା ପରୀକ୍ଷା ନେଇ ଇକୋ ଯନ୍ତ୍ରର ରେକର୍ଡ ଖାତାକୁ ଜବତ କରାଯାଇଛି। ଏହା ବ୍ୟତୀତ ବଳାତ୍କାର ଅଭିଯୋଗକୁ ନେଇ ଡାକ୍ତର ଠାକୁର ଦିଲ୍‌ବାଗଙ୍କୁ କେତେକ ଡାକ୍ତର ମାଡ଼ମାରି ଲହୁଲୁହାଣ କରିଥିବା ନେଇ ହୋଇଥିବା ପାଲଟା ଅଭିଯୋଗର ମଧ୍ୟ ଖୋଳତାଡ଼ ଜାରିରହିଛି ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତ ୯ତାରିଖରେ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ବିଭାଗରେ ଦୁଇ ମହିଳା ରୋଗୀଙ୍କୁ ଇକୋ ପରୀକ୍ଷା ବାହାନାରେ ଡା. ଠାକୁର ବଳାତ୍କାର ଉଦ୍ୟମ କରିଥିଲେ । ପୀଡିତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ମଙ୍ଗଳାବାଗ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣିଆ ଟିମ୍ ଗଠନ କରାଯାଇ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆରମ୍ଭ କରିଥିଲା ।



କୋଲକାତାରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରି ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ଶନିବାର ତିଆରି କରିଥିବା ବାଲୁକା କଳା। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ରାଗିଂ ଶିକ୍ଷାନୁଷ୍ଠାନ ବାତାବରଣକୁ କଳୁଷିତ କରିଥାଏ

**ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅଗଷ୍ଟ ୧୨ରୁ ଚାଲିଥିବା ରାଗିଂମୁକ୍ତ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କହିଲେ, ରାଗିଂ ଶିକ୍ଷାନୁଷ୍ଠାନ ବାତାବରଣକୁ କଳୁଷିତ କରିଥାଏ। ରାଗିଂକୁ କଦାଚିତ୍ ପ୍ରଶ୍ରୟ ନ ଦେଇ ସମସ୍ତ ଶିକ୍ଷାନୁଷ୍ଠାନ ପରିବେଶରେ ସବୁବେଳେ ଶାନ୍ତି ଓ ଭ୍ରାତୃଭାବବାଦକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। କୁଳସଚିବ ଅନାମିକା ଅଧିକାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଗିଂ ଦ୍ୱାରା ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର କିପରି ମାନସିକ ଚାପରେ ରୁହନ୍ତି ଏବଂ ଶିକ୍ଷାର୍ଥୀଙ୍କ ଜୀବନରେ ଏହାର କୁପ୍ରଭାବ ପଡେ ସେନେଇ ଆଲୋଚନା କରିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ରାଗିଂ ବିରୋଧୀ ପଦକ୍ଷେପ ବିଷୟରେ ସେ କହିଥିଲେ। ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ଯୋଗଦେଇ କହିଲେ, ରାଗିଂ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ କେତେବେଳେ ଆକ୍ରୋଶ ତ କେତେବେଳେ ନିର୍ଯାତନା ପାଲଟିଯାଏ। ଆଜିର ଯୁବପିଢି ଏହାକୁ କଦାପି ପ୍ରଶ୍ରୟ ନ ଦେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ଆବାହିକା ଡ. ଇତିଶ୍ରୀ ସାହୁ ରାଗିଂମୁକ୍ତ ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରକଳା, ସ୍ଲୋଗାନ ଓ ଲୋଗୋ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ପୂଜା


@ ସତ୍ୟବ୍ରତ


@ ପ୍ରଦୀପ୍ତ


@ ରାଜାରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିଆଇଏସ୍‌ଏଫ୍‌ରେ ୪୬ତମ କନ୍‌ଷ୍ଟେବଲ ବ୍ୟାଚ୍‌ର ପାସିଂଆଉଟ ପରେଡ୍

**ବାରଙ୍ଗ,୧୭।୮ (ଲିଙ୍ଗରାଜ ରାଉତ)**




ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ ଖାରବେଳ ଆଞ୍ଚଳିକ ତାଲିମକେନ୍ଦ୍ର ପରିସରରେ ୪୬ତମ କନଷ୍ଟେବଲ ବ୍ୟାଚ୍‌ର ପାସିଂଆଉଟ ପରେଡ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୯୨୨ ଜଣ ପ୍ରଶିକ୍ଷାର୍ଥ ୪୩ ସପ୍ତାହ ଧରି ମୌଳିକ ପ୍ରଶିକ୍ଷଣ ନେଇଥିଲେ। ଏହି ସମୟ ମଧ୍ୟରେ ସେମାନଙ୍କୁ ସମସ୍ତ କ୍ଷେତ୍ରରେ ସର୍ବୋତ୍ତମ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ କଲିକତା ସିଆଇଏସ୍‌ଏଫ୍ ମହାନିରୀକ୍ଷକ ଶିଖର ସହାଇ ଯୋଗ ଦେଇଥିଲେ। ମୁଣ୍ଡଳୀ ସିଆଇଏସ୍‌ଏଫ୍ ଉପ ମହାନିରୀକ୍ଷକ ଗଙ୍ଗାଶଙ୍କର ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ପ୍ରଶିକ୍ଷାର୍ଥୀଙ୍କୁ ଭାରତର ସମ୍ବିଧାନ ପ୍ରତି କର୍ତ୍ତବ୍ୟ ଏବଂ ଶପଥ ପାଠ କରାଇବା ସହ ପାସିଂଆଉଟ୍ ପ୍ୟାରେଡ୍ ସମୀକ୍ଷା କରିଥିଲେ। ସିଆଇଏସ୍‌ଏଫ୍ ବ୍ୟାଣ୍ଡ ଦଳ ଦ୍ୱାରା ପରିବେଷଣ କରାଯାଇଥିବା ଦେଶଭକ୍ତ ସ୍ୱର ମଧ୍ୟରେ ୟୁନିଫର୍ମରେ ସ୍ମାର୍ଟ ପୋଷାକ ପରିହିତ ପ୍ଲାଟୁନ୍ ପ୍ରଶିକ୍ଷକଙ୍କ ଏକ ଚମତ୍କାର ମାର୍ଚ୍ଚ ପାଷ୍ଟ ଏହି ପାସିଂଆଉଟ୍ ପରେଡ୍‌ର ମୁଖ୍ୟ ଆକର୍ଷଣ ଥିଲା। ପରେ ପ୍ରଶିକ୍ଷଣ ଦଳଙ୍କ ଦ୍ୱାରା ବିଭିନ୍ନ କୌଶଳ ଏବଂ ବିଭିନ୍ନ ପ୍ରକାରର ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇ ଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାହାକି ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ଉତ୍ସାହର ସହିତ ପ୍ରଦର୍ଶନ କରାଯାଇଥିଲା, ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରେ ମୁଖ୍ୟ ଅତିଥି ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହା ବ୍ୟତୀତ ଶ୍ରେଷ୍ଠ ଶୁଟର ଏବଂ ଏହି ବ୍ୟାଚର ଅଲରାଉଣ୍ଡ ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ୍ ଅଫ୍ ମେରିଟ୍ ମଧ୍ୟ ପ୍ରଦାନ କରାଯାଇଥିଲା। ମୁଣ୍ଡଳୀ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ସଙ୍କାରା ରାଓ ବାଇରେଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପାସିଂଆଉଟ୍ ପ୍ୟାରେଡ୍‌ରେ ସିଆଇଏସ୍‌ଏଫର ସମସ୍ତ ଅଧିକାରୀ ଏବଂ ଅନ୍ୟ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

# 'ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତିଶୀଳ ହୁଅନ୍ତୁ'

**ଜିଲା ଆଇନସେବା ପ୍ରାଧିକରଣ ଓଡ଼ିଶାଙ୍କ ସମ୍ମିଳନୀ**

**କଟକ,୧୭।୮ (କାର୍ତ୍ତିକ ସାହୁ)**



ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଜିଲା ଆଇନ ସେବା ପ୍ରାଧିକରଣ ଓଡ଼ିଶାଙ୍କ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମିଳନୀରେ ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଞ୍ଜୀବ ଖାନ୍ନା ଅଧ୍ୟକ୍ଷତା କରି କହିଛନ୍ତି, ଅର୍ଦ୍ଧ-ଆଇନ ସ୍ୱେଚ୍ଛାସେବୀ(ପି.ଏଲ୍.ଭି.)ମାନେ ଆଇନ ସେବା ପ୍ରାଧିକରଣଙ୍କ ମୁଖ୍ୟ ବାହକ। କେବଳ ନ୍ୟାୟ ପାଇବା ପାଇଁ ନୁହେଁ ବରଂ ରାଜ୍ୟର ବିଭିନ୍ନ ସଂସ୍ଥାରୁ କେତେକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଓ ପିଏଲ୍‌ଭିମାନେ ସଚେତନ ହେବା ଆବଶ୍ୟକ।

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପୃଷ୍ଠପୋଷକ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ସମାଜର ଅଭାବୀ ଏବଂ ଅବହେଳିତ ବର୍ଗର ଲୋକଙ୍କୁ ସାହାଯ୍ୟ କରି ସନ୍ତୋଷ ଲାଭ କରାଯିବା ଉଚିତ। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଅରିନ୍ଦମ ସିହ୍ନା ସ୍ୱାଗତ ଭାଷଣରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୯ (କ) ଏବଂ ନ୍ୟାୟ ଆଶାୟୀଙ୍କ ପାଖରେ ପହଞ୍ଚାଇବାରେ ଏହାର ସମ୍ପ୍ରସାରିତ ପରିସର ଉପରେ ଆଲୋକପାତ କରିଥିଲେ।

ଜାତୀୟ ଆଇନସେବା ପ୍ରାଧିକରଣ ଦିଲ୍ଲୀର ଓଏସ୍‌ଡି-୧ ସୁଶ୍ରୀ ଶ୍ରେୟା ଆରୋରା ମେହେତାଙ୍କ ସମେତ ହାଇକୋର୍ଟ ବିଚାରପତି, ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଏବଂ ଅଧିକାରୀଗଣ, ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଏବଂ ଅଧିକାରୀଗଣ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଏବଂ ସଦସ୍ୟଗଣ, ଜିଲା ବିଚାରପତି ତଥା ଅଧ୍ୟକ୍ଷମାନଙ୍କ ସହ ରାଜ୍ୟର ୩୦ଟି ଜିଲାର ଜିଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଏବଂ ଅର୍ଦ୍ଧ-ଆଇନ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ତଥା ବିଚାରପତି ଦେବବ୍ରତ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସାଲିଆସାହିସ୍ଥିତ ଜଗନ୍ନାଥ ବିହାରରେ ଜୁଆ ଖେଳ ଚାଲିଥିବାବେଳେ ମୈତ୍ରୀବିହାର ପୋଲିସ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ୟୁନିଟ-୬ ଅଞ୍ଚଳରେ ରହୁଥିବା ନୟାଗଡର ଅକ୍ଷୟ କୁମାର ଗୋଚ୍ଛି, ସାଲିଆ ସାହିରେ ରହୁଥିବା ଗଞ୍ଜାମର ରବି ବେହେରା ଓ ଶ୍ରୀହରି ରେଡ୍ଡୀ ଏବଂ ମୟୂରଭଞ୍ଜର ଦିଗି ମୁର୍ମୁ। ଚଢାଉ ବେଳେ ପୋଲିସ ନଗଦ ୧୮ ହଜାର ଟଙ୍କା, ତାସ୍ ପତା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଚଢ଼ାଉ ସମୟରେ ଆଉ କେତେଜଣ ଫେରାର ହୋଇଯାଇ ଥିବାବେଳେ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

### କାର୍‌ରେ ଗାଈ, ବାଛୁରୀ ଚୋରି: ୩ ଗିରଫ

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)

କାର୍ ଯୋଗେ ଗାଈ ଓ ଗୋଟିଏ ବାଛୁରୀ ଚୋରି କରି ଫେରାର ହୋଇଯାଇଥିବା ୩ ଅଭିଯୁକ୍ତଙ୍କୁ ତମାଣ୍ଡୋ ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୀ ବଳଙ୍ଗା ଥାନା ଅଞ୍ଚଳର ଅୟନ ଶାହା ଓ ଦୀପକ ବେହେରା ଏବଂ ଅନ୍ୟଜଣେ ହେଉଛନ୍ତି ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳର ଅସରଫ ଅଲ୍ଲି। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ କାର୍‌କୁ ଜବତ କରାଯାଇଛି। ତେବେ ଅଭିଯୁକ୍ତମାନେ ଗାଈ, ବାଛୁରୀକୁ ଜଣେ ଗୋ ଚାଲାଣକାରୀଙ୍କୁ ବିକ୍ରି କରିଦେଇଥିବା କହୁଥିବା ବେଳେ ପୋଲିସ ଏହା ଉପରେ ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ଗତ ୧୩ ତାରିଖ ରାତି ପ୍ରାୟ ସାଢ଼େ ଗୋଟାଏରେ ଅଭିଯୁକ୍ତମାନେ ରେତଙ୍ଗ ଗ୍ରାମ ରୋଡ୍‌ସ୍ଥିତ ଏକ ଗୋଶାଳାରୁ ଗୋଟିଏ ଗାଈ ଏବଂ ଗୋଟିଏ ବାଛୁରୀକୁ ଏକ ଧଳା ରଙ୍ଗ କାର୍‌ରେ ଚୋରି କରି ନେଇଯାଇଥିଲେ। ଏନେଇ ଜଣେ ମୁସଲିମ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ମାଉଣ୍ଟ ଲିଟେରା ଜୀରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

ଭୁବନେଶ୍ୱରର ମାଉଣ୍ଟ ଲିଟେରା ଜୀ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଇସ୍ରୋର ମହାକାଶ ବୈଜ୍ଞାନୀ ପଦ୍ମଶ୍ରୀ ଡ. ମିଲ୍ଲା ସ୍ୱାମୀ ଆନ୍ନା ଦୁରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାସନ୍ତୀ ଆନ୍ନା ଦୁରାଇ, କିସ ୟୁନିଭର୍ସିଟିର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ଓଡିଶାର ଟାଟା ଷ୍ଟିଲ ବରିଷ୍ଠ ସିଏସ୍‌ଆର୍ ଅମ୍ବିକା ପ୍ରସାଦ ନନ୍ଦ, ସ୍ପେସ ଜୋନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ଆନନ୍ଦ ମେଗାଲିଙ୍ଗମ, ଟେକନୋ ପେଡାଗୋଜିର ଡି ଭାସ୍କର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ପରେଡରେ ଡ. ଦୁରାଇ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଆଇନ ଗବେଷଣାରେ ବିପ୍ଳବ ଆଣିବ ଏଆଇ: ରାଘବନ୍

କଟକ,୧୭।୮ (କାର୍ତ୍ତିକ ସାହୁ)

କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ଏକାଦଶ ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆମ୍ଫିଥିଏଟର୍ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ବହୁଭାଷୀ ସ୍ୱର ସୃଷ୍ଟିର ବୈଷୟିକ ଜ୍ଞାନକୌଶଳ ପ୍ରଦାନରେ ପ୍ରମୁଖ ଅବଦାନ ଦେଇଥିବା ଡ. ବିବେକ ରାଘବନ୍ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଆଇନ ଗବେଷଣା କ୍ଷେତ୍ରରେ ଏଆଇ ବିପ୍ଳବ ଆଣିବ। ବିବାଦ ସମାଧାନ, ମାମଲା ପରିଚାଳନା ଦିଗରେ ଏଆଇ ବହୁ ଭାବେ ସହାୟକ ହେବ। ଆଇନଜୀବୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ସହ ଆଇନ ସେବାର ଉପଲବ୍ଧତା ଓ ଗୁଣାତ୍ମକତାକୁ ଉଚ୍ଚସ୍ତରକୁ ଉଠାଇବ।

ଆଧୁନିକ ଡିଜିଟାଲ ଯୁଗରେ ଆଇନ କ୍ଷେତ୍ରରେ ଏଆଇ ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱ ବହନ କରିବା ନିଃସନ୍ଦେହ ବୋଲି ସେ କହିଛନ୍ତି। ସେହିପରି ସମ୍ମାନିତ ଅତିଥି ସୁପ୍ରିମକୋର୍ଟର ବିଚାରପତି ସଞ୍ଜୀବ ଖାନା କହିଛନ୍ତି, ବିବାଦ ସମାଧାନର ପ୍ରମୁଖ ମାଧ୍ୟମ ହେଉଛି ଆଇନ ସହାୟତା ଓ ଧ୍ୟାନ। ନ୍ୟାୟ ସମସ୍ତଙ୍କ ନିକଟରେ ସମାନ ଭାବରେ ପହଞ୍ଚିବା ଆବଶ୍ୟକ। ବର୍ତ୍ତମାନ ଦେଶର ୮୦% ଲୋକ ଆଇନ ସହାୟତା



ସମାବର୍ତ୍ତନ ଉତ୍ସବରେ ଡ. ବିବେକ ରାଘବନ୍, ସୁପ୍ରିମକୋର୍ଟର ବିଚାରପତି ସଞ୍ଜୀବ ଖାନାଙ୍କ ସହ ଅନ୍ୟ ଅତିଥିମାନେ।

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

ପାଇବା ପାଇଁ ଯୋଗ୍ୟ। ଆଇନକୁ ପେସା ଭାବେ ଆପଣେଇ ସେହି ଲୋକମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଚାରପତି ଖାନା ପରାମର୍ଶ ଦେଇଛନ୍ତି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରି କହିଛନ୍ତି, ନିୟମିତ ବ୍ୟାୟାମ, ଧ୍ୟାନ ଓ ଉପଯୁକ୍ତ ଶୟନ ଜରୁରୀ। ଛାତ୍ରୀଛାତ୍ରମାନେ ମାନସିକ ଚାପ ହ୍ରାସ କରି ପାଠପଢ଼ା ଉପରେ ଧ୍ୟାନ କେନ୍ଦ୍ରୀୟିତ କରିବାକୁ ସିଂ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଚଳିତବର୍ଷ ୨୦୨ ଜଣ ଛାତ୍ରୀଛାତ୍ରଙ୍କୁ ଆଇନ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ୯୮ ଜଣଙ୍କୁ ବିଏ ଏଲ୍‌ଏଲ୍‌ବି, ୫୫ ଜଣଙ୍କୁ ବିବିଏ ଏଲ୍‌ଏଲ୍‌ବି, ୪୩ ଜଣଙ୍କୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୬ ଜଣଙ୍କୁ ପିଏଚ୍.ଡି ଡିଗ୍ରୀ ଓ ୧୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ବେଦ କୁମାରୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତିଗଣ, ପୂର୍ବତନ ବିଚାରପତିଗଣ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ରଙ୍ଗୀନ୍ ପଲ୍ଲବ ତ୍ରିପାଠୀଙ୍କ ସମେତ ବିଶିଷ୍ଟ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିରେ ସମାବର୍ତ୍ତନ ଉତ୍ସବର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।




ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ମ୍ୟୁଜିକାଲ କାର୍ଯ୍ୟକ୍ରମ 'ବର୍ଷାର ଗଜଲ'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

### ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍: ୧୭୫ ଗ୍ରାମ୍ ଅଳଙ୍କାର ଜବତ, ୭ ଗିରଫ

କଟକ,୧୭।୮ (କାର୍ତ୍ତିକ ସାହୁ)

ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ଜଗତପୁର ପୋଲିସ ୭ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ସାଲିଆସାହି ନୀଳଚକ୍ରନଗରରେ ରହୁଥିବା ନୟାଗଡ଼ ଜିଲା ବନ୍ଧସାହିର ସଞ୍ଜୟ ନାୟକ, କଟକ ଜିଲା ମାହାଙ୍ଗା ଥାନା ବେଗୁନିଆପଡ଼ାର ରଘୁନାଥ ଦାସ, ନୟାଗଡ଼ ଜିଲା ବରପଲାର ଦୀପକ ନାୟକ, କଟକ ସଦର ଥାନା ସାସୋଳର ସୁଶାନ୍ତ ଓରଫ ହିମାଂଶୁ ଶେଖର ପାତ୍ର(୩୨), ମାହାଙ୍ଗା ଥାନା ପଲ୍ଲିସାହିର ରାଜା ଓରଫ ବଇଦୀଭୂଷଣ ଦାସ, ନିଶ୍ଚିନ୍ତକୋଇଲି ଥାନା କଟିକଟାର ରାଜା ଓରଫ ରଶ୍ମି ରଞ୍ଜନ ପରିଡ଼ା ଓ ନିଶ୍ଚିନ୍ତକୋଇଲି ଗ୍ରାମର ପଦ୍ମଲୋଚନ ସାହୁ। ସେମାନଙ୍କଠାରୁ ୧୭୫ ଗ୍ରାମ୍ ଓଜନର ସୁନାଅଳଙ୍କାର, ୨ଟି ୭୩ ଗ୍ରାମର ସୁନା ବିସ୍କୁଟ, ୨ଟି ବାଇକ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ପାଗା ଲକ୍ଷ୍ମୀନାରାୟଣପୁରର ବଗୁଲା ସାହୁଙ୍କର ଜଗତପୁରରେ ଏକ ସୁନାଅଳଙ୍କାର ଦୋକାନ ରହିଛି। ଗତ ୯ ତାରିଖ ରାତିରେ ବଗୁଲା ତାଙ୍କ ଭାଇଙ୍କ ସହ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ପାଖରେ ୭୦୦ ଗ୍ରାମ୍ ସୁନା ଓ ନଗଦ ଟଙ୍କା ଥିଲା। ମହାଜନପୁର ଗ୍ରାମ ନିକଟରେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରି ସ୍କୁଟି, ସୁନାଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ।

# ପୋଲିସ ବିରୋଧରେ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଅଭିଯୋଗ

ମାହାଙ୍ଗା,୧୭।୮ (ଯଯାତି ସିଂହ)

**ଥାନା ଆଗରେ ରଶ୍ମିତାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

କଟକ ଜିଲା ମାହାଙ୍ଗା ଥାନା ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ନୂତାଙ୍ଗ ପଞ୍ଚାୟତସ୍ଥିତ ଖର୍ତ୍ତାଙ୍ଗ ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ରଶ୍ମିତା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରିଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ପୀଡ଼ିତାଙ୍କ ବାପା ତଥା ସାଲେପୁର ଥାନା ଛୋଟିପଡା ଗ୍ରାମର ଧିରେନ୍ଦ୍ର ବେହେରା ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶଙ୍କର ନିର୍ଦ୍ଦୋଷ ବୋଲି କହି ତାଙ୍କୁ ଛାଡ଼ିଦେବାକୁ ରଶ୍ମିତା ଥାନାରେ ଅନୁରୋଧ କରିବା ବେଳେ ପୋଲିସ ତାଙ୍କ ସହ ଖରାପ ବ୍ୟବହାର କରିଥିଲା। ଏପରିକି ମୋବାଇଲ,ଟଙ୍କା, ସୁନା କାନଫୁଲ, ମୁଦି ଓ ଏଟିଏମ୍ ଓ ବ୍ୟାଗ ଆଦି ଛଡ଼ାଇ ନେଇ ମାଡ଼ ମାରିଥିଲା। ଏଥିଯୋଗୁ ମାନସିକ ଭାରସାମ୍ୟ ହରାଇ ରଶ୍ମିତା ଆତ୍ମାହୂତି ଉଦ୍ୟମ କରିଛନ୍ତି। ସୂଚନା ଅନୁଯାୟୀ, ଗତମାସ ୨୨ ତାରିଖରେ ନୂର୍ତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବହୁ ଜିନିଷ ଚୋରି ହୋଇଥିବା ନେଇ ଡାକ୍ତର ଜ୍ଞାନରଞ୍ଜନ ବେହେରା ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାର ତଦନ୍ତ କରି ନୁତାଙ୍ଗ ଗ୍ରାମର ଶିଶିର ଜେନା ଓ ଖର୍ତାଙ୍ଗ ଗ୍ରାମର ଶଙ୍କର ଦାସଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ସ୍ତ୍ରୀ ରଶ୍ମିତା ଶୁକ୍ରବାର ମାହାଙ୍ଗା ଥାନାକୁ ଯାଇ ଶଙ୍କରକୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ଏନେଇ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ସେ ସେଠାରୁ ପଳାଇ ଯାଇଥିଲେ । ପୁର୍ନବାର ଥାନା ନିକଟକୁ ଆସି ମୋ ସ୍ୱାମୀଙ୍କୁ ଛାଡିଦିଅ ,ସେ ନିର୍ଦ୍ଦୋଷ ବୋଲି ପୋଲିସକୁ ନିବେଦନ କରିଥିଲେ। ପୋଲିସ ତାଙ୍କୁ ନ ଛାଡ଼ିବାରୁ ଥାନା ନିକଟରୁ ମାତ୍ର ୨୦ ମିଟର ଦୂର ବରଗଛ ପିଣ୍ଡି ନିକଟରେ ହଠାତ୍ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୂତୀ ଉଦ୍ୟମ କରିଥିଲେ।

# ବସ୍‌ରୁ ଚୋରି କରୁଥିବା ଗ୍ୟାଙ୍ଗ ଧରାପଡ଼ିଲା

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)

**୩ ଗିରଫ: ମୋବାଇଲ, ଲାପଟପ, ଟଙ୍କା ଜବତ**

ମୋ ବସ୍ ଓ ଲୋକାଲ ସିଟି ବସ୍‌ରେ ଯାତ୍ରୀଙ୍କଠାରୁ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ନୟାପଲ୍ଲୀ ଥାନା ପୋଲିସ ଧରିଛି। ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୦ ମୋବାଇଲ୍ ଫୋନ୍, ଗୋଟିଏ ଲାପ୍‌ଟପ୍, ନଗଦ ୨୧୫୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ବିଞ୍ଝାରପୁରର ସେକ୍ ରାଜା, ନୟାଗଡ ଦଶପଲ୍ଲାର ରାକେଶ ପଣ୍ଡା ଓ କଟକ ଓଲଟପୁରର ମୁନା ସ୍ୱାଇଁ।

ପୋଲିସ ସୂଚନାନୁସାରେ, ଶ୍ରୀଧର ମହାଲିକ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ଏମ୍‌ସରୁ ମୋ ବସ୍‌ରେ ଜୟଦେବ ବିହାର ଆସୁଥିବାବେଳେ ତାଙ୍କ ପକେଟରୁ ପର୍ସ ଚୋରି ହୋଇଥିଲା। ଏହା ଜାଣିବା ପରେ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ ୪୭୮ /୨୦୨୪ ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତମାନେ ସାମଗ୍ରୀଗୁଡିକୁ ସିଆର୍‌ପି ଛକପିଡିମାର୍କେଟରେ ବିକ୍ରିକରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଚୋରା ମୋବାଇଲ ବିକ୍ରି କରୁଥିବା ଦୋକାନୀ ଓ ଗ୍ରାହକଙ୍କୁ ପୋଲିସ ଚିହ୍ନଟ କରିଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ରାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।



ବସ୍‌ରୁ ଚୋରି କରି ଗିରଫ ହୋଇଥିବା ୩ ଅଭିଯୁକ୍ତ।

# ବାଲିଅନ୍ତା ପ୍ରେସ୍ କ୍ଲବ୍‌ର ବାର୍ଷିକୋତ୍ସବ

ବାଲକାଟୀ,୧୭।୮ (ମନୋଜ ମଣ୍ଡଳ)

ବାଲିଅନ୍ତା ପ୍ରେସ୍‌କ୍ଲବର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀ କନ୍‌ଭେନଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୋମନାଥ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜନେତା ସନ୍ତୋଷ ମହାନ୍ତି, ଭାଜପା ବରିଷ୍ଠ ନେତ୍ରୀ ରଶ୍ମି ମହାପାତ୍ର, ପୋଲିସ ଅଧିକାରୀ ଲଳିତେନ୍ଦୁ ମହାନ୍ତି, ଭାଜପା ଯୁବନେତା ପ୍ରଦୀପ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମରଣୋତର ଭାବେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନକୁ ତାଙ୍କ ପୁତ୍ର ସନ୍ତୋଷ ମହାନ୍ତି ଓ ନାତି ସୁବ୍ରତ ମହାନ୍ତି ଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଓଡ଼ିଆ ଚଳଚ୍ଚିତ୍ର ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଓ ମାଟ୍ରିକ ପରୀକ୍ଷାରେ ବାଲିଅନ୍ତା ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଲକାଟୀର ନନ୍ଦିତା ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ସ୍ମରଣୀକା ସ୍ୱସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କ୍ଲବ ଉପଦେଷ୍ଟା ରଜନୀ ରଞ୍ଜନ ଧନ୍ୟବାଦ ଦେଇଥିଲେ।



ବାଲିଅନ୍ତା ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କରଙ୍କ ସହ ଅନ୍ୟ ଅତିଥିମାନେ।

# ‘ଡାକ୍ତରଙ୍କ ପ୍ରତି ହିଂସା ବନ୍ଦ କର, ନ୍ୟାୟ ପାଇଁ ସ୍ୱର ଉଠାଅ’




ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

**ଉତ୍କଳ ହସ୍ପିଟାଲ ଡାକ୍ତରଙ୍କ ପ୍ରତିବାଦ**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାକୁ ନେଇ ଭାରତୀୟ ଚିକିତ୍ସା ସଂଘର ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଡାକରାରେ ରାଜ୍ୟର ସମସ୍ତ ମେଡିକାଲର ଡାକ୍ତରମାନେ ଶନିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ଡାକ୍ତରମାନେ କଳାବ୍ୟାଜ ପିନ୍ଧି ସକାଳ ୬ଟାରୁ ଧାରଣାରେ ବସିଥିଲେ। ପରେ ପ୍ରତିବାଦ ଶୋଭାଯାତ୍ରାରେ ଶୈଳଶ୍ରୀବିହାର ଛକ ଅଭିମୁଖେ ବାହାରିଥିଲେ। ଡାକ୍ତରଙ୍କ ପ୍ରତି ହିଂସା ବନ୍ଦ କର, ନ୍ୟାୟ ପାଇଁ ସ୍ୱର ଉଠାଅ ଆଦି ନାରାବାଜି କରିଥିଲେ। ବଳାତ୍କାର ଓ ହତ୍ୟା ଘଟଣାର ତୀବ୍ର ନିନ୍ଦା କରିବା ସହ କାର୍ଯ୍ୟରତ ପୀଡିତାଙ୍କ ପରିବାରକୁ ତ୍ୱରିତ ନ୍ୟାୟ ଦାବି କରିଥିଲେ। ତେବେ ଏହି ଆନ୍ଦୋଳନ ପାଇଁ ବହିର୍ବିଭାଗ ଚିକିତ୍ସା ସେବା ବନ୍ଦ ରହିଥିବାବେଳେ ଜରୁରିକାଳୀନ ସେବା ଜାରି ରହିଥିଲା।

# ମମତା ବାନାର୍ଜୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୧୭।୮ (ଅସମାପିକା ସାହୁ)

**ଧାରଣା, କୁଶପୁତ୍ତଳିକା ଦାହ କଲେ ଆୟୁଷ ଛାତ୍ରୀଛାତ୍ର**

କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଏବିଭିପି ଓ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ୍ସ ଆସୋସିଏଶନ (ଏଓଏଏସ୍ଏ) ପକ୍ଷରୁ ଶନିବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନ କରାଯାଇଥିଲା। ଏଥିରେ ଅଭିନ୍ନଚନ୍ଦ୍ର ହୋମିଓପାଥି ଭେଷଜ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗଦେଇ ଧାରଣାରେ ବସିବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆନ୍ଦୋଳନରତ ଡାକ୍ତରୀ ଛାତ୍ରୀଛାତ୍ରଙ୍କ କହିବାନୁସାରେ, ଗତ କିଛି ମାସ ହେବ ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷା ସହ ଜଡ଼ିତ ବହୁ ଘଟଣା ଘଟିଛି। ପଶ୍ଚିମବଙ୍ଗର ମମତା ସରକାର ଏଭଳି ବଳାତ୍କାରରେ ଜଡ଼ିତ ଲୋକଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ଅତୀତରେ ଟିଏମ୍‌ସି ଗୁଣ୍ଡାଙ୍କ ଦ୍ୱାରା ଏପରି ଅନେକ ବଳାତ୍କାର କରାଯାଇଥିଲା। କିନ୍ତୁ ମମତା ସରକାର ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ସବୁଠାରୁ ବଡ଼ କଥା ହେଉଛି, ଡାକ୍ତରମାନେ ଯେତେବେଳେ ଆନ୍ଦୋଳନ କରୁଥିଲେ ଗୁଣ୍ଡାମାନେ ମେଡିକାଲରେ ପଶି ମାରପିଟ କରିବା ସହ ପ୍ରମାଣ ନଷ୍ଟ କଲେ। ଏ ନେଇ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧ ଦେବ କହିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ ସ୍ୱୟଂ ମମତା ବାନାର୍ଜୀ, ସେହିଁ ଗୃହ ମନ୍ତ୍ରୀ, ସେ ହିଁ ସ୍ୱାସ୍ଥ୍ୟ ମନ୍ତ୍ରୀ। ତେଣୁ ସେ କାହା ବିରୋଧରେ ଆନ୍ଦୋଳନ କରୁଛନ୍ତି। ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି, ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ଘଟଣା ଘଟୁଥିଲେ ବି ମମତା ଚୁପ। ତେଣୁ ସେ ଇସ୍ତଫା ଦେଇ ପଶ୍ଚିମବଙ୍ଗକୁ ମୁକ୍ତ କରନ୍ତୁ। ପଶ୍ଚିମବଙ୍ଗରେ ଘଟୁଥିବା ଏହି ଘଟଣା ମାନବିକତା ପାଇଁ ଲଜ୍ଜାଜନକ। ଏହି ଘଟଣାକୁ ଧ୍ୟାନରେ ରଖି ଏବଂ ମମତା ସରକାରଙ୍କ ବିରୋଧରେ ଏବିଭିପି ପୂରା ରାଜ୍ୟରେ ଆନ୍ଦୋଳନ କରୁଛି। ଏହି ଆନ୍ଦୋଳନରେ ଡା. ଶୁଭେନ୍ଦୁ କୁମାର ସାହୁ, ଡା. ନଚିକେତା ଗୁପ୍ତା, ଡା. ଆଶିଷ ମହାନ୍ତି, ଡା. ସୌରଭ ମହାରଣା ଯୋଗ ଦେଇଥିଲେ।




କୋଲକାତାରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏମ୍‌ସ ଭୁବନେଶ୍ୱରର ଠିକା କର୍ମଚାରୀମାନେ ମେଡିକାଲ ସମ୍ମୁଖରେ ଶନିବାର କ୍ୟାଣ୍ଡେଲ ଜାଳି ନ୍ୟାୟ ଦାବି କରୁଛନ୍ତି।

**ଗଣେଶ ପୂଜା ପ୍ରସ୍ତୁତି ବୈଠକ**

# ବିକୃତ ମୂର୍ତ୍ତି ତିଆରି କଲେ କାର୍ଯ୍ୟାନୁଷ୍ଠାନ

**କଟକ,୧୭।୮ (ଶିଳ୍ପା ପ୍ରିୟଦର୍ଶିନୀ):**


ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟମାନେ।

ଆସନ୍ତା ସେପ୍ଟେମ୍ବର ୭ରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର କଟକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, ପୂଜାରେ ବିଭିନ୍ନ ପୂଜା କମିଟି ସଦସ୍ୟ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତୁ। ପୂଜା ପାଇଁ କାହାଠାରୁ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ କରାଯାଇପାରିବ ନାହିଁ। ଚଳିତବର୍ଷ ଆସନ୍ତା ୧୫, ୨୨ ଓ ୨୯ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଘାଣ୍ଟିଖିଆ ଗଣେଶ ପ୍ରତିମା ପାଇଁ ସ୍ୱତନ୍ତ୍ର ଭାବେ ଭସାଣ କରାଯିବ କି ନାହିଁ ସେ ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ୬୫ ଡେସିବଲ ମଧ୍ୟରେ ମାଇକ୍ ବଜାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଭସାଣିରେ ବାଣ ଫୁଟି ପାରିବ ନାହିଁ। ଗତବର୍ଷ ଭଳି ଚଳିତବର୍ଷ ଯଦି କେହି କାରିଗର ବିକୃତ ମୂର୍ତ୍ତି ତିଆରି କରନ୍ତି କିମ୍ବା ମୂର୍ତ୍ତି ତିଆରି ପାଇଁ କେହି ବରାଦ ଦିଅନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି। ବୈଠକରେ ଡିସିପି ପ୍ରକାଶ ଆର୍ କହିଛନ୍ତି, ଚଳିତବର୍ଷ ପୂଜା ପୂର୍ବରୁ ଭସାଣ ପାଇଁ ଅନୁଷ୍ଠାନଗୁଡିକ ନିଜ ଅଞ୍ଚଳର ଥାନାରୁ ଅନୁମତି ନେବେ। ଶୋଭାଯାତ୍ରାରେ ହାଇକୋର୍ଟଙ୍କ ଆଦେଶ ଭଙ୍ଗ ନ କରିବା ପାଇଁ ଯତ୍ନବାନ ରହିବେ। ପୂଜା ଓ ଭସାଣ ଉତ୍ସବକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବା ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି ଦିଆଯିବା ସମୟରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପୂଜକ ଶପଥ କରାଇବେ ବୋଲି କହିଥିଲେ। ପରମ୍ପରା ଅନୁଯାୟୀ ଭସାଣ ଉତ୍ସବ ପାଳନ ପାଇଁ କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ ଓ ସଭାପତି ଦେବେନ୍ଦ୍ର ସାହୁ ସମସ୍ତ କ୍ଲବ ଓ ପୂଜା କମିଟି କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ। ପ୍ରତିମା ବିସର୍ଜନ ପାଇଁ କଟକ ମହାନଗର ନିଗମ ପକ୍ଷରୁ ୬ ଅସ୍ଥାୟୀ ପୋଖରୀ ଖୋଳାଯିବାକୁ ଚୂଡାନ୍ତ କରାଯାଇଛି। ତେବେ ଏହା ପର୍ଯ୍ୟାପ୍ତ ନ ଥିବା ଦର୍ଶାଇ ମାଲଗୋଦାମ ଥାନା ଅଞ୍ଚଳରେ ଆଉ ଦୁଇଟି ପୋଖରୀ କରାଯିବାକୁ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ ସାହୁ ନିବେଦନ କରିଥିଲେ। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଗଣେଶ ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି, ବିସର୍ଜନ ସ୍ଥଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବାକୁ ନିବେଦନ କରାଯାଇଥିଲା। ଏହି ବୈଠକରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟାନ୍ୟ ରାଜନୈତିକ ଦଳର ନେତା, ସମସ୍ତ ପୂଜା କମିଟି ସଦସ୍ୟ, କ୍ଲବ କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଗଣେଶ ପୂଜା ଓ ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ପରାମର୍ଶ ଦେଇଥିଲେ।

# ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ପୋଲିସ ବିରୋଧରେ ଅଭିଯୋଗ

**ମାହାଙ୍ଗା,୧୭।୮ (ଯଯାତି ସିଂହ):**

**ଥାନା ଆଗରେ ରଶ୍ମିତାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

କଟକ ଜିଲା ମାହାଙ୍ଗା ଥାନା ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ନୂତାଙ୍ଗ ପଞ୍ଚାୟତସ୍ଥିତ ଖର୍ଡ୍ଡାଙ୍ଗ ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ରଶ୍ମିତା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ।

ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ପୀଡ଼ିତାଙ୍କ ବାପା ତଥା ସାଲେପୁର ଥାନା ଛୋଟିପଡା ଗ୍ରାମର ଧୀରେନ୍ଦ୍ର ବେହେରା ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶଙ୍କର ନିର୍ଦ୍ଦୋଷ ବୋଲି କହି ତାଙ୍କୁ ଛାଡ଼ିଦେବାକୁ ରଶ୍ମିତା ଥାନାରେ ଅନୁରୋଧ କରିବା ବେଳେ ପୋଲିସ ତାଙ୍କ ସହ ଖରାପ ବ୍ୟବହାର କରିଥିଲା। ଏପରିକି ମୋବାଇଲ,ଟଙ୍କା, ସୁନା କାନଫୁଲ,ମୁଦି ଓ ଏଟିଏମ୍ ଓ ବ୍ୟାଗ୍ ଆଦି ଛଡ଼ାଇନେଇ ମାଡ଼ ମାରିଥିଲା। ଏଥିଯୋଗୁ ମାନସିକ ଭାରସାମ୍ୟ ହରାଇ ରଶ୍ମିତା ଆତ୍ମାହୁତି ଉଦ୍ୟମ କରିଛନ୍ତି।

ସୂଚନା ଅନୁଯାୟୀ, ୨୨।୭।୨୦୨୪ରେ ନୂତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବହୁ ଜିନିଷ ଚୋରି ହୋଇଥିବା ନେଇ ଡାକ୍ତର ଜ୍ଞାନରଞ୍ଜନ ବେହେରା ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ନୂତାଙ୍ଗ ଗ୍ରାମର ଶିଶିର ଜେନା ଓ ଶଙ୍କରଙ୍କୁ ଗିରଫ କରିବା ସହ ସେମାନେ ଚୋରି ସାମଗ୍ରୀକୁ ବିକିଥିବା ଟାଙ୍ଗୀ ଅଞ୍ଚଳର କବାଡିଆ ସତ୍ୟବ୍ରତ ଦାସଙ୍କଠାରୁ ଲାପ୍‌ଟପ୍ ,ଇନ୍‌ଭର୍ଟର, କମ୍ପ୍ୟୁଟର, କି ବୋର୍ଡ ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଦ୍ଧାର କରିଥିଲେ। ଏହି ଚୋରି ଘଟଣାରେ ଥାନାରେ ମାମଲା (ନଂ.୨୭୯/୨୪) ରୁଜୁ କରାଯାଇ ଅଭିଯୁକ୍ତ ଶଙ୍କର ଦାସ, ଶିଶିର ଜେନା ଓ ସତ୍ୟବ୍ରତ ଦାସଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶଙ୍କର ନାମରେ ପୂର୍ବରୁ ମାହାଙ୍ଗା ଥାନାରେ ମାମଲା ନଂ.୨୦୮/୨୩,ଟାଙ୍ଗୀ ଥାନା ମାମଲା (ନଂ. ୧୧୪/୨୪ ,୧୬୪/୨୪ ,୧୬୯/୨୪)ରେ ବହୁ ଚୋରି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହି ଘଟଣାକୁ ନେଇ ରଶ୍ମିତା ଶୁକ୍ରବାର ମାହାଙ୍ଗା ଥାନାକୁ ଯାଇ ଶଙ୍କରକୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ଏନେଇ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସେ ସେଠାରୁ ପଳାଇ ଯାଇଥିଲେ। ପୁନର୍ବାର ଥାନା ନିକଟକୁ ଆସି ମୋ ସ୍ୱାମୀଙ୍କୁ ଛାଡିଦିଅ,ସେ ନିର୍ଦ୍ଦୋଷ ବୋଲି ପୋଲିସକୁ ନିବେଦନ କରିଥିଲେ। ପୋଲିସ ତାଙ୍କୁ ନ ଛାଡ଼ିବାରୁ ଥାନା ନିକଟରୁ ମାତ୍ର ୨୦ ମିଟର ଦୂର ବରଗଛ ପିଣ୍ଡି ନିକଟରେ ହଠାତ୍ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତୀ ଉଦ୍ୟମ କରିଥିଲେ। ଏହି ଘଟଣାରେ ଶଙ୍କର ନିର୍ଦ୍ଦୋଷ ବୋଲି ତାଙ୍କ ପ୍ରତିକ୍ରିୟାରେ କହୁଥିବାବେଳେ ସେ ଚୋରି ଘଟଣାରେ ସମ୍ପୃକ୍ତ ଥିବା ନେଇ ପୋଲିସ ନିକଟରେ ପ୍ରମାଣ ରହିଛି ବୋଲି ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଥାନା ସମ୍ମୁଖରେ ଥିବା ସିସିଟିଭି କ୍ୟାମେରା ଓ ପୀଡ଼ିତାଙ୍କ ମୋବାଇଲ ଯାଞ୍ଚ କରାଗଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଖାଲି ଶିକ୍ଷକ ପଦବୀ ପୂରଣ ଦାବି

**ସାଲେପୁର,୧୭।୮ (ଅରବିନ୍ଦ ଭୂୟାଁ)**

**ସାଲେପୁର ଆଦର୍ଶ ବିଦ୍ୟାଳୟ:**

- ୭ଦିନ ମଧ୍ୟରେ ସମାଧାନ କରାନଗଲେ ଧାରଣା ଚେତାବନୀ

ସାଲେପୁର ଆଦର୍ଶ ବିଦ୍ୟାଳୟରେ ବହୁ ବର୍ଷ ଧରି ଏକାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ଛାତ୍ରାଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଖାଲିପଡିଥିବା ଶିକ୍ଷକ ପଦବୀ ୭ଦିନ ମଧ୍ୟରେ ପୂରଣ କରା ନ ଗଲେ ଆଦର୍ଶ ବିଦ୍ୟାଳୟ ଛାତ୍ରାଭିବାକମାନଙ୍କ ପକ୍ଷରୁ ବିଦ୍ୟାଳୟରେ ତାଲା ପକାଇବା ସହ ବିଦ୍ୟା ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି। ଏଥିଲାଗି ଶନିବାର ଏକ ବୈଠକ ଜାଗୁଳାଇ ପୀଠରେ ଜୟଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଘବପୁର ସାଲେପୁର ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବିଦ୍ୟାଳୟ ଏକ ଇଂଲିଶ୍ ମାଧ୍ୟମ ବିଦ୍ୟାଳୟ ହୋଇଥିବାବେଳେ ପ୍ରାୟ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଇଂଲିଶ୍ ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି କମ୍ପ୍ୟୁଟର ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ପଦ ଖାଲିପଡ଼ିଛି। ଫଳରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଏସବୁ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସେହିପରି ବିଦ୍ୟାଳୟରେ ଏକାଧିକ ଶିକ୍ଷକ ପଦବୀ ଖାଲିପଡିଥିବାବେଳେ ଏବେ ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଆବଶ୍ୟକ ଶିକ୍ଷକ ନ ଥିବାବେଳେ ପୁନର୍ବାର ୨ଜଣ ଶିକ୍ଷକଙ୍କ ବଦଳି ଆଦେଶକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡ଼ା ବିଦ୍ୟାଳୟର ବହୁ ସମସ୍ୟା ରହିଥିବାବେଳେ ଶିକ୍ଷା ବିଭାଗ ଏ ଦିଗରେ ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ କରି ଛାତ୍ରାଭିଭାବକମାନେ ଏକ ଦାବିପତ୍ର ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏହି ଅବସରରେ ଆଦର୍ଶ ବିଦ୍ୟାଳୟର ଅଭିଭାବକମାନଙ୍କ ମଧ୍ୟରେ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ଏହି କମିଟିର ସଭାପତି ଭାବେ ଜୟଦେବ ଶତପଥୀ, ଉପସଭାପତିଭାବେ ହୃଷିକେଶ ମଲ୍ଲିକ, ଦିଲୀପ କୁମାର ମଲ୍ଲିକ, ସମ୍ପାଦକ ଭାବେ ଉମାକାନ୍ତ ସାହୁ, ସାଧାରଣ ସଂପାଦକ ଭାବେ ବିଚିତ୍ରାନନ୍ଦ ସାହୁ, କୋଷାଧ୍ୟକ୍ଷ ମିହିର କେସନ୍ କର, ଦୀପକ କୁମାର ରାଉତ ମନୋନୀତ ହୋଇଛନ୍ତି।

# ସିଡିଏ ଡିଏଭି ପବ୍ଲିକ ସ୍କୁଲ ଟିମ୍ ପ୍ରଥମ



ଟ୍ରଫି ଓ ପୁରସ୍କାର ସହ ୩ ବିଜୟୀ ଟିମ୍।

**ଭୁବନେଶ୍ୱର, ୧୭।୮ (ଅସମାପିକା ସାହୁ)**

**ଆଦିତ୍ୟ ମେମୋରିଆଲ ଇଣ୍ଟରସ୍କୁଲ କୁଇଜ୍**

ଲୟୋଲା ସ୍କୁଲ ଓ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଶନିବାର 'ଆଦିତ୍ୟ ମେମୋରିଆଲ ଇଣ୍ଟରସ୍କୁଲ କୁଇଜ୍'ର ୧୪ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ବିଭିନ୍ନ ସହରରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୋଟ ୨୨ ସ୍କୁଲର ୧୬୪ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ କୁଇଜ ମାଷ୍ଟର ମାନସ ନାୟକଙ୍କ ପ୍ରଶ୍ନର ସାମ୍ନା କରି ନିଜ ଦୃଢ଼ତା ଏବଂ ଚତୁରତା ପ୍ରଦର୍ଶନ କରିଥିଲେ। ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବା ପାଇଁ ସେଠାରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏହି ପ୍ରତିଯୋଗିତାରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଟିମ୍ ପ୍ରଥମ ହୋଇଥିବାବେଳେ ଭୁବନେଶ୍ୱରର ଲୟୋଲା ସ୍କୁଲ ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗନଗର ଟିମ୍ ତୃତୀୟ ସ୍ଥାନ ହାସଲ କରିଛି। ପ୍ରଥମ ବିଜେତାଙ୍କୁ ୧୨,୫୦୦, ଦ୍ୱିତୀୟ ବିଜେତାଙ୍କୁ ୭,୫୦୦ ଏବଂ ତୃତୀୟ ବିଜେତାଙ୍କୁ ୫୦୦୦ ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ପ୍ରତ୍ୟେକ ସେମିଫାଇନାଲିଷ୍ଟ ଏବଂ ଫାଇନାଲିଷ୍ଟ ବାଳିକା ଅଂଶଗ୍ରହଣକାରୀଙ୍କୁ ୧ହଜାର ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସକ୍ରିୟ ଏବଂ ଉତ୍ସାହର ସହିତ ଅଂଶଗ୍ରହଣ କରିଥିବା ଦର୍ଶକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ପ୍ରତିଷ୍ଠାତା ମିହିର ସାହୁ, ସଦସ୍ୟା ଜୟଶ୍ରୀ ସାହୁ, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜିତ ଶ୍ରୀବାସ୍ତବ, ଲୟୋଲା ସ୍କୁଲର ରେକ୍ଟର ଫାଦର ଅଗଷ୍ଟିନ, ଅଧ୍ୟକ୍ଷ ଫାଦର ଏ. ଅମଲାଦସ୍ ଏସ୍.ଜେ, ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ ଓ ସିଷ୍ଟର ଏସ୍ଥର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ୨୦୧୦ ଏପ୍ରିଲ ୧୮ରେ ଲୟୋଲା ସ୍କୁଲର ଛାତ୍ର ତଥା କୁଇଜର ଆଦିତ୍ୟ ସାହୁଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ମୃତିରେ ଲୟୋଲା ସ୍କୁଲ ଏବଂ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ମିଳିତ ଭାବେ ୨୦୧୧ରୁ ଏହି କୁଇଜ ପ୍ରତିଯୋଗିତା ଆୟୋଜନ କରିଆସୁଛନ୍ତି।

# ଜେଏମ୍‌ଏଫ୍‌ସିଙ୍କ ସରକାରୀ ବାସଭବନରୁ ଚୋରି ଘଟଣା: ୨ଗିରଫ

**ଆଠଗଡ, ୧୭।୮ (ସତ୍ୟ ପ୍ରସାଦ ରଥ)**

- ବାଳ ଅପରାଧୀ ନିରୋଧୀ କେନ୍ଦ୍ରଗଲେ ନାବାଳକ
- ମୁଖ୍ୟ ଅଭିଯୁକ୍ତ ଫେରାର

ଆଠଗଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସମ୍ବେଦନା ସମ୍ପିତଙ୍କ ବାସଭବନରୁ ୧୧।୮।୨୪ରେ ଚୋରି ହୋଇଥିଲା। ଏହି ଘଟଣାରେ ଆଠଗଡ ପୋଲିସ ୮ନଂ.ୱାର୍ଡର ଜଣେ ନାବାଳକଙ୍କୁ ଧରି ବାଳ ଅପରାଧୀ ନିରୋଧୀ କେନ୍ଦ୍ରକୁ ପଠାଇଥିବାବେଳେ ସେହି ଅଞ୍ଚଳର ନଣ୍ଡା ନାଏକ(୨୨)ଙ୍କୁ ଗିରଫ କରିଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ଆକାଶ ନାଏକ(୨୩) ଅନ୍ୟ ଏକ ଚୋରି ଘଟଣାରେ କଟକ ଜିଲା ଟାଙ୍ଗୀ ପୋଲିସ ଦ୍ୱାରା ମାମଲା (ନଂ.୧୬୨/୨୪)ରେ ଗିରଫ ହୋଇ ଚୌଦ୍ୱାର ସର୍କଲର ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଅଭିଯୁକ୍ତ ନଣ୍ଡାଙ୍କୁ ଆଠଗଡ ପୋଲିସ ମାମଲା (ନଂ.୨୪୦/୨୪)ରେ ଗିରଫ କରି କୋର୍ଟ ଚାଲାଣ କରିଛି।

ଆଠଗଡ଼ ପୋଲିସ ପ୍ରଥମେ ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନାବାଳକ ଘରୁ ଚୋରି ହୋଇଥିବା ଏଲସିଡି ଟିଭି ଓ ଅଭିଯୁକ୍ତ ଆକାଶ ନାଏକ ଘର ତଲାସ କରାଯାଇ ହୀରା ଖଚିତ ସୁନା ମଙ୍ଗଳସୂତ୍ର,ଏକ ହଳ ଦାମୀ ପାଉଁଜି ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ତଥା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମର ମନୋଜ ଦେହୁରୀ ଧରା ପଡ଼ି ନ ଥିବା ବେଳେ ତାଙ୍କଘରୁ ଗୋଟିଏ ଦୁଇଚକିଆଯାନ ସମେତ ମୋଟ୍ ୩ ଗାଡ଼ି ପୋଲିସ ଜବତ କରିଛି। ଚୋରିରେ ବ୍ୟବହୃତ ଏକ ଲୁହାରଡ, ଶାବଳକୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ଆଠଗଡ, ତିଗିରିଆ, ବାଙ୍କୀ, ଖୁଣ୍ଟୁଣୀ, ଗୁରୁଡିଝାଟିଆ, ଚୌଦ୍ୱାର, ଟାଙ୍ଗୀ ଥାନା ଆଦି ଅଞ୍ଚଳରେ ହ୍ୟୁମ୍ ପାଇପ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଚୋରି ହୋଇଥିବା ଅନ୍ୟ ଏକ ସୁନା ଚେନ୍ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଏ ସଂକ୍ରାନ୍ତରେ ଆଠଗଡ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ କଟକ ଅତିରିକ୍ତ ଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଆଠଗଡ ଆରକ୍ଷୀ ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ମଲ୍ଲିକ, ଆଠଗଡ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ସୂଚନା ଦେଇଛନ୍ତି।

# 'ସୁଦୃଢ଼ ହେବ ଟେବୁଲ ଟେନିସ୍ ଭିତ୍ତିଭୂମି'



**କଟକ,୧୭।୮ (କାର୍ତ୍ତିକ ସାହୁ):**

**ରାଜ୍ୟ ଆନ୍ତଃ ବିଦ୍ୟାଳୟ ଏବଂ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଉଦ୍‌ଯାପିତ**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ଏବଂ ୟଙ୍ଗ ଜେନେରେଶନ ଟେବୁଲ ଟେନିସ ସଂଘର ମିଳିତ ଆନୁକୂଲ୍ୟରେ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟି ପର୍ପଜ ଇନ୍‌ଡୋର ହଲ୍‌ଠାରେ ୫ମ ଆନ୍ତଃ ବିଦ୍ୟାଳୟ ଏବଂ ୨୯ତମ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ୨୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘର ସଭାପତି ତଥା ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜିଏସ୍‌ଟି କମିଶନର ସଂଜୟ କୁମାର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୧୨ତାରିଖରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରାଜ୍ୟରେ ଟେବୁଲ ଟେନିସ କ୍ରୀଡ଼ାର ପ୍ରଚାର ପ୍ରସାର ସହ କ୍ରୀଡ଼ାର ଉନ୍ନତି ତଥା ପ୍ରତିବାଭାନ ଖେଳାଳି ସୃଷ୍ଟି କରିବାର ଆଭିମୁଖ୍ୟ ରଖି ବିଭିନ୍ନ ପ୍ରତିଯୋଗିତାମାନ କରାଯାଉଛି। ଟେବୁଲ ଟେନିସ ଖେଳ ପ୍ରତି ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି ବୋଲି ସଭାପତି ସିଂ କହିଛନ୍ତି। ସଂଘ ପକ୍ଷରୁ ଟେବୁଲ ଟେନିସ କ୍ରୀଡ଼ା ପାଇଁ ଭିତ୍ତିଭୂମିର ଅଧିକ ସୁଦୃଢ଼ କରାଯିବ ଏବଂ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ସହ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯାଉଛି ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ସଚିବ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ଟେବୁଲ ଟେନିସ ସଂଘର ସଂପାଦକ ରବୀନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ ଓ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ବିଜେଡିର ଜନଜାଗରଣ, ଗଣଧାରଣା

**ସାଲେପୁର,୧୭।୮ (ଅରବିନ୍ଦ ଭୂୟାଁ):**

ପିକୋଲ ପଞ୍ଚାୟତରେ ବିଜେଡିର ଜନଜାଗରଣ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମାଣିକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଜାଗରଣ ଓ ଗଣଧାରଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦିଲୀପ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନ କରିବା ସହ ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ନ ମିଳିବା ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ଧାରଣା ଜାରି ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ଅଜୟ ନାୟକ, ବିଜୟ ଖୁଣ୍ଟିଆ, ଅରକ୍ଷିତ ବାରିକ, ବିଜେଡି ନେତା ଉଚ୍ଛବ ବେହେରା, ଅରୂପାନନ୍ଦ ଦାସ, ସୁଶାନ୍ତ ଦାସ, ଗୋବର୍ଦ୍ଧନ ସିଂହ, ସୋମନାଥ ସାହୁ, ବିଜୟ କୁମାର ବେହେରା, ୱାର୍ଡସଭ୍ୟା କାଞ୍ଚନବାଳା ସାହୁଙ୍କ ସମେତ ବହୁ ବିଜେଡି ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

# ରୋଗୀଙ୍କୁ ମିଳୁନି ମେଡିକାଲ ଆଟେଣ୍ଡାଣ୍ଟଙ୍କ ସେବା

**କଟକ,୧୭।୮ (ଶିଳ୍ପା ପ୍ରିୟଦର୍ଶିନୀ):**

ଏସ୍‌ସିବି ମେଡିକାଲରେ ରୋଗୀକୁ ଗୋଟିଏ ବିଭାଗରୁ ଅନ୍ୟତ୍ର ନେବା ପାଇଁ ସହାୟତା କରିବାକୁ ମେଡିକାଲ ଆଟେଣ୍ଡାଣ୍ଟ ଅଛନ୍ତି। ହେଲେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଏହି ସୁବିଧା ନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବ୍ୟାଟେରି ଗାଡ଼ିର ସୁବିଧା ମଧ୍ୟ ଠିକ୍ ଭାବେ ମିଳୁ ନାହିଁ। ଜଣେ ମହିଳା ନିଜ ପୁଅକୁ ରଞ୍ଜନରଶ୍ମି ବିଭାଗରୁ ପୁରୁଣା ମେଡିସିନ ବିଭାଗକୁ ନେବା ପାଇଁ ଅନ୍ୟଙ୍କୁ ସାହାଯ୍ୟ ମାଗୁଥିବା ଭଳି କିଛି ଘଟଣା ଶନିବାର ମେଡିକାଲର ରଞ୍ଜନରଶ୍ମୀ ବିଭାଗ ନିକଟରେ ଦେଖିବାକୁ ମିଳିଛି।

ଘଟଣାକ୍ରମେ, ଗତ ଗୁରୁବାର ୧୫ ତାରିଖ ମେଡିକାଲକୁ ଜଗତ୍‌ସିଂହପୁର ନାଉଗାଁ ଅଞ୍ଚଳର ସୁଲୋଚନା ପରିଡ଼ା ୩୦ବର୍ଷୀୟ ପୁଅ ଜଗତ ପରିଡ଼ାଙ୍କ ଅଣ୍ଟାରେ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ଆଣିଥିଲେ। ମେଡିକାଲର ପୁରୁଣା ମେଡିସିନ ବିଭାଗରେ ଜଗତଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ କିଛିଘଣ୍ଟା ପର୍ଯ୍ୟନ୍ତ କୌଣସି ସେବା ନ ମିଳିବାରୁ ଉପସ୍ଥିତ ଥିବା ଡାକ୍ତରଙ୍କୁ ଏନେଇ ସୁଲୋଚନା ଜଣାଇଥିଲେ। ବହୁ ଅନୁରୋଧ ପରେ ଜଗତଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଜଗତ ଚାଲିପାରୁ ନ ଥିବାବେଳେ ଚିକିତ୍ସା ପାଇଁ ଏକ୍ସ-ରେ ଆବଶ୍ୟକ ଥିଲା। ତେଣୁ ପୁରୁଣା ମେଡିସିନ ବିଭାଗର ଦୁଇ ମହଲାରୁ ତଳକୁ ଆସିବା ପାଇଁ ସୁଲୋଚନା ସହାୟତା ମାଗିଥିଲେ ମଧ୍ୟ ମେଡିକାଲ ଆଟେଣ୍ଡାଣ୍ଟ ଓ କର୍ମଚାରୀ ସହାୟତା କରିବାକୁ ମନା କରି ଦେଇଥିଲେ। ଫଳରେ ସୁଲୋଚନା ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଅନୁରୋଧ କରିବାରୁ ସେମାନେ ସାହାଯ୍ୟର ହାତ ବଢ଼ାଇଥିଲେ। ଏକ୍ସ-ରେ ପରେ ରଞ୍ଜନରଶ୍ମି ବିଭାଗ ସମ୍ମୁଖରେ ବ୍ୟାଟେରି ଗାଡ଼ି ପାଇଁ ଯୋଗାଯୋଗ କରିବାର ୧ଘଣ୍ଟା ଅପେକ୍ଷା ପରେ ଗାଡ଼ି ଆସିଥିଲା। କିନ୍ତୁ ଜଗତ ଚାଲି ନ ପାରିବାରୁ ତାଙ୍କୁ ଟେକି ନେବା ପାଇଁ ବ୍ୟାଟେରି ଗାଡ଼ି ଚାଳକ ଓ ଆଟେଣ୍ଡାଣ୍ଟ ମନା କରିଥିଲେ। ରଞ୍ଜନରଶ୍ମି ବିଭାଗରୁ ପୁରୁଣା ମେଡିସିନ ବିଭାଗ ଯିବା ପାଇଁ ସୁଲୋଚନା ଚୌଦ୍ୱାର ଜେଲରୁ କଏଦୀଙ୍କୁ ଚିକିତ୍ସା ପାଇଁ ନେଇ ଆସିଥିବା ପୋଲିସ କର୍ମଚାରୀ ବା ଜେଲର କର୍ମଚାରୀ ବିଶ୍ୱଜିତ ଦାସଙ୍କୁ ଭେଟି ସାହାଯ୍ୟ ମାଗିଥିଲେ। ପରେ ବିଶ୍ୱଜିତ ବ୍ୟାଟେରୀ ଗାଡିକୁ ଯୋଗାଯୋଗ କରିବାରୁ ପ୍ରାୟ ଅଧଘଣ୍ଟା ପରେ ବ୍ୟାଟେରି ଗାଡ଼ି ପହଞ୍ଚିଥିଲା ହେଲେ ଜଗତଙ୍କୁ ଗାଡ଼ିର ଆଟେଣ୍ଡାଣ୍ଟ ଉଠାଇ ନେଇବାକୁ ସହମତି ପ୍ରକାଶ କରି ନ ଥିଲେ। ଉକ୍ତ ଜେଲ କର୍ମଚାରୀ ଜଣକ ତାଙ୍କୁ ଉଠାଇ ନେଇ ଗାଡ଼ିରେ ବସାଇ ବିଭାଗକୁ ପଠାଇଥିଲେ। ଏନେଇ ସୁଲୋଚନା ଅଭିଯୋଗ କରିଛନ୍ତି, ମେଡ଼ିକାଲକୁ ରୋଗୀ ଚିକିତ୍ସା ପାଇଁ ଆସିଥାଏ, କିନ୍ତୁ ଏଠାରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ମେଡିକାଲରେ ବହୁ ସମୟ ପଡ଼ି ରହିବା ପରେ ଚିକିତ୍ସା ପାଇ ଡାକ୍ତରଙ୍କୁ ଅନୁରୋଧ କରିବାରୁ କାହିଁକି ଡାକ୍ତରଙ୍କ ଆନ୍ଦୋଳନ ସମୟରେ ମେଡିକାଲକୁ ଆସିଛ ବୋଲି ଓଲଟା ପ୍ରଶ୍ନ କରିଥିଲେ। ୩ ଦିନହେବ ମେଡିକାଲର ପୁରୁଣା ମେଡିସିନ ବିଭାଗରେ ଭର୍ତ୍ତି ହୋଇଛୁ, କିନ୍ତୁ ରୋଗୀଙ୍କୁ ଖାଇବାକୁ ୨ଦିନ ହେବ ମିଳିନାହିଁ। ଏଥିପାଇଁ ଅଭିଯୋଗ କରିବାରୁ ଶନିବାର ସକାଳ ସମୟରେ ଖାଦ୍ୟ ଦିଆଯାଇଛି। ଆଟେଣ୍ଡାଣ୍ଟ ଉପସ୍ଥିତ ଥାଇ ମଧ୍ୟ ସାହାଯ୍ୟ କରୁନାହାନ୍ତି। ମେଡିକାଲକୁ ଚିକିତ୍ସା ପାଇଁ ଆସିବାକୁ ହେଲେ ରୋଗୀ ସହ ଦୁଇରୁ ୪ଜଣ ସମ୍ପର୍କୀୟ ଆସିବା ଜରୁରୀ ରହିଛି। କାରଣ ଏଠାରେ ସାହାଯ୍ୟ ମିଳିବା କଷ୍ଟକର ହୋଇପଡ଼ିଲାଣି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ କୁମାର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ମେଡିକାଲ କର୍ମଚାରୀ ହେଉ କିମ୍ବା ସାଧାରଣ ଲୋକ ଏବେ ମଣିଷର ମଣିଷ ପ୍ରତି ଯେଉଁ ସମ୍ବେଦନା ରହିବା କଥା ତାହା ରହୁ ନାହିଁ। ମେଡିକାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଖାଦ୍ୟ ପ୍ରଦାନ ନ କରିବା ଘଟଣାକୁ ଗୁରୁତର ଭାବେ ନିଆଯିବ ଏବଂ ତଦନ୍ତ କରାଯିବ। ଏହାସହ ମେଡିକାଲରେ ରୋଗୀ ଓ ସମ୍ପର୍କୀୟଙ୍କୁ ସହାୟତା କରିବା ନେଇ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଏଭଳି କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ଏନେଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାକୁ ମିଶ୍ର ଅନୁରୋଧ କରିଛନ୍ତି।

**ମହାନତା ଦେଖାଇଲେ ଚୌଦ୍ୱାର ଜେଲର ପୋଲିସ କର୍ମଚାରୀ**



## ସଂକ୍ଷେପରେ

### ଦୋକାନ ଆଗରେ ମଦ ପିଇବାକୁ ମନାକରିବାରୁ ମରଣାନ୍ତକ ଆକ୍ରମଣ

ଟାଙ୍ଗୀ,୧୭।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ବଡ଼ପାରୀ ଗ୍ରାମରେ ଦୋକାନ ଆଗରେ ମଦ ପିଇବାକୁ ବାରଣ କରିବାରୁ ଦୁଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ବଡପାରୀ ଅଞ୍ଚଳର ୩ ଜଣ ଯୁବକ ପୁରୁଷୋତ୍ତମ ଦାସଙ୍କ ଦୋକାନ ଆଗରେ ମଦ ପିଇବାକୁ ଯାଉଥିବା ବେଳେ ପ୍ରତିବାଦ କରିଥିଲେ। ଏଥିରେ ଯୁବକମାନେ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଏହି ସମୟରେ ଦୋକାନରେ ଉପସ୍ଥିତ ଥିବା ଅଜୟ ଜେନା ଓ ଶିବ ପ୍ରସାଦ ମହାରଣାଙ୍କୁ ପୁଅ ପାଖକୁ ଫୋନରେ ଜଣାଇବା ପାଇଁ ପୁରୁଷୋତ୍ତମ ଅନୁରୋଧ କରିଥିଲେ। ଏହାପରେ ସମ୍ପୃକ୍ତ ତିନିଜଣ ଯୁବକ କାଠ ଫାଳିଆରେ ଅଜୟ ଏବଂ ଶିବ ପ୍ରସାଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

# ପାଣିଘେରରେ ୧୦ ପରିବାର



ପାଣି ଭିତରେ ପଶି ପିଲାମାନେ ଯାଉଛନ୍ତି।

ନିରାକାରପୁର,୧୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମରେ ପାଣି ଯାଉଥିବା ରାସ୍ତାକୁ ବନ୍ଦ କରି ସେଠାରେ କୋଠାଘର ନିର୍ମାଣ କରାଯାଇଛି। ସେହିପରି ବିଲକୁ ପାଣି ଯାଉଥିବା ସ୍ଥାନକୁ ମାଟି ପକାଇ ବନ୍ଦ କରାଯାଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। ଗ୍ରାମର ୧୦ପରିବାର ପାଣିଘେରରେ ରହିଛନ୍ତି। ଏପରିକି କେତେଜଣଙ୍କ ଘରେ ଓ ଚୁଲିରେ ପାଣି ପଶିଯିବାରୁ ଦୀର୍ଘ ୫ଦିନ ରୋଷେଇ ହୋଇ ନ ଥିବା ଜଣାପଡ଼ିଛି। ପାଣିରେ ଯାତାୟାତ ବେଳେ ଦୁଇ ବୃଦ୍ଧା ପଡି ଆହତ ହୋଇଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଆସେଲି-କ୍ଷେତ୍ରପାଳ ଡୋମଣୀ ସାହିରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଏହି ଗ୍ରାମରେ ୧୦ ପରିବାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ପୂର୍ବରୁ ଗାଁଦାଣ୍ଡ ଦେଇ ନିକଟ ବିଲକୁ ବର୍ଷାପାଣି ଯାଇଥାଏ। ଚଳିତବର୍ଷ ପାଣି ଯାଉଥିବା ସ୍ଥାନରେ କୋଠାଘର ନିର୍ମାଣ ହୋଇଯିବା ସହ ଅନ୍ୟ ରାସ୍ତାକୁ ମାଟି ପକାଇ ଜୋରଜବରଦସ୍ତ ବନ୍ଦ କରିଦେବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଲଗାଣବର୍ଷା ଯୋଗୁ ଗାଁଦାଣ୍ଡରେ ଏବେ ବର୍ଷାଜଳ ଜମି ରହିଛି। ଦୁର୍ଗା ସାହୁଙ୍କ ଘରେ ପାଣି ଏବେବି ରହିଥିବାରୁ ପଡୋଶୀଙ୍କ ଘରେ ସେ ଆଶ୍ରୟ ନେଇଛନ୍ତି। ଶୌଚ ପାଇଁ ଯାଉଥିବା ଗ୍ରାମର ପ୍ରମିଳା ସାହୁଙ୍କ ଡାହାଣ ହାତ ଭାଙ୍ଗିଯିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗଗନୀ ବେଓ୍ୱା ନାମ୍ନୀ ବୃଦ୍ଧା ମଧ୍ୟ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେହିପରି ମନ୍ଦିରରେ ପାଣି ଥିବାରୁ ସପ୍ତାହ ହେବ ମନ୍ଦିର ଫିଟୁ ନ ଥିବା ଗ୍ରାମର କବିତା ସାହୁ କହିଛନ୍ତି। ଆଣ୍ଠୁଏ ଉଚ୍ଚର ପାଣିରେ ଥିବା ଗୁହାଳରେ ଗାଈଗୋରୁ ବନ୍ଧା ହୋଇ କଷ୍ଟ ଭୋଗୁଛନ୍ତି। ସପ୍ତାହେ ହେବ ମଇଳା ଆବର୍ଜନା ପାଣିରେ ପିଲାମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯାତାୟାତ କରୁଛନ୍ତି। ଏଭଳି ସମସ୍ୟା ଆଉ କିଛିଦିନ ଲାଗିରହିଲେ ଡେଙ୍ଗୁ, ମ୍ୟାଲେରିଆ ଭଳି ଜଳବାହିତ ରୋଗକୁ ଏଡ଼ାଇ ଦିଆଯାଇ ନ ପାରେ। ସାପ ଭୟରେ ଏବେ ଲୋକେ ପାଳିକରି ଘର ଜଗୁଥିବା ରବୀନ୍ଦ୍ର ସାହୁ କହିଛନ୍ତି। ଏନେଇ ୱାର୍ଡଠାରୁ ପଞ୍ଚାୟତ ପ୍ରତିନିଧି ଓ ନିରାକାରପୁର ଥାନାରେ ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଦୁଇଦିନ ମଧ୍ୟରେ ସ୍ଥାୟୀ ସମାଧାନ ନ କରାଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଗ୍ରାମର ନରସିଂହ ସାହୁ କହିଛନ୍ତି।

## ରାସ୍ତାରେ ଜମୁଛି ପାଣି, ଲୋକେ ହଇରାଣ



ବେଗୁନିଆ,୧୭।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ମୟୂରଖାଲିଆ ରାସ୍ତାର ଚନ୍ଦ୍ରଶେଖରଙ୍କ ମନ୍ଦିର ନିକଟରେ ଥିବା ରାସ୍ତାରେ ପାଣି ଜମି ରହିବାରୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିକୋରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଏହି ରାସ୍ତାରେ ଲୋକମାନେ ଯାତାୟାତ କରିଥାନ୍ତି। ଏଠାରେ ପାଣି ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବା ଏବଂ ରାସ୍ତା ଖାଲ ଥିବାରୁ ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ସ୍ଥାୟୀ ସମାଧାନ ପାଇଁ ମୁସଲିମ ବସ୍ତିର ସଭାପତି ମୁକ୍ତାର ଖାଁ, ଶେଖ ସମୀର, ଶେଖ ଫଇଜଲ, ମୀର ଜମିର, ରଘୁନାଥ ସାହୁ, ପଞ୍ଚୁଚରଣ ସାହୁ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଶାସନ ସାହି ରାସ୍ତାରେ ପାଣି ଜମି ରହୁଥିବାରୁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୧୭।୮ (ଦେବବ୍ରତ ହୋତା)

ସଂପୁରସ୍ଥିତ ସରକାରୀ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ ଏବଂ ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସଭାରେ ପୂର୍ବତନ ଅଧ୍ୟକ୍ଷ ଡ.ନୃସିଂହ ଚରଣ ପ୍ରଧାନ ମୁଖ୍ୟ ଅତିଥି, ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସେନାପତି, ମୁଖ୍ୟବକ୍ତା ଖଇରିଆ ପଞ୍ଚାୟତର ସମିତିସଭ୍ୟା ତଥା ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ବିନୋଦିନୀ ଦତ୍ତ, ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ହରିଚନ୍ଦନ, ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ କୁମୁଦିନୀ ସେନାପତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱଜିତ୍ ସରୋଜ କୁମାରଙ୍କ ସ୍ୱାଗତ ଭାଷଣ ପରେ ଅତିଥିମାନେ ଦୁଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀମାନେ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଅଂଶୁମାନ ଧଳ ଏବଂ ଶିକ୍ଷୟିତ୍ରୀ ଶ୍ରୋତାଲିନୀ ସାହୁ ମାନପତ୍ର ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଦୀପ୍ତିରଞ୍ଜନ ଦାସ , ବିଭୁପ୍ରସାଦ ମହାପାତ୍ର ଏବଂ ଶିକ୍ଷୟିତ୍ରୀ ନମିତା ସାହୁ, ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ାଙ୍କ ସମେତ ଶିବ ପ୍ରଧାନ, ସମ୍ବିତ କେଦାର କର,ସ୍ନେହଲତା ପାଇକରାୟ, ଆନନ୍ଦଚନ୍ଦ୍ର ସେନାପତି, ମହନ୍ତ ମହାରଣା ସହଯୋଗ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ବିଦାୟୀ ଗୁରୁଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୭।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନୁଆପଡା ପଦ୍ମକୁମୁଦ ବିଦ୍ୟା ନିକେତନରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଂଯୋଜକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ବୈଠକରେ ଅତିଥିଭାବେ ସମାଜସେବୀ ସୁରେନ୍ଦ୍ର ରାଉତ, ଓଡ଼ଗାଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ମନୋଜ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇ ନିଶା ମୁକ୍ତ ସମାଜ ଗଠନରେ ଯୁବବର୍ଗ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସୁସ୍ଥ ପରିବାର ଓ ସମାଜ ଗଠନ ପାଇଁ ନିଶା ନିବାରଣ ବ୍ରତ ପାଳନ କରିବା ସହ ସମସ୍ତଙ୍କୁ ସଚେତନତା କରିବା ପାଇଁ ଅତିଥିମାନେ ମନ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଶା ନିବାରଣ ସମ୍ପର୍କରେ ସଙ୍କଳ୍ପ ପାଠ କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜୁବାଳା ଚମ୍ପତିରାୟ, ମଧୁସ୍ମିତା ଜେନା, ବିଷ୍ଣୁପ୍ରିୟା ଜେନା, ଶିକ୍ଷକ ଶିବ ପ୍ରସାଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହପରି ଚାନ୍ଦପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ବିଶ୍ୱାଳ, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ପ୍ରଦୀପ ସାହୁ, ବୀରେନ ସାହୁ, ଉମେଶ ପ୍ରସାଦ ଧଳ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ରାଉତ, ମନୋଜ ପଟ୍ଟନାୟକ ଯୋଗଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଶା ନିବାରଣ ସଚେତନତା ସମ୍ପର୍କରେ ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ସାରଗର୍ଭକ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ, ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନିଶା ନିବାରଣ ସଚେତନତା ପାଇଁ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ନିରାକାରପୁର,୧୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଓମ୍ ଶାନ୍ତି ଭବନଠାରେ ଅନୁଷ୍ଠାନର ସଞ୍ଚାଳିକା ବିକେ ଉମାଭଉଣୀଙ୍କ ସଭାପତିତ୍ୱରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶରୀୟ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ସବ୍‌ଜୋନର ମୁଖ୍ୟ ବିକେ ଲିନାଭଉଣୀ ଓ ଖବରଦାତା ଉମେଶ ପଟ୍ଟନାୟକ ଯୋଗଦେଇ ରକ୍ଷା ବନ୍ଧନ ଉତ୍ସବର ମାହାତ୍ମ୍ୟ ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯାଇ ସମସ୍ତଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା। ବିକେ ପ୍ରଭାସିନୀଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିକେ ମହେଶ୍ୱରଭାଇ ଧନ୍ୟବାଦ ଦେଇଥିଲେ। ବିକେ ଅଭିମନ୍ୟୁଭାଇ, ବିକେ ଉମେଶଭାଇଙ୍କ ସମେତ ଓମ୍‌ଶାନ୍ତି ଭବନର ସମସ୍ତ ବିକେ ଭାଇ ଓ ଭଉଣୀ ସହଯୋଗ କରିଥିଲେ। ଏହି ଅବସରରେ ଖବରଦାତା ପଟ୍ଟନାୟକଙ୍କ ବାପା ନାରାୟଣ ମହାନ୍ତିଙ୍କ ବିୟୋଗ ଏବଂ ଖବରଦାତା ଦାଶରଥି ଶ୍ରୀଚନ୍ଦନଙ୍କ ବାପା ପ୍ରଫୁଲ୍ଲ ଶ୍ରୀଚନ୍ଦନଙ୍କ ବିୟୋଗ ପାଇଁ ଓମ୍ ଶାନ୍ତି ଭବନ ପକ୍ଷରୁ ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ଗୁରୁପୂଜନ, କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଣପୁର,୧୭।୮ (ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକର ଛୋଟରାୟପୁରର 'ମୀରା ୱାର୍ଲ୍ଡ' ପକ୍ଷରୁ ଗୁରୁପୂଜନ ଏବଂ କୃତୀ ପ୍ରତିଭାଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଛୋଟରାୟପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜକ ଅନୁଷ୍ଠାନର ସଭାପତି ଦେବୀ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା, ସମ୍ମାନିତ ଅତିଥି ଭାବେ ହାଡୁବନ୍ଧୁ ପତି, ମୁଖ୍ୟବକ୍ତା ସ୍ତମ୍ଭକାର ପ୍ରଦୋଷ କୁମାର ଦାସ, ପ୍ରଧାନ ଶିକ୍ଷକ ବ୍ରହ୍ମଚାରୀ ଜେନା, ଶିକ୍ଷା କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ୧୯୫୮ ମସିହାରେ ସ୍ଥାପିତ ଛୋଟରାୟପୁର ବିଦ୍ୟାଳୟରେ ଦୀର୍ଘ ବର୍ଷ ଶିକ୍ଷକତା କରି ସୁନାମ ଅର୍ଜନ କରିଥିବା ପୂର୍ବତନ ପ୍ରଧାନ ଶିକ୍ଷକ ହାଡୁବନ୍ଧୁ ପତିଙ୍କୁ ଗୁରୁବନ୍ଦନା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ରେଡ୍ଡୀ, ସୁଦର୍ଶନ ସାହୁ, ଶୈଳେନ୍ଦୁ ଶେଖର ଦାଶ, ସାଇ ଅମିତ ଶତପଥୀ, ଶୁଭେନ୍ଦୁ ଶେଖର ଦାଶ, ସୁବ୍ରତ ପାଣିଗ୍ରାହୀ ଗୁରୁବନ୍ଦନା ଗାନ କରିଥିଲେ। ମନୋରଞ୍ଜନ ସାହୁ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଭାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଦିଲୀପ ବେହେରା, ପ୍ରଦୀପ ବେହେରା, ବବୁଲ ପ୍ରଧାନ, ଯୋଗେନ୍ଦ୍ର ବେହେରା, ଶୁଭମ ବେହେରା, ସନ୍ତୋଷ ସାହୁ, ସୁନୀଲ ବେହେରା, ରାଜା ମହାରଣା, ଶ୍ରୀତମ ବାରିକ, ଦିନେଶ ବେହେରା, ବେଣୁଧର ସାହୁ ସହଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ତ୍ରିପାଠୀ, ବବିତା ବେହେରା ଓ ସୁଜାତା ମାନ୍ଧାତା ଉପସ୍ଥିତ ଥିଲେ। ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ବ୍ରହ୍ମଚାରୀ ଜେନା ଧନ୍ୟବାଦ ଦେଇଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୧୭।୮ (ରଘୁନାଥ ସାହୁ)

ବଳରାମ ଦେବ ବିଦ୍ୟାପୀଠର ୧୯୯୭ ମସିହା ମାଟ୍ରିକ ବ୍ୟାଚର ସହପାଠୀଙ୍କ ପକ୍ଷରୁ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ଷଷ୍ଠ ଶ୍ରେଣୀର ସ୍ୱୟମ ବେହେରା, ସପ୍ତମ ଶ୍ରେଣୀର ଜସ୍ମିନ ପ୍ରଧାନ, ଅଷ୍ଟମ ଶ୍ରେଣୀର ଅଂଶୁମାନ ବେହେରା, ନବମ ଶ୍ରେଣୀର ଶୁଭଲକ୍ଷ୍ମୀ ସାମନ୍ତରାୟ, ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ପାସ କରିଥିବା ସ୍ୱୟଂ ପ୍ରକାଶ ମହାପାତ୍ର, ଦେବାଶିଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପରିଚାଳନା କମିଟି ସଭାପତି ଗଣେଶ ବାରିକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

## ବିଜ୍ଞାନ କର୍ମଶାଳା

କଳାପଥର,୧୭।୮ (ଗଙ୍ଗାଧର ସାହୁ)

କଳାପଥର ଶିଶୁମନ୍ଦିର ପକ୍ଷରୁ ୭ମ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଅନ୍ୱେଷଣ ଅନୁଷ୍ଠାନର ସହାୟତାରେ ଏକ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାପଥର ମହାବିଦ୍ୟାଳୟର ଅଧ୍ୟାପିକା ତୃପ୍ତି ମହାପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ମନ୍ଦିରର ବିଜ୍ଞାନ ଶିକ୍ଷକ କବିନ୍ଦ୍ର ମହାରଣା, ଜ୍ୟୋତିରଞ୍ଜନ ପଢ଼ିହାରୀ, ବିରୂପାକ୍ଷ ପରିଡା ପରିଚାଳନା କରିଥିବା ବେଳେ ୭୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅମ୍ଳକ୍ଷାରକ ଲବଣକୁ ଚିହ୍ନିବା ପାଇଁ ପ୍ରାକୃତିକ ସୂଚକ ଲିଟିହାସ ପେପର ବ୍ୟବହାର, ଅମ୍ଳଜାନ କ୍ଷାରତ୍ୱ ମାପିବା ପାଇଁ ପି.ଏଚ୍ ସ୍କେଲର ବ୍ୟବହାର, ବିଭିନ୍ନ ପ୍ରକାର ଜଳରୁ ବିଦ୍ୟୁତ୍ ସୁପରିବାହୀ ଗୁଣ, ଦହନ ପାଇଁ ଅମ୍ଳଜାନର ଆବଶ୍ୟକତା, ବାୟୁମଣ୍ଡଳର ଚାପ, ବାୟୁଚାପ ପକାଏ ଓ ସ୍ଥାନ ଅଧିକାର କରେ, ଆଜବେଷ୍ଟସ କାହିଁକି ତରଙ୍ଗାୟିତ ହୋଇଥାଏ ସେ ସମ୍ପର୍କରେ ସମସ୍ତେ ପ୍ରାକ୍ଟିକାଲ ସରଞ୍ଜାମ ସହିତ ବିଜ୍ଞାନ ତଥ୍ୟଭିତିକେ ପାଠକୁ ସାମିଲ କରାଇ କିପରି ପଢ଼ାଯାଏ ତାହା ଉପରେ ଦୃଷ୍ଟିପାତ କରିଥିଲେ। ଆଚାର୍ଯ୍ୟ ଅରୁଣ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ଦାଶ ସହାୟତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ରେ ରାଉତ୍ରୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ନିରାକାରପୁର,୧୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍କୋଳ ପଞ୍ଚାୟତରେ ଥିବା ଟାଙ୍କୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ର, ସ୍କୁଲ ପରିଚାଳନା ସଭାପତି ଭାଗୀରଥି ବେହେରା, ମୋ ସ୍କୁଲ ସଭାପତି ରବିନାରାୟଣ ମିଶ୍ର, ସ୍ଥାନୀୟ ସରପଞ୍ଚ ବିରେଶ କୁମାର ରାଜଗୁରୁ, ଆବାହକ ଶ୍ରୀନିବାସ ପଣ୍ଡା ଏବଂ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀକୁ କିଭଳି ଶୃଙ୍ଖଳାର ସହ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୬, ୭ ଓ ୮ତାରିଖ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ପୁରାତନ ଛାତ୍ର ରମାକାନ୍ତ ମହାପାତ୍ର ପରିଚାଳନା କରିଥିଲେ।





ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ଏବଂ ଅନ୍ୟମାନେ।

## ସ୍ୱାଧୀନତାର ସଂଘର୍ଷକୁ ମନେପକାଇଲେ

ଜଟଣୀ, ୧୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ସ୍ଥାନୀୟ ଥାନା ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗରପାଳ ଅନନ୍ତ ବେହେରା, ଜଟଣୀ ୟୁଥ ଫେଡେରେଶନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାକୁଡ଼, ଫେଡେରେଶନ ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ଥାନା ଛକ ବ୍ୟବସାୟୀ ସଙ୍ଘ ସଭାପତି ରୋହତାଶ ଅଗ୍ରୱାଲ, ସଙ୍ଗଠକ ରାମଚନ୍ଦ୍ର ମାର୍ଥା, ଚିନ୍ମୟ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଦିଲୀପ ସାହୁ, ଶିବପ୍ରସାଦ ମହାପାତ୍ର, ଦୀପକ ମହାକୁଡ଼, ଚିତ୍ତ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରେସ କ୍ଲବ ଜଟଣୀ ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥିତ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଅଧିବକ୍ତା ବିଜୟ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରେସ କ୍ଲବର ସଭାପତି ରଙ୍ଗନାଥ ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ସୁରେଶ ମହାରଣା ଉପସ୍ଥିତ ଥିଲେ। ସେହିପରି ସର୍ବଭାରତୀୟ ଅବସର ପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖା କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**ବାଣପୁର, (ଦିଲୀପ କୁମାର ସ୍ୱାଇଁ):** ଚିଲିକା ରିପୋର୍ଟର୍ସ ଆସୋସିଏଶନ ପକ୍ଷରୁ ସଂଘ କାର୍ଯ୍ୟାଳୟ ସାମ୍ବାଦିକ ଭବନ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘର ବରିଷ୍ଠ ସଦସ୍ୟ ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ସୁନୀଲ କୁମାର ସୁବୁଦ୍ଧି, ସମ୍ପାଦକ ଅମିତାଭ ପଟଯୋଶୀ, ସେକ ମଇନୁଲ ହକ, ହିମାଳୟ ଶତପଥୀ, ଅନନ୍ତ ଚରଣ ବାରିକ, ସଞ୍ଜୟ ପ୍ରଧାନ, ଦିଲୀପ ସ୍ୱାଇଁ, ରାକେଶ ସାହୁ, କମଲ ଜାଲି, ସେକ୍ ରୌଶନ, ବ୍ରଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଝାଁଳା,(ବୁଲା ବାରିକ):** ଝାଁଳା ଓ ଏହାର ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଝାଁଳା, ଗଙ୍ଗପଡ଼ା, ମଦନପୁର, ନଂପୁଟ, ଛତାବର ଆଦି ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା। ସେହିଭଳି ଇନ୍‌ଫୋଭ୍ୟାଲି ଥାନା, ଝାଁଳା ପ୍ରାଣୀ ଚିକିତ୍ସାଳୟ, ଭୁବନେଶ୍ୱର ଏମ୍ସ ଡାକ୍ତରଖାନା, ପୋଷ୍ଟ ଅଫିସ, ବିଭିନ୍ନ ଶିକ୍ଷା ଅନୁଷ୍ଠାନ, କନ୍ଦଳେଇ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବିଜୟ କୁମାର ତରେଇ, ନଳିନୀ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଅଭିଷେକ ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ଥାନା ପରିସରରେ ଆଇଆଇସି ବସନ୍ତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଇଓ କବିରାଜ ଜେନା ପତାକା ଉତ୍ତୋଳନ କରିଥିଲେ। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ପକ୍ଷରୁ ଦଶଦୋଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ନଳିନୀ କାନ୍ତ ଜେନା ପତାକା ଉତ୍ତୋଳନ କରିଥିଲେ। ସେହିପରି ନୂଆପଡ଼ା ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ ପତାକା ଉତ୍ତୋଳନ କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତ ପରିସରରେ ସରପଞ୍ଚ ଇତିଶ୍ରୀ ସିଂହ ପତାକା ଉତ୍ତୋଳନ କରିଥିବା ବେଳେ ଚିଲିକା ନୂଆପଡ଼ା ପଞ୍ଚାୟତରେ ସରପଞ୍ଚ କବିତା ଜେନା ପତାକା ଉତ୍ତୋଳନ କରିଥିଲେ। କନ୍ଦାଖାଇ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ ପତାକା ଉତ୍ତୋଳନ କରିଥିଲେ। ସେହିପରି ପାରିକୁଦ ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନପାଳ ଜିତେନ୍ଦ୍ରୀୟ ଜେନା ପତାକା ଉତ୍ତୋଳନ କରିଥିଲେ। ୩୫ମୌଜା ପରିଚାଳନା କମିଟି ପକ୍ଷରୁ କମଳେଶ୍ୱର ଦେବଙ୍କ ପଣାଯାତ୍ରା ପଡ଼ିଆ ସ୍ଥିତ କାର୍ଯ୍ୟାଳୟ ପରିସରରେ କମିଟି ସଭାପତି ବୁଦ୍ଧିଜୀବୀ ସୁରେନ୍ଦ୍ର ନାଥ ମାଝୀ ପତାକା ଉତ୍ତୋଳନ କରିଥିଲେ।

# ଜଗନ୍ନାଥଙ୍କ ସେନାପଟା, ବାହୁଟ ସେବା ପାଇଁ ବଉଳ ଚାରାରୋପଣ

ସାକ୍ଷୀଗୋପାଳ,୧୭।୮ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ମହାପ୍ରଭୁ ଜଗନ୍ନାଥଙ୍କ ସେନାପଟା ଓ ବାହୁଟ ସେବା ପାଇଁ ବଉଳ ବୃକ୍ଷର ସଙ୍କଟ ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଶନିବାର ସ୍ଥାନୀୟ ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପୁରୀର ଶ୍ରୀଜଗନ୍ନାଥ ଧାମ ରୋଟାରି କ୍ଲବ ପକ୍ଷରୁ ଏକ ମେଗା ବଉଳ ଚାରାରୋପଣ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଦେବ ପ୍ରସାଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଦ୍ୟାର୍ଥୀଙ୍କୁ ୪୦୦ ବଉଳ ଚାରା ବଣ୍ଟାଯାଇଥିଲା। ପ୍ରଥମେ ବିଦ୍ୟାର୍ଥୀମାନେ ଆବଶ୍ୟକ ଦ୍ରବ୍ୟ ଯଥା ଚନ୍ଦନ, ସିନ୍ଦୂର, ଫୁଲ, ଦୂବ, ଅକ୍ଷତ ଆଣି ମାତୃପୂଜନ କରିଥିଲେ। ପରେ ବିଦ୍ୟାର୍ଥୀଙ୍କ ମା, ଜେଜେମା, ଖୁଡ଼ୀ, ଭଉଣୀଙ୍କ ମଧ୍ୟରେ ଅନୁଷ୍ଠାନ ପକ୍ଷରୁ ବଉଳ ଚାରା ବଣ୍ଟା ଯାଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ନାମରେ ନିଜ ନିଜ ସୁବିଧା ଜାଗାରେ ବଉଳ ବୃକ୍ଷର ଚାରାରୋପଣ କରିବା ସହ ତା'ର ଯତ୍ନ ନେଇ ବଡ଼ କରିବାକୁ ତାଙ୍କ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବଉଳ ବୃକ୍ଷ ପୂର୍ଣ୍ଣ ଅବୟବପ୍ରାପ୍ତ ହେବା ପରେ ତାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ପୂର୍ବକ ରଥଯାତ୍ରା ଅବସରରେ ପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବାରେ ବ୍ୟବହୃତ ହେବ।

ସୂଚନାଥାଉକି, ପ୍ରତିବର୍ଷ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ଏହି ସେବା ପାଇଁ ସତ୍ୟବାଦୀ ବକୁଳବନରୁ ବଉଳ ଗଛ କଟାଯାଇ ଶଗଡ଼ରେ ପୁରୀ ପଠାଯାଏ। ସେଥିରେ ପ୍ରଭୁ ଶ୍ରୀବଳଭଦ୍ର ଏବଂ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ସେନାପଟା ଲାଗି ସହ ବାହୁଟ କଣ୍ଟନୀତି ସମ୍ପନ୍ନ ହୋଇଥାଏ। କିନ୍ତୁ ୨୦୧୯ ମେ ୩ରେ ସାମୁଦ୍ରିକ ବାତ୍ୟା ଫନୀଠାରୁ ବକୁଳ ବନରେ ପାକଳ ବଉଳ କାଠ ସଙ୍କଟ ଦେଖାଦେଇଛି। ବାତ୍ୟାରେ ଶହଶହ ବଉଳ ଗଛ ଭାଙ୍ଗି ଯାଇଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରାମ ଚନ୍ଦ୍ର ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ହରେକୃଷ୍ଣ ପ୍ରତିହାରୀ, ସୂର୍ଯ୍ୟ ନାରାୟଣ ମହାପାତ୍ର, ରୋଟାରି କ୍ଲବ ପକ୍ଷରୁ କୈଳାସ ଚନ୍ଦ୍ର ବେହେରା, ସୁଶାନ୍ତ ମିଶ୍ର, ଦେବଦତ୍ତ ଷଡ଼ଙ୍ଗୀ, ପ୍ରଭାକର ତ୍ରିପାଠୀ, ସାକ୍ଷୀଗୋପାଳ ମନ୍ଦିର ସେବାୟତ ବିଶ୍ୱନାଥ ମହାପାତ୍ର ଓ ନରହରି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଓ ସହକର୍ମୀମାନେ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁରର ପରିବେଶବିତ୍ ଚିତ୍ତରଞ୍ଜନ ଦାସ(୯୩)ଙ୍କୁ ବୃକ୍ଷ ମଣିଷ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ସଂଘବଦ୍ଧ ଆକ୍ରମଣରେ ପରିବାରର ୩ ଗୁରୁତର ଜାଗାବାଡ଼ି ବିବାଦ

ବଳଙ୍ଗା,୧୭।୮ (କେଦାରେଶ୍ୱର ନନ୍ଦ)

ଜାଗାବାଡ଼ି ବିବାଦକୁ କେନ୍ଦ୍ରକରି ଶନିବାର ପୂର୍ବାହ୍ନରେ ବଳଙ୍ଗା ଥାନା ବେରବୋଇ ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୋଟିଏ ପରିବାରର ମା, ଝିଅ ଓ ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ଗ୍ରାମର ବାଇମନ ବେହେରାଙ୍କ ସ୍ତ୍ରୀ ସୀତାମଣି ବେହେରାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୀତାମଣିଙ୍କ ଅଭିଯୋଗ ଅନୁଯାୟୀ, ସେ ଯିବା ଆସିବା କରୁଥିବା ବାଟରେ ତାଙ୍କ ପଡ଼ୋଶୀ କପିଳାସ ବେହେରାଙ୍କ ପରିବାର ଲୋକେ ହାତରେ ମାରଣାସ୍ତ୍ର ଧରି ଛିଡ଼ା ହୋଇଥିଲେ। ଏଥିରେ ସୀତାମଣି ପ୍ରତିବାଦ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେହି ସମୟରେ ସୀତାମଣିଙ୍କ ପୁଅ ଶିବସୁନ୍ଦର ଓ ଝିଅ ସନ୍ଧ୍ୟାରାଣି ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମା'ଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ଶିବ ଏବଂ ସନ୍ଧ୍ୟାରାଣି ମଧ୍ୟ ସେମାନଙ୍କ ଆକ୍ରମଣର ଶିକାର ହୋଇଥିବା ସୀତାମଣି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାରାରୋପଣ

କୋଣାର୍କ,୧୭।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ ସାହୁ ଏଥିରେ ଯୋଗଦେଇଥିଲେ। ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ ସଭାପତି ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶାର ବିକାଶ ପାଇଁ ଭାଜପା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି। ୬ ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନରେ ସାମିଲ କରାଯିବ। ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସାହୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବଉଳ, ଅଁଳା, କରଞ୍ଜ ଆଦି ଗଛର ଚାରାମାନ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ଉପସଭାପତି ପୋଲିସ ପୁହାଣ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଗୋ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ଭାଜପା ନେତା ସୁରେନ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ଜଣେ ଛାତ୍ର ଗୁରୁତର

### ୮ ଘଣ୍ଟା ଧରି ୨ ଯୁବକଙ୍କୁ ଅଟକ ରଖିଲେ ଉତ୍ତ୍ୟକ୍ତ ଲୋକେ

ଗୋପ,୧୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ପାଟେଁଳିଆ ଛକ ନିକଟରେ ଶନିବାର ସକାଳ ସମୟରେ ଏକ କାର୍ ଧକ୍କାରେ ଜଣେ ୬ଷ୍ଠ ଶ୍ରେଣୀର ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ଗୋପ ଥାନା ଅଧୀନ ରେତୁଆ ଗ୍ରାମର ରାହୁଲ୍ ମହାନ୍ତି (୧୨)। ତେବେ ଧକ୍କା ଦେଇଥିବା କାର୍‌ଟି ରାସ୍ତାକଡ଼ ଚାଷ ଜମିରେ ପଶି ଯାଇଥିବା ସମୟରେ କାର୍ ମଧ୍ୟରେ ରହିଥିବା ୨ ଯୁବକ ଓ ୨ ଯୁବତୀ ଅଳ୍ପକେ ବର୍ତ୍ତି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ଉକ୍ତ ୨ ଯୁବକଙ୍କୁ ୮ ଘଣ୍ଟା ଧରି ଅଟକ ରଖିଥିବା ପୋଲିସ ଖବର ପାଇ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଭୁବନେଶ୍ୱର ଶୈଳଶ୍ରୀ ବିହାର, ହଂସପାଳ ଅଞ୍ଚଳର ୨ ଯୁବକ ଓ ଭୁବନେଶ୍ୱରର ୨ ଯୁବତୀ ସକାଳୁ ଭୁବନେଶ୍ୱର ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଅଞ୍ଚଳର ଉତ୍ତ୍ୟକ୍ତ ଲୋକେ ୨ ଯୁବକଙ୍କୁ ଅଟକାଇ ଥିବାବେଳେ ଘଟଣାସ୍ଥଳରୁ ୨ ଯୁବତୀ ଚମ୍ପଟ ମାରିଥିଲେ। ଦୀର୍ଘ ୮ ଘଣ୍ଟା ଧରି କୁହୁରା ଛକ ନିକଟରେ ୨ ଯୁବକ ଅଟକ ରହିଥିବା ଖବର ପାଇ ଗୋପ ପୋଲିସ ତାଙ୍କୁ ଥାନାକୁ ନେଇଥିଲେ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀଙ୍କୁ ପଚାରିବାରେ, କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ମକଦ୍ଦମା ରୁଜୁ ହେବ ବୋଲି ସେ କହିଛନ୍ତି। ପରେ ଚାଷଜମିର ଦୁର୍ଘଟଣାଗ୍ରସ୍ତ କାର୍‌କୁ ରାସ୍ତା ଉପରକୁ ଅଣାଯାଇଥିବା ଜଣାପଡ଼ିଛି।

## ଚାନ୍ଦା ପାଇଁ ବାଇକ୍ ଚାଳକଙ୍କୁ ଆକ୍ରମଣ, ଟଙ୍କା ଲୁଟ୍

ନିମାପଡ଼ା,୧୭।୮ (ବିଚିତ୍ରାନନ୍ଦ ସାହୁ)

ଚାନ୍ଦା ନ ଦେବାରୁ ଜଣେ ବାଇକ୍ ଆରୋହୀଙ୍କୁ ଶୁକ୍ରବାର ଆକ୍ରମଣ ହୋଇଛି। ସେ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ସେ ହେଲେ ଗୋପ ଥାନା ଇଚ୍ଛାପୁର ଗ୍ରାମର ମାନସ କୁମାର ରାଉତରାୟ। ଏନେଇ ପୋଲିସ ୨ ଆକ୍ରମଣକାରୀଙ୍କ ବିରୋଧରେ ୨୫୧/୨୪ରେ ଏକ ମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମାନସ କୌଣସି କାମରେ ନିମାପଡ଼ା ଆସୁଥିବାବେଳେ ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତର ଚାଉଳିଆ ପାଟଣା ଗ୍ରାମର ୨ ଜଣ ଯୁବକ ବାବୁଆ ପ୍ରଧାନ ଓ ଟିଂଟିଆ ପ୍ରଧାନ ତାଙ୍କୁ ଚାନ୍ଦା ମାଗିଥିଲେ। ମାନସ ଟଙ୍କା ନ ଦେବାରୁ ଦୁହେଁ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଧମକ ଦେଇ ଏକ ଲୁହା ରଡ଼ରେ ପିଟିଥିଲେ। ଲୁହାରଡ଼ ମାଡ଼ରେ ମାନସଙ୍କ ମୁଣ୍ଡ ଫାଟିଯାଇ ଆହତ ହୋଇଥିଲେ। ଏଥିସହ ତାଙ୍କଠାରୁ ଦୁହେଁ ୨ ହଜାର ୮ଶହ ଟଙ୍କା ନେଇଯାଇଥିବା ମାନସ ଥାନାରେ ଅଭିଯୋଗ କରିଛନ୍ତି।

# ମାହାରୀ ନୃତ୍ୟରେ ବିମୋହିତ ଦର୍ଶକ


ଝୁଲଣ ଉତ୍ସବ ଅବସରରେ କଳାକାରମାନେ ମାହାରୀ ନୃତ୍ୟ ପରିବେଷଣ କରୁଛନ୍ତି ।

କୋଣାର୍କ,୧୭।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ଝୁଲଣ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ଅତିଥି ଭାବେ ନୃତ୍ୟଗୁରୁ ଅଶୋକ ଦାଶ, ଭୁବନେଶ୍ୱର ପିକକ୍ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ଅନୁରାଧା ମହାନ୍ତି, ସମ୍ପାଦକ ରଞ୍ଜନ ମହାନ୍ତି, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନୃତ୍ୟ ଓ ସଙ୍ଗୀତର ପ୍ରଥମ ଚରଣରେ ପୁରୀର ନବ ପ୍ରତିଭାର କଳାକାରମାନେ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଏକ ସେବା ହେଉଛି ମାହାରୀ ନୃତ୍ୟ ସେବା। ଏହି ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ଭୁବନେଶ୍ୱରର ଭାଗ୍ୟଶ୍ରୀ ଦାସ ଓଡ଼ିଶୀ ନୃତ୍ୟ ଓ ଶେଷରେ ଭୁବନେଶ୍ୱରର ସ୍ୱୋମ୍ୟଗହନ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କ ଝୁଲଣ ଝାଙ୍କି ପ୍ରଦର୍ଶିତ ହେବା ସହିତ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ପାଲତା, ଶତରୂପା ଖଣ୍ଡାୟତରାୟ ସଂଯୋଜନା କରିଥିଲେ। ଗୁରୁ ଜୟକୃଷ୍ଣ ନାୟକ, ରମଣୀ ରଞ୍ଜନ ଜେନା, ବିଷ୍ଣୁଚରଣ ସାସମଲ, ସୁଦେଷ୍ଣା ସାସମଲ୍, ସଞ୍ଜୀବନୀ ପ୍ରଧାନ ପ୍ରମୁଖ ନାଟ୍ୟ ମଣ୍ଡପର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ପାଞ୍ଚୋଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ୨ ଫୁଟର ବର୍ଷାଜଳ

ଯୋଗେଶ୍ୱରପୁର,୧୭।୮ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ବଉଲାଙ୍ଗ ପଞ୍ଚାୟତର ପାଞ୍ଚଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ଢଳେଇ ରାସ୍ତା ଉପରେ ୩୦୦ ମିଟର ପର୍ଯ୍ୟନ୍ତ ୨ ଫୁଟ୍ ଉଚ୍ଚର ବର୍ଷାଜଳ ଜମି ରହିଛି। ବର୍ଷାଜଳ ନିଷ୍କାସନ କରାଯାଉ ନ ଥିବାରୁ ବିପଦପୂର୍ଣ୍ଣ ଭାବରେ ଉକ୍ତ ପାଣିରେ ପଶି ଛାତ୍ରୀଛାତ୍ର ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ଗାଡ଼ିମୋଟର ଯିବା ଆସିବା କଲାବେଳେ ଗାଡ଼ିର ଚକ ମଧ୍ୟ ବର୍ଷାପାଣିରେ ବୁଡ଼ିଯାଉଛି। ଉକ୍ତ ପାଣିରେ ବିଷଧର ସାପ, ସରୀସୃପ ରହିଥିବା ଆଶଙ୍କା କରି ପିଲାମାନେ ସେହି ରାସ୍ତାରେ ଯିବାକୁ ରାଜି ହେଉ ନାହାନ୍ତି। ଏ ସମ୍ପର୍କରେ କୋଣାର୍କ ଗ୍ରାମ ଉନ୍ନୟନ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରୁ, ସେ ଉକ୍ତ ରାସ୍ତା ଯାଇ ଦେଖିଛନ୍ତି। ପାଣି ନିଷ୍କାସନ କରାଗଲା ପରେ ରାସ୍ତା ଉଚ୍ଚା କରାଯାଇ ବର୍ଷା ଜଳ ନିଷ୍କାସନ ପାଇଁ ନଳା ବସାଯିବ ବୋଲି ସେ କହିଥିଲେ।



## ନିମାପଡ଼ାକୁ ହରାଇ ଚନ୍ଦ୍ରଭାଗା ଚାମ୍ପିୟନ



### ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

କୋଣାର୍କ,୧୭।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ଅବସରରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୋଣାର୍କ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ଓ ଜନମଙ୍ଗଳ ଯୁବ ସଙ୍ଗଠନର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଆନ୍ତର୍ଜାତିକ ରେଫରି ସୁଦର୍ଶନ ପଟ୍ଟନାୟକ, ଜନମଙ୍ଗଳ ଯୁବ ସଙ୍ଗଠନ ସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଯୁବସମାଜ କ୍ରୀଡ଼ା କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଗୋପ, ନିମାପଡ଼ା, ପୁରୀ ପୋଲିସ, ଅଚ୍ୟୁତପୁର, କୋଣାର୍କ, ଚନ୍ଦ୍ରଭାଗା, କୋଣାର୍କ, ଅର୍କକ୍ଷେତ୍ର ପ୍ରଭୃତି ୮ଟି ଦଳ ଭାଗ ନେଇ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଶେଷ ମ୍ୟାଚ୍‌ରେ ନିମାପଡ଼ାକୁ ହରାଇ ଚନ୍ଦ୍ରଭାଗା ଚାମ୍ପିୟନ ହୋଇଥିଲା। କାର୍ଯ୍ୟକ୍ରମକୁ ପିଙ୍କନ ଜେନା, ଶିଶିର ସେଠ, ସଂଗ୍ରାମ କେଶରୀ ସାହୁ, ସଞ୍ଜୟ ପତି, ସ୍ୱାଧୀନ ନାୟକ, ଜ୍ୟୋତିରାଜ ମହାନ୍ତି, ଧନଞ୍ଜୟ ବେହେରା, ରଶ୍ମିରଞ୍ଜନ ବିଶ୍ୱାଳ, ସୁଜିତ ରାଉତରାୟ, ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍, ଉନ୍ନତ ବିଦ୍ୟୁତ୍ ସେବା ପାଇଁ ସଜାଗ ରହିବୁ

ସାକ୍ଷୀଗୋପାଳ,୧୭।୮ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବିଦ୍ୟୁତ୍ ଉପଖଣ୍ଡରେ ନିୟମିତ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଗତ ଶୁକ୍ରବାର ମଧ୍ୟ ରାତ୍ରରେ ଉପୁଜିଥିବା ଉତ୍ତେଜନା ଉପରେ ଶନିବାର ସତ୍ୟବାଦୀ ଥାନାରେ ଏକ ଆଲୋଚନା ମାଧ୍ୟମରେ ଆପୋସ ସମାଧାନ ହୋଇଛି। ବିଶ୍ୱନାଥପୁର ସରପଞ୍ଚ ଦୁର୍ଗେଶ ଷଡ଼ଙ୍ଗୀ ସତ୍ୟବାଦୀ ଥାନାରେ ସାକ୍ଷୀଗୋପାଳ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଓ ଯନ୍ତ୍ରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଆଲୋଚନାରେ ଥାନା ଅଧିକାରୀ ଉମେଶ କୁମାର ସାହୁ, ସାକ୍ଷୀଗୋପାଳ ବିଦ୍ୟୁତ୍ ବିଭାଗ ଅଧିକାରୀ ନୀଳାଞ୍ଚଳ ପାତ୍ର, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ପଣ୍ଡା, ଖବରଦାତା ଅଶୋକ ବେହେରା, ଅମର ଶତପଥୀ, ରାଜକିଶୋର ସେନାପତି, ଅଭିଯୋଗକାରୀ ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ଆଶିଷ ଶତପଥୀ, ଦେବଦତ୍ତ ସାମନ୍ତରାୟ, ହରିହର ବେହେରା, ବିଜୟ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଲୋଚନାରେ ଆଗାମୀ ଦିନରେ ଆଦୌ ବିଦ୍ୟୁତ୍ କାଟ୍ ନ କରାଯିବା ସହ ଆଗୁଆ ସୂଚନା ଦେଇ ବିଦ୍ୟୁତ୍ କାଟ କରିବା ଓ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅଭିଯୋଗକାରୀ ସରପଞ୍ଚ, ଉପସ୍ଥିତ ଖବରଦାତା ଓ ବୁଦ୍ଧିଜୀବୀ ବିଦ୍ୟୁତ୍ ଅଧିକାରୀଙ୍କୁ କହିଥିଲେ। ଏଥିରେ ବିଦ୍ୟୁତ୍ ଅଧିକାରୀ ପାତ୍ର କହିଛନ୍ତି, ସତ୍ୟବାଦୀ ପାଇଁ ୨ଟି ଲାଇନ୍ ଆବଶ୍ୟକତା ଥିବାବେଳେ କେବଳ ପୁରୀରୁ ଆସୁଥିବା ଲାଇନ୍ ଉପରେ ନିର୍ଭର କରୁଛୁ। ଅନ୍ୟ ଲାଇନ୍‌ଟି ୨୦୦୦ ମସିହାରୁ ମଙ୍ଗଳପୁର ଗ୍ରୀଡ୍‌ରୁ କରେଣ୍ଟ ସତ୍ୟବାଦୀ ଆସିବାକୁ ପାଇଁ କାମ ଚାଲୁଛି। ଏହି କାର୍ଯ୍ୟରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେଉଛି। ସେଗୁଡ଼ିକ ସମାଧାନ କରି କାର୍ଯ୍ୟ କରିବାକୁ ସମୟ ଲାଗୁଛି। ତେଣୁ ଏହି କାର୍ଯ୍ୟ ଯେତେ ଶୀଘ୍ର ସରିବ ବିଦ୍ୟୁତ୍ କାଟ୍ ସମସ୍ୟା ସେତେଶୀଘ୍ର ଦୂର ହେବ। ଏଥିପାଇଁ ସବୁ ମହଲରୁ ସହଯୋଗ ରହିବା ଆବଶ୍ୟକ। ପୁରୀରୁ ଆସୁଥିବା ୩୩ କେଭି ଲାଇନ୍ ଚନ୍ଦନପୁରଠାରୁ ସାକ୍ଷୀଗୋପାଳ ପର୍ଯ୍ୟନ୍ତ ଗହୀରରେ ନ ଆସି ଜାତୀୟ ରାଜପଥ ପାର୍ଶ୍ୱରେ ଆସିବା ଆବଶ୍ୟକ। କାରଣ ବିଦ୍ୟୁତ୍ କାଟ୍ ସମୟରେ ଏତେବଡ଼ ଗହୀରରେ ପାଟ୍ରୋଲିଂ କରି ସମସ୍ୟା ସମାଧାନ କରିବାକୁ ସମୟ ଲାଗୁଛି। ଅନ୍ୟପକ୍ଷରେ ପୁରୀ ଗ୍ରୀଡ୍ ଓ ମଙ୍ଗଳପୁର ଗ୍ରୀଡ୍‌ରୁ ସତ୍ୟବାଦୀରେ ବିଦ୍ୟୁତ୍ ସଂଯୋଗ ହେଲେ ଗୋଟିଏ ଗ୍ରୀଡ୍ ଫେଲ ହେଲେ ଅନ୍ୟ ଗ୍ରୀଡ୍ କାର୍ଯ୍ୟକ୍ଷମ କରାଯିବ। ଏହି ସମୟରେ ଫେଲ ହୋଇଥିବା ଗ୍ରୀଡ୍ ମରାମତି କରାଯିବ। ସେହିପରି ଆଗକୁ ଅଘୋଷିତ ବିଦ୍ୟୁତ୍ କାଟ ନ ହେବା ସହ ଉନ୍ନତମାନର ସେବା ଯୋଗାଇବାକୁ ସେମାନେ ସଜାଗ ରହିବେ ବୋଲି କହିଥିଲେ।


ସତ୍ୟବାଦୀ ଥାନା ପରିସରରେ ଅଘୋଷିତ ବିଦ୍ୟୁତ୍ କାଟ ଉପରେ ଆଲୋଚନା କରାଯାଉଛି ।

# ସ୍ୱଳ୍ପ ବର୍ଷାରେ ଭୁଶୁଡ଼ିଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି

### ନିମ୍ନମାନର ମରାମତି ଅଭିଯୋଗ

ଅସ୍ତରଙ୍ଗ/କାକଟପୁର,୧୭।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ସ୍ୱଳ୍ପ ବର୍ଷା ପ୍ରଭାବରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସାମ୍ନା ପାର୍ଶ୍ୱର ପାଖାପାଖି ୧୦୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ପାଚେରି ଶୁକ୍ରବାର ବିଳମ୍ବିତ ରାତ୍ରରେ ଭୁଶୁଡ଼ି ପଡ଼ିଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଓ ନିମ୍ନମାନର ମରାମତି କାମ ହୋଇଥିବାରୁ ପାଚେରି ଭୁଶୁଡ଼ିଥିବା ଅଭିଯୋଗ ହେଉଛି। କିଛି ମାସ ତଳେ ଏହି ପାଚେରି ମରାମତି ପାଇଁ ଅନଭିଜ୍ଞ ଯୁବକଙ୍କୁ କାମ କରିବାକୁ ଦିଆଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ନିମ୍ନମାନର ମରାମତି କାମ କରାଯାଇ ସରକାରୀ ଅର୍ଥ ହରିଲୁଟ କରାଯାଉଥିବା ଅଭିଯୋଗ ହୋଇଆସୁଛି।

ରାଜ୍ୟ ସରକାରଙ୍କ ଭିତ୍ତିଭୂମି ବିକାଶ ପାଣ୍ଠିରୁ ପାଚେରି ମରାମତି ସହ କିଛି ମାସ ତଳେ ରଙ୍ଗ ମରାଯାଇ ପାଚେରି ଚିକ୍କଣ ସହ କାନ୍ଥରେ ସୁନ୍ଦର ଚିତ୍ର କଳା କାରୁକାର୍ଯ୍ୟ ଚିତ୍ରିତ କରାଯାଇଥିଲା। ବର୍ଷାଜଳ ପାଚେରି ଉପରେ ମାଡ଼ ହୋଇ ପାଖରେ ଜମା ରହୁଥିଲା। କିନ୍ତୁ ସେହି ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସ୍ଥାନରେ ମଧ୍ୟ ସମାନ ସ୍ଥିତି ରହିଥିବାରୁ ଆହୁରି ପାଚେରି ଭାଙ୍ଗିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଯେତେବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେଉଥିଲା, ସେତେବେଳେ ପାଚେରି ସ୍ଥିତି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ନଜର କିପରି ପଡ଼ିଲା ନାହିଁ, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏନେଇ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି କହିଛନ୍ତି, ରଙ୍ଗ ମାରି ଉପର ଚିକ୍କଣ ହୋଇଥିବାରୁ ଏଭଳି ପାଚେରି ସ୍ୱଳ୍ପ ବର୍ଷାରେ ଭାଙ୍ଗିଗଲା। ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡ଼ା କହିଛନ୍ତି, ନିମ୍ନମାନର ମରାମତି ସହ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ କ୍ୱାର୍ଟର ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ପାଚେରି ଭାଙ୍ଗିବା ପରେ ଏବେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇ ପଡ଼ିଛି। ଭୁଶୁଡ଼ି ଯାଇଥିବା ପାଚେରି ନିର୍ମାଣ କରିବା ସହ ବଳକା ରହିଥିବା ପାଚେରି ସ୍ଥିତି ଯାଞ୍ଚ କରିବାକୁ ସ୍ଥାନୀୟବାସୀଙ୍କ ପକ୍ଷରୁ ଦାବି ହେଉଛି।


ଭୁଶୁଡି ପଡିଥିବା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପାଚେରି ।

## କାର୍‌ରୁ ପୂର୍ବତନ ବାୟୁସେନା କର୍ମଚାରୀଙ୍କ ମୃତଦେହ ଜବତ

ଜଟଣୀ,୧୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରାମଚନ୍ଦ୍ରପୁର ବଜାର ଅଞ୍ଚଳରୁ ଶନିବାର ପୋଲିସ ଏକ ବନ୍ଦ କାର୍‌ରୁ ଜଣେ ପୂର୍ବତନ ବାୟୁସେନା କର୍ମଚାରୀଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସତୀଶ ଚନ୍ଦ୍ର ମହାନ୍ତି(୪୭)। ସେ ହାଇଦ୍ରାବାଦରେ ରହୁଥିବା ବେଳେ କିଛିଦିନ ହେବ ଭାଇଙ୍କ ଘର ଜଟଣୀକୁ ଆସିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୪) ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ଅପରାହ୍ନ ୨ଟାରେ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ସତୀଶ କୌଣସି କାରଣକୁ ନେଇ ଅଟକିବା ସହ କାର୍ ପାର୍କିଂ କରିଥିଲେ। ତେବେ ବହୁ ସମୟ ଧରି କାର୍ ରହିଥିବା ଏବଂ ଗାଡ଼ି ଭିତରୁ କେହି ବାହାରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। କାର୍ ଡୋର ଲକ୍ ଥିବା ବେଳେ ସତୀଶଙ୍କ ପାଟିରୁ ଲାଳ ଗଡୁଥିବା ଏବଂ ସିଟ୍‌ରେ ଦହିବରା ଆଳୁଦମ ଏକ ଠୋଲାରେ ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଡୋର ଖୋଲି ସତୀଶଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସିମ୍ ବକ୍ସ ପଛରେ ବିଦେଶୀ ଲିଙ୍କ୍

■ରିମାଣ୍ଡରେ ଆସିବେ ସନ୍ଦିଗ୍ଧ ଯୁବକ ରାଜୁ ମଣ୍ଡଳ

■ରାଜଧାନୀରେ ଏଜେଣ୍ଟ ଚଳାଉଥିଲେ ବଡ଼ ନେଟ୍‌ୱର୍କ

■ ଆଉ ୨ ସିମ୍ ବକ୍ସ ସେଟ୍ ଅପ ଠାବ ସୂଚନା

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)





ଗିରଫ ଅଭିଯୁକ୍ତ ସହ ଜବତ ସିମ୍ ବକ୍ସ।

ଭୁବନେଶ୍ୱରରେ ସିମ୍ ବକ୍ସ ଜବତ ଘଟଣାରେ ଇଣ୍ଟରନ୍ୟାଶନାଲ ଅପରାଧୀଙ୍କ ଲିଙ୍କ୍ ରହିଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘରଭଡ଼ା ନେଇ ଅପରେଟ କରୁଥିବା ପଶ୍ଚିମବଙ୍ଗର ସନ୍ଦିଗ୍ଧ ଯୁବକ ତଥା ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ଗିରଫ କରି ପଚରାଉଚରାବେଳେ କମିଶନରେଟ ପୋଲିସକୁ ଏହି ସୁରାକ ମିଳିଛି। ଏହାସହ ସିମ୍ ବକ୍ସ ଜରିଆରେ ପାକିସ୍ତାନ, ଚାଇନା ଓ ମଧ୍ୟପ୍ରାଚ୍ୟ ଦେଶରୁ ଆସୁଥିବା କଲ୍‌କୁ ପରିବର୍ତ୍ତନ କରାଯାଇ ବ୍ୟବହାର କରାଯାଉଥିଲା। ମାମଲାର ମାଷ୍ଟରମାଇଣ୍ଡ ବାଂଲାଦେଶୀ ନାଗରିକ ଆଶାଦ୍ଦୁର ଜମାନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନେ ଏହାଦ୍ୱାରା କେଉଁ ଆପରାଧିକ କାର୍ଯ୍ୟକଳାପ କରୁଥିଲେ ତାହାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ସାଇବର ଅପରାଧୀ, ଆତଙ୍କବାଦୀ ଓ ଡ୍ରଗ୍ସ ଚାଲାଣ ଅନ୍ୟାନ୍ୟ ଅପରାଧ ପାଇଁ ଏହାକୁ ବ୍ୟବହାର କରାଯାଉଥିବା ସନ୍ଦେହ କରାଯାଉଛି। ଶନିବାର ପୋଲିସ ସେବା ଭବନରେ ଖବରଦାତା ସମ୍ମିଳନୀ କରି ଏହି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଶୁକ୍ରବାର ହୋଇଥିବା ଚଢ଼ାଉରେ ୫ଟି ଅପରେଶନାଲ ସିମ୍ ବକ୍ସ, ୨ଟି ରିଜର୍ଭ ସିମ୍ ବକ୍ସ, ୨୨୫ ଅପରେଶନାଲ ସିମ୍, ସେହିପରି ପଶ୍ଚିମବଙ୍ଗରେ ହୋଇଥିବା ପ୍ରି ଆକ୍ଟିଭେଟେଡ୍ ୧୦୦୦ ସିମ୍ ଓ ୫୮ ପୁରୁଣା ଏୟାରଟେଲ୍ ସିମ୍ ମିଳିଛି। ୨ ଟି ୱାରଲେସ ରୁଟର୍ସ ଟିପ୍ ଲିଙ୍କ୍, ଲାପ୍‌ଟପ, ମୋବାଇଲ ଆଦି ବହୁ ସାମଗ୍ରୀ ଜବତ ହୋଇଛି। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ବିଦେଶୀ ହୋଇଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଯିବ ବୋଲି ପଣ୍ଡା କହିଛନ୍ତି। ଆବଶ୍ୟକସ୍ଥଳେ ଇଣ୍ଟରପୋଲର ବି ସାହାଯ୍ୟ ନିଆଯିବ। କଲ୍ ଡିଟେଲ୍ସ ଆନାଲିସିସ୍ କରାଯିବ। ଫଳରେ କେଉଁ କେଉଁ ଦେଶରୁ ଓ କେଉଁ ଉଦ୍ଦେଶ୍ୟରେ କଲ ଆସୁଥିଲା ସାଇବର ଏକ୍ସପର୍ଟଙ୍କ ଦ୍ୱାରା ତାହାର ତଦନ୍ତ କରାଯିବ ବୋଲି କମିଶନର କହିଛନ୍ତି। ସେହିପରି ଭୁବନେଶ୍ୱରରେ ଆଉ ୨ଟି ସ୍ଥାନରେ ମଧ ସିମ୍ ବକ୍ସ ସେଟ୍‌ଅପ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ସିମ୍ ବକ୍ସଗୁଡ଼ିକୁ ବାଂଲାଦେଶର ବର୍ଡର ଜରିଆରେ ଆଣିଛନ୍ତି। ଯେତେବେଳେ ଭାରତରେ ଏହାକୁ ଟ୍ରାନ୍ସପୋର୍ଟ କରିଛନ୍ତି ସେତେବେଳେ ସିମ୍ ବକ୍ସ ଧରା ନ ପଡ଼ିବା ଲାଗି ଆମ୍ପ୍ଲିଫାୟାର ସେଟ୍‌ଅପ୍ ଲଗେଇଥାନ୍ତି ବୋଲି ଜଣାପଡ଼ିଛି। ରାଜୁଙ୍କୁ ୧୪ ଦିନିଆ ରିମାଣ୍ଡରେ ଆଣିବାକୁ ଜେଏମ୍‌ଏଫ୍‌ସି-୪ କୋର୍ଟରେ ଆବେଦନ କରାଯାଇଛି। ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରାଯିବ ବୋଲି କମିଶନର ପଣ୍ଡା ସୂଚନା ଦେଇଛନ୍ତି। ଏହାସହ ଲକ୍ଷ୍ମୀସାଗରରେ ଯେଉଁ ଘରେ ସିମ୍ ବକ୍ସ ଅପରେଟ କରାଯାଉଥିଲା, ଉକ୍ତ ଘରକୁ ସିଲ୍ କରାଯାଇଛି।

ଉଲ୍ଲେଖଯୋଗ୍ୟ ଧରାପଡିଥିବା ସନ୍ଦିଗ୍ଧ ରାଜୁ ମଣ୍ଡଳ ମହାଦେବ ନଗରସ୍ଥିତ ପ୍ଲଟ୍ ନଂ.୨୧୫୯/୭୦୧୦ର କୋଠା (ଖାନ୍ ମଞ୍ଜିଲ୍)ରେ ୪ର୍ଥ ମହଲାରେ ରୁମ ନଂ.୩୦୧ରେ ରହୁଥିଲେ, ଯାହାର ଘର ମାଲିକ ହେଉଛନ୍ତି ହଜି ସଲିମ୍ ଖାନ୍। ହେଲେ ମାଲିକଙ୍କୁ ମିଛ କହି ଅଭିଯୁକ୍ତ ରାଜୁ ନିଜକୁ ବିଜ୍ଞାପନ କମ୍ପାନୀରେ ଚାକିରି କରିଥିବା କହି ୬ରୁ ୭ ମାସ ତଳେ ରହିବା ସହ ମାସକୁ ୮ ହଜାର ଟଙ୍କା ଘରଭଡ଼ା ଦେଉଥିଲେ। ହେଲେ ଉକ୍ତ ଘରେ ଆପରାଧିକ କାର୍ଯ୍ୟକଳାପ ବିଷୟରେ ଜଣାପଡ଼ିବାପରେ ସ୍ପେଶାଲ ସ୍କ୍ୱାର୍ଡ ଓ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ଚଢ଼ାଉ କରିଥିଲା। ଏହି ମିଳିତ ଟିମ୍ ଚଢ଼ାଉ କରି ସନ୍ଦିଗ୍ଧଙ୍କ ଘରୁ ମୋଟ ୭ଟି ସିମ୍ ବକ୍ସ ସମେତ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଟେଲିକମ୍ ଅପରେଟରର୍ ସିମ୍ କାର୍ଡ ଜବତ କରିଥିଲା।

### ଓଡ଼ିଶା ଆସିଥିଲେ ମାଷ୍ଟରମାଇଣ୍ଡ

୨୦୨୩ ଅକ୍ଟୋବର ୨୧ରେ ଆଶାଦ୍ଦୁର ଜମାନ ଭାରତ ଆସିଥିଲେ। ଅଗରତାଲା ଦେଇ ଭାରତରେ ପ୍ରବେଶ କରିବା ସହ ହରିଦାସପୁର-ପଶ୍ଚିମବଙ୍ଗ ଦେଇ ଡିସେମ୍ବରରେ ଭାରତରୁ ବାହାରିଥିଲେ। ଏହି ମଧ୍ୟରେ ସେ ଭୁବନେଶ୍ୱର ଆସି ରାଜୁଙ୍କ ସହ ଲିଙ୍ଗରାଜ ହୋଟେଲରେ ରହିଥିଲେ। କେଶୁରାରେ ଭଡ଼ା ଘର ନେଇ ରହୁଥିବାବେଳେ ଲକ୍ଷ୍ମୀସାଗରରେ ସିମ୍ ବକ୍ସ ର୍‌ୟାକେଟ ଚଳାଇ ଆସୁଥିଲେ। ଆଶାଦ୍ଦୁରଙ୍କ ନିର୍ଦ୍ଦେଶରେ ରାଜୁ ମଣ୍ଡଳ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଏଥିପାଇଁ ରାଜୁ ମଣ୍ଡଳଙ୍କୁ ଘରଭଡ଼ାଠାରୁ ଆରମ୍ଭ କରି ଇଣ୍ଟରନେଟ ଚାର୍ଜ ଆଦି ସମସ୍ତ ଖର୍ଚ୍ଚ ଆଶାଦ୍ଦୁର ଦେଉଥିଲେ। ସେମାନେ ଭାରତର ବିଭିନ୍ନ ସ୍ଥାନରେ ସିମ୍ ବକ୍ସ ବସାଇଛନ୍ତି। ବାଂଲାଦେଶରୁ ତାହାକୁ ଅପରେଟ କରାଯାଏ। ବାଂଲାଦେଶରୁ ମୁଖ୍ୟ ଅଭିଯୁକ୍ତ ଆଶାଦ୍ଦୁର ଏହାକୁ ଅପରେଟ କରୁଥିଲେ। ତେଣୁ ସେ ଧରିପଡ଼ିବା ପରେ ବହୁ ତଥ୍ୟ ସାମ୍ନାକୁ ଆସିବ।

### କୋଡ୍ ୱାର୍ଡରେ ସିମ୍ ଯୋଗାଉଥିଲେ ବାଂଲାଦେଶୀ ଅପରେଟର

ଜବତ ହୋଇଥିବା ସିମ୍‌ଗୁଡ଼ିକ ରାଜୁ ମଣ୍ଡଳ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ପ୍ରି-ଆକ୍ଟିଭ ସିମ୍ କିଣୁଥିଲେ। ଯେତେବେଳେ ରାଜୁ ନକଲି ସିମ୍ ପାଇଁ ପଶ୍ଚିମବଙ୍ଗ ଯାଉଥିଲେ ବିଶେଷ କରି ଗୋଟିଏ କୋଡ ନାଁରେ ଏହାକୁ ସବୁ ସଂଗ୍ରହ କରୁଥିଲେ। ଏହି ସବୁ ସିମ୍ ବାଂଲାଦେଶୀ ଅପରେଟର ଯୋଗାଉଥିଲେ। ଅଭିଯୁକ୍ତ ମାଷ୍ଟରମାଇଣ୍ଡ ଜଣେ ଲୋକଙ୍କୁ ପଠାଉଥିଲେ । କହିବା ମୁତାବକ ସେଠାରେ ପହଞ୍ଚି ଗୋଟିଏ କୋଡ ନାଁ କହିଲେ ଉକ୍ତ ବ୍ୟକ୍ତି ଜଣଙ୍କ ସହଜରେ ଜାଣିପାରି ଫେକ୍ ସିମ୍‌କୁ ରାଜୁଙ୍କୁ ପ୍ରଦାନ କରୁଥିଲେ।

## ଅପହରଣ ପରେ ୩୬ ଲକ୍ଷ ଦାବି, ୪ ଗିରଫ

ବ୍ରହ୍ମପୁର,୧୭।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ନେବା ପରେ ୩୬ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ୪ ଜଣଙ୍କୁ ଟାଉନ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଅପହରଣକାରୀମାନେ ହେଲେ ଗାଙ୍ଗପୁର ବେଣପଟାର ନିରଞ୍ଜନ ପଢିଆରୀ ଓରଫ ବୁଲୁ (୪୩), ଆସିକାର ସନ୍ନ୍ୟାସୀ କରଣ ଓରଫ ବାଲୁ (୩୦), ଦିଗପହଣ୍ଡି ରାମଚନ୍ଦ୍ରପୁରର ପି. ରାଜେନ୍ଦ୍ର ରେଡି ଓରଫ ଦେବରାଜ (୨୩) ଓ ସାନଖେମୁଣ୍ଡିର ପପୁନ ସାହୁ ଓରଫ ପପୁ (୩୨)। ଘଟଣାରେ ବ୍ୟବହୃତ ବୋଲେରୋ ଗାଡ଼ି ସହ ୪ ମୋବାଇଲ ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ମାମଲା ନଂ.୨୩୦/୨୪ ରେ କୋର୍ଟ ଚାଲାଣ କରାଯାଇଛି।

ଗାନ୍ଧୀନଗର ଦ୍ୱିତୀୟ ଲାଇନରେ ରହୁଥିବା ବିଶ୍ୱନାଥ ବିଶ୍ୱାଳ ୧୪ ତାରିଖ ସକାଳେ ନିଜ ସ୍କୁଟିରେ ସେଲୁନ ଯାଉଥିଲେ। ଅଭିଯୁକ୍ତ ନିରଞ୍ଜନ ପୂଜାରୀ ଓ ତାଙ୍କ ୪ ସହଯୋଗୀ ବିଶ୍ୱନାଥଙ୍କୁ ଅଟକାଇ ତାଙ୍କୁ ଜବରଦସ୍ତ ଅପହରଣ କରି ନୟାଗଡ଼ ନେଇଯାଇଥିଲେ। ଅପରାହ୍ନ ୨ଟା ବେଳକୁ ଅପହରଣକାରୀମାନେ ବିଶ୍ୱନାଥଙ୍କ ସ୍ତ୍ରୀ ଅନିମାଙ୍କୁ ଫୋନ କରି ୩୬ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ବିଶ୍ୱନାଥଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଅନିମା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଟଙ୍କା ନେବାକୁ ଅପହରଣକାରୀଙ୍କୁ ପୋଲିସ କୌଶଳ କ୍ରମେ ବ୍ରହ୍ମପୁର ଡାକି ତାଙ୍କୁ କାବୁ କରିଥିଲା। ସେହିପରି ବିଶ୍ୱନାଥଙ୍କୁ ମଧ ସେମାନଙ୍କ କବଳରୁ ଉଦ୍ଧାର କରିଥିଲା।

## ବିଧବାଙ୍କ ଗଳା କାଟି ହତ୍ୟା

ଟିଗିରିଆ, ୧୭।୮ (ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବିଧବାଙ୍କ ଗଳାକାଟି ବିଭତ୍ସ ହତ୍ୟା କରାଯାଇଛି। ମୃତାହେଲେ ପାଞ୍ଚଗାଁର ସ୍ୱର୍ଗତ ବିରଜା ପ୍ରସାଦ ଦାଶଙ୍କ ସ୍ତ୍ରୀ ଅଲ୍ପନା ଦାଶ (୫୧)। ଅଭିଯୁକ୍ତ ତଥା ଉକ୍ତ ଗ୍ରାମର ଭିନ୍ନକ୍ଷମ କାର୍ତ୍ତିକ ଚନ୍ଦ୍ର ସେଠୀ(୩୬) ଥାନାରେ ଆତ୍ମସମର୍ପଣ କରିଛନ୍ତି। ମା'ଙ୍କୁ ସମ୍ପତ୍ତି ଲୋଭରେ ହତ୍ୟା କରାଯାଇଥିବା ପୁଅ ବିବେକ ଦାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୯୬/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଅପରପକ୍ଷରେ ଅନୈତିକ ସମ୍ପର୍କକୁ ବିରୋଧ କରି ଅଲ୍ପନାଙ୍କୁ ହତ୍ୟା କରିଥିବା କାର୍ତ୍ତିକ ପୋଲିସ ନିକଟରେ ବୟାନ ଦେଇଛନ୍ତି।

ଖବର ଅନୁଯାୟୀ, ବିରଜାଙ୍କ ଘରେ କାର୍ତ୍ତିକ ୨୦ବର୍ଷ ଧରି ରହିବା ସହ ଘରର ବିଭିନ୍ନ କାମରେ ସହଯୋଗ କରୁଥିଲେ। ବିରଜା ଏକ ଘରୋଇ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ଭାବେ କାମ କରୁଥିବାବେଳେ କାର୍ତ୍ତିକ ତାଙ୍କ ଗ୍ରାହକଙ୍କଠାରୁ ପ୍ରତିଦିନ ଅର୍ଥ ଆଦାୟ କରନ୍ତି। ମାତ୍ର କିଛି ବର୍ଷ ହେବ ସମ୍ପୃକ୍ତ କମ୍ପାନୀର ଭଲ ବ୍ୟବସାୟ ନ ହେବାରୁ ଲୋକେ ବିରଜାଙ୍କୁ ସେମାନଙ୍କ ଜମା ଟଙ୍କା ମାଗିଥିଲେ। ଏଥିରେ ବ୍ୟତିବ୍ୟସ୍ତ ହୋଇ ସେ ମୁଣ୍ଡଳୀ ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏବେ ଅଲ୍ପନାଙ୍କ ସହ ଶ୍ୱଶୁର ଓ କାର୍ତ୍ତିକ ସେହି ଘରେ ରହୁଥିବା ବେଳେ ବିବେକ ଭୁବନେଶ୍ୱରରେ ରହି ପାଠପଢୁଛନ୍ତି। ମା'ଙ୍କ ହତ୍ୟା ସମ୍ପର୍କରେ ଖବରପାଇ ବିବେକ ଘରକୁ ଆସିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏସମ୍ପର୍କରେ କାର୍ତ୍ତିକଙ୍କ କହିବାନୁସାରେ, ଅଲ୍ପନା ଅନ୍ୟ ଜଣଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ। କାର୍ତ୍ତିକ ଏହା ଦେଖିବା ପରେ ତାଙ୍କୁ ବାରଣ କରିଥିଲେ। ଶୁକ୍ରବାର ଏହି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କାର୍ତ୍ତିକ ଏକ କଟୁରୀରେ ଅଲ୍ପନାଙ୍କ ଗଳାକାଟି ହତ୍ୟା କରିଛନ୍ତି। ଏହାପରେ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ପୋଲିସ ଜବତ କରି ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ସୁମନ୍ତ କିଶାନ କହିଛନ୍ତି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ଆଠଗଡ଼ ଏସ୍‌ଡିପିଓ ଅଧିକ ପଚରାଉଚୁରା କରୁଛନ୍ତି। ସୂଚନାଯୋଗ୍ୟ, ଗତ ୪ ବର୍ଷ ତଳେ କାର୍ତ୍ତିକ ଢେଙ୍କାନାଳ ଜିଲା କାସିଆଡିହ ଗ୍ରାମରେ ବିବାହ କରିଥିଲେ। ବିବାହର ୬ ମାସ ମଧ୍ୟରେ ସ୍ତ୍ରୀ କାର୍ତ୍ତିକଙ୍କୁ ଛାଡି ପଳାଇଥିଲେ।

## ଗୁଣିଗାରେଡ଼ିରୁ ହତ୍ୟା, ୪ ଜେଲ ଗଲେ

ପୁରୀ/କଣାସ,୧୭।୮ (ଅଜିତ୍ କୁମାର ମହାନ୍ତି/ ବିଭୂତି ଭୂଷଣ ତ୍ରିପାଠୀ)

### ହତ୍ୟାକୁ ଲୁଚାଇବା ପାଇଁ ମୃତଦେହ ନଦୀକୁ ଫିଙ୍ଗିଥିଲେ




ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି।

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ମକରା ନଦୀରୁ ଗଡ଼ିଶାଗଦା ଥାନା ପକ୍ଷରୁ ଜବତ କରାଯାଇଥିବା ମୃତଦେହ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗୁଣିଗାରେଡି ସନ୍ଦେହ ଓ ମହିଳାଙ୍କ ଉପରେ ଲୋଲୁପ ଦୃଷ୍ଟିକୁ ବିରୋଧ କରି ୪ଜଣ ଗଦାଧର ନିଶାଙ୍କୁ ହତ୍ୟା କରିଛନ୍ତି। ତେବେ ଅଭିଯୁକ୍ତମାନେ ଖୋର୍ଦ୍ଧା ଗୁରୁଜଙ୍ଗଠାରେ ଗଦାଧରଙ୍କୁ ହତ୍ୟାକରି ଜଟଣୀ ତିରୁମଲ୍ଲଠାରେ ଦୟାସେତୁରୁ ନଦୀକୁ ଫିଙ୍ଗିଦେଇଥିଲେ। ପରେ ତାହା କଣାସ ବ୍ଲକ ଗଡିଶାଗୋଦା ଥାନା ଅଞ୍ଚଳ ମକରା ନଦୀରୁ ଗତ ୯ତାରିଖରେ ମିଳିଥିଲା ବୋଲି ପୋଲିସ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି।

ଗିରଫ ହୋଇଥିବା ଅଭିଯୁକ୍ତ ହେଉଛନ୍ତି ଚନ୍ଦକା ଥାନା ଅନ୍ତର୍ଗତ ଅଙ୍ଗାରପଡା ଗ୍ରାମର ପୁଷ୍ପଲତା ପ୍ରଧାନ, ଖୋର୍ଦ୍ଧା ଜେମାଦେଇପୁରର ବାନାମ୍ବର ମହାପାତ୍ର, ନୀଳିମା ମହାପାତ୍ର ଓ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ମିଶ୍ର ନଗରର ସଞ୍ଜୟ ଦାସ। ପୋଲିସ ଅଭିଯୁକ୍ତଙ୍କ ଠାରୁ ଏକ ଇଣ୍ଡିଗୋ କାର୍, ଗୋଟିଏ ହିରୋ ହୋଣ୍ଡା ବାଇକ, ରଶି ଓ ଗାମୁଛା ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ପୋଲସି ସୂଚନାନୁସାରେ ଗତ ୯ତାରିଖରେ ମକରା ନଦୀରୁ ଏକ ମୃତଦେହ ମିଳିଥିଲା। ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ମୃତଦେହ ମିଳିଥିବା ବ୍ୟକ୍ତିଙ୍କ ନଖୋଜଥିବା ନେଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଥିଲା। ମୃତଦେହ ମିଳିବା ପରେ ପରିବାର ଲୋକଙ୍କ ପକ୍ଷରୁ ହତ୍ୟାନେଇ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ପୁଷ୍ପଲତା ଓ ମୃତ ଗଦାଧର ଉଭୟ ଗୁଣିଗାରେଡ଼ି କାର୍ଯ୍ୟରେ ଲିପ୍ତଥିଲେ। ପୁଷ୍ପଲତା କାଳିଶି ନାମରେ ଜଣାଶୁଣାଥିଲେ। ଗଦାଧରଙ୍କଠାରୁ ପୁଷ୍ପଲତା ଯାଦୁ ଶିଖୁଥିଲେ। ଗଦାଧର ବାରମ୍ବାର ଗୁରୁଜଙ୍ଗରେ ଅବସ୍ଥିତ ପୁଷ୍ପଲତାଙ୍କ ଘରକୁ ଯାଉଥିଲେ ଓ ସେଠାରେ ରହୁଥିଲେ। ପ୍ରାୟ ୪ବର୍ଷ ପୂର୍ବେ ଜେମାଦେଇପୁର ଗାଁର ନୀଳିମା ମହାପାତ୍ର ଅସୁସ୍ଥ ଥିବାରୁ ପୁଷ୍ପଲତାଙ୍କ ନିକଟକୁ ଆସିଥିଲେ। ରୋଗରୁ ମୁକ୍ତି ପାଇବା ପାଇଁ ନୀଳିମା ପୁଷ୍ପଲତାଙ୍କ ଘରେ ରହିଥିଲେ। ମୃତ ଗଦାଧର ପୁଷ୍ପଲତାଙ୍କ ଘରକୁ ଗସ୍ତ ସମୟରେ ସେ ନୀଳିମାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ଏପରି କି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଯୋଜନା କରିଥିଲେ। ରୋଗରୁ ସ୍ଥାୟୀ ଆରୋଗ୍ୟ ପାଇଁ ସେ ନୀଳିମାଙ୍କୁ ପୂଜା କରିବାକୁ ପରାମର୍ଶ ଦେଇଥିଲେ। ନୀଳିମା ଏଥିପାଇଁ ରାଜି ହୋଇଥିଲେ ଏବଂ ଗଦାଧର ତାଙ୍କୁ ହିପ୍ନୋଟାଇଜ୍ କରିଥିଲେ ଓ ତାଙ୍କ ସହ ବିଭିନ୍ନ ଅନୈତିକ କାର୍ଯ୍ୟ କରିଥିଲେ। ପରେ ଏକଥା ନୀଳିମା ତାଙ୍କ ସ୍ୱାମୀ ବାନାମ୍ବର ଓ ପୁଷ୍ପଲତାଙ୍କୁ କହିଥିଲେ। ଫଳରେ ପୁଷ୍ପଲତା ଏବଂ ବାନମ୍ବର ଏବଂ ବାନାମ୍ବରଙ୍କ ସାଙ୍ଗ ସଞ୍ଜୟ ମିଶି ଗଦାଧରଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଗତ ୬ତାରିଖରେ ପୁଷ୍ପଲତା ଗୁରୁଜଙ୍ଗସ୍ଥିତ ତାଙ୍କ ଘରକୁ ଗଦାଧରଙ୍କୁ ଡାକିଥିଲେ। ସେହିଦିନ ପୁଷ୍ପଲତା, ବାନାମ୍ବର ଏବଂ ସଞ୍ଜୟ ଏକ ଗାମୁଛା ମାଧ୍ୟମରେ ଗଦାଧରଙ୍କୁ ହତ୍ୟା କରିଥିଲେ। ହତ୍ୟା ସମୟରେ ନୀଳିମା ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ପରେ ସେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ପରେ ୪ ଅଭିଯୁକ୍ତ ଇଣ୍ଡିଗୋ କାରରେ ମୃତଦେହକୁ ତିରୁମାଲ ବ୍ରିଜରେ ରାଜୁଆ ନଦୀରେ ଫିଙ୍ଗି ଦେଇଥିଲେ ଏବଂ ହତ୍ୟାପରେ ଗଦାଧରଙ୍କ ବାଇକ୍ ଓ ଚପଲ ଇତ୍ୟାଦି ନିକଟସ୍ଥ ଏକ ଖଣିରେ ଫୋପାଡ଼ି ଦେଇଦେଲେ। ପରେ ମକରା ନଦୀରୁ ମୃତଦେହ ଉଦ୍ଧାର ହୋଇଥିଲା। ତେବେ ପୋଲିସ ତଦନ୍ତ କରି ୪ଅଭିଯୁକ୍ତଙ୍କୁ ଗିରଫ କରିବା ସହ କେସ୍ ନଂ. ୧୫୯/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## ଓୟୋ ହୋଟେଲ ସିଲ୍

### ଏଇଠି ବଙ୍ଗୀୟ ଯୁବତୀଙ୍କ ସହ ସ୍ୱାମୀଙ୍କୁ ଧରିଥିଲେ ସ୍ତ୍ରୀ

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱର ପଟିଆ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲ ରୁମ୍‌ରେ ଦୁଇ ବଙ୍ଗୀୟ ଯୁବତୀଙ୍କ ସହ ରାତି ବିତାଉଥିବାବେଳେ ସ୍ତ୍ରୀ ହାତରେ ସ୍ୱାମୀ ଧରାପଡିବା ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରିରଖିଛି। ଚଢ଼ାଉ ସମୟରେ ସ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ସ୍ୱାମୀ ତଥା ରାପର ଅଭିନବ ସିଂଙ୍କ ସହ ୬ଜଣ ଏବେ ଜେଲ୍‌ରେ ଦିନ କାଟୁଛନ୍ତି। ଏପରିସ୍ଥିତିରେ ଇନ୍‌ଫୋସିଟି ପୋଲିସ ଘଟଣାର ତିନି ଦିନ ପରେ ଉକ୍ତ ଓୟୋ ହୋଟେଲ 'ସେ ହ୍ୟାଲୋ'କୁ ସିଲ୍ କରିଛି। ସରାୟ ନିୟମକୁ ଅବମାନନା କରିବା ଅଭିଯୋଗରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି। ଏହାସହ କୋର୍ଟରୁ ଅନୁମତି ନ ଆଣିବା ପର୍ଯ୍ୟନ୍ତ ହୋଟେଲ ସିଲ୍ ରହିବ ବୋଲି ସେ ସୂଚନା ଦେଇଛନ୍ତି। ସ୍ତ୍ରୀ ସହ ଝଗଡ଼ା କରି ଆତ୍ମହତ୍ୟା କରିବାକୁ ଧମକ ଦେଇ ଘରୁ ବାହାରିଥିଲେ ରାପର ଅଭିନବ ସିଂ। ହେଲେ ହୋଟେଲରେ ରହି ଯୁବତୀଙ୍କ ସହ ରାତି କାଟୁଥିଲେ। ସ୍ତ୍ରୀ ଯେତେ ଫୋନ କରୁଥିଲେ ମଧ ଅଭିନବ ଏହାକୁ ଅଣଦେଖା କରି ଉଠାଉ ନ ଥିଲେ। ହଠାତ୍ ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍‌କୁ ଫୁଡ୍ ଡେଲିଭରିର ନୋଟିଫିକେଶନ ଆସିଥିଲା। ଅଭିନବଙ୍କ ଆପ୍‌ର ଆଇଡି ସ୍ତ୍ରୀଙ୍କ ପାଖରେ ଥିଲା। ବାରମ୍ବାର ଏକାଧିକ ଖାଇବା ଅର୍ଡର ଆସିବା ପରେ ତାଙ୍କର ସନ୍ଦେହ ବଢିଥିଲା। ଏହି ସମୟରେ ବଙ୍ଗୀୟ ଯୁବତୀଙ୍କ ଫୋନ୍ ରିଚାର୍ଜର ମେସେଜ ଆସିବାରୁ ସ୍ତ୍ରୀଙ୍କ ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ଏହାପରେ ସେ ଥାନାରେ ପହଞ୍ଚି ସବୁକଥା ଜଣାଇବା ପରେ ପୋଲିସକୁ ଧରି ସିଧା ଫୁଡ୍ ଅର୍ଡର ଆସିଥିବା ହୋଟେଲ 'ସେ ହ୍ୟାଲୋ'ରେ ପହଞ୍ଚି ଅଭିନବଙ୍କ ନାମରେ ବୁକ୍ ହୋଇଥିବା ରୁମ୍‌ରେ ପହଞ୍ଚିଥିଲେ। ଆଉ ସେଠାରେ ସ୍ୱାମୀଙ୍କ ସହ ୨ ଯୁବତୀଙ୍କୁ ଦେଖି ସ୍ତ୍ରୀ ଅବାକ୍ ହୋଇଯାଇଥିଲେ। ସେହିପରି ଅନ୍ୟ ରୁମ୍‌ରେ ଯୁବତୀଙ୍କ ସହ ଅନ୍ୟ ଦୁଇଜଣ ଥିଲେ। ସମସ୍ତେ ମିଶି ମହିଳାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ଗତ ୧୪ ତାରିଖ ଭୋର୍ ସମୟରେ ଏହି ଘଟଣା ଘଟିଥିବାବେଳେ ପୋଲିସ ସମସ୍ତ ୬ ଅଭିଯୁକ୍ତା/ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ବାଲୁଗାଁ,୧୭।୮ (ସଂଗ୍ରାମ ପାଇକରାୟ): ବାଲୁଗାଁ ଥାନା ପୋଲିସ ଶନିବାର ଅପହୃତା ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ଗୋପପୁର ଗ୍ରାମର ଗୋବିନ୍ଦ ଓରଫ ଶିବୁ ମହାନ୍ତି(୨୦)। ପ୍ରକାଶ ଯେ, ବାଲୁଗାଁ ଅଞ୍ଚଳର ଜଣେ ନାବାଳିକା ଗତ ୧୨ତାରିଖ ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ପରବର୍ତ୍ତୀ ସମୟରେ ଗଞ୍ଜାମ ଅଞ୍ଚଳର ଗୋବିନ୍ଦ ନାମକ ଯୁବକ ତାଙ୍କ ଝିଅକୁ ଅପହରଣ କରିନେଇଥିବା ଜାଣିବା ପରେ ପରିବାରଲୋକେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୫୩/୨୪) ରୁଜୁକରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ଆଇଆଇସି ଜୟ ପ୍ରକାଶ ପରିଡା ଶନିବାର ଗଞ୍ଜାମର ଖଲ୍ଲିକୋଟ ଅଞ୍ଚଳରେ ଚଢ଼ାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗୋବିନ୍ଦଙ୍କୁ ଗିରଫ କରିଥିଲେ।

## ବିହାରରୁ ଗଞ୍ଜେଇ ବ୍ୟବସାୟୀ ଗିରଫ

ସେମିଳିଗୁଡ଼ା/ସୁନାବେଡ଼ା, ୧୭।୮ (ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)

### ୨୦୨୧ରେ ଗଞ୍ଜେଇ ଜବତ ବେଳେ ଫେରାର ହୋଇଯାଇଥିଲେ



ବିହାରରୁ ଗିରଫ ମୁନ୍ନା।

ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କିତ ଏକ ପୁରୁଣା ମାମଲାକୁ ଆଧାରକରି ଜଣେ ଯୁବକଙ୍କୁ କୋରାପୁଟ ଜିଲା ସେମିଳିଗୁଡା ପୋଲିସ ବିହାରରୁ ଗିରଫ କରିଛି। ସେ ହେଲେ ବିହାର ଛପ୍ରା ଅଞ୍ଚଳ ଫର୍ଦ୍ଦପୁରା ଗ୍ରାମର ମୁନ୍ନା ମହତ(୪୫)। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କହିଛନ୍ତି। ପୋଲିସ ସୂଚନା ମୁତାବକ ସେମିଳିଗୁଡା ପୋଲିସ ପକ୍ଷରୁ ୨୦୨୧ ଜାନୁଆରୀ ୩୧ରେ ତତ୍କାଳୀନ ଏସ୍‌ଆଇ ଅନିତା ନାୟକଙ୍କ ସହ ୬ ଜଣ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ୨୬ ନଂ. ଜାତୀୟ ରାଜପଥର ସେମିଳିଗୁଡ଼ା-ପଟ୍ଟାଙ୍ଗି ରାସ୍ତାର କୁତୁ ଗାଁ ନିକଟରେ ଏକ ପେଟ୍ରୋଲ ଟ୍ୟାଙ୍କର ଦ୍ୱାରା ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲେ। ସଙ୍ଗେ ସଙ୍ଗେ ଉକ୍ତ ପୋଲିସ ଟିମ୍ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଟ୍ୟାଙ୍କର ଉପରେ ଚଢ଼ାଉ କରି ସେଥିରୁ ୧୫୭୭ କେଜି ଗଞ୍ଜେଇ ଜବତ କରିଥିଲା। ସେତେବେଳେ ପୋଲିସକୁ ଚକମା ଦେଖାଇ ମୁନ୍ନା ଘଟଣା ସ୍ଥଳରୁ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ଟ୍ୟାଙ୍କର (ନଂ. ଡବ୍ଲୁବି ୩୩ବି-୬୧୩୪) ସହ ଗଞ୍ଜେଇ ଜବତ କରି ଥାନାକୁ ଆଣିଥିଲା। ୧୯/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମୁନ୍ନା ବିହାରରେ ଥିବା ସୂଚନା ପାଇ ସେମିଳିଗୁଡା ପୋଲିସ କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ଅନୁମତିକ୍ରମେ ଚଳିତ ମାସ ୯ରେ ଏସ୍‌ଆଇ ଦୀପକ ପଣ୍ଡା, କନଷ୍ଟେବଳ ସୁଶୀଲ ପଣ୍ଡା ଓ ହୋମଗାର୍ଡ ସନ୍ତୋଷ ଗୁପ୍ତାଙ୍କୁ ନେଇ ଗଠିତ ଏକ ୩ ଜଣିଆ ଟିମ୍ ବିହାର ଯାଇଥିଲେ। ସେଠାରେ ୧୧ ତାରିଖ ସନ୍ଧ୍ୟାରେ ବିହାର ନଗ୍ରା ପୋଲିସ ସହାୟତାରେ ମୁନ୍ନାକୁ ଧରିବାରେ ଟିମ୍ ସଫଳ ହୋଇଥିଲା। ଅଭିଯୁକ୍ତଙ୍କୁ ଧରି ଗୁରୁବାର ରାତିରେ ସେମିଳିଗୁଡ଼ା ଥାନାରେ ପହଞ୍ଚିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

# ଆନ୍ଦୋଳନରେ ଡାକ୍ତର

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଡାକ୍ତର ମହଲରେ ଅସନ୍ତୋଷ ତେଜିଛି। ୫ ଦଫା ଦାବିରେ ଶନିବାର ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ଡାକରାରେ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ ଡାକ୍ତର, ପାରା ମେଡିକାଲ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିଯୋଗୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶନିବାର ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲର ଡାକ୍ତରଙ୍କ ଦ୍ୱାରା ଶନିବାର ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।



କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର (ହାଉସ ସର୍ଜନ)ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି।



ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଆଗରେ ଆନ୍ଦୋଳନରତ ଜୁନିୟର ଡାକ୍ତର।



ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏଶନ ଢେଙ୍କାନାଳ ଶାଖା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।



ସମ୍ବଲପୁର ସହର ହସ୍ପିଟାଲ ରାସ୍ତାରେ ଡାକ୍ତରମାନେ ଶନିବାର କ୍ୟାଣ୍ଡେଲ ରାଲିରେ ଯାଉଛନ୍ତି।



ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରେ ପିଜି ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।



ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହାଉସ ସର୍ଜନମାନେ ଆନ୍ଦୋଳନ କରୁଛନ୍ତି।



ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖା ପକ୍ଷରୁ କଟକ ଆଇଏମ୍ଏ ହାଉସ୍ ନିକଟରୁ ବାହାରିଥିବା ଶୋଭାଯାତ୍ରା।

# ସ୍ୱାସ୍ଥ୍ୟସେବା ନ ପାଇ ରୋଗୀ ହନ୍ତସନ୍ତ

## ଓପିଡି ବନ୍ଦ ଯୋଗୁ ହଇରାଣ ହେଲୁ

**ବ୍ରହ୍ମପୁର ଏମ୍‌କେସିଜି**

ବ୍ରହ୍ମପୁର,୧୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ପିଜି ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରୋଗୀସେବା ବ୍ୟାହତ ହୋଇଛି। ଶନିବାର ଅପରାହ୍ନରେ ପିଜି ଡାକ୍ତରଙ୍କ ସହ ବରିଷ୍ଠ ଡାକ୍ତରମାନେ ମଧ ନ ଆସିବାରୁ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ ରହିଥିଲା। ଫଳରେ ଅନେକ ରୋଗୀ ଡାକ୍ତରଙ୍କ ପରାମର୍ଶ ପାଇବାରୁ ବଞ୍ଚିତ ହୋଇଛନ୍ତି। ରବିବାର ମଧ କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଧାରଣା ଜାରି ରହିବ ବୋଲି ସୂଚନା ମିଳିଛି। କେତେଜଣ ରୋଗୀ ସେମାନେ ଭୋଗିଥିବା ସମସ୍ୟା କହିଛନ୍ତି। ନବରଙ୍ଗପୁରର ଭିନ୍ନକ୍ଷମ ରୋଗୀ ଘାସିରାମ ନାୟକଙ୍କ କହିବାନୁସାରେ ଅଣ୍ଟାବିନ୍ଧା ସହ କିଡ୍‌ନୀ ସମସ୍ୟା ନେଇ ସକାଳେ ଡାକ୍ତରଙ୍କୁ ଦେଖାଇଥିଲେ। ଅପରାହ୍ନରେ ଆସିବାକୁ କହିଥିଲେ। କିନ୍ତୁ ଓପିଡି ବନ୍ଦ ଯୋଗୁ ସେବା ପାଇପାରିନାହାନ୍ତି। କୃଷ୍ଣପ୍ରସାଦ ଥାନା ମାଲୁଦ ଅଞ୍ଚଳର ରୋଗୀ ସୁଦୀପ୍ତ ରଞ୍ଜନ ଦାସ ପେଟ ଓ ଛାତିରେ ଯନ୍ତ୍ରଣା ଯୋଗୁ ସକାଳେ ଡାକ୍ତରଙ୍କୁ ଦେଖାଇଥିଲେ। ପରୀକ୍ଷା କରି ରିପୋର୍ଟ ଆଣିବା ପାଇଁ ଡାକ୍ତର କହିଥିଲେ। ଅପରାହ୍ନରେ ଆସିଲାବେଳେ ଓପିଡି ବନ୍ଦ ଥିବା ସେ କହିଛନ୍ତି। ସେହିପରି ଗଞ୍ଜୁର ରୋଗୀ ରାମ ସେଠୀ କିଡନୀ ସମସ୍ୟା ଦେଖାଇବାକୁ ସକାଳେ ଆସିଥିଲେ। ଡାକ୍ତର ପରୀକ୍ଷା କରିବା ପାଇଁ କହିଥିଲେ। ରକ୍ତ ନମୁନା ଦେଲେ, ଅପରାହ୍ନରେ ରିପୋର୍ଟ ମିଳିଲା। ଓପିଡି ବନ୍ଦ ଯୋଗୁ ସେବା ପାଇପାରିନଥିବା କହିଛନ୍ତି। ଜୁନିୟର ଡାକ୍ତର ଆସୋସିଏଶନ (ଜେଡିଏ) ସଭାପତି ଡାକ୍ତର ସୁବାଶିଷ ବେହେରା କହିଛନ୍ତି, ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ଓପିଡି ବନ୍ଦ ରଖାଯାଇଥିଲା। ରୋଗୀ ସେବା ବ୍ୟାହତ କରିବା ଆମର ଉଦ୍ଦେଶ୍ୟ ନୁହେଁ। ବରଂ ଆମ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ରହିଛି। ଆଜି ଶନିବାର ଥିଲା, ବିଶେଷ ରୋଗୀ ଆସନ୍ତି ନାହିଁ। ଯେଉଁମାନେ ଆସିଥିଲେ ସେମାନଙ୍କୁ ଆଶୁ ଚିକିତ୍ସା ବିଭାଗକୁ ନେଇ ଚିକିତ୍ସା କରାଯାଇଛି।

## ଅଲ୍‌ଟ୍ରାସାଉଣ୍ଡ, ଏକ୍ସ-ରେ ପାଇଁ ହଟହଟା

**କଟକ ଏସ୍‌ସିବି**
**ଚିକିତ୍ସାରେ ବିଭ୍ରାଟ**

କଟକ,୧୭।୮(ଶିଳ୍ପା ପ୍ରିୟଦର୍ଶିନୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜୁନିୟର ଡାକ୍ତରୀ ସଂଘ ପକ୍ଷରୁ ଏସ୍‌ସିବିରେ ଆନ୍ଦୋଳନ ଜାରି ରହିଥିବାବେଳେ ହାଉସ୍ ସର୍ଜନ ଓ ଡାକ୍ତରୀ ଛାତ୍ର ସଂଘ ସମର୍ଥନ ଦେଇଛି। କେବଳ ଜରୁରିକାଳୀନ ଚିକିତ୍ସାକୁ ବାଦ୍ ଦେଲେ ଡାକ୍ତରମାନେ ଲାବୋରେଟୋରି, ଆଉଟ୍‌ଡୋରରେ ରୋଗୀ ସେବା ବନ୍ଦ କରିଛନ୍ତି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଗୁରୁବାର ଏସ୍‌ସିବି ମେଡିକାଲକୁ ଜଣେ ଗୁରୁତର ରୋଗୀ ଆସିଥିଲେ। ଡାକ୍ତର ନ ଥିବାରୁ ଚିକିତ୍ସା ନ ପାଇ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ଏସ୍‌ସିବିରେ ଅଲ୍‌ଟ୍ରାସାଉଣ୍ଡ ଓ ଏକ୍ସ-ରେ ପରୀକ୍ଷା ବାଧାପ୍ରାପ୍ତ ହୋଇଛି। ପ୍ରତିଦିନ ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଅଲ୍‌ଟ୍ରାସାଉଣ୍ଡ ଓ ଏକ୍ସ-ରେ କରାଯାଉଥିବାବେଳେ ଏବେ ଆନ୍ଦୋଳନ ଯୋଗୁ ପ୍ରାୟ ୪୦ ଜଣଙ୍କ ଏହି ପରୀକ୍ଷା କରାଯାଉଥିବା ଜଣାପଡିଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପରୀକ୍ଷା କରାଇବା ପାଇଁ ରାତି ଅଧରୁ ଧାଡ଼ିରେ ଛିଡ଼ା ହେଉଥିଲେ ମଧ ଶେଷରେ ନିରାଶ ହୋଇ ଫେରିବାକୁ ପଡୁଛି।

ଏନେଇ ଜଳେଶ୍ୱର ଅଞ୍ଚଳର ଚାନ୍ଦମଣି ମଲ୍ଲିକ କହିଛନ୍ତି, ପୁଅର ରକ୍ତବାନ୍ତି ହେବାରୁ ଡାକ୍ତର ଅଲ୍‌ଟ୍ରାସାଉଣ୍ଡ କରିବାକୁ ପରାମର୍ଶ ଦେଇଥିଲେ। ଶନିବାର ଅଲ୍‌ଟ୍ରାସାଉଣ୍ଡ ପାଇଁ ତାରିଖ ଦିଆଯାଇଥିଲା। ଏଥିପାଇଁ ରାତି ୩ଟାରୁ ଅପେକ୍ଷା କରିଥିଲୁ। ହେଲେ ଆନ୍ଦୋଳନ ଯୋଗୁ ଅଲ୍‌ଟ୍ରାସାଉଣ୍ଡ ହୋଇପାରିବ ନାହିଁ ବୋଲି କର୍ମଚାରୀ ମନା କରି ଫେରାଇ ଦେଇଥିଲେ। ସେହିପରି କଟକ ଜିଲା ସାଲେପୁର ଅଞ୍ଚଳର ରାକେଶ ପରିଡା କହିଛନ୍ତି, ଅଲଟ୍ରାସାଉଣ୍ଡ ପାଇଁ ଆସି ୩ ଦିନ ହେବ ଧାଡିରେ ଛିଡା ହେବାକୁ ପଡୁଛି। ଏପରି କି ୩ ଦିନ ହେବ ଟିକେଟ୍ ନ ପାଇ ଫେରୁଛି। ରୋଗୀଙ୍କ ଅଲଟ୍ରାସାଉଣ୍ଡ ପାଇଁ ଜରୁରୀ ଥିଲେ ମଧ ଆନ୍ଦୋଳନ ଯୋଗୁ ଏହା ହୋଇପାରୁନି। କେନ୍ଦ୍ରାପଡ଼ା ଅଞ୍ଚଳର ସାବିତ୍ରୀ ସାହୁ କହିଛନ୍ତି, ସର୍ଜରି ବିଭାଗରେ ଚିକିତ୍ସିତ ହେଉଛି। ଅଲଟ୍ରାସାଉଣ୍ଡ ପାଇଁ ଡାକ୍ତର କହିବାରୁ ୪ ଦିନ ହେବ ଧାଉଁଛି। ଆନ୍ଦୋଳନ ଯୋଗୁ ଡାକ୍ତର ନାହାନ୍ତି କହି କର୍ମଚାରୀମାନେ ଫେରାଇ ଦେଉଛନ୍ତି। ସେହିପରି ରୋଗୀ କବିତା ଖାର୍‌ସେଲ୍ ୪ ଦିନ ହେବ ଅଲଟ୍ରାସାଉଣ୍ଡ କରାଇବାକୁ ଆସିଥିବାବେଳେ ଡାକ୍ତର ନ ଥିବା କହି ଫେରାଇ ଦିଆଯାଉଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଅତି ଜରୁରୀ ନ ଥିଲେ ଏସ୍‌ସିବିକୁ ଅନ୍ୟ ମେଡିକାଲରୁ ରୋଗୀ ସ୍ଥାନାନ୍ତର ନ କରିବା ପାଇଁ ଅନୁରୋଧ କରିଛୁ। ଏସ୍‌ସିବିରେ ଥିବା ରୋଗୀଙ୍କ ପରୀକ୍ଷା ପାଇଁ ଯେଉଁ ସମସ୍ୟା ସୃଷ୍ଟି ହେଉଛି, ସେଥିପ୍ରତି ଦୁଃଖିତ। ହେଲେ ଡାକ୍ତରଙ୍କ ସୁରକ୍ଷା ନିହାତି ଜରୁରୀ ଥିବାରୁ ଏହି ଆନ୍ଦୋଳନ ଜାରି ରହିଛି। ଏହି ପରିସ୍ଥିତିକୁ ନଜରରେ ରଖି ଅଲ୍‌ଟ୍ରାସାଉଣ୍ଡ ଓ ଏକ୍ସ-ରେ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ରହିଛି। ଏବେ ଆବଶ୍ୟକ ମୁତାବକ ଏହା କରାଯାଉଥିବା ମିଶ୍ର କହିଛନ୍ତି।



ପିଆର୍‌ଏମ୍ ହସ୍ପିଟାଲ ଓପିଡି ଆଗରେ ଅପେକ୍ଷାରତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

## ୬୦କି.ମି. ଦୂରରୁ ଆସି ନିରାଶହୋଇ ଫେରିଲୁ

ବାରିପଦା, ୧୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲରେ ଓପିଡି ବନ୍ଦ ଥିବାରୁ ଦୂରଦୂରାନ୍ତରୁ ରୋଗୀମାନେ ଆସି ନାହିଁ ନ ଥିବା ହଇରାଣ ହୋଇଛନ୍ତି। କପ୍ତିପଦା ବ୍ଲକ ନୁଦୁଡିହା ଅଞ୍ଚଳରୁ ଆସିଥିବା ରୋଗୀ ମଣ୍ଟୁ ବଗାଳ କୁହନ୍ତି, ୬୦କି.ମି. ଦୂରରୁ ଡାକ୍ତର ଦେଖାଇବାକୁ ଆସିଥିଲି। ମାତ୍ର ଡାକ୍ତରମାନେ ରୋଗୀ ସେବା ବନ୍ଦ କରିବାରୁ ନିରାଶ ହୋଇ ଫେରିଲୁ। ଶୁଳିଆପଦା ବ୍ଲକରୁ ଆସିଥିବା ଯୋଗେଶ୍ୱର ଦେଓ କହନ୍ତି, ଅସ୍ଥି ବିଭାଗକୁ ଆସିଥିଲି। ଏଠାରେ ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ହଇରାଣ ହେବାକୁ ପଡିଲା। ରୋଗୀଙ୍କ ସେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ଥିଲା। ୫୦ କି.ମି. ଦୂରରୁ ରୋଗୀକୁ ନେବା ଆଣିବା କଷ୍ଟକର। ସେହିପରି ସର୍ଜରୀ ବିଭାଗକୁ ଆସିଥିବା ବଡଖଲାଡ଼ି ଗ୍ରାମର ସୁଦର୍ଶନ ବିନ୍ଧାଣୀ କୁହନ୍ତି, ଦୂର ସ୍ଥାନରୁ ଟଙ୍କା ଖର୍ଚ୍ଚ କରି ଆସିବା ପରେ ରୋଗୀ ସେବା ପାଇ ନ ଥିଲୁ। ଡାକ୍ତରମାନଙ୍କ ଆନ୍ଦୋଳନ ପୂର୍ବରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ବୋଲି ସେ କହିଥିଲେ।

# ହଇଗୋଳ କରନି, କ୍ୟାରିୟରକୁ ଦେଖ: ରିଜିଜୁ

- ବିଧାୟକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଜ୍ଞାନସଂସ୍କାର' ଉଦ୍‌ଘାଟିତ
- କର୍ମଶାଳା ବିଧାୟକଙ୍କ ପାଇଁ ଉପାଦେୟ ହେବ: ବାଚସ୍ପତି
- ବିକଶିତ ରାଜ୍ୟ ଗଠନରେ ବିଧାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ
- ଯୋଗ ଦେଲେନି ବିଜେଡି, କଂଗ୍ରେସ ବିଧାୟକ



ବିଧାନସଭା ପରିସରରେ ଅନୁଷ୍ଠିତ ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଓ ବିଧାୟକମାନେ।

ଭୁବନେଶ୍ୱର,୧୭।୮(ଅନିଲଦାସ)

ଦୁଇ ମିନିଟ୍ ଗୃହରେ ହଇଗୋଳ କରି ଖବରର ଶିରୋନାମା ନ ପାଲଟି ଲମ୍ବା କ୍ୟାରିୟର ପାଇଁ ଧ୍ୟାନଦେବାକୁ ବିଧାୟକମାନଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂଖ୍ୟାଲଘୁ ମନ୍ତ୍ରୀ କିରେନ୍ ରିଜିଜୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ବିଧାନସଭା ପରିସରରେ ନବନିର୍ବାଚିତ ବିଧାୟକଙ୍କ ନିମନ୍ତେ ଶନିବାର ଆରମ୍ଭ ହୋଇଥିବା ୨ ଦିନିଆ 'ଜ୍ଞାନସଂସ୍କାର' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଗୃହର କାର୍ଯ୍ୟକଳାପରେ ବିଧାୟକମାନଙ୍କର ସକ୍ରିୟ ଅଂଶଗ୍ରହଣ ରହିବା ଦରକାର। ରାଜନୈତିକ ଜୀବନରେ ଉତ୍‌ଥାନ, ପତନ ଲାଗିରହିଥାଏ। ପରସ୍ପର ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ତଥା ନିଜ ନିଜର ଅନୁଭୂତିକୁ ବାଣ୍ଟିଲେ ସେଥିରୁ ବହୁତ କିଛି ଶିକ୍ଷଣୀୟ ଉପାଦାନ ମିଳିଥାଏ। ଜଣେ ଭଲ ସାଂସଦ, ବିଧାୟକ ହେବା ପାଇଁ ଗଭୀର ଅଧ୍ୟୟନ ଓ ଜ୍ଞାନ ଆହରଣର ଆବଶ୍ୟକତା ରହିଛି ବୋଲି ରିଜିଜୁ କହିଛନ୍ତି।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ବିଧାନସଭାର କାର୍ଯ୍ୟଧାରା ଓ ତତ୍ ସମ୍ପର୍କିତ ନିୟମ ତଥା ବ୍ୟବସ୍ଥାପକମାନଙ୍କ ଦାୟିତ୍ୱ, ଅଧିକାର ଓ ସ୍ୱାଧିକାର ସମ୍ପର୍କରେ ଆଲୋଚନା ହୋଇଆସୁଅଛି। ଫଳରେ ଜନସ୍ୱାର୍ଥ ସମ୍ବଳିତ ବିଷୟଗୁଡ଼ିକୁ ଆଲୋଚନା ପାଇଁ ବିଧାନସଭାରେ ସଦସ୍ୟମାନେ ନିର୍ଦ୍ୱନ୍ଦ୍ୱରେ ଯୋଗଦାନକରି ଜନହିତକର କାର୍ଯ୍ୟ ପାଇଁ ସ୍ୱର ଉତ୍ତୋଳନ କରିପାରୁଛନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗଣତାନ୍ତ୍ରିକ ଶାସନ ପଦ୍ଧତିର ଠିକ୍ କାର୍ଯ୍ୟକାରିତା ହିଁ ଆମ ଦେଶକୁ ଉନ୍ନତି ପଥରେ ଅଗ୍ରସର କରାଇ ଚାଲିଛି। ସେହିପରି ଓଡ଼ିଆ ଅସ୍ମିତା ଓ ପରମ୍ପରାକୁ ନେଇ ଆମ ଓଡ଼ିଶାକୁ ବିକଶିତ ଭାରତବର୍ଷର ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ସକାଶେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ଏ କ୍ଷେତ୍ରରେ ଜନ ପ୍ରତିନିଧିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ମତରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସବୁବେଳେ ଯୋଗ୍ୟ ବ୍ୟକ୍ତି ଓ ସମାଜସେବାରେ ବ୍ରତୀ ରହୁଥିବା ଲୋକ ପ୍ରତିନିଧି ନିର୍ବାଚିତ ହୋଇଆସିବା ଦରକାର। ଏହି କର୍ମଶାଳା ସଦସ୍ୟମାନଙ୍କୁ ବିଧାନସଭାର କାର୍ଯ୍ୟଧାରା ଓ ପରିଚାଳନା ଅନୁସାରେ ଗୃହର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜଣେ ଶୃଙ୍ଖଳିତ ସଦସ୍ୟ ହୋଇ ନିୟମର ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆମ ଗଣତାନ୍ତ୍ରିକ ଶାସନ ହେଉଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ଜନସାଧାରଣଙ୍କ ଆଶା, ଭରସା ଓ ଆସ୍ଥାକୁ ନିଷ୍ଠା, ସାଧୁତା ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବା ହେଉଛି ଏହି ପଦପଦବୀର ଉପଯୁକ୍ତ ଯୋଗ୍ୟତା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିବାବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ ଇ-ବିଧାନ ପ୍ରୟୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଉପବାଚସ୍ପତି ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଆଇସି ଓଡ଼ିଶାର ରାଜ୍ୟ ଇନଫର୍ମେଟିକ ଅଫିସର ଅଶୋକ କୁମାର ହୋତା, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ସଞ୍ଜୀବ ପ୍ରମୁଖ ଏହି ପ୍ରୟୋଗ ମାଧ୍ୟମରେ ବିଧାନସଭାର କାର୍ଯ୍ୟ କିପରି ସହଜ, ସୁନ୍ଦର ହୋଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଜନପ୍ରତିନିଧିଙ୍କର ବିଶେଷ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ବଜେଟ ପ୍ରସ୍ତୁତି ଓ ଉପସ୍ଥାପନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଲୋକ ସଭା ସଚିବାଳୟର ନିର୍ଦ୍ଦେଶକ ବଜେଟ ଉପସ୍ଥାପନ ସମ୍ପର୍କରେ ଆଲୋଚନା କରିଥିଲେ । ବିଧାୟକ ରଘୁନାଥ ଜଗଦଲାଙ୍କ ଅଧ୍ୟକ୍ଷତାରେ ବିଧାୟକମାନଙ୍କର ପ୍ରଶ୍ନ ଉପସ୍ଥାପନ ଶୈଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଲୋକ ସଭା ସଚିବାଳୟର ପୂର୍ବତନ ଯୁଗ୍ମସଚିବ ବିନୟ କୁମାର ମୋହନ ଏ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଧାନସଭାର ସଚିବ ଦାଶରଥି ଶତପଥୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀଙ୍କ ଯୋଗଦାନକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ବିଧାୟକମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି।

# ବିଧାନସଭାର ମର୍ଯ୍ୟାଦା ରକ୍ଷା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବର୍ଜନ: ବିଜେଡି

ଭୁବନେଶ୍ୱର,୧୭।୮(ଅନିଲଦାସ)

**ଅଗଷ୍ଟ ୨୫ରେ ବିଜେଡିର ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ବିଜେଡି ବିଧାୟକମାନଙ୍କ ପାଇଁ ଅଗଷ୍ଟ ୨୫ରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶଙ୍ଖ ଭବନଠାରେ ସକାଳ ୧୦ଟାରେ ବିଜେଡି ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ଦଳର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି। ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଏଥିରେ ଉଦ୍‌ଘାଟନ ଓ ଉଦ୍‌ଯାପନ କାର୍ଯ୍ୟକ୍ରମ ବ୍ୟତୀତ ବିଭିନ୍ନ ପ୍ରସଙ୍ଗ ଉପରେ ସମୁଦାୟ ୮ଟି ସେସନ ହେବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓ ଅଭିଜ୍ଞ ବିଧାୟକମାନେ ନୂଆ ସଦସ୍ୟମାନଙ୍କୁ ବିଧାନସଭାର କାର୍ଯ୍ୟଶୈଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ବିଧାନସଭା ନୀତି ନିୟମ ବାବଦରେ ଯେଉଁମାନଙ୍କର ଜ୍ଞାନ ଅଛି ସେମାନେ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ସେ କହିଛନ୍ତି ।

ପ୍ରତାପ ଦେବ ଆହୁରି କହିଛନ୍ତି, ଓଡ଼ିଶା ବିଧାନସଭାରେ ବିଧାୟକମାନଙ୍କ ପାଇଁ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମକୁ ବିଜେଡି ବର୍ଜନ କରିଛି । ବିଜୁ ଜନତା ଦଳ କେବେ କୌଣସି ବ୍ୟକ୍ତିବିଶେଷଙ୍କୁ ବିରୋଧ କରେ ନାହିଁ। ଗୃହର ନେତା ହେଉଛନ୍ତି ମୁଖ୍ୟମନ୍ତ୍ରୀ ଓ ବିଧାନସଭାର ଅଧ୍ୟକ୍ଷ ହେଉଛନ୍ତି ବାଚସ୍ପତି। ଏହି ଦୁଇଜଣ ଯଥାକ୍ରମେ ଉଦ୍‌ଘାଟନ ଓ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥି ରହିବା କଥା। ଗୃହର ପରମ୍ପରା, ନୀତି ନିୟମ ବଦଳିବା କଥା ନୁହେଁ। ଆମେ ବିରୋଧ କରିବା ପରେ ଏହି କାର୍ଯ୍ୟକ୍ରମର ଅତିଥି ତାଲିକା ପରିବର୍ତ୍ତନ ହେଲା । କିନ୍ତୁ ଏବେ ବି କେନ୍ଦ୍ରମନ୍ତ୍ରୀ ମୁଖ୍ୟ ଅତିଥି ହୋଇଛନ୍ତି। ଏହା ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ପଦ ପ୍ରତି ଘୋର ଅବମାନନା। ଏହି ପ୍ରଶିକ୍ଷଣ ଶିବିରରେ ଉଦ୍‌ଘାଟକ ଓ ଉଦ୍‌ଯାପନୀ ଉତ୍ସବର ଅତିଥିଙ୍କୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି ।

# ସଂକୀର୍ଣ୍ଣ ମାନସିକତାର ପରିଚୟ ଦେଇଛନ୍ତି ବିଜେଡି, କଂଗ୍ରେସ: ଭାଜପା

ଭୁବନେଶ୍ୱର,୧୭।୮(ଅନିଲଦାସ)

**'ଜ୍ଞାନସଂସ୍କାର'କୁ ବିରୋଧୀଙ୍କ ବହିଷ୍କାର ପ୍ରସଙ୍ଗ**

ବିଧାୟକମାନଙ୍କ ପାଇଁ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ନବନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭା ପରିଚାଳନା ଶୈଳୀ ଓ ସେଥିରେ ସେମାନଙ୍କର ଗଠନମୂଳକ ଅଂଶଗ୍ରହଣ ସମ୍ବନ୍ଧରେ ସବିଶେଷ ତାଲିମ ଦିଆଯାଇଥାଏ। ଏହା ନୂତନ ବିଧାୟକଙ୍କୁ ବିଧାନ ବ୍ୟବସ୍ଥାରେ ଅଧିକ ସକ୍ରିୟ ହେବା ପାଇଁ ସୁଯୋଗ ଦେଇଥାଏ। ଏହାର ସବିଶେଷ କାର୍ଯ୍ୟସୂଚୀ ଗୃହର ଅଧିଷ୍ଠାତା ବାଚସ୍ପତିଙ୍କ ଅନୁମୋଦନ କ୍ରମେ ସ୍ଥିରୀକୃତ ହୁଏ। ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ବିରୋଧୀ ଦଳର ଅନୁଭବୀ ନେତା ନବୀନ ପଟ୍ଟନାୟକ, ନରସିଂହ ମିଶ୍ର, ପ୍ରଫୁଲ୍ଲ ଘଡ଼େଇ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଧ୍ୟ ବାଚସ୍ପତି ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦଳୀୟ ବିବେଚନାରୁ ଊର୍ଦ୍ଧ୍ୱରେ ରଖିବା ପାଇଁ ବାଚସ୍ପତିଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛି। କିନ୍ତୁ ବିଜୁ ଜନତା ଦଳ ପ୍ରଶିକ୍ଷଣ ବ୍ୟବସ୍ଥାର ଏକ ସମାନ୍ତରାଳ କାର୍ଯ୍ୟକ୍ରମ ଆୟୋଜନ କରି ଶସ୍ତା ରାଜନୀତି କରୁଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କୌଣସି ରାଜନୈତିକ ଦଳ ନିଜ ନବନିର୍ବାଚିତ ବିଧାୟକମାନଙ୍କୁ ନିଜସ୍ୱ ଢଙ୍ଗରେ ପ୍ରଶିକ୍ଷିତ କରିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଗଣତାନ୍ତ୍ରିକ ପରମ୍ପରାରେ ବିଧାନସଭାର ଏକ ମର୍ଯ୍ୟାଦାଜନକ ସ୍ଥାନ ରହିଛି। ସେହି ପରମ୍ପରାକୁ ଭଙ୍ଗକରି ବିଜେଡି ନିଜ ଅହଂକାରୀ ଅଗଣତାନ୍ତ୍ରିକ ମନୋବୃତ୍ତିକୁ ସ୍ପଷ୍ଟ କରିଛି। "କାଳୀ ଗାଈର ଅଲଗା ଗୋଠ" ଭଳି ବିଜେଡିର ଏଭଳି ପ୍ରଚେଷ୍ଟା ଅସୁସ୍ଥ ମାନସିକତାର ପରିଚୟ। ବିଧାନ ବ୍ୟବସ୍ଥାରେ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକମାନେ ମିଳିତ ଭାବେ ପ୍ରଶିକ୍ଷିତ ହେବାର ଏହି ପରମ୍ପରାକୁ ଉଭୟ ବିଜେଡି ଓ କଂଗ୍ରେସ ସଂକୀର୍ଣ୍ଣ ଦଳୀୟ ରାଜନୈତିକ ଦୃଷ୍ଟିକୋଣରୁ ପରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଓ ବରିଷ୍ଠ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଦୀର୍ଘ ସଂସଦୀୟ ଅନୁଭବରୁ ଶିକ୍ଷାଗ୍ରହଣ କରିବାର ସୁଯୋଗକୁ ହାତଛଡ଼ା କରାଇବା ନିଜ ଦଳର ବିଧାୟକମାନଙ୍କ ବୌଦ୍ଧିକ ବିକାଶ ଦିଗରେ ଏକ ଘୃଣ୍ୟ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ସତ୍ୟବ୍ରତ କହିଛନ୍ତି। ଦଳମତ ନିର୍ବିଶେଷରେ ବିଧାୟକମାନେ ଯୋଗଦେବାର ସୁସ୍ଥ ଓ ମହାନ୍ ପରମ୍ପରା ରହିଆସିଛି। ପ୍ରଥମଥର ପାଇଁ ନବୀନ ପଟ୍ଟନାୟକ ଏହି ପରମ୍ପରାକୁ ଭାଙ୍ଗି ଗଣତାନ୍ତ୍ରିକ ମହାପାପ କରିଛନ୍ତି। ନବାଗତ ବିଧାୟକମାନଙ୍କୁ ସୁଯୋଗ ନ ଦେବା ଅଭ୍ୟାସରୁ ନିବୃତ୍ତ ହେବା ପାଇଁ ମହାପ୍ରଭୁ ଜଗନ୍ନାଥ ବିଜେଡି ମୁଖିଆ ନବୀନବାବୁଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ସେ କହିଛନ୍ତି ।

# ଭାଜପାରେ କେନ୍ଦୁଝର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷା



ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଶନିବାର କେନ୍ଦୁଝର ବିଜେଡି ନେତାମାନେ ଭାଜପାରେ ସାମିଲ ହୋଇଛନ୍ତି।

କେନ୍ଦୁଝର,୧୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଭାଜପାରେ ବହୁ ନେତା ସାମିଲ**

କେନ୍ଦୁଝର ଜିଲାରେ ବିଜେଡି ନେତାମାନେ ଏବେ ଭାଜପା ମୁହାଁ ହୋଇଛନ୍ତି। କେନ୍ଦୁଝରର ବିଧାୟକ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ଜଣକ ପରେ ଜଣେ ଭାଜପାରେ ଯୋଗଦେଉଛନ୍ତି। ଶନିବାର ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ଉପାଧ୍ୟକ୍ଷ ଦିଲ୍ଲୀପ ବେହେରା, ବିଜେଡି ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଜଗନ୍ନାଥ ସିଂହ, ସମିତି ସଭ୍ୟ ମନୋଜ ନାୟକ, ମମତା ବେହେରା, ପଟେଲ ପରିଡା, ସିଦ୍ଧାର୍ଥ ଶଙ୍କର ସାହୁ, ସରପଞ୍ଚ ଗୋବର୍ଦ୍ଧନ ସଞ୍ଜୟ ମୁଣ୍ଡା, ସଂକୀରି ସରପଞ୍ଚ ସଂଯୁକ୍ତା ନାୟକ, ଗୋପୀନାଥପୁର ସରପଞ୍ଚ ଚିନ୍ମୟ ନାଏକ, ରଘୁନାଥପୁର ସରପଞ୍ଚ ଗୌରୀ ନାଏକ ନରଣପୁର ସରପଞ୍ଚ, ପଦ୍ମପୁର ସରପଞ୍ଚ, ପଳାସ ପଙ୍ଗା ସରପଞ୍ଚ, ମଣ୍ଡୁଆ ସରପଞ୍ଚ କେତକୀ ନାଏକ ପ୍ରମୁଖ ଯୋଗଦେଇଛନ୍ତି। ଏ ସମ୍ପର୍କରେ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକଙ୍କୁ ପଚାରିବାରୁ ପରେ କହିବି ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ସେହିପରି ଅନ୍ୟ ଦଳର କେତେକ ନେତା ଭାଜପାରେ ମିଶିବାକୁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚା ଚାଲିଛି।

## ଅନାସ୍ଥା ଭୋଟ ପୂର୍ବରୁ କାଉନସିଲରଙ୍କ ଆତ୍ମଗୋପନକୁ ନେଇ ଚର୍ଚ୍ଚା

ନିମାପଡ଼ା,୧୭।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ଆସନ୍ତା ୨୦ ତାରିଖରେ ଅନାସ୍ଥା ଭୋଟ ହେବ। ଏହି ଭୋଟ ଗ୍ରହଣର ଅବ୍ୟବହିତ ପୂର୍ବରୁ ଏନ୍‌ଏସିର ବହୁ କାଉନସିଲର ପୌରାଞ୍ଚଳ ବାହାରେ ଆତ୍ମଗୋପନ କରିଥିବା ଚର୍ଚ୍ଚା ଚାଲିଛି। ଭାଜପା ସମର୍ଥିତ ୮ ଜଣ କାଉନସିଲର କବିତା ପ୍ରଧାନ, ନିବେଦିତା ପଟ୍ଟନାୟକ, ରଞ୍ଜିତା ପାତ୍ର, ଅନସୂୟା ପାଣି, କବିତା ତରାଇ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିରଞ୍ଜନ ନାୟକ, ରାଜକିଶୋର ସାହୁ ପ୍ରମୁଖ ଶନିବାର ଅପରାହ୍ନରୁ ନିମାପଡ଼ା ମୁଖ୍ୟାଳୟ ବାହାରେ ଆତ୍ମଗୋପନ କରିଛନ୍ତି। ସେମାନେ ସିଧାସଳଖ ୨୦ ତାରିଖରେ ପୂର୍ବାହ୍ନ ୧୦ଟାବେଳେ ଭୋଟ ଗ୍ରହଣର କିଛି ସମୟ ପୂର୍ବରୁ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ସ୍ୱତନ୍ତ୍ର ବୈଠକରେ ଯୋଗଦେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ଏବେ ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ମନ୍ଦିର ଅନୁଦାନ ଅର୍ଥକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ



ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଭାଜପା ନେତା।

ଭୋଗରାଇ, ୧୭।୮(ପ୍ରଦୀପ ଦାସ)

**ବିଧାୟକ ଉପଯୁକ୍ତ ପ୍ରମାଣ ଦେଲେ ରାଜନୀତି ଛାଡ଼ିଦେବି : ଏମ୍‌ପି**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀ କୂଳସ୍ଥିତ କୁମ୍ଭୀରଗଡ଼ି ଗ୍ରାମର ଭୂଷଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ଲାଗି ୩ କୋଟି, କମର୍ଦ୍ଦା ଶ୍ରୀଜଗନ୍ନାଥ ମନ୍ଦିର ଲାଗି ୫୦ ଲକ୍ଷ ଓ ଉଦୟପୁର ଗଙ୍ଗାମାତା ମନ୍ଦିର ପାଇଁ ପୂର୍ବ ବିଜେଡି ସରକାରଙ୍କ ଅର୍ଥ ମଞ୍ଜୁର ଓ ଘୋଷଣାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ କାଦୁଅଫିଙ୍ଗା ଚାଲିଛି।

ଗତ ୯ ତାରିଖରେ ଭୋଗରାଇ ବିଜେଡି ଶାଖା ପକ୍ଷରୁ ଭୂଷଣ୍ଡେଶ୍ୱର ମନ୍ଦିରରେ ପରିସରରେ ଏକ ସମାବେଶ ଓ ଖବରଦାତା ସମ୍ମିଳନୀ କରାଯାଇ ପ୍ରସିଦ୍ଧ ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ଓ ଭୋଗରାଇର ଧାର୍ମିକ ସ୍ଥାନଗୁଡ଼ିକରେ ପୂର୍ବର ବିଜେଡି ସରକାର ଦେଇଥିବା ଅର୍ଥକୁ ବର୍ତ୍ତମାନ ଭାଜପା ସରକାର ଫେରାଇନେବେ ବୋଲି ବିଧାୟକ ଗୌତମ ବୁଦ୍ଧ ଦାସ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗକୁ ବାଲେଶ୍ୱର ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଏନେଇ ଥାନାଛକସ୍ଥିତ ଭାଜପା ନୂତନ କାର୍ଯ୍ୟାଳୟରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଏମ୍‌ପି ଷଡ଼ଙ୍ଗୀ ଭୋଗରାଇ ବିଧାୟକଙ୍କ ଉପରେ ବର୍ଷିଛନ୍ତି। ୨୪ ବର୍ଷ ଶାସନ କାଳରେ ବିଜେଡି ସରକାର ଉନ୍ନୟନ ନାମରେ ବ୍ୟାପକ ଦୁର୍ନୀତି ବାରୁଦଗଦାରେ ଉପନୀତ ହୋଇଥିଲା ବେଳେ ତାହା ବିସ୍ଫୋରଣ ଘଟି ରାଜ୍ୟରେ ନୂତନ ଜନକଲ୍ୟାଣକାରୀ ସରକାର ଗଠିତ ହୋଇଛି। ପୂର୍ବରୁ କେବଳ କ୍ଷମତାକୁ ଆସିବା ଲାଗି ଭୋଗରାଇବାସୀଙ୍କୁ ବିଜେଡି ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଭାଜପା ସରକାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛି ଓ ଧର୍ମୀୟ ପୀଠର ନୂତନ କଳେବର ଲାଗି ଉଦ୍ୟମ ଜାରି ରଖିଛି। ଭୂଷଣ୍ଡେଶ୍ୱର ଓ ଗଙ୍ଗାମାତା ମନ୍ଦିର ନିର୍ମାଣ ଅର୍ଥ ଫେରିଯିବା ସମ୍ପୂର୍ଣ୍ଣ ଅସତ୍ୟ, ଭୋଗରାଇବାସୀଙ୍କୁ ଭ୍ରମିତ ଓ ପ୍ରତାରିତ କରିବା ଲାଗି ଅପଚେଷ୍ଟା କରାଯାଇଛି। ଭୋଗରାଇ ବିଧାୟକ ଏହି ଅର୍ଥ ଫେରିଯିବାର ଉପଯୁକ୍ତ ପ୍ରମାଣ ଦେଲେ ମୁଁ ରାଜନୀତି ଛାଡ଼ିଦେବି ବୋଲି ଏମ୍‌ପି କହିଛନ୍ତି। ଅପରପକ୍ଷେ ପ୍ରମାଣ ଦେଇ ନ ପାରିଲେ ବିଧାୟକ କ'ଣ କରିବେ ବୋଲି ଖବରଦାତାଙ୍କୁ ଏମ୍‌ପି ଷଡଙ୍ଗୀ ଓଲଟା ପ୍ରଶ୍ନ କରିଥିଲେ। ଏଥିରେ ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, କ୍ୟାପଟେନ ଅଶୋକ ଦାସ, ସୁନୀଲ କୁମାର କର, ଅମଳେନ୍ଦୁ ଦାସ, ରାଜକୁମାର ଦାସ, ସତ୍ୟପ୍ରିୟ ଜେନା, ରାଧାକାନ୍ତ ପ୍ରଧାନ, ସଞ୍ଜୀବ କୁମାର ସାହୁ, ନୀଳକଣ୍ଠ ଘୋଷଙ୍କ ସହ ୬ ମଣ୍ଡଳ ସଭାପତି ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ଏମ୍‌ପି, ବିଧାୟକ ବୁଲିଲେ ପୋଲାଭରମ୍ ପ୍ରକଳ୍ପ କ୍ଷତିଗ୍ରସ୍ତ ଅଞ୍ଚଳ



ପୋଲାଭରମ୍ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରୁଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସମେତ କଂଗ୍ରେସର ବିଧାୟକ ଓ ଦଳୀୟ ନେତା।

ମାଲକାନଗିରି, ୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ଅବିଭକ୍ତ କୋରାପୁଟ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ପୋଲାଭରମ୍ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁଥିବା ଅଞ୍ଚଳ ଗସ୍ତକରି ଗ୍ରାମବାସୀ ଓ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍, ରାୟଗଡା ବିଧାୟକ ଆପାଲାସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଡାବୁଗାଁର ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଆର୍‌ଜିପିଆର୍‌ଏସ୍ ସଂଗଠକ ରୂପକ ତୁରୁକ ଓ ବରିଷ୍ଠ କଂଗ୍ରେସ ନେତାମାନେ କ୍ଷତିଗ୍ରସ୍ତ ହେବାକୁଥିବା ଅଞ୍ଚଳ ବୁଲିଥିଲେ। ସମସ୍ତ ନେତା ମୋଟୁ ପଞ୍ଚାୟତ ଅଧୀନ ମୋଟୁ, ମୁଗି ପଏଣ୍ଟ, ବିନାୟକପୁର ଓ ଆଲମ୍ ଆଦି ଅଞ୍ଚଳ ପରିଦର୍ଶନ କରି ପୋଲାଭରମ୍ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ଓ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ।

# କାରଖାନା ଶ୍ରମିକଙ୍କ ଦରମା ୨୦ହଜାରରୁ କମ୍

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)



ଭାରତର ବିଭିନ୍ନ କାରଖାନା ତଥା ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରମ ପ୍ରଦାନ କରୁଥିବା ଅଧିକାଂଶ ଶ୍ରମିକ (ବ୍ଲୁ-କଲର) ମାସିକ ୨୦,୦୦୦ ଟଙ୍କା କିମ୍ବା ତା'ଠାରୁ କମ୍ ଦରମା ପାଇଥା'ନ୍ତି। ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ଶ୍ରମିକଙ୍କ ଏକ ବୃହତ୍ ଭାଗ ଆର୍ଥିକ ଚାପରେ ପୀଡ଼ିତ ଏବଂ ଗୃହ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି, ୫୭.୬୩ ପ୍ରତିଶତରୁ ଅଧିକ ଶ୍ରମ ଆବଶ୍ୟକ କରୁଥିବା ପଦବୀ ମାସିକ ୨୦,୦୦୦ ଟଙ୍କା କିମ୍ବା ତା'ଠାରୁ କମ୍ ବେତନ ସୀମା ମଧ୍ୟରେ ରହିଛି। ଅନେକ ଶ୍ରମିକ ସର୍ବନିମ୍ନ ମଜୁରିରେ ଚାକିରି କରୁଥିବା ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ରିପୋର୍ଟରେ ଦର୍ଶାଯାଇଛି, ପ୍ରାୟ ୨୯.୩୪ ପ୍ରତିଶତ ଶ୍ରମ ଆବଶ୍ୟକ କରୁଥିବା ଚାକିରି ମଧ୍ୟମ ଆୟ ଗୋଷ୍ଠୀରେ ଅଛି ଏବଂ ଦରମା ମାସକୁ ୨୦,୦୦୦-୪୦,୦୦୦ ଟଙ୍କା ମଧ୍ୟରେ ରହିଛି। ଏଥିରେ କୁହାଯାଇଛି, ଏହି ବର୍ଗର ଶ୍ରମିକମାନେ ଆର୍ଥିକ ସୁରକ୍ଷାରେ ସାମାନ୍ୟ ଉନ୍ନତି ଅନୁଭବ କରନ୍ତି, ମାତ୍ର ଆରାମଦାୟକ ଜୀବନଧାରଣ ହାସଲ କରିବା ଠାରୁ ବହୁ ଦୂରରେ ରହିଯାଇଥା'ନ୍ତି। ରିପୋର୍ଟ ଅନୁଯାୟୀ, ଏହି ପରିସରର ଆୟ ଆବଶ୍ୟକତା ପୂରଣ କରେ କିନ୍ତୁ ସଞ୍ଚୟ କିମ୍ବା ପୁଞ୍ଜି ବିନିଯୋଗ ପାଇଁ ଅଳ୍ପ ପରିସର ସଂକୀର୍ଣ୍ଣ କରିଥାଏ। ଏହି ବର୍ଗର ଶ୍ରମିକମାନଙ୍କ ଏକ ବୃହତ୍ ଭାଗର ଆର୍ଥିକ ଦୁର୍ବଳତାକୁ ଦର୍ଶାଉଛି।

ଏନେଇ ୱାର୍କ ଇଣ୍ଡିଆର ସହ-ପ୍ରତିଷ୍ଠାତା ନୀଲେଶ ଡଙ୍ଗରୱାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତଥ୍ୟ ଦର୍ଶାଉଛି ଯେ ସ୍ୱଳ୍ପ ବେତନଯୁକ୍ତ ଚାକିରି ଏବଂ ଅଧିକ ଆୟ ପାଇଁ ସୀମିତ ସୁଯୋଗର ଶ୍ରମ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅସମାନତା କେବଳ ଶ୍ରମଶକ୍ତିର ଏକ ବୃହତ୍ ଅଂଶ ସମ୍ମୁଖୀନ ହେଉଥିବା ଅର୍ଥନୈତିକ ଆହ୍ୱାନକୁ ପ୍ରତିଫଳିତ କରୁନାହିଁ, ବରଂ ସାମାଜିକ ସ୍ଥିରତା ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ବ୍ୟାପକ ପ୍ରଭାବ ପକାଇଥାଏ ବୋଲି ସେ କହିଛନ୍ତି।

# ଡ.ସତ୍ୟବ୍ରତ ସିବିଏସ୍ଇ ଦିଲ୍ଲୀ ଗଭର୍ନିଂ ବଡିର ସଦସ୍ୟ ମନୋନୀତ

ଭୁବନେଶ୍ୱର, ୧୭।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆ ନିକଟସ୍ଥ 'ଓଡିଏମ୍' ସମୂହର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ ବା ସିବିଏସ୍ଇ)ର ଦିଲ୍ଲୀ ଗଭର୍ନିଂ ବଡି ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିସ୍ତୃତ ସୂଚନା ପ୍ରଦାନ ସହ ବିଜ୍ଞପ୍ତି ଜରିଆରେ ଡ.ସତ୍ୟବ୍ରତ ସିବିଏସ୍ଇ ଦିଲ୍ଲୀ ଗଭର୍ନିଂ ବଡିର ସଦସ୍ୟଭାବେ ମନୋନୀତ ହୋଇଛନ୍ତି ବୋଲି ସିବିଏସ୍ଇ ପକ୍ଷରୁ ଓଡିଏମ୍ ସମୂହକୁ ସୂଚନା ଦିଆଯାଇଛି।

ଭାରତବର୍ଷର ୪ଜଣ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ତାଙ୍କର ଏହି ସର୍ବୋଚ୍ଚ ସମିତିକୁ ମନୋନୟନ ହେବା ସମଗ୍ର ଓଡ଼ିଶା ପାଇଁ ଏକ ବୃହତ୍ତର ଗର୍ବ ଓ ଗୌରବର ବିଷୟ ବୋଲି ଓଡିଏମ୍ ସମୂହ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ଡ. ସତ୍ୟବ୍ରତ ମୀନକେତନ

ସିବିଏସ୍ଇର ବରିଷ୍ଠ ଅଧିକାରୀ ଚିଠି ଦ୍ୱାରା ଭାରତ ସରକାରଙ୍କର ଏହି ମନୋନୟନର ନିର୍ଣ୍ଣୟକୁ ଡ.ମୀନକେତନଙ୍କୁ ଜଣାଇବା ସହ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ଓଡିଏମ୍ ସମୂହର ସମସ୍ତ ଅନୁବନ୍ଧିତ ବିଦ୍ୟାଳୟ ତଥା ଅନ୍ୟ ଶିକ୍ଷା ସଂସ୍ଥାନଗୁଡ଼ିକ ମଧ୍ୟ ଡ.ମୀନକେତନଙ୍କୁ ଶୁଭକାମନା ଓ ଅଭ୍ୟର୍ଥନା ଜଣାଇଛନ୍ତି।

ଡ. ମୀନକେତନ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ତଥା ସିବିଏସ୍ଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ନିକଟରେ ନିଜର ଗଭୀର ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ କହିଛନ୍ତି, ବୃହତ୍ତର ଜନକଲ୍ୟାଣ ନିମିତ୍ତ ଦେଶରେ ଶିକ୍ଷାର ବିକାଶ ଓ ସମୃଦ୍ଧି ହେତୁ ଏହି ବଡ଼ ଦାୟିତ୍ୱକୁ ସେ ନିଶ୍ଚୟ ହାର୍ଦ୍ଦିକତା ଓ ପ୍ରତିବଦ୍ଧତାର ସହିତ ବହନକରି ସମ୍ପନ୍ନ କରିବେ।

ଅପରପକ୍ଷରେ ଡ. ମୀନକେତନଙ୍କ ଏଭଳି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ.ଦାସ, ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ରଙ୍କ ସମେତ ସ୍କୁଲର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ରିଲାଏନ୍ସ ଫାଉଣ୍ଡେଶନ ସ୍କଲାରଶିପ ଆବେଦନର ଶୁଭାରମ୍ଭ

ମୁମ୍ବାଇ, ୧୭।୮




ପ୍ରତି ବର୍ଷ ଭଳି ଚଳିତ ବର୍ଷ ରିଲାଏନ୍ସ ଫାଉଣ୍ଡେଶନର ବହୁ ପ୍ରତୀକ୍ଷିତ ଛାତ୍ରବୃତ୍ତି ଆବେଦନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ୫,୧୦୦ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରିବା ସହ ଆବେଦନ ପାଇଁ ମଧ୍ୟ ଆହ୍ୱାନ କରାଯାଇଛି। ସେହିଭଳି ସମଗ୍ର ଭାରତରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ପୂର୍ଣ୍ଣକାଳୀନ ନିୟମିତ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଉଥିବା ପ୍ରଥମ ବର୍ଷ ସ୍ନାତକ ଓ ସ୍ନାତକୋର ଛାତ୍ରୀଛାତ୍ରମାନେ ଏଥିପାଇଁ ଆବେଦନ କରିପାରିବେ। ଏହି ଛାତ୍ରବୃତ୍ତିର ଆନୁଷ୍ଠାନିକ ଆବେଦନ ଆରମ୍ଭ ହୋଇଯାଇଥିଲାବେଳେ ୨୦୨୪ ଅକ୍ଟୋବର ୬ ଆବେଦନର ଶେଷ ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ସ୍ନାତକ ପାଠ୍ୟକ୍ରମରେ ସମସ୍ତ ବିଷୟ ପାଇଁ ଛାତ୍ରବୃତ୍ତି ଦିଆଯାଉଛି ଏବଂ ଯୋଗ୍ୟ ବିବେଚିତ ୫୦୦୦ ସ୍ନାତକ ଛାତ୍ରୀଛାତ୍ରଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏପରିକି ସ୍ନାତକ ପାଠ୍ୟକ୍ରମରେ ପ୍ରଥମ ବର୍ଷର ଯୋଗଦେଉଥିବା ସମସ୍ତ ଛାତ୍ରୀଛାତ୍ର ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ସେମାନଙ୍କୁ ଯୋଗ୍ୟତା ଏବଂ ପାରିବାରିକ ଆୟ ଆଧାରରେ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ, ଯାହା ଦ୍ୱାରା ବିନା ଆର୍ଥିକ ବୋଝରେ ସେମାନେ ନିଜ ପାଠପଢ଼ା ଜାରି ରଖିପାରିବେ। ସ୍ନାତକୋର ପାଠ୍ୟକ୍ରମରେ ଇଞ୍ଜିନିୟରିଂ, ଟେକ୍ନୋଲୋଜି, ଶକ୍ତି ଏବଂ ଲାଇଫ ସାଇନ୍ସ ବିଷୟଗୁଡ଼ିକ ପାଇଁ ଛାତ୍ରବୃତ୍ତି ଦିଆଯାଉଛି ଏବଂ ଏହା କେବଳ ଯୋଗ୍ୟତା ଆଧାରରେ ଦିଆଯିବ। ସ୍ନାତକୋର ପାଠ୍ୟକ୍ରମରେ ନାମ ଲେଖାଉଥିବା ୧୦୦ଛାତ୍ରୀଛାତ୍ରଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ବାଲ୍ୟ ଶିକ୍ଷାଠାରୁ ଆରମ୍ଭକରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ରିଲାଏନ୍ସ ଫାଉଣ୍ଡେଶନ କାର୍ଯ୍ୟର କେନ୍ଦ୍ରରେ ଶିକ୍ଷା ରହିଛି। ୨୦୨୨ ଡିସେମ୍ବରରେ ରିଲାଏନ୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ରିଲାଏନ୍ସ ଫାଉଣ୍ଡେଶନ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବ ବୋଲି ଘୋଷଣା କରିଥିଲେ। ଫଳରେ ଏହା ଭାରତର ସର୍ବବୃହତ୍ ଘରୋଇ ଛାତ୍ରବୃତ୍ତିରେ ପରିଣତ ହୋଇଛି। ସେବେଠାରୁ ପ୍ରତି ବର୍ଷ ୫୧୦୦ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଉଛି। ରିଲାଏନ୍ସ ଫାଉଣ୍ଡେଶନର ୱେବ୍‌ସାଇଟ www.scholar-ships.reliancefoundation.org ମାଧ୍ୟମରେ ଛାତ୍ରୀଛାତ୍ର ଅନ୍‌ଲାଇନରେ ଆବେଦନ କରିପାରିବେ ଏବଂ ଅଧିକ ସୂଚନା ମଧ୍ୟ ହାସଲ କରିପାରିବେ।

# ଏ ମନ୍ଥ ଅଫ୍ ଜୟଫୁଲ୍

ଭୁବନେଶ୍ୱର, ୧୭।୮

ଲାଇଫ୍ ହୋଟେଲ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଏ ମନ୍ଥ ଅଫ୍ ଜୟଫୁଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଚଳିତ ମାସରେ ହେବାକୁ ଥିବା ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଲାଇଫ୍ ହୋଟେଲ ଭୁବନେଶ୍ୱର ଆନନ୍ଦ ଓ ଉତ୍ସବର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ସମୃଦ୍ଧ ଅନୁଭୂତି ପ୍ରସ୍ତୁତ କରିବା ପାଇଁ ଏହାର ପ୍ରତିବଦ୍ଧତା ପ୍ରଦର୍ଶନକରି ହୋଟେଲରେ ଏକ ଉତ୍ସବର ଧାଡ଼ି ଉପସ୍ଥାପନ କରାଯାଇଛି। ଏହି ଉତ୍ସବ ୨୦୨୪ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଜାରି ରହିବ। ୨୦୨୪ ଅଗଷ୍ଟ ୧୫ରେ ଲିଫେ କିଚେନ୍‌ର ଏକ ଭବ୍ୟ ବ୍ରଚ୍ ସହିତ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି, ଯାହାର ମୂଲ୍ୟ ୧୮୯୫ ଟଙ୍କା (ଟିକସ ବ୍ୟତୀତ) ରହିଛି। ଲାଇଭ୍ ବାଦ୍ୟ ସଙ୍ଗୀତ ଏବଂ ଚେହେରା ଚିତ୍ରକଳା କାର୍ଯ୍ୟକଳାପ ଏବଂ ଦେଶାତ୍ମବୋଧକ ଗୀତ ଦ୍ୱାରା ବୃଦ୍ଧିପାଇବ। ଏହି ହୋଟେଲର ସାଜସଜ୍ଜା ଦେଶର ରଙ୍ଗକୁ ପ୍ରତିଫଳିତ କରିବା ସହ ଏକ ଜୀବନ୍ତ ଓ ଦେଶାତ୍ମବୋଧକ ପରିବେଶ ସୃଷ୍ଟି କରିବ। ଅଗଷ୍ଟ ୧୯ରେ ରକ୍ଷାବନ୍ଧନର ସମସ୍ତ ଭୋଜନ ଉପରେ ୨୦% ରିହାତି ଏବଂ ଅଗଷ୍ଟ ୧୪ରୁ ରକ୍ଷାବନ୍ଧନ ହାମ୍ପର୍ସ ଉପରେ ୨୦% ରିହାତି ପ୍ରଦାନ କରାଯାଉଛି, ଯାହା ପରିବାରଗୁଡ଼ିକୁ ଏକ ସ୍ମରଣୀୟ ଉତ୍ସବ ସୁନିଶ୍ଚିତ କରିବ।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଓଏମ୍‌ସି ସମ୍ମାନିତ

ଭୁବନେଶ୍ୱର, ୧୭।୮



ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ନିକଟରେ ଆଉ ଏକ ରାଜସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଓଏମ୍‌ସିର ଚିତ୍ତାକର୍ଷକ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ପାଇଁ ଏହି ପୁରସ୍କାର ଲାଭ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମ୍‌ସିକୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଏମ୍‌ସିର ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଳ ଏବଂ ଲୋକ ସମ୍ପର୍କ ଅଧିକାରୀ ସନ୍ଦୀପ କୁମାର ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ୨୦୨୪ ଜାନୁଆରୀ ୨୬ ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ନିଗମ ଅତି ଚିତ୍ତାକର୍ଷକ ଭାବେ ଏକ ପ୍ରଜ୍ଞାପନ ମେଢ ଉପସ୍ଥାପନ କରିଥିଲା। ଏହି ପ୍ରଜ୍ଞାପନ ମେଢ଼ ଓଏମ୍‌ସିର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ନିଗମର ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଏପରିକି ଓଡ଼ିଶାର ବିକାଶରେ ଭାଗୀଦାରି ତଥା ନିଜର ସଷ୍ଟେନେବଲ ମାଇନିଂ ଓ ଭାରତୀୟ ଖଣିଜ ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ ୫ତାରକା ମାନ୍ୟତା ଏବଂ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ କାର୍ଯ୍ୟକ୍ରମ ଆଦିକୁ ପ୍ରଦର୍ଶନ କରିଥିଲା। ନିଗମର ପ୍ରଭାବଶାଳୀ ଭୂମିକା ପାଇଁ ଜାତୀୟସ୍ତରର ସର୍ବୋଚ୍ଚ 'ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର-୨୦୨୩' ପାଇବାର ଗୌରବ ଆଦିକୁ ମଧ୍ୟ ନିଗମ ଉପସ୍ଥାପନ କରିଥିଲା। ସେହିପରି ଭାରତର ଅଗ୍ରଣୀ ଖଣି କମ୍ପାନୀଗୁଡ଼ିକ ମଧ୍ୟରୁ ଓଏମ୍‌ସି ଅନ୍ୟତମ ଓ ରାଜ୍ୟର ବିକାଶରେ ନିଜର ଭାଗୀଦାରି ଭୂମିକା ଗ୍ରହଣକରି ଗର୍ବିତ ମନେକରୁଛି।

# ୭୮ତମ ସ୍ୱାଧୀନତା ଦିବସ ସମାରୋହ



ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ସର ଓଡ଼ିଶା ମାଇନିଂ ଡିଭିଜନର ସୁନ୍ଦରଗଡ଼ସ୍ଥିତ ନାରାୟଣପୋଷୀ ଖଣିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ମାଇନିଂ ଡିଭିଜନର ସିଓଓ ସୌଭିକ ମଜୁମଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା, ରାମଶଙ୍କର ଶର୍ମା, ଚିତ୍ତରଞ୍ଜନ ବାହିନୀପତି, ସୁବ୍ରତ ସାହୁ ଏବଂ ବି.କେ. ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଟିପିସିଓଡିଏଲ୍ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ଭୁବନେଶ୍ୱରର ପାୱାର ହାଉସସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।




ଏନ୍‌ଟିପିସି ଲିମିଟେଡ୍ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଟିପିସି ଇଆର୍-୨ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏନ୍‌ଟିପିସିର ଆର୍‌ଇଡି (ମୁଖ୍ୟାଳୟ ଇଆର୍-୨) ଅରିନ୍ଦମ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଟିପିସିରର ଆଞ୍ଚଳିକ ମୁଖ୍ୟ ତଥା ଏଚ୍ଆର୍ ପ୍ରଭାତ ରାମଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ମୁମ୍ବାଇସ୍ଥିତ ବ୍ୟାଙ୍କର କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ଯୋଗଦେଇ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଓବିର ସିଭିଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍) ଇଣ୍ଡିଆ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝରର ଡାବୁନାସ୍ଥିତ ଏଏମ୍ଏନ୍ଏସ୍ ଇଣ୍ଡିଆ ବେନିଫିସିଏସନ୍ ପ୍ଲାଣ୍ଟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଏଏମ୍ଏନ୍ଏସ୍ ଇଣ୍ଡିଆର ବେନିଫିସିଏସନ୍ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏଏମ୍ଏନ୍ଏସ୍ ଇଣ୍ଡିଆ ଡାବୁନାର ଲଜିଷ୍ଟିକ ମୁଖ୍ୟ ଜୟକିଶନ ଶର୍ମାଙ୍କ ସମେତ କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।



ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ବ୍ୟାଙ୍କର ଏଫ୍‌ଜିଏମ୍ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ବ୍ୟାଙ୍କର ଏଫ୍‌ଜିଏମ୍ ଏମ୍. ଅରୁଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ରେୟନ୍ ପରିବାରବର୍ଗ


ପିହୁ ପରିବାରବର୍ଗ


ଗୁଡ୍ଡୁନୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ପାରାଲିମ୍ପିକ୍ସରେ ଭାରତ ଜିତିବ ୨୫ ପଦକ'

**ନୂଆଦିଲ୍ଲୀ,୧୭।୮(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଅନ୍ୟୂନ ୨୫ପଦକ ହାସଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି ଭାରତୀୟ ପାରାଲିମ୍ପିକ୍ସ କମିଟି (ପିସିଆଇ) ମୁଖ୍ୟ ଦେବେନ୍ଦ୍ର ଝାଝରିଆ। ଭାରତୀୟ ଷ୍ଟାର ଶଟଲର ପ୍ରମୋଦ ଭଗତ ବାଦ୍ ପଡ଼ିଥିଲେ ମଧ୍ୟ ଏହା ଭାରତୀୟ ପ୍ରଦର୍ଶନକୁ ପ୍ରଭାବିତ କରିବ ନାହିଁ ବୋଲି ଝାଝରିଆ କହିଛନ୍ତି। ଡୋପିଂ ନିରୋଧୀ ନିୟମର ଉଲ୍ଲଂଘନ କାରଣରୁ ଭଗତଙ୍କୁ ୧୮ ମାସ ପାଇଁ ବାସନ୍ଦ କରାଯାଇଥିଲା। ତେବେ ଚଳିତବର୍ଷ ଭାରତ ପାରାଲିମ୍ପିକ୍ସ ପାଇଁ ଏହାର ସର୍ବବୃହତ୍ ୮୪ ଜଣିଆ ଆଥ୍‌ଲେଟିକ୍ସ ଦଳ ପ୍ରେରଣ କରିଛି। ଏହି ଦଳରେ ଆରମ୍ଭରୁ ପ୍ରମୋଦଙ୍କ ନାମ ନ ଥିଲା। ତେଣୁ ଭାରତ ଏହି ୮୪ ଖେଳାଳିଙ୍କ ନିକଟରୁ ହିଁ ୨୫ ପଦକର ଆଶା ରଖିଛି। ଏହା ନିଃସନ୍ଦେହ କି ପ୍ରମୋଦ ଆମର ଜଣେ ତାରକା ଆଥ୍‌ଲେଟ। ମାତ୍ର ଭାରତ ନିକଟରେ ପ୍ରତିଭାର ଭଣ୍ଡାର ରହିଛି ବୋଲି ସେ କହିଛନ୍ତି। ପ୍ରମୋଦ ଟୋକିଓ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ୟାରିସ୍ ପାରାଲିମ୍ପିକ୍ସ ପାଇଁ ମଧ୍ୟ ତାଙ୍କୁ ଫେଭରିଟ୍ ଭାବରେ ବିବେଚନା କରାଯାଉଥିଲା। ତେବେ ଚଳିତ ବର୍ଷ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖି ୨୫ ପଦକର ଭବିଷ୍ୟବାଣୀ କରିଥିବା କହିଛନ୍ତି ଦେବେନ୍ଦ୍ର।

ଆସନ୍ତା ଅଗଷ୍ଟ ୨୮ ତାରିଖରୁ ପାରାଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଭାରତ ଟୋକିଓରେ ୧୯ଟି ପଦକ ହାସଲ କରିଥିବା ବେଳେ ପାରା ଏସିଆନ୍ ଗେମ୍ସରେ ୧୧୧ ପଦକ ହାସଲ କରିଥିଲା। ଭାରତ ଏହାର ପାରାଲିମ୍ପିକ୍ସ ଇତିହାସରେ ସର୍ବବୃହତ ଦଳ ପ୍ରେରଣ କରିଥିବା ବେଳେ ଅତିକମ୍‌ରେ ୨୫ ପଦକ ଜିତିବ ବୋଲି ଡବଲ୍ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଦେବେନ୍ଦ୍ର ଝାଝରିଆ ପ୍ରକାଶ କରିଛନ୍ତି। ଭାରତ ସମୁଦାୟ ୧୨ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବ।

ଭାରତୀୟ ଆଥ୍‌ଲେଟମାନେ ଚମତ୍କାର ଫର୍ମରେ ରହିଛନ୍ତି। ପାରାଲିମ୍ପିକ୍ସ ପାଇଁ ସମସ୍ତ ଆଥ୍‌ଲେଟଙ୍କ ପ୍ରସ୍ତୁତି ମଧ୍ୟ ଶୀର୍ଷସ୍ତରୀୟ ରହିଛି ବୋଲି ଝାଝରିଆ କହିଛନ୍ତି। ଏହି ଖେଳାଳିମାନେ ଭାରତକୁ ଗର୍ବିତ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଯୁବ ଏବଂ ବରିଷ୍ଠମାନଙ୍କର ଏକ ଚମତ୍କାର ସମନ୍ୱୟ ରହିଛି। ୩୯ ବର୍ଷୀୟ ଅମିତ ସରୋହା ଏହି ଦଳର ସବୁଠାରୁ ବରିଷ୍ଠ ଖେଳାଳି ଥିବା ବେଳେ ୧୭ ବର୍ଷିଆ ବିସ୍ମୟୀ ବାଳିକା ତୀରନ୍ଦାଜ ଶୀତଲ ଦେବୀ ସର୍ବକନିଷ୍ଠ ଖେଳାଳି ରହିଛନ୍ତି। ହାତ ବଦଳରେ ପାଦର ବ୍ୟବହାର କରି ତୀରନ୍ଦାଜୀ କରୁଥିବା ଜମ୍ମୁ-କଶ୍ମୀରର ଶୀତଲ ଚଳିତ ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅମିତ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ବେଳେ ଶୀତଲଙ୍କର ଏହା ପ୍ରଥମ ଅଲିମ୍ପିକ୍ସ।

ଟୋକିଓ ଅଲିମ୍ପିକ୍ସରେ ଭାରତ ୫୬ ଜଣିଆ ଦଳ ପ୍ରେରଣ କରିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୮୪ରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଭାରତ ବ୍ଲାଇଣ୍ଡ ଜୁଡୋ, ପାରା ସେଲିଂ ଓ ପାରା ସାଇକ୍ଲିଙ୍ଗ ପରି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି।


ଦେବେନ୍ଦ୍ର ଝାଝରିଆ।

## ପ୍ରମୋଦଙ୍କ ଅନୁପସ୍ଥିତି ପ୍ରଭାବ ପକାଇବନି

# ସେମିଫାଇନାଲରେ କିଟ୍ ଓ କିସ୍, ଲୟୋଲା

**ଭୁବନେଶ୍ୱର, ୧୭।୮ (ସରୋଜ ଜେନା)**

## ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛନ୍ତି କିଟ ଓ କିସ୍ ଏବଂ ଲୟୋଲା ଓଡ଼ିଆ ସ୍କୁଲ। ଶନିବାର କିଟ୍ କିସ୍ ଓ ଲୟୋଲା ଓଡ଼ିଆ ସ୍କୁଲ ବିଜୟୀ ହୋଇଥିଲେ।

କିଟ୍ ଓ କିସ୍ ୪-୦ ଗୋଲରେ ବିଜେଇଏମ୍ ସ୍କୁଲକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ୟୁକିଲ ହେମ୍ବ୍ରମ(୧୨), ମାନୁଏଲ ମୁଣ୍ଡା(୧୬), ରାଜୁ ମାର୍ଡି(୩୧) ଓ ଉପେନ୍ଦ୍ର ଅମନ୍ତ୍ୟ(୫୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜୁ ମାର୍ଡିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଲୟୋଲା ଓଡ଼ିଆ ସ୍କୁଲ ୩-୦ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲକୁ ପରାସ୍ତ କରିଛି। ଲୟୋଲା ପକ୍ଷରୁ ରାଜକିଶୋର ମାର୍ଣ୍ଡି(୨୫), ତରଣ ମୋହନ ନାୟକ(୪୩ ଓ ୪୬) ମିନିଟରେ ଗୋଲ ଦେଇଥିଲେ। ଲୟୋଲା ସ୍କୁଲର ତରଣ ମୋହନ ନାୟକ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।


### ପ୍ରଥମ ଜନ୍ମବାର୍ଷିକୀ ଶୁଭ କାମନା



ଅନନ୍ୟା ପ୍ରିୟଦର୍ଶିନୀ ମହାପାତ୍ର (ଗୁଡ୍ଡୁନୁ)
ତା ୧୮ ଅଗଷ୍ଟ ୨୦୨୪
ଦିଲ୍ଲୀପ କୁମାର, ଅନୁପମା, ଅରୁଣ, ରିନା, ରାନୀ, ସୁଧୀର କୁମାର, ବିଦ୍ୟୁଲତା, ଲିପୁ, ସିପୁ, ଜ୍ୟୋତି, ନୀଳମଣି, ଅନସୂୟା ମହାପାତ୍ର।
ଧ-୧୦୫୩

### ଜନ୍ମଦିନର ଶୁଭେଚ୍ଛା



ଅମ୍ରିତା ବୈଠାରୁ (ପିହୁ)
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୁମର ଚଲାପଥ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ- ବାପା: ଓମ୍ ପ୍ରକାଶ ବୈଠାରୁ, ମାଆ: ମୁନି ବୈଠାରୁ
ଧ-୧୦୬୯

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

### ଉଈ ପ୍ରତିକାର
ଉଈ, ଅସରପା, ମଶା, ମୂଷା, ଝିଟିପିଟି
SERVICE FOR
1. ANTI TERMITE TREATMENT (WHITE ANT)
2. COCKROACH CONTROL
3. MOSQUITO CONTROL
4. RAT CONTROL
5. HOUSE LIZARD CONTROL ETC.
CONTACT : 9437443404, 7377656180, 6370293332, 9937802555
Web : https://www.pestcoodisha.in/

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ରେୟାଂଶ (ରେୟନ୍)
ଚିନ୍ତାମଣିଶ୍ୱର ମନ୍ଦିର ପ୍ରାଙ୍ଗଣ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୁମର ଚଲାପଥ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ- ବାପା: ରବୀନ୍ଦ୍ର, ମାତା: ସ୍ୱାଗତିକା, ଜେଜେବାପା, ଜେଜେମା', ବନ୍ଧୁ ଓ ପରିବାରବର୍ଗ।
ଧ-୧୦୬୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୟୁଥ୍ ଅଲିମ୍ପିକ୍ସରେ ସାମିଲ ହେବ କ୍ରିକେଟ

**ନୂଆଦିଲ୍ଲୀ ,୧୭।୮**

କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ଆଗକୁ ୟୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଯୋଜନା କରୁଥିବା ଜଣାପଡିଛି। ଆମେରିକାର ଲସ ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେଉଛି। ପ୍ରଥମ ଥର ପାଇଁ କ୍ରିକେଟ ଅଲିମ୍ପିକ୍ସର ଅଂଶ ହେବାକୁ ଯାଉଛି। ଅନ୍ୟ ପକ୍ଷରେ ମୁମ୍ବାଇରେ ୨୦୩୦ ମସିହାରେ ମୁମ୍ବାଇରେ ଖେଳା ଯିବାକୁ ଥିବା ୟୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଆଇସିସି ପ୍ରସ୍ତାବ ଦେଇଥିବା ଜଣାପଡିଛି। ଶନିବାର ଆଇସିସି ପକ୍ଷରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି)କୁ ବିଧିବଦ୍ଧ ଭାବରେ ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ଆଇସିସିର ଜେନେରାଲ ମ୍ୟାନେଜର ୱିଲିୟମ ଗ୍ଲେନରାଇଟ୍ ଏହି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ୨୦୩୬ରେ ଅଲିମ୍ପିକ୍ସ ପାଇଁ ମଧ୍ୟ ବିଡ୍ ଦାଖଲ କରିବାକୁ ଯାଉଛି।

# ରାଜ୍ୟସ୍ତରୀୟ ଖୋ-ଖୋ ଏବଂ ଟାଏକୋଣ୍ଡୋରେ ବାଲେଶ୍ୱର ଚାମ୍ପିୟନ


ଟ୍ରଫି ସହ ୧୭ ବର୍ଷରୁ କମ୍ ଖୋ-ଖୋ ଚାମ୍ପିୟନ ବାଲେଶ୍ୱର ଦଳ।

**କେନ୍ଦୁଝର, ୧୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହରର ମାଇନିଂ ରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲ ପରିସରରେ ସିଆଇଏସ୍‌ସିଇ ତରଫରୁ ରାଜ୍ୟସ୍ତରୀୟ ଖୋ-ଖୋ ଏବଂ ଟାଏକୋଣ୍ଡୋ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ୭ ଜୋନ୍‌ର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍,୧୭ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ଏହିପରି ୩ଟି ବର୍ଗରେ ଖୋ-ଖୋ ଖେଳରେ କେବଳ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ୩ଟି ଯାକ ବୟସ ବର୍ଗରେ ବାଲେଶ୍ୱର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଟାଏକୋଣ୍ଡୋ ପ୍ରତିଯୋଗିତାରେ ଉକ୍ତ ୩ଟି ବର୍ଗରେ ଉଭୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଭାରତର ପ୍ରତିନିଧିତ୍ୱ କରିବେ ପ୍ରଣବ ଓ ସୂର୍ଯ୍ୟାଂଶ

**ଭୁବନେଶ୍ୱର,୧୭।୮ (ସରୋଜ ଜେନା)**

ଉତ୍ତରାଖଣ୍ଡର କାଶୀପୁରରେ ଅନୁଷ୍ଠିତ ୧୩ତମ ମଡର୍ନ ପେଣ୍ଟାଥ୍ଲନ ଜାତୀୟ ପ୍ରତିଯୋଗିତାର ବାଇଥେଲ- ଟ୍ରାଇଥେଲ ଜାତୀୟ ଚାମ୍ପିୟନ୍‌ସିପରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ସିନିୟର୍ ବର୍ଗର ପ୍ରଣବ ଦାସ ଓ ଜୁନିୟର୍ ବର୍ଗର ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର। ପ୍ରଣବ ଦାସ ବାଇଥେଲ୍‌ରେ (୧୬୦୦ ମିଟର୍ ଦୌଡ-୨୦୦ ମିଟର୍ ସନ୍ତରଣ-୧୬୦୦ ମିଟର୍ ଦୌଡ)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେପରି ଟ୍ରାଇଥେଲ୍‌ରେ (ପାଞ୍ଚ ରାଉଣ୍ଡ ୬୦୦ ମିଟର୍ ଦୌଡ-ଚାରି ରାଉଣ୍ଡ ୫୦ ମିଟର୍ ସନ୍ତରଣ-୪ ରାଉଣ୍ଡ ୧୦ ମିଟର୍ ରାଇଫଲ ଶୁଟିଂ) ପ୍ରଣବ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୧୭ ବର୍ଷରୁ କମ ବୟସ ବର୍ଗରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ବାଇଥେଲ୍‌ରେ ସ୍ୱର୍ଣ୍ଣ ଓ ଟ୍ରାଇ ଥେଲରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଣ୍ଣ ପଦକ ଏବଂ ଟ୍ରାଇଥେଲ୍ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜାତୀୟ ଚାମ୍ପିୟନପ୍‌ର ପ୍ରତ୍ୟେକ ବର୍ଗରୁ ଶ୍ରେଷ୍ଠ ୭ ଜଣ ଖେଳାଳି ବିଶ୍ୱ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। ଉଭୟ ଖେଳାଳି ଇଜିପ୍ଟର ପୋର୍ଟ ସୟଦରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ।

# ଲାଉସାନେ ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ ନୀରଜ

**ନୂଆଦିଲ୍ଲୀ,୧୭।୮ (ପି.ଟି.)**

ଭାରତର ଡବଲ ଅଲିମ୍ପିକ ପଦକ ବିଜେତା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଅଗଷ୍ଟ ୨୨ରେ ଲାଉସାନେଠାରେ ଅନୁଷ୍ଠିତ ହେବାକୁଥିବା ଡାଇମଣ୍ଡ ଲିଗ୍ ମିଟ୍‌ରେ ଅଂଶଗ୍ରହଣ କରିବେ। ସେ ଶନିବାର ଏହା ସ୍ପଷ୍ଟ କରିଛନ୍ତି। ଦୀର୍ଘଦିନର ଗ୍ରୋଇନ୍ ଇଞ୍ଜୁରି ସତ୍ତ୍ୱେ ଚୋପ୍ରା ନିକଟରେ ଶେଷ ହୋଇଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିପାରିଛନ୍ତି। ୩ ବର୍ଷ ପୂର୍ବେ ଗେମ୍ସର ଟୋକିଓ ସଂସ୍କରଣରେ ସେ ଐତିହାସିକ ସ୍ୱର୍ଣ୍ଣ ଜିତିଥିଲେ। ଅଗଷ୍ଟ ୮ ଅଲିମ୍ପିକ ଫାଇନାଲ ପରେ ନୀରଜ ସୁଇଜରଲାଣ୍ଡରେ ଟ୍ରେନିଂ ଆରମ୍ଭ କରିଛନ୍ତି। ଇଞ୍ଜୁରି ପାଇଁ କଟକଣା ସତ୍ତ୍ୱେ ସେ ଉନ୍ନତ ପ୍ରଦର୍ଶନ ସହ ସିଜନ ଶେଷ କରିବାକୁ ଚାହୁଁଛନ୍ତି। ପରେ ସେପ୍ଟେମ୍ବର ୧୩-୧୪ରେ ବ୍ରସେଲ୍ସଠାରେ ସିଜନ ଶେଷ ଡାଇମଣ୍ଡ ଲିଗ୍ ପରେ ଚୋପ୍ରା ତାଙ୍କ ଗ୍ରୋଇନ୍ ଇଞ୍ଜୁରି ପାଇଁ ଡାକ୍ତରୀ ଚିକିତ୍ସାରେ ଲାଗିବେ।


# Classified Everyday
0674-2580101, 2549949

MATRIMONIAL

## BRIDE WANTED

Bride Wanted (Urban/ Village) For a Odisha born Software lead Data Engineer in a MNC at Bangalore Caste/Education- No bar. Whatsapp No- 7847956275, 8908700485. D-717

## GROOM WANTED

Slightly Handicapped unmarried 46 ବୟସ୍କ Govt. ଚାକିରିଆ ସୁନ୍ଦର କରଣ ଝିଅଙ୍କ ଯେକୌଣସି ଜାତିର ପୁଅ ଦରକାର। 6371298869. D-1061

REAL ESTATE
SALE

2BHK flat for sale near Chintamaniswar Temple, Bhubaneswar. Contact Mobile- 9437443404, Wa- 9937802555. D-1052

Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650. D-975

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1057

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75771

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FOR RENT

Jagamara Main Road, opposite to News-7 Office. 700 Square Feet Carpet Area, First Floor, Three Rooms with attached Bath Room. For Business/ Office use, Contact Number-9437799684/ 8455887142. D-1055

Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

Newly open health benefits SPA special offer @ 799 Bapuji Nagar. 8018429809. D-76144

Newly open health benefits SPA special offer @ 999 Bapuji Nagar. 8018429809. D-76145

## AFFIDAVIT

Sworn before Executive Magistrate, Kantabanji on 16.8.2024 I, Sri Bibhisan Tandi, S/o- Bhakti Tandi of Village Karlabahali, P.O.- Khagasa P.S.- Kantabanji Dist.- Balangir, declare that in my 10th Class T.C. and Voter Identity Card my name is recorded as Bibhisan Tandi but in my Aadhaar Card my name is wrongly entered as Bijay Kumar Behera where as Bibhisan Tandi and Bijay Kumar Behera is same and one. D-1062

By virtue of an affidavit (No.-3180, dtd. 14.08.2024) before the Executive Magistrate, Talcher. I, Jadunath Pradhan have changed my father's name from Budhadeb Pradhan to Budhadev Pradhan. Henceforth, Jadunath Pradhan, S/o- Budhadev Pradhan for all future purposes. D-1063

I, Abaksh Swain, S/o- Late Banamali Swain resident of At- Nuasahi (Kapaleswar), P.O.- Kapaleswar, P.S.- Choudwar, Dist- Cuttack, PIN- 754071, Odisha declare by this affidavit No.-6409, dtd. 14.08.2024. That now onwards I shall be known as ABAKASH SWAIN for all future purposes. D-1060

By virtue of affidavit before Executive Magistrate, Tangi Choudwar, Cuttack, States that I Suchitra Nayak, W/o- Rajesh Kumar Biswal, D/o- Chintamani Nayak, Sanakesharpur, P.O.- Narapada, Tangi, Cuttack. My name is Suchitra Nayak as per Educational Certificates and also Voter Id.card but in my Aadhaar Card wrongly mentioned as Sangita Nayak instead of Suchitra Nayak, So I want to correct my name as Suchitra Nayak. D-1068

I Santosh Kumar Sahu, S/o Khageswara Sahu, resident Sitarampur Agraharam P.O./P.S.- Purushottampur, Dist.- Ganjam, PIN- 761018, Odisha declare by this affidavit No.- A-7, Date-16.08.2024 that now onwards I shall be known as Santosh Sahu, S/o Khageswar Sahu resident Kansari Sahi Purushottampur for all future purpose. D-1067

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ମଞ୍ଜରୀକା ମହାରଣା
(ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ), ଭୁବନେଶ୍ୱର

ମାଉସୀ ଲୋ, ଚାହୁଁ ଚାହୁଁ ଆଜିକୁ ବର୍ଷେ ବିତିଗଲା ତୁ ଆମକୁ ଛାଡ଼ି ଚାଲିଯିବାର। ହେଲେ ଆଜି ବି ସବୁ ମିଛ ପରି ଲାଗୁଛି, ଦୁଃସ୍ୱପ୍ନ ପରି ଲାଗୁଛି। ତୋର ଉପସ୍ଥିତିକୁ, ସ୍ନେହଭରା କଥାକୁ, ନା ଭୁଲି ହେଉଛି ନା ଏ ଆଖିରୁ ଲୁହ ଶୁଖୁଛି। ଆମ ଶେଷ ନିଃଶ୍ୱାସ ଥିବା ଯାଏ ତୋର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ପରୋପକାରିତା ଓ ସ୍ମୃତି ସବୁ ଆମ ସାଥିରେ ଜୀବିତ ହୋଇରହିବ। ତୁ ଯେଉଁଠି ବି ଥା ଭଲରେ ଥା। ତୋର ଅମର ଆତ୍ମା ପରମାତ୍ମାରେ ଲୀନ ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ (ପିଣ୍ଟୁ, ରିଣ୍ଟୁ), ମିଳନ୍, ନିଲମ୍, ଚିଙ୍କି ଓ ପରିବାରବର୍ଗ।
ଧ-୧୦୫୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ହାତ ତିଆରି ରାଖୀ

**ଆସନ୍ତାକାଲି ରାଖୀପୂର୍ଣ୍ଣିମା। ଭାଇର ଦୀର୍ଘ ଜୀବନ କାମନା କରି ତା' ହାତରେ ସ୍ନେହ, ଶ୍ରଦ୍ଧାର ପ୍ରତୀକ ରାଖୀଟିଏ ବାନ୍ଧିବାକୁ ଭଉଣୀ ମନରେ ଉତ୍କଣ୍ଠା କହିଲେ ନ ସରେ। ଆଉ ଏଥିପାଇଁ ମାର୍କେଟ୍‌ରେ ଦେଖିବାକୁ ମିଳୁଛି ଭଳିକି ଭଳି ଆକର୍ଷଣୀୟ ରାଖୀର ସମ୍ଭାର। ଏହା ମଧ୍ୟରୁ ହାତ ତିଆରି ତଥା ଇକୋଫ୍ରେଣ୍ଡ୍‌ଲି ରାଖୀର ଡିମାଣ୍ଡ ସବୁଠୁ ବେଶି ...**



ରାତି ପାହିଲେ ରାଖୀପୂର୍ଣ୍ଣିମା। ରାଖୀ କିଣିବାକୁ ସବୁ ଷ୍ଟଲରେ ଜମୁଛି ଭିଡ଼। ହେଲେ ଏହି ସବୁ ଚକ୍‌ଚକ୍ ରାଖୀ ଭିତରେ କିନ୍ତୁ ଅନେକଙ୍କ ଆଖି ଖୋଜୁଛି ଏମିତି କିଛି ରାଖୀ ଯାହାକି ଭାଇ ହାତରେ ବାନ୍ଧି ଶୁଭ କାମନା କରିବା ସହ ପରେ ପରିବେଶକୁ ମଧ୍ୟ ହାନି ପହଞ୍ଚାଉ ନ ଥିବ। ଏଭଳି କିଛି ହାତ ତିଆରି ରାଖୀକୁ ନେଇ ଏଥରର ବିଶେଷ ଉପସ୍ଥାପନା...

**ତାରକସି ଓ ପଟଚିତ୍ର ରାଖୀର ଡିମାଣ୍ଡ ବଢ଼ୁଛି:** ପଟଚିତ୍ର ତାଙ୍କର ବେଉସା। ହେଲେ ସବୁବେଳେ କିଛି ନୂଆ କରିବାର ପ୍ରୟାସ ସେ ଜାରି ରଖିଥାନ୍ତି। ଯେଉଁଥିପାଇଁ ପ୍ରାୟ ପାଞ୍ଚ ବର୍ଷ ହେବ ରାଖୀ ତିଆରି କରୁଛନ୍ତି। ଆମ ଓଡ଼ିଶା ରାଜ୍ୟ କଟକ ଜିଲାର ପ୍ରସିଦ୍ଧ ରୂପା ତାରକସି କାମକୁ ରାଖୀରେ ରୂପାନ୍ତରଣ କରି ବିକ୍ରି କରୁଛନ୍ତି, ଯାହାର ବଜାରରେ ବେଶ୍ ଚାହିଦା ଅଛି। ତା'ଛଡ଼ା ବଜାରରେ ସହଜରେ ମିଳୁ ନ ଥିବା କ୍ଲେ ମୋଲ୍ଡିଂ ରାଖୀ, ପଟଚିତ୍ର ରାଖୀ, ପିତଳ ରାଖୀ ମଧ୍ୟ ପ୍ରସ୍ତୁତ କରୁଛନ୍ତି ନୀଳମାଧବ ସାହୁ। ସେ କୁହନ୍ତି, ଲୋକଙ୍କୁ ସବୁବେଳେ ଟିକେ ଅଲଗା କିଛି ଦରକାର। ପ୍ରତ୍ୟେକ ବର୍ଷ ମତେ କିଛି ନୂଆ ଭାବି ସେଇ ଅନୁସାରେ ରାଖୀ ପ୍ରସ୍ତୁତ କରିବାକୁ ପଡୁଛି। ଏସବୁ ରାଖୀ ସେଟ ଅନ୍‌ଲାଇନ ଓ ଅଫ୍‌ଲାଇନ ତଥା ନୀଳମାଧବ ଡିଜାଇନ ଷ୍ଟୁଡିଓରେ ଉପଲବ୍ଧ। ରାଖୀଗୁଡ଼ିକର ମୂଲ୍ୟ ଟ.୫୦/-ରୁ ଆରମ୍ଭ କରି ୨୦୦୦/- ପର୍ଯ୍ୟନ୍ତ ରହିଛି। କେବଳ ଏତିକି ନୁହେଁ, କିଛି ଗ୍ରାହକଙ୍କର ଆବଶ୍ୟକ ଅନୁସାରେ ମଧ୍ୟ ରାଖୀ ପ୍ରସ୍ତୁତ କରି ତା'ର ମୂଲ୍ୟ ନିର୍ଦ୍ଧାରଣ କରିଥାଏ ଏବଂ ସେମାନଙ୍କ ସମୟର ମୂଲ୍ୟକୁ ଆଖି ଆଗରେ ରଖି ନିର୍ଦ୍ଧାରିତ ସ୍ଥାନକୁ ପଠାଇବାର ବ୍ୟବସ୍ଥା ମଧ୍ୟ କରିଥାଏ। ତେବେ ହାତ ତିଆରି ଜିନିଷର ଆଗରୁ ଚାହିଦା ଥିଲା, ଏବେ ମଧ୍ୟ ରହିଛି। ତେଣୁ ଆମେ ଏ ଦିଗରେ ବେଶ ଆଶାବାଦୀ। ତେବେ ମୋ ମତରେ ଯଦି ପ୍ଲାଷ୍ଟିକ ବା ପରିବେଶ ଅନୁପଯୋଗୀ ଜିନିଷରୁ ପ୍ରସ୍ତୁତ ରାଖୀକୁ ପ୍ରାଧାନ୍ୟ ନ ଦେଇ ନିଜ ରାଜ୍ୟ ତଥା ଦେଶରେ ମିଳୁଥିବା ବିଭିନ୍ନ ଉପଯୋଗୀ ବସ୍ତୁଗୁଡ଼ିକୁ ନେଇ ଆମର ଆବଶ୍ୟକତାକୁ ମେଣ୍ଟାଇପାରିବା ତେବେ ଖୁବ୍ ଭଲ। ତା'ଛଡ଼ା ଏହାଦ୍ୱାରା ଆମର ଅନେକ କୁଶଳୀ କାରିଗର ଭାଇ ଓ ଭଉଣୀମାନଙ୍କୁ ମଧ୍ୟ ରୋଜଗାର ମିଳିପାରିବ। ଆଗକୁ ଅଧିକରୁ ଅଧିକ କାରିଗର ତଥା ଶିଳ୍ପୀଙ୍କୁ ନିଜ କାର୍ଯ୍ୟରେ ସାମିଲ କରିବାକୁ ଇଚ୍ଛା ରହିଛି।



ନୀଳମାଧବ ସାହୁ

## ନିଆରା ରକ୍ଷାବନ୍ଧନ ଆନନ୍ଦ ଦେଲା

ରାଖୀପୂର୍ଣ୍ଣିମା ଛୁଟି ପୂର୍ବରୁ ଗତ ଶନିବାର ଖୋର୍ଦ୍ଧାସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ନିଆରା ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଏକାଠି ବସି ନିଜ ହାତରେ ତୁଳା, ଟିକିଲି, ଚୁମ୍‌କି, ଅଠା, ସୂତା, ଡୋରି ଲଗାଇ ରାଖୀ ତିଆରି କରିଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ, ଶୁଭଦର୍ଶିନୀ ଦାସ, ରାଖୀ ପ୍ରସ୍ତୁତ କରାଇବାରେ ତାଲିମ ଦେଇଥିଲେ। ସମସ୍ତ ଛାତ୍ରୀ ତାଙ୍କର ସହପାଠୀ ଭାଇମାନଙ୍କ ମଥାରେ ଚନ୍ଦନ ସିନ୍ଦୂର ଲଗାଇ ହାତରେ ରାଖୀ ବାନ୍ଧି ଶୁଭ ମନାସିଥିଲେ। ପରସ୍ପର ମଧ୍ୟରେ ମିଠା ଖୁଆଇ ସ୍ନେହ ସମ୍ପର୍କ ସୁରକ୍ଷାଭାବକୁ ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଛାତ୍ରୀଛାତ୍ରମାନଙ୍କୁ ଏହି ରକ୍ଷାବନ୍ଧନର ପୌରାଣିକ ତଥ୍ୟ ଏବଂ ଆଜିର ସମାଜରେ ଏହାର ପ୍ରଭାବ ଉପରେ ମତ ରଖିଥିଲେ। ରକ୍ଷାବନ୍ଧନ କେବଳ ସ୍ନେହ ସମ୍ପର୍କର ବନ୍ଧନ ନୁହେଁ, ଏହା ଦ୍ୱାରା ପରସ୍ପର ପ୍ରତି ସ୍ନେହ ଓ କର୍ତ୍ତବ୍ୟ ସମ୍ପର୍କରେ ସେ ପିଲାଙ୍କୁ ସୂଚନା ଦେଇଥିଲେ। ବୃକ୍ଷ ଆମକୁ ସୁରକ୍ଷା ଦେଉଥିବାରୁ ତା'କୁ ମଧ୍ୟ ଭାଇ କରି ପିଲାଙ୍କ ଦ୍ୱାରା ରାଖୀ ବାନ୍ଧି ଏକ ନିଆରା ସନ୍ଦେଶ ସମାଜକୁ ଦେଇଥିଲେ। ଏହି ଅନୁଷ୍ଠାନର ଛାତ୍ରୀ ଶ୍ରେୟଂସି ରଥ କେବଳ ନିଜ ଭାଇ ନୁହେଁ, ବରଂ ସ୍କୁଲରେ ସହପାଠୀମାନଙ୍କୁ ଓ ବୃକ୍ଷକୁ ଭାଇ ଭାବେ ରାଖୀ ବାନ୍ଧି ରକ୍ଷାବନ୍ଧନ ପରମ୍ପରା ମାନିଥିବାରୁ ବେଶ୍ ଖୁସି ଲାଗୁଥିବା ପ୍ରକାଶ କରିଥିଲେ। ସେହିପରି ସ୍କୁଲ୍‌ର ଅନ୍ୟ ଜଣେ ଛାତ୍ର ବିଷ୍ଣୁପ୍ରସାଦ ସେଠୀ କୁହନ୍ତି, ପ୍ରତିବର୍ଷ ଭଉଣୀ ମୋ' ହାତରେ ରାଖୀ ବାନ୍ଧିବ ବୋଲି ଏହି ଦିନକୁ ଅପେକ୍ଷା କରିରହିଥାଏ। ଏଥର ବି ଭଉଣୀ ତ ରାଖୀ ବାନ୍ଧିବ, ହେଲେ ଶନିବାରଠୁ ସ୍କୁଲ୍‌ରେ ପାଳନ କରି ସାରିଛୁ। ସହପାଠୀ ଭଉଣୀମାନେ ହାତରେ ରାଖୀ ତିଆରି କରି ଆମକୁ ପିନ୍ଧାଇଲା ବେଳେ ଯେଉଁ ଖୁସି ଲାଗୁଥିଲା ତାହା ଅବର୍ଣ୍ଣନୀୟ। ଆମେ ସମସ୍ତେ ସବୁବେଳେ ପରସ୍ପରର ସୁବିଧା ଅସୁବିଧାରେ ଠିଆହେବା ଓ ସାହାଯ୍ୟ କରିବାର ଶପଥ ନେଇଥିଲୁ। ଏହାପରେ ଆମେ ସମସ୍ତେ ମିଶି ବୃକ୍ଷରେ ରାଖୀ ବାନ୍ଧିଥିଲୁ।



ମମତାଞ୍ଜଳି



ଶ୍ରେୟଂସି



ବିଷ୍ଣୁପ୍ରସାଦ



## ପରିବେଶ ଉପଯୋଗୀ ପଞ୍ଚଗବ୍ୟ ରାଖୀ

ଆସନ୍ତାକାଲି ରାଖୀପୂର୍ଣ୍ଣିମା। ଚାରିଆଡ଼େ ଖୋଲିଛି ରାଖୀର ପସରା। କିନ୍ତୁ ଏସବୁ ମଧ୍ୟରୁ କିଛି ଭିନ୍ନ ଏବଂ ଇକୋଫ୍ରେଣ୍ଡ୍‌ଲୀ ରାଖୀ ପ୍ରସ୍ତୁତ କରୁଛନ୍ତି ପୁରୀର ସନ୍ତୋଷ କୁମାର ରାଉତ। ଏହି ନିଆରା ପଞ୍ଚଗବ୍ୟ ରାଖୀ ଗାଈର ପାଞ୍ଚଟି ତତ୍ତ୍ୱ ଗୋବର, ଗୋମୂତ୍ର, କ୍ଷୀର, ଦହି, ଘିଅ ମିଶ୍ରଣରୁ ପ୍ରସ୍ତୁତ କରୁଛନ୍ତି। ଅନ୍ୱେଷଣ ନାମକ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ସେ ବିଭିନ୍ନ ବସ୍ତି ଏବଂ ପଥପ୍ରାନ୍ତ ପିଲାଙ୍କୁ କିପରି ଶିକ୍ଷା ମାଧ୍ୟମରେ ମୁଖ୍ୟ ସ୍ରୋତରେ ସାମିଲ କରିହେବ ଏବଂ ଏହା ସହ ସେମାନଙ୍କୁ କିପରି ଆତ୍ମନିର୍ଭରଶୀଳ କରିହେବ, ସେନେଇ ଉଦ୍ୟମ କରୁଛନ୍ତି। ଏହି ପିଲାଙ୍କୁ ପଞ୍ଚଗବ୍ୟ ରାଖୀ ପ୍ରସ୍ତୁତ କରାଇବା ଶିଖାଇଛନ୍ତି ଏବଂ ଷ୍ଟଲ କରି ରାଖୀଗୁଡ଼ିକୁ ବିକ୍ରି ମଧ୍ୟ କରାଯିବାର ବ୍ୟବସ୍ଥା କରିଛନ୍ତି। ଏହି ରାଖୀର ମୂଲ୍ୟ ୨୦ ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହୁଚି। ସେ କୁହନ୍ତି, ଏଭଳି ରାଖୀ ପ୍ରସ୍ତୁତ କରିବାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଛି। ପ୍ରଥମଟି ହେଲା, ଏଥିରୁ ମିଳୁଥିବା ଅର୍ଥକୁ ସେହି ପିଲାମାନଙ୍କ ଉନ୍ନତିରେ ଲଗାଇ ସେମାନଙ୍କ ମୁହଁରେ ହସ ଫୁଟାଇବା ଏବଂ ସେମାନଙ୍କୁ ରୋଜଗାରକ୍ଷମ ହେବାର କଳା ଶିଖାଇବା। ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ଏଭଳି ରାଖୀ ଧାର୍ମିକ ଦୃଷ୍ଟିରୁ ପବିତ୍ର ଏବଂ ପରିବେଶ ଉପଯୋଗୀ। ବଜାରରେ ମିଳୁଥିବା ପ୍ଲାଷ୍ଟିକ ଏବଂ ଚାଇନା ରାଖୀଠୁ ଏହା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହା ବର୍ଜ୍ୟବସ୍ତୁ ରୂପେ ପଡ଼ି ନ ରହି ଖୁବ୍ କମ ଦିନ ଭିତରେ ମାଟିରେ ମିଶିଯାଏ। ତା'ଛଡ଼ା ଏହାକୁ ଆକର୍ଷଣୀୟ କରିବା ଲାଗି ପ୍ରାକୃତିକ ରଙ୍ଗ ସହ ବିଭିନ୍ନ ଔଷଧୀୟଗଛର ମଞ୍ଜି ବ୍ୟବହାର କରାଯାଉଛି। ଯାହା ଅନ୍ୟ ରାଖୀ ପରି ବର୍ଜ୍ୟବସ୍ତୁ ରୂପେ ପଡି ନ ରହି ଦୁଇ ତିନି ଦିନରେ ମାଟିରେ ମିଶି ଏହାର ଉର୍ବରତା ବଢ଼ାଇବା ସହ ଏକ ନୂତନ ବୃକ୍ଷର ଅଙ୍କୁରୋଦଗମ୍ ବି କରିବାରେ ସାହାଯ୍ୟ କରୁଛି। ଆଗାମୀ ବର୍ଷରେ ଏଭଳି ଅଧିକ ରାଖୀ ପ୍ରସ୍ତୁତ କରି ଏହା ସମ୍ପର୍କରେ ଅଧିକ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟ ରହିଛି।



ସନ୍ତୋଷ କୁମାର ରାଉତ



ସନ୍ତୋଷଙ୍କ ସହ ପଞ୍ଚଗବ୍ୟ ରାଖୀ ପ୍ରସ୍ତୁତ କରୁଛନ୍ତି ପିଲାମାନେ।

### ଏ ସପ୍ତାହର ପ୍ରଶ୍ନ

୧– ଟୁକାର୍ଣ୍ଣା ହ୍ରଦ .......... ଦେଶରେ ଅବସ୍ଥିତ ?
୨– ପ୍ୟାରିସ୍ ଅଲିମ୍ପିକ୍‌ରେ ନିରଜ ଚୋପ୍ରା ............ ପଦକ ହାସଲ କରିଛନ୍ତି ?
୩– ଫ୍ଲାମିଙ୍ଗୋ ଫେଷ୍ଟିଭାଲ୍ ............ ରାଜ୍ୟରେ ପାଳନ କରାଯାଏ ?
୪– ଫାୟାର ଟେମ୍ପୁଲ୍ ................ ଧର୍ମର ପୂଜାସ୍ଥଳ ?
୫– ବିଶ୍ୱର ପ୍ରଥମ ସ୍ପଟ୍‌ଲେସ୍ ଜିରାଫ୍ .......... ଠାରେ ଦେଖିବାକୁ ମିଳିଥିଲା ?

### ଗତ ଥରର ଉତ୍ତର

୧ ବରଗଛ
୨ ୟୁକ୍ରେନ୍
୩ ଆସାମ
୪ ଅଗଷ୍ଟ ୭ ତାରିଖ
୫ ୩୫ ବର୍ଷ

### ଉତ୍ତରଦାତା



ଜୀବନ ମୁଦୁଲି, ନୟାଗଡ଼



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ସତ୍ୟ ବେହେରା, ଭୁବନେଶ୍ୱର



ସ୍ମିତା ନାୟକ, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha@gmail.com

### ଟପ୍ ୧୦

**ପୃଥିବୀର ସବୁଠୁ ବଡ଼ ଉତ୍ସବ**

୧– ଥାଇପୁସମ୍ ........ ମାଲେସିଆ
୨– ସୋଙ୍ଗକ୍ରାନ୍ ଫେଷ୍ଟିଭାଲ୍ ........ ଥାଇଲାଣ୍ଡ
୩– ହୋଲି ........ ଭାରତ
୪– ଡିଆ ଡେ ଲସ୍ ମୁଏର୍ଟସ୍ ........ ମେକ୍ସିକୋ
୫– ସେଣ୍ଟ ପ୍ୟାଟ୍ରିକ୍ସ ଡେ' ........ ଆୟର୍ଲାଣ୍ଡ
୬– ମାଉଣ୍ଟ୍ରେଅକ୍ସ ଜାଜ୍ ଫେଷ୍ଟିଭାଲ୍ ........ ସୁଇଜରଲାଣ୍ଡ
୭– ମଣ୍ଟ୍ରିଏଲ୍ ଜାଜ୍ ଫେଷ୍ଟିଭାଲ୍ ........ କାନାଡ଼ା
୮– ସମରଫେଷ୍ଟ ........ ମିଲ୍‌ୱାଉକି, ଆମେରିକା
୯– ୱାଇ ପେଙ୍ଗ୍ ଫେଷ୍ଟିଭାଲ୍ ........ ଥାଇଲାଣ୍ଡ
୧୦– ଲଏ କ୍ରାଥଙ୍ଗ୍ ........ ଥାଇଲାଣ୍ଡ

### ୟୁଥ୍ ଆଲର୍ଟ

## ୱାକିଂ ବେଳେ ଅଣନିଃଶ୍ୱାସୀ ଲାଗୁଥିଲେ

**ପ୍ରତିଦିନ କିଛି ସମୟ ଚାଲିବା ବା ୱାକିଂ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ହେଲେ କେବେକେବେ ୱାକିଂ ବେଳେ ଅଣନିଃଶ୍ୱାସୀ ଲାଗିଥାଏ। ତେବେ ଏପରି କାହିଁକି ହୋଇଥାଏ ଏବଂ ଏହି ସମସ୍ୟା କିପରି ଦୂର କରିହେବ ଜାଣିରଖନ୍ତୁ ସେ ସମ୍ପର୍କରେ...**

**ପ୍ରଥମେ ଧୀରେ ଚାଲନ୍ତୁ:** ଅନେକ ଶୀଘ୍ର ପତଳା ହୋଇଯିବା ନିଶାରେ ଆରମ୍ଭରୁ ଜୋର୍ ଜୋର୍ ଚାଲନ୍ତି କିମ୍ବା ସମୟ ଅଭାବରୁ କମ୍ ସମୟ ଭିତରେ ଅଧିକ ଚାଲିବା ପାଇଁ ତରତର ହୁଅନ୍ତି। ହେଲେ ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା ସହ ଫୁସ୍‌ଫୁସ୍, ହୃତ୍‌ପିଣ୍ଡ ଉପରେ ଚାପ ପଡ଼ିଥାଏ। ଫଳରେ ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ତେଣୁ ପ୍ରଥମେ ଚାଲିବା ଆରମ୍ଭ କରୁଥିଲେ, ଧୀରେ ଧୀରେ ଅର୍ଥାତ୍ ଏକ ନିୟନ୍ତ୍ରିତ ସ୍ପିଡ୍‌ରେ ଏବଂ କମ୍ ଦୂର ଚାଲନ୍ତୁ। କିଛି ଦିନ ଅଭ୍ୟାସ ପରେ ନିଜ କ୍ଷମତା ଅନୁଯାୟୀ ଉଭୟ ସ୍ପିଡ୍ ଏବଂ ଦୂରତା ବଢ଼ାନ୍ତୁ।

**ବ୍ରେକ୍ ନିଅନ୍ତୁ:** ଚାଲିବା ବେଳେ ଅଣନିଃଶ୍ୱାସି ଲାଗିଲେ ଶୀଘ୍ର ଶୀଘ୍ର ଚାଲିବା ସାରି କିଛି ସମୟ ରେଷ୍ଟ ନେବି ବୋଲି ଅନେକେ ଭାବନ୍ତି। ହେଲେ ଏପରି ନ ଭାବି କିଛି ସମୟ ବ୍ରେକ୍ ନେଇ ଦୀର୍ଘନିଃଶ୍ୱାସ ନେବା ସହ ହାଲୁକା ବ୍ରିଦିଂ ଏକ୍ସରସାଇଜ୍ କରିନେବା ସ୍ୱାସ୍ଥ୍ୟ ପାଇଁ ଭଲ। ଏହାଦ୍ୱାରା ଶରୀରକୁ ଆବଶ୍ୟକ ଅକ୍ସିଜେନ୍ ମିଳିବା ସହ ଚାଲିବାକୁ ଶକ୍ତି ମଧ୍ୟ ଯୋଗାଇବ। ତା'ଛଡ଼ା ୱାକିଂ ବ୍ରେକ୍ ବା ୨ ମିନିଟ୍ ବ୍ରିସ୍କ ୱାକ୍ ପରେ ଏକ ମିନିଟ୍ ସ୍ଲୋ ୱାକ୍ ଅଭ୍ୟାସ କଲେ ଭଲ ରେଜଲ୍ଟ ପାଇପାରିବେ।

**ପୋଷ୍ଟର ରଖନ୍ତୁ ଠିକ୍:** ୱାକିଂ କରିବା ବେଳେ ଶରୀରର ପୋଷ୍ଟର ଠିକ୍ ନ ରହିଲେ ଚାଲିବା ବେଳେ ହାଲିଆ ଓ ଅଣନିଃଶ୍ୱାସୀ ଲାଗିଥାଏ। ଏଭଳି ହେଲେ ସେଭଳି ପରିସ୍ଥିତି ନ ଉପୁଜିବା ଲାଗି ଚାଲିବା ବେଳେ ପୋଷ୍ଟର ଠିକ୍ ରଖିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ସିଧା ହୋଇ ଚାଲନ୍ତୁ, ଯେପରି ଚାଲିବାବେଳେ କାନ୍ଧ କିମ୍ବା ମୁଣ୍ଡ ଆଗକୁ ଢଳି ନ ରହେ। କାରଣ ଏପରି ଚାଲିବା ଦ୍ୱାରା ଫୁସ୍‌ଫୁସ୍ ଉପରେ ଚାପ ପଡ଼ିବା ଯୋଗୁ ଶ୍ୱାସକ୍ରିୟା ପ୍ରଭାବିତ ହୋଇଥାଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ।

**ପ୍ରଚୁର ପାଣି ପିଅନ୍ତୁ:** ୱାକିଂ ବେଳେ ଥକା ବା ଅଣନିଃଶ୍ୱାସୀ ଲାଗିବାର ଆଉ ଏକ ବଡ଼ କାରଣ ହେଉଛି ଡିହାଇଡ୍ରେଶନ୍। ଯେହେତୁ ଚାଲିବାରେ କ୍ୟାଲୋରି ବର୍ନ ହୋଇଥାଏ ଏବଂ ଅଧିକ ଝାଳ ବାହାରିଥାଏ, ତେଣୁ ଶରୀରରୁ ଜଳୀୟାଂଶ କମିବା ଯୋଗୁ ଥକା ଲାଗିଥାଏ। ଏମିତିରେ ଚାଲିବା ପୂର୍ବରୁ ଏବଂ ଅଧଘଣ୍ଟା ପରେ ଭଲ ଭାବେ ପାଣି ପିଇବା ଦରକାର। ଆବଶ୍ୟକସ୍ଥଳେ ଚାଲିବା ବେଳେ ମଝିରେ କିଛି ସମୟ ବ୍ରେକ୍ ନେଇ ପାଣି ପିଇଲେ ଭଲ।



**ପ୍ରାକୃତିକ ପରିବେଶରେ ଚାଲନ୍ତୁ:** ଅଧିକ ଜନଗହଳି, ଗାଡ଼ି ମଟର କିମ୍ବା ଧୂଳି, ଧୂଆଁ ରାସ୍ତାରେ ୱାକିଂ କଲେ ମଧ୍ୟ ପ୍ରଦୂଷଣ ଯୋଗୁ ଅଣନିଃଶ୍ୱାସୀ ଲାଗିଥାଏ। ଏହା ବଦଳରେ ପାର୍କ କିମ୍ବା ଗଛଲତାପୂର୍ଣ୍ଣ ରାସ୍ତାରେ ଚାଲନ୍ତୁ। ଏହାଦ୍ୱାରା ଶରୀରକୁ ଫ୍ରେଶ୍ ଅକ୍ସିଜେନ୍ ମିଳିପାରିବ ଏବଂ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ମଧ୍ୟ ସୁସ୍ଥ ରହିବ। ଖାଲ, ଢିପ କିମ୍ବା ଓଭରବ୍ରିଜ୍ ଭଳି ସ୍ଥାନରେ ନ ଚାଲି ସମତଳ ରାସ୍ତାରେ ଚାଲନ୍ତୁ।

**ମନେରଖନ୍ତୁ:** ଏସବୁ ଦିଗ ପ୍ରତି ଧ୍ୟାନ ଦେବା ପରେ ବି ୱାକିଂ ବେଳେ ଅଣନିଃଶ୍ୱାସୀ ଲାଗୁଥିଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

### ଜାଣନ୍ତୁ ଦୁନିଆ

## ଗ୍ରହମାନଙ୍କ ନିକ୍ ନେମ୍

**ଗ୍ରହମାନଙ୍କର ବିଭିନ୍ନ ରଙ୍ଗ ଓ ସେମାନଙ୍କ ସମ୍ପର୍କରେ ବିଭିନ୍ନ ଆଶ୍ଚର୍ଯ୍ୟଜନକ ଭୌଗୋଳିକ ତଥ୍ୟକୁ ଆଖି ଆଗରେ ରଖି ବିଭିନ୍ନ ନିକ୍ ନେମ୍ ବା ଡାକନାମ ରଖାଯାଇଛି। ଜାଣିବା କେତେକ ଗ୍ରହ ମାନଙ୍କ ନିକ୍ ନେମ୍ ସମ୍ପର୍କରେ...**

**ବ୍ଲୁ ପ୍ଲାନେଟ୍:** ପୃଥିବୀପୃଷ୍ଠରେ ୭୦%ରୁ ଊର୍ଦ୍ଧ୍ୱ ବିଶାଳ ମହାସାଗର ବା ଜଳଭାଗ ରହିଛି। ମହାକାଶରେ ରହି ଦୂରରୁ ଦେଖିଲେ ଏହି ଜଳଭାଗ ଉପସ୍ଥିତି ଯୋଗୁ ପୃଥିବୀ ଏକ ନୀଳ ରଙ୍ଗର ବଲ୍ ଭଳି ଦେଖାଯାଏ, ଯେଉଁଥିପାଇଁ ଏହାର ନାମ ବ୍ଲୁ ପ୍ଲାନେଟ୍ ରଖାଯାଇଛି।

**ଗ୍ୟାସ୍ ଜିଆଣ୍ଟ:** ସୌରମଣ୍ଡଳର ବୃହତ୍ତମ ଗ୍ରହ ବୃହସ୍ପତି। ଏହାର ଭଉଁରି ସଦୃଶ ରଙ୍ଗିନ ବାଦଲ, ଲାଲ୍ ରଙ୍ଗର ବଡ଼ ବଡ଼ ଚିହ୍ନ ଏବଂ ଏହାର ଝଡ଼ବତାସ ଭଳି ଗତିଶୀଳ ବାୟୁମଣ୍ଡଳ ସେଠାରେ ପ୍ରବଳ ପ୍ରାକୃତିକ ଗ୍ୟାସ୍ ଥିବା ଦର୍ଶାଇଥାଏ। ତେଣୁ ଏହାର ନାମ ଜିଆଣ୍ଟ ଗ୍ୟାସ୍ ରଖାଯାଇଛି।



**ରେଡ୍ ପ୍ଲାନେଟ୍:** ମଙ୍ଗଳ ଗ୍ରହରେ ଥିବା ମାଟିରେ ଲୌହର ପରିମାଣ ଖୁବ୍ ଅଧିକ ହୋଇଥିବାରୁ ଏହାର ରଙ୍ଗ ଲାଲ୍। ମହାକାଶରୁ ଏହି ଗ୍ରହକୁ ଦେଖିଲେ ଏକ ଲାଲ୍ ରଙ୍ଗର ବଲ୍ ସଦୃଶ ଦେଖାଯାଇଥାଏ, ଯେଉଁଥିପାଇଁ ଏହାକୁ ରେଡ୍ ପ୍ଲାନେଟ୍ କୁହାଯାଏ।

**ମର୍ନି ଷ୍ଟାର୍/ ଇଭିନିଂ ଷ୍ଟାର୍:** ଶୁକ୍ର ଗ୍ରହ ହେଉଛି ଆମ ସୌରମଣ୍ଡଳର ଏକମାତ୍ର ଏମିତି ଗ୍ରହ, ଯାହା ଏକ ବଡ଼ ଉଜ୍ଜ୍ୱଳ ତାରା ଭଳି ସଂଧ୍ୟା ହେବା ବେଳେ ପ୍ରଥମେ ଏବଂ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଆକାଶରେ ଦେଖାଦେଇଥାଏ, ଯେଉଁଥିପାଇଁ ଏହାକୁ ମର୍ନିଂ କିମ୍ବା ଇଭିନିଂ ଷ୍ଟାର୍ ବୋଲି ମଧ୍ୟ କୁହାଯାଇଥାଏ।

**ରିଙ୍ଗ୍‌ଡ ପ୍ଲାନେଟ୍:** ଶନିଗ୍ରହର ଚାରିପଟେ ବରଫ ଖଣ୍ଡ, ଧୂଳିକଣା, ପଥରଖଣ୍ଡ ଦ୍ୱାରା ପ୍ରସ୍ତୁତ ମୋଟା ବଳୟ ରହିଛି, ଯାହାକି ମହାକାଶରୁ ଦେଖିଲେ ସ୍ପଷ୍ଟ ଭାବେ ଏକ ରିଙ୍ଗ ପରି ଦେଖାଯାଉଥିବାରୁ ଏହାକୁ ରିଙ୍ଗ୍‌ଡ ପ୍ଲାନେଟ୍ କୁହାଯାଇଥାଏ।

# ଭାରତ ଫେରିଲେ ଭିନେଶ ଫୋଗଟ

ନୂଆଦିଲ୍ଲୀ,୧୭।୮ (ପି.ଟି.)

ଭାରତୀୟ ମହିଳା ରେସ୍ଲର ଭିନେଶ ଫୋଗଟ ଶନିବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭିନେଶ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଶତାଧିକ ସମର୍ଥକ ପହଞ୍ଚି ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପୂର୍ବତନ ଅଲିମ୍ପିଆନ ବଜରଙ୍ଗ

## ଦିଲ୍ଲୀ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ

ପୁନିଆ, ସାକ୍ଷୀ ମଲିକ୍, ବିଭିନ୍ନ ପଞ୍ଚାୟତର ନେତା ଓ କଂଗ୍ରେସ ନେତା ଦୀପେନ୍ଦର ସିଂ ହୁଡା ବିମାନ ବନ୍ଦରରେ ପହଞ୍ଚି ତାଙ୍କୁ ସ୍ୱାଗତ କରିଥିଲେ। ଫୁଲ ଓ ବାଜା ମଧ୍ୟରେ ବିମାନ ବନ୍ଦରରୁ ଏକ ଖୋଲା ଜିପ୍‌ରେ ଘର ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଭିନେଶ ସମସ୍ତ ଭାରତୀୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟରେ ଅଂଶଗ୍ରହଣ କରିବା ସହ ଫାଇନାଲରେ ପହଞ୍ଚି ଇତିହାସ ରଚିଥିଲେ। ମାତ୍ର ୧୦୦ ଗ୍ରାମ୍ ଓଜନ କାରଣରୁ ଭିନେଶ ଅଯୋଗ୍ୟ ଘୋଷିତ ହୋଇଥିଲେ। ଭାରତ ଅନ୍ୟୂନ ଏକ ରୌପ୍ୟ ପଦକ ବିଜୟୀ ହେବା ନେଇ ଆଶା କରାଯାଉଥିଲା। ତେବେ ଭିନେଶ ଅଯୋଗ୍ୟ ଘୋଷିତ ହେବା ପରେ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ଭାଙ୍ଗିଯାଇଥିଲା। ଏହାକୁ ନେଇ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଭିନେଶ ଆବେଦନ କରିଥିଲେ। ଯୁଗ୍ମ ଭାବରେ ରୌପ୍ୟ ପଦକ ନେଇ


ଦିଲ୍ଲୀ ବିମାନବନ୍ଦରରୁ ଖୋଲା ଜିପ୍‌ରେ ଯାଉଛନ୍ତି ଭିନେଶ ଫୋଗଟ।

କରାଯାଇଥିବା ଆବେଦନ ଉପରେ ଶୁଣାଣି କରାଯାଇଥିଲା। ୩ ଥରର ଶୁଣାଣି ପରେ ଭିନେଶଙ୍କ ଆବେଦନ ଖାରଜ କରାଯାଇଥିଲା। କାସ୍‌ରେ ଶୁଣାଣି ଚାଲିଥିବା କାରଣରୁ ଭିନେଶ ଅନ୍ୟ ଭାରତୀୟ ଆଥଲେଟଙ୍କ ସହିତ ଭାରତ ପ୍ରତ୍ୟାବର୍ତ୍ତନ କରି ପାରି ନ ଥିଲେ। ୧୪ ତାରିଖରେ କାସ୍ ପକ୍ଷରୁ ଭିନେଶଙ୍କ ଆବେଦନ ଖାରଜ ହେବା ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ।

ବିମାନ ବନ୍ଦରରେ ପହଞ୍ଚିବା ପରେ ଶତାଧିକ ସମର୍ଥକଙ୍କ ସହ ବଲାଲି ସ୍ଥିତ ବାସଭବନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୀର୍ଘ ଦିନ ପରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିବା ଭିନେଶ ପରିବାର ଲୋକ ଓ ସମର୍ଥକଙ୍କୁ ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ଭିନେଶ ଭାରତୀୟ ମହିଳାଙ୍କ ପାଇଁ ଯାହା କାମ କରିଛନ୍ତି ତାହା ପ୍ରେରଣାଦାୟୀ ବୋଲି କହିଥିଲେ ସାକ୍ଷୀ ମଲିକ୍। ପ୍ୟାରିସ୍ ୨୦୨୪ରେ ଭିନେଶ ପଦକ ପାଇ ନ ଥିଲେ ମଧ୍ୟ ସେ ଆମ ପାଇଁ ଜଣେ ଚାମ୍ପିୟନ ବୋଲି ସାକ୍ଷୀ କହିଛନ୍ତି। ଭାରତୀୟ ଅଲିମ୍ପିକ୍ସ ଦଳର ଚିଫ୍ ଡି ମିଶନ ରହିଥିବା ଗଗନ ନାରଙ୍ଗ ଏକ୍ସ'ରେ ପୋଷ୍ଟ କରି ଭିନେଶଙ୍କୁ ପ୍ରଶଂସା କରିଛନ୍ତି। ପ୍ରଥମ ଦିନର ଖେଳରେ ହିଁ ଭିନେଶ ନିଜକୁ ଚାମ୍ପିୟନ ବୋଲି ପ୍ରମାଣିତ କରିଥିଲେ। ଏପରିକି ସର୍ବଦା ଭିନେଶ ଆମ ପାଇଁ ଚାମ୍ପିୟନ ହୋଇରହିବେ। ନିଜ ଦୃଢ଼ ସାହସ ଦ୍ୱାରା ଭିନେଶ ନିଜକୁ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଭାବରେ ପ୍ରତିପାଦିତ କରିପାରିଛନ୍ତି ବୋଲି ଲେଖିଥିଲେ ନାରଙ୍ଗ।

୩ ଥରର ଅଲିମ୍ପିଆନ ଭିନେଶ ଏସିଆନ୍ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ସାଧାରଣତଃ ୫୩ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭିନେଶଙ୍କୁ ପ୍ୟାରିସ୍ ଗେମ୍ସ ପାଇଁ ୫୦ କିଗ୍ରା ଓଜନ ବର୍ଗରେ ଲଢ଼ିବାକୁ ପଡ଼ିଥିଲା। ଉଭୟ ଖେଳାଳିଙ୍କ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭିନେଶ ଅଧିକ ଓଜନ କାରଣରୁ ବିଦା ହୋଇଥିବା ବେଳେ ପଦାର୍ପଣକାରୀ ଅନ୍ତିମ ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ। ୩ ଥର ଅଲିମ୍ପିକ୍ସରେ ଭାଗ ନେଇଥିଲେ ମଧ୍ୟ ପ୍ରତିଥର ଭାଗ୍ୟ ସହାୟତା କରିନାହିଁ। ୨୦୧୬ ରିଓ ଅଲିମ୍ପିକ୍ସରେ ଆହତ ହୋଇ ବିଦା ହୋଇଥିବା ବେଳେ ଟୋକିଓରେ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିଲେ। ପ୍ୟାରିସ୍‌ରେ ପରିବର୍ତ୍ତିତ ଓଜନ ବର୍ଗ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ପୁନର୍ବାର ଅନ୍‌ଲକି ରହିଥିଲେ। ଫାଇନାଲ ପୂର୍ବରୁ ଅଯୋଗ୍ୟ ଘୋଷିତ ହେବା ପରେ ଭିନେଶ ଅନ୍ତର୍ଜାତୀୟ ରେସ୍‌ଲିଂରୁ ଅବସର ଘୋଷଣା କରିଥିଲେ।

# ଭାରତର ୪୩ ଜଣିଆ ଦଳରେ ବାପି ହାଁସଦା

## ୨୦ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ୱାର୍ଲ୍ଡ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୧୭।୮ (ପି.ଟି.)



ବାପି ହାଁସଦା।

ଅଗଷ୍ଟ ୨୭ରୁ ୩୧ ପେରୁ ରାଜଧାନୀ ଲିମାଠାରେ ହେବାକୁଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଦୀୟମାନ ଆଥଲେଟ ବାପି ହାଁସଦାଙ୍କ ସମେତ ଭାରତର ଏକ ୪୩ ଜଣିଆ ଦଳ ଭାଗ ନେବେ। ତନ୍ମଧ୍ୟରୁ ପୁରୁଷ କାଟେଗୋରିରେ ୨୩ଜଣ ଅଂଶଗ୍ରହଣ କରିବେ। ଅଗଷ୍ଟ ୨୭ରୁ ୩୧ ପର୍ଯ୍ୟନ୍ତ ଏଷ୍ଟାଡିୟଓ ଆଟଲେଟିକୋ ଡି ଲା ଭିଡେନାଠାରେ ହେବାକୁଥିବା ଏହି ଇଭେଣ୍ଟରେ ୧୩୪ଟି ଟିମ୍‌ରୁ ୧୭୦୦ରୁ ଊର୍ଦ୍ଧ୍ୱ ଆଥଲେଟ ଭାଗ ନେବେ। ଗତ ସଂସ୍କରଣରେ ଭାରତ ଦୁଇ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ମିଳିତ ୨୫ତମ ସ୍ଥାନରେ ରହିଥିଲା।

**ଭାରତୀୟ ଦଳ (ପୁରୁଷ)**

ହିମାଂଶୁ ସଚିନ (୧୦,୦୦୦ ମିଟର ରେସ୍ ୱାକ୍); କାର୍ତ୍ତିକ ରାଜା ଅରୁମୁଗଂମ, ମୁରାଦ କାଲୁଭାଇ ସିରମନ (୪୦୦ମିଟର ହର୍ଡଲ୍ସ); ଅଙ୍କୁଲ, ରିହାନ ଚୌଧାରୀ, ବାପି ହାଁସଦା, ଅବିରାମ ପ୍ରମୋଦ, ଜୟ କୁମାର (୪x୪୦୦ମିଟର ରିଲେ); ବାପି ହାଁସଦା, ଜୟ କୁମାର (୪୦୦ମିଟର); ସିଦ୍ଧାର୍ଥ ଚୌଧାରୀ, ଅନୁରାଜ ସିଂ କାଲର (ଶଟ୍‌ପୁଟ); ମୃତ୍ୟମ୍ ଜୟରାମ ଦଣ୍ଡପତି (୧୦୦ମିଟର); ହରିହରନ କାଥିରାବନ, ନୟନ ପ୍ରଦୀପ ସାର୍ଦେ (୧୧୦ମିଟର ହର୍ଡଲ୍ସ); ସାହିଲ ଖାନ୍ (୮୦୦ମିଟର); ସାରୁକ ଖାନ୍, ରଣବୀର ଅଜୟ ସିଂ (୩୦୦୦ମିଟର ଷ୍ଟିପଲଚେଜ୍); ଦେବ କୁମାର ମୀନା (ପୋଲ୍ ଭଲ୍ଟ), ପ୍ରତୀକ (ହାମର ଥ୍ରୋ); ଋତ୍ୱିକ (ଡିସ୍‌କସ୍ ଥ୍ରୋ); ମହମ୍ମଦ ଆଟ୍ଟା ସାଜିଦ (ଲଙ୍ଗଜମ୍ପ); ଦୀପାଂଶୁ ଶର୍ମା, ରୋହନ ଯାଦବ (ଜାଭେଲିନ୍ ଥ୍ରୋ)।

**ମହିଳା**

ଆରତି (୧୦,୦୦୦ ମିଟର ରେସ୍ ୱାକ୍); ରୁଜୁଲା ଅମୋଲ ଭୋନ୍‌ସଲେ, ନିଓଲେ ଆନ୍ନା କୋର୍ନିଲୋ, ସୁଦୀକ୍ଷା ଭାଲ୍‌ଦୁରୀ, ଅଭିନୟ ରାଜାରାଜନ, ସିୟା ଅଭିଜିତ ସାୱନ୍ତ (୪x-୧୦୦ମିଟର ରିଲେ); ନୀରୁ ପାଠକ, ଉନ୍ନତି ଆୟାପ୍ପା ବୋଲାଣ୍ଡ (୨୦୦ମିଟର), ତମନ୍ନା (ଶଟପୁଟ); ଅଭିନୟ ରାଜାରାଜନ (୧୦୦ମିଟର); ଉନ୍ନତି ଆୟାପ୍ପା ବୋଲାଣ୍ଡ (୧୦୦ମିଟର ହର୍ଡଲ୍ସ), ଶ୍ରେୟାସ ରଜେଶ (୪୦୦ମିଟର ହର୍ଡଲ୍ସ); ଏକତା ଦେ (୩୦୦୦ମିଟର ଷ୍ଟିପଲଚେଜ୍); ଅମାନତ କାମ୍ବୋଜ, ନିକିତା କୁମାରୀ (ଡିସ୍‌କସ୍ ଥ୍ରୋ); ପଭନା ନାଗରାଜ (ଲଙ୍ଗଜମ୍ପ); ପୂଜା (ହାଇଜମ୍ପ); ଲକ୍ଷିତା ବିନୋଦ ସାଣ୍ଡିଲିଆ (୮୦୦ମିଟର), ଲକ୍ଷିତା ବିନୋଦ ସାଣ୍ଡିଲିଆ (୧୫୦୦ମିଟର), ନୀରୁ ପାଠକ, କନିସ୍ତା ଟେନା ମାରିଆ, ଦେବ ଶେକର, ସାଣ୍ଡ୍ରାମୋଲ ସାବୁ, ଶ୍ରାବଣୀ ସଚିନ ସାଙ୍ଗଲେ, ଅନୁଷ୍କା କୁମ୍ଭାର (୪x୪୦୦ ମିଟର ରିଲେ)।

## ଏସୀୟ ଜୁନିୟର କରାଟେରେ ଓଡ଼ିଶାରୁ ୬ଜଣ

ଭୁବନେଶ୍ୱର, ୧୭।୮ (ବିଜୟ ରଣା)

ଏସୀୟ ଜୁନିୟର କରାଟେ ପ୍ରତିଯୋଗିତାରେ ଭାଗ ନେବା ଲାଗି ଜାତୀୟ କରାଟେ ପ୍ରତିଯୋଗିତାରୁ ମନୋନୀତ ହୋଇଥିବା ଓଡ଼ିଶାର ୬ଜଣ କରାଟେକା ଶନିବାର ଫିଲିପାଇନ୍ସ ଯାତ୍ରା କରିଛନ୍ତି। ସେମାନେ ହେଲେ ମୋନାଲି ସାହୁ, ଅଂଶୁମାନ ଆଚାର୍ଯ୍ୟ, ଓମ୍ ଶୁଭମ ମହାନ୍ତି ଓ ଶୁଭକାନ୍ତ ବିଶ୍ୱାଳ ପ୍ରମୁଖ ବ୍ୟକ୍ତିଗତ ଫାଇଟରେ ଭାଗ ନେବାକୁ ଥିବାବେଳେ ଆଲିଶା ସୁବୁଦ୍ଧି, ସୁରମିତା ସିହ୍ନା ବ୍ୟକ୍ତିଗତ କାଟାରେ ଅଂଶଗ୍ରହଣ କରିବେ। ଦଳ ସହ କୋଚ ଭାବେ ଭାଲେନା ଭାଲେଣ୍ଟିନା ଗସ୍ତ କରିଛନ୍ତି। ଏହି ଉପଲକ୍ଷେ ଶନିବାର ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ଆୟୋଜିତ ଶୁଭେଚ୍ଛା ପ୍ରଦାନ ଉତ୍ସବରେ ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଡ. ହରି ପ୍ରସାଦ ପଟ୍ଟନାୟକ, ଡ. ଗୌରୀ ମହାନ୍ତି, ଏସ.ଆର୍. ସାମଲ, ଖାରବେଳ ମଲିକ, ପ୍ରଦୀପ କୁମାର ସରକାର, ପ୍ରଶାନ୍ତ ଧଳ, କାଳି ପ୍ରସାଦ ନନ୍ଦ, ସନତ୍ ନାଏକ, ସଞ୍ଜୟ କୁମାର ଦାସ, ସନ୍ତୋଷ କୁମାର ମହାରଣା, ଏନ୍.ବି. ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ ଓ ଦୀପ ସାମନ୍ତରା ପ୍ରମୁଖ ସଂଘର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ଭେଟିଲେ ଅମିତ

ଭୁବନେଶ୍ୱର,୧୭।୮ (ସରୋଜ ଜେନା)

ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଭାରତୀୟ ହକି ଦଳର ଡିଫେଣ୍ଡର ତଥା କିଟ ଛାତ୍ର ଅମିତ ରୋହିଦାସ ଶନିବାର ଅଚ୍ୟୁତ ସାମନ୍ତଙ୍କୁ ଭେଟିଛନ୍ତି। ଭୁବନେଶ୍ୱରରେ ବିଶ୍ୱବିଦ୍ୟାଳୟରେ ପହଞ୍ଚି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅମିତଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଚ୍ୟୁତ ସାମନ୍ତ ତାଙ୍କ ପ୍ରଦର୍ଶନର ଭୂୟସୀ ପ୍ରଶଂସା କରିଥିଲେ। ଦୀର୍ଘ ଆଲୋଚନା ଅବସରରେ ଅମିତ ପ୍ୟାରିସ ଅଲିମ୍ପିକ କ୍ରୀଡା ଗ୍ରାମରେ ତାଙ୍କର ଅଭିଜ୍ଞତା ଓ କିଟ୍‌ର ଅନ୍ୟ ୧୪ ଅଲିମ୍ପିଆନଙ୍କ ସହ ବନ୍ଧୁତା ଉପରେ ଅନୁଭୂତି ପ୍ରକାଶ କରିଥିଲେ। ଅଲିମ୍ପିକ ପାଇଁ କିଟ ପକ୍ଷରୁ ୧୪ ଜଣଙ୍କ ପାଇଁ ଘୋଷଣା କରାଯାଇଥିବା ୭ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପାଇଁ ଅମିତ କୃତଜ୍ଞତା


ଅଚ୍ୟୁତ ସାମନ୍ତ(ଡାହାଣ)ଙ୍କୁ ଅଲିମ୍ପିକ ମାସ୍କଟ ଓ ଭାରତୀୟ ଦଳ ଜର୍ସି ପ୍ରଦାନ କରୁଛନ୍ତି ଅମିତ ରୋହିଦାସ।

ଜଣାଇଥିଲେ। ଅମିତ ସାଙ୍ଗରେ ଆଣିଥିବା ଅଲିମ୍ପିକ ମାସ୍କଟ ଓ ଭାରତୀୟ ଦଳ ଜର୍ସି ଅଚ୍ୟୁତ ସାମନ୍ତଙ୍କୁ ପ୍ରଦାନ କରିଥିଲେ।

## ୟୁଏସ୍ ଓପନରୁ ଓହରିଲେ ଭୋନ୍ଦ୍ରୋସୋଭା, ନୋରି

ନ୍ୟୁୟର୍କ, ୧୭।୮ (ଏପି)

ଇଞ୍ଜୁରି ଯୋଗୁ ୨୦୨୩ ୱିମ୍ବେଲଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା ଏବଂ କାମ୍ ନୋରି ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ୧୮ତମ ର୍‍ୟାଙ୍କିଙ୍ଗ ଭୋନ୍ଦ୍ରୋସୋଭା ଏବଂ ୪୭ତମ ର୍‍ୟାଙ୍କିଙ୍ଗ ନୋରିଙ୍କ ହାତରେ ସମସ୍ୟା ଦେଖାଦେଇଛି। ଚେକ୍ ରିପବ୍ଲିକର ୨୫ବର୍ଷୀୟା ଭୋନ୍ଦ୍ରୋସୋଭା ଗତବର୍ଷ ୱିମ୍ବେଲଡନରେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ସେ ୨୦୧୯ର ଫ୍ରେଞ୍ଚ ଓପନ ରନର ଅପ୍ ହୋଇଥିଲେ। ସେ ଆହୁରି ମଧ୍ୟ ୨୦୨୧ ଟୋକିଓ ଅଲିମ୍ପିକ୍ସର ରୌପ୍ୟ ବିଜେତା। ଜୁଲାଇରେ ଅଲ୍ ଇଂଲଣ୍ଡ କ୍ଲବଠାରେ ପ୍ରଥମ ରାଉଣ୍ଡରେ ପରାଜୟ ପରଠାରୁ ସେ ମ୍ୟାଚ ଖେଳିନାହାନ୍ତି। ପେଟ୍ରା ମାର୍ଟିକ ସ୍ଥାନ ପାଇଥିବା ବେଳେ ନୋରିଙ୍କ ସ୍ଥାନରେ ଫ୍ରାନ୍‌ସିସ୍କୋ କମ୍‌ସାନାଙ୍କୁ ସାମିଲ କରାଯାଇଛି।

# ୯ ବର୍ଷରୁ କମ୍ ଓଡ଼ିଶା ରାଜ୍ୟ ଚେସ୍ ଉଦ୍‌ଘାଟିତ



ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୧୭।୮ (ବିଜୟ ରଣା)

କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍‌ସିଆଲ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ୯ ବର୍ଷରୁ କମ୍ ଚେସ୍ (ଓପନ ଓ ବାଳିକା) ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୦୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମନୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, କେବିଆର୍‌ସି ଚେୟାରମ୍ୟାନ ଲୁସି ମହାପାତ୍ର, ପ୍ରିନ୍ସିପାଲ ଅଜୟ କୁମାର ମହାନ୍ତି, କଳିଙ୍ଗ ଭାରତୀ ରେସିଡେନ୍‌ସିଆଲ ସ୍କୁଲର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ଗୁରୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଏଓସିଏର ଇସି ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ସ୍ୱାଙ୍କାସୁ ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚାମ୍ପିୟନଶିପ୍ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ତୋଷ କୁମାର ମହାପାତ୍ର, ପିଙ୍କି ମହାପାତ୍ର, ତାପସ ମହାନ୍ତି ଓ ବିଷ୍ଣୁ ଚରଣ ପୁରୋହିତ ପ୍ରମୁଖ ମ୍ୟାଚ ପରିଚାଳନା କରୁଛନ୍ତି। ୮ବର୍ଷରୁ କମ୍ ଫିଡେ ୱାର୍ଲ୍ଡ କପ୍ ବ୍ରୋଞ୍ଜ ବିଜେତା ଇଭେଣ୍ଟର ଟପ୍ ସିଡ୍ ରହିଛନ୍ତି। ଉଭୟ ଓପନ ଓ ବାଳିକା କାଟେଗୋରିର ଶ୍ରେଷ୍ଠ ଦୁଇ ଖେଳାଳି ମହାରାଷ୍ଟ୍ରରେ ହେବାକୁଥିବା ଜାତୀୟ ୯ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ରାଜ୍ୟରୁ ପ୍ରତିନିଧିତ୍ୱ କରିବେ।

## ଘେକିରି ଜିତିଲେ ୭ମ ଷ୍ଟେଜ୍

ଲି ଗ୍ରାଣ୍ଡ-ବର୍ନାଣ୍ଡ, ୧୭।୮ (ଏପି)

ବେଲଜିୟମର ଜଷ୍ଟିନ ଘେକିରି ମହିଳା ଟୁର୍ ଡି' ଫ୍ରାନ୍ସର ୭ମ ଷ୍ଟେଜ ଜିତିଛନ୍ତି। ରାଇଡରମାନଙ୍କ ଲାଗି ଏହା ପ୍ରଥମ ପର୍ବତ୍ୟାଞ୍ଚଳ ଚ୍ୟାଲେଞ୍ଜ ଥିଲା। ଟୁର୍‌ର ଏହା ଥିଲା ସବୁଠାରୁ ଦୀର୍ଘତମ ଷ୍ଟେଜ୍ (୧୬୬ କିଲୋମିଟର)। ରେଡ୍ ପୋଲ୍‌କା ଡଟ୍ ଜର୍ସି ପରିଧାନ କରିଥିବା ଘେକିରି ଶେଷ ପର୍ଯ୍ୟାୟରେ ତାଙ୍କ ନିକଟତର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପଛରେ ପକାଇ ପ୍ରଥମେ ଏକାକି ଫିନିଶ ଲାଇନ ଅତିକ୍ରମ କରିଥିଲେ। ଟୁର୍ ପ୍ରାରମ୍ଭରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଡେମି ଭୋଲେରିଙ୍ଗଙ୍କୁ ମାଉଣ୍ଟେନ ଷ୍ଟେଜ୍‌ରେ ସଂଘର୍ଷ କରିବାକୁ ପଡ଼ିଥିଲା। ଫଳରେ କାସିଆ ନିୱାଡୋମା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ମଧ୍ୟ ୟେଲୋ ଜର୍ସି ହାତେଇ ନେଇଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ